RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

SAMBALPUR

VOLUME- 44 • ISSUE-31 • SATURDAY • 25 JULY 2026 • PAGE-12 • ₹ 7.00

• ବର୍ଷ-୪୪ • ସଂଖ୍ୟା-୩୧ • ଶନିବାର • ୨୫ ଜୁଲାଇ ୨୦୨୬ • ପୃଷ୍ଠା-୧୨ • ଟ.୭.୦୦




# ଆଜି ରଥ ଉପରେ ସୁନାବେଶ

■ ପୁରୀ, ୨୪।୭ (ସମିସ): ଚଳିତବର୍ଷ ପାଇଁ ଆଡପ ମଣ୍ଡପରେ ସରିଛି ମହାପ୍ରଭୁଙ୍କ ଲୀଳାଖେଳା। ନବଦିନାତ୍ମକ ଯାତ୍ରା ଶେଷ କରି ଆଷାଢ଼ ଶୁକ୍ଳ ଦଶମୀରେ ଭାଇ, ଭଉଣୀଙ୍କୁ ସାଥୀରେ ଧରି ଜନ୍ମବେଦୀରୁ ରତ୍ନବେଦୀ ଅଭିମୁଖେ ବାହୁଡ଼ିଛନ୍ତି ଦାରୁଦିଅଁ। ଆସନ୍ତାକାଲି (ଶନିବାର) ରଥ ଉପରେ ଭକ୍ତଙ୍କୁ ସୁନାବେଶରେ ଦର୍ଶନ ଦେବେ ବିଶ୍ୱନିୟନ୍ତା। ବାହୁଡ଼ା ଯାତ୍ରାର ପାଗ ବେଶ୍ ଅନୁକୂଳ ଥିଲା। ସେମିତି ଖରା ବି ନ ଥିଲା। ସକାଳୁ ସକାଳୁ ବଡ଼ଦାଣ୍ଡରେ ଜମିଥିଲା ଭକ୍ତଙ୍କ ଭିଡ଼। ଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାରରେ ପ୍ରସ୍ତୁତ ରହିଥିଲେ ତିନିରଥ। ହରିବୋଲ, ହୁଳହୁଳି ଓ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହୋଇଥିଲା ଶରଧାବାଲି। ଲକ୍ଷ ଲକ୍ଷ ଭକ୍ତଙ୍କ ଗହଣରେ ବଡ଼ଦାଣ୍ଡରେ ଘର୍ ଘର୍ ନାଦରେ ଗଡ଼ିଥିଲା ତିନିରଥ। ଗୁଣ୍ଡିଚା ମନ୍ଦିରରୁ ଶ୍ରୀମନ୍ଦିରକୁ ଫେରିବା ବେଳେ ବାଟରେ ମାଉସୀ ମା'ର ସ୍ନେହଭରା ପୋଡ଼ପିଠା ଖାଇଛନ୍ତି ଦାରୁବିଗ୍ରହ। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରାର ନୀତିକାନ୍ତି ବେଶ୍ ସଅଳ ରହିଥିଲା। ଧାର୍ଯ୍ୟ ସମୟର ୧ ଘଣ୍ଟା ୧୦ ମିନିଟ୍ ପୂର୍ବରୁ ଆରମ୍ଭ ହୋଇଥିଲା ପହଣ୍ଡି। ଅଝଟ ନ ହୋଇ ବେଗି ବେଗି ରଥାରୂଢ ହୋଇଥିଲେ ଚତୁର୍ଦ୍ଧାବିଗ୍ରହ। କିନ୍ତୁ ନିର୍ଘଣ୍ଟ ସମୟର ୩୦ ମିନିଟ୍ ବିଳମ୍ବରେ ରଥଟଣା ଆରମ୍ଭ ହୋଇଥିଲା। ବାହୁଡାରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ଯାତ୍ରା ଦେଖି କୃତାର୍ଥ ହୋଇଛନ୍ତି। ମହାପ୍ରଭୁଙ୍କୁ ରତ୍ନସିଂହାସନକୁ ଫେରାଇ ନେବା ▶ପୃଷ୍ଠା-୭

**ସଅଳ ପହଣ୍ଡି, ରଥଟଣା ବିଳମ୍ବ**

## ବାହୁଡ଼ାରେ ଅଘଟଣ; ଜଣେ ମୃତ

■ ପୁରୀ, ୨୪।୭ (ସମିସ): ବାହୁଡ଼ା ଯାତ୍ରାରେ ଘଟିଛି ଅଘଟଣ। ମା' ସୁଭଦ୍ରାଙ୍କ ଦର୍ପଦଳନ ରଥଟଣାବେଳେ ବଗଲା ଧର୍ମଶାଳା ନିକଟରେ ଜଣେ ଶ୍ରଦ୍ଧାଳୁ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ସଙ୍ଗେ ସଙ୍ଗେ ନିକଟସ୍ଥ ବଗଲା ପ୍ରାଥମିକ ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ଲାଗି ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ଶ୍ରଦ୍ଧାଳୁ ହେଉଛନ୍ତି କଟକର ଅଭିରାମ ଦାସ (୫୭)। ତେବେ ତାଙ୍କର ମୃତ୍ୟୁ କିପରି ହେଲା ତାହା ଜଣାପଡ଼ିନାହିଁ। ଭିଡ଼ ଭିତରେ ଅଣନିଃଶ୍ୱାସୀ କିମ୍ବା ଆଉ କ'ଣ କାରଣ ଥାଇପାରେ ତାହା ସ୍ପଷ୍ଟ ହୋଇନାହିଁ। ମାତ୍ର ପୁଲିସ ପକ୍ଷରୁ ଦିଆଯାଇଥିବା ପ୍ରାଥମିକ ସୂଚନା ଅନୁଯାୟୀ, ସେ ଉଚ୍ଚ ରକ୍ତଚାପ ଜନିତ ସମସ୍ୟାରେ ପୀଡ଼ିତ ଥିଲେ। ଅନ୍ୟପକ୍ଷରେ ବାହୁଡ଼ା ଯାତ୍ରା ଦେଖିବାକୁ ଆସି ଅସୁସ୍ଥ ହୋଇପଡ଼ିଥିବା ଶ୍ରଦ୍ଧାଳୁଙ୍କୁ ହସ୍ପିଟାଲରେ ଭେଟିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ।

**ସିଜେପି ସରକାର ଆଲୋଚନା**

# ୨୪ ଘଣ୍ଟା ସମୟ ନେଲେ ସରକାର

■ ନୂଆଦିଲ୍ଲୀ: ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍‌କୁ କେନ୍ଦ୍ର କରି ଚାଲିଥିବା ଆନ୍ଦୋଳନ ମଧ୍ୟରେ ଗୁରୁବାର କେନ୍ଦ୍ର ସରକାର ଓ ସିଜେପି (କକ୍ରୋଚ ଜନତା ପାର୍ଟିର) ପ୍ରତିନିଧିଙ୍କ ମଧ୍ୟରେ ପ୍ରଥମଥର ପାଇଁ ଆନୁଷ୍ଠାନିକ ଆଲୋଚନା ହୋଇଛି। ପ୍ରାୟ ଦୁଇ ଘଣ୍ଟା ଧରି ଚାଲିଥିବା ଏହି ବୈଠକରେ ସଂଗଠନ ପକ୍ଷରୁ ତିନୋଟି ପ୍ରମୁଖ ଦାବି ଏବଂ ପରୀକ୍ଷା ବ୍ୟବସ୍ଥାର ସୁଧାର ପାଇଁ ପାଞ୍ଚଟି ପ୍ରସ୍ତାବ ସରକାରଙ୍କ ସମ୍ମୁଖରେ ଉପସ୍ଥାପନ କରାଯାଇଛି। ଜୁଲାଇ ୨୩ ତାରିଖରେ କେନ୍ଦ୍ର ସରକାର କହିଥିଲେ ଯେ ସିଜେପିକୁ ଚାରିଥର ଆଲୋଚନା ପାଇଁ ଡକାଯାଇଥିଲେ ମଧ୍ୟ ସଂଗଠନର ପ୍ରତିନିଧିମାନେ ଯୋଗ ▶ପୃଷ୍ଠା-୭

**ସଂଗଠନ ଦେଇଛି ୩ ଦାବି, ୫ ପ୍ରସ୍ତାବ**

**ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ**



## ଏନ୍‌ଟିଏର ୪୭ ଅଧିକାରୀ ବିଦା

■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ନିଟ୍-ୟୁଜି ପରୀକ୍ଷାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ଓ ଛାତ୍ର ଆନ୍ଦୋଳନ ପରେ କେନ୍ଦ୍ର ସରକାର ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ)ରେ ଏକ ବଡ଼ ଧରଣର ଅଦଳବଦଳ କରିବାକୁ ପ୍ରସ୍ତୁତ ହେଉଛନ୍ତି। ସରକାରୀ ସୂତ୍ର ଅନୁଯାୟୀ, ଏହି ପ୍ରକ୍ରିୟାର ପ୍ରାରମ୍ଭ ସ୍ୱରୂପ ପ୍ରାୟ ୪୭ ଜଣ ଅଧିକାରୀଙ୍କୁ ସେମାନଙ୍କ ପଦବୀରୁ ହଟାଇ ଦିଆଯାଇଛି। ଏନ୍‌ଟିଏ ଗଠନ ପରେ ଏହା ଏପର୍ଯ୍ୟନ୍ତ ସବୁଠାରୁ ବଡ଼ ସଂସ୍କାରମୂଳକ ପଦକ୍ଷେପ ବୋଲି କୁହାଯାଉଛି। ଏନ୍‌ଟିଏ ମଧ୍ୟରେ ଉତ୍ତରଦାୟିତ୍ୱ ଏବଂ ସ୍ୱଚ୍ଛତା ବୃଦ୍ଧି କରିବା ପାଇଁ ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ବହିଷ୍କୃତ ୪୭ ଜଣ ଅଧିକାରୀଙ୍କ ମଧ୍ୟରୁ କିଛି ବ୍ୟକ୍ତିଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ସମ୍ଭାବନା ରହିଛି। ସଂଗଠନର ସଂରଚନାରେ ସମ୍ପୂର୍ଣ୍ଣ ସଂସ୍କାର ଆଣିବା ▶ପୃଷ୍ଠା-୭

**ଫାଷ୍ଟଟ୍ରାକ୍ କୋର୍ଟରେ ପ୍ରଶ୍ନପତ୍ର ପ୍ରଘଟ ବିଚାର**

## ୧୦ ବର୍ଷ ଜେଲ୍, ୧୦ କୋଟି ଜରିମାନା

■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ନିଟ୍ ପ୍ରଶ୍ନପତ୍ର ପ୍ରଘଟ (ପେପର ଲିକ୍) କୋଳାହଳ ଏବଂ ଦେଶବ୍ୟାପୀ ଛାତ୍ର ଅସନ୍ତୋଷ ମଧ୍ୟରେ କେନ୍ଦ୍ର ସରକାର ଅସାଧୁ ଉପାୟ ଅବଲମ୍ବନ ଓ ପ୍ରଶ୍ନପତ୍ର ପ୍ରଘଟ ରୋକିବା ପାଇଁ ଆଇନକୁ ଅଧିକ କଠୋର କରିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତିଶ୍ରୁତି ପରେ କେନ୍ଦ୍ର ସରକାର 'ସାଧାରଣ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪'ରେ ପ୍ରମୁଖ ସଂଶୋଧନ ଆଣିବାକୁ ପ୍ରସ୍ତୁତି ସମ୍ପୂର୍ଣ୍ଣ କରିଛନ୍ତି। ପ୍ରଶ୍ନପତ୍ର ପ୍ରଘଟ ମାମଲାର ଦ୍ରୁତ ବିଚାର ପାଇଁ ସ୍ୱତନ୍ତ୍ର 'ଫାଷ୍ଟ-ଟ୍ରାକ୍ କୋର୍ଟ' ପ୍ରତିଷ୍ଠା କରାଯିବ। ଏହି ▶ପୃଷ୍ଠା-୭

**୩ ମାସ ମଧ୍ୟରେ କାର୍ଯ୍ୟାନୁଷ୍ଠାନ**

## ଇଣ୍ଟରନେଟ୍ ସେବା ପାଞ୍ଚ ଦିନ ହେଲା ବାଧାପ୍ରାପ୍ତ

■ ନୂଆଦିଲ୍ଲୀ, ୨୪।୭ (ସମିସ): ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ୍‌କୁ କେନ୍ଦ୍ର କରି ଚାଲିଥିବା ଛାତ୍ର ଆନ୍ଦୋଳନ ମଧ୍ୟରେ ଦିଲ୍ଲୀର ଜନ୍ତର-ମନ୍ତର ଓ ଏହାର ଦୁଇ କିଲୋମିଟର ପରିଧିରେ ବନ୍ଦ ହୋଇଛି ମୋବାଇଲ୍ ଇଣ୍ଟରନେଟ ସେବା। ଗତ ୫ ଦିନ ମଧ୍ୟରେ ଷଷ୍ଠଥର ପାଇଁ ଏହି ସେବା ବନ୍ଦ କରାଯାଇଛି ଓ ଗୃହ ମନ୍ତ୍ରଣାଳୟ ନିର୍ଦ୍ଦେଶରେ ଏହି ସେବା ବନ୍ଦ କରାଯାଇଥିବା ବିଭିନ୍ନ ମୋବାଇଲ୍ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ସୂଚନା ଦେଇଛନ୍ତି। ଜନ୍ତର-ମନ୍ତର ଚାରିପଟେ ମୋବାଇଲ ଡାଟା ସେବା ବନ୍ଦ ରହିଥିବା କୁହାଯାଉଥିଲେ ହେଁ ଦିଲ୍ଲୀ ସହରର ଅଧିକାଂଶ ଅଞ୍ଚଳ ଏହାଦ୍ୱାରା ପ୍ରଭାବିତ ହୋଇଛି। ଇଣ୍ଟରନେଟ୍ ସେବା ସହ ମେଟ୍ରୋ ଚଳାଚଳ ବନ୍ଦ ରହିଥିବାରୁ ସାଧାରଣ ଜୀବନଯାତ୍ରା ବ୍ୟାହତ ହୋଇଛି।

ଗୃହ ମନ୍ତ୍ରଣାଳୟ ଜାରି କରିଥିବା ଆଦେଶରେ କୁହାଯାଇଛି ଯେ, "ଜନସୁରକ୍ଷା, ଆଇନଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧକୁ ଉସକାଇପାରୁଥିବା କାର୍ଯ୍ୟକଳାପକୁ ରୋକିବା" ଉଦ୍ଦେଶ୍ୟରେ ଏହି ପଦକ୍ଷେପ ନିଆଯାଇଛି। ମାତ୍ର ଏହାଦ୍ୱାରା ସାଧାରଣ ଲୋକମାନେ ଗୁରୁତର ଭାବରେ ପ୍ରଭାବିତ ହୋଇଛନ୍ତି। ଗତ ୫ ଦିନ ହେଲା ଦିଲ୍ଲୀର କେନ୍ଦ୍ରୀୟଅଞ୍ଚଳରେ ମୋବାଇଲ ଇଣ୍ଟରନେଟ୍ ସେବା ଅତ୍ୟନ୍ତ ଦୁର୍ବଳ ଥିବା କିମ୍ବା ସମ୍ପୂର୍ଣ୍ଣ ବନ୍ଦ ଥିବା ଦେଖାଯାଇଛି। ଆନ୍ଦୋଳନରେ ▶ପୃଷ୍ଠା-୭

**ବ୍ୟବସାୟ, ୟୁପିଆଇ ନେଣଦେଣ, ଯୋଗାଯୋଗ ପ୍ରଭାବିତ**

# ଚଳନ୍ତା ଗାଡ଼ି ଉପରେ ଖସିଲା ପଥର; ୧୩ ମୃତ

■ ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଦେଶର ବିଭିନ୍ନ ରାଜ୍ୟରେ ପ୍ରକୃତିର ତାଣ୍ଡବଲୀଳା ଜାରି ରହିଛି। ହିମାଚଳପ୍ରଦେଶର ଲାହୌଲ-ସ୍ପିତି ଜିଲ୍ଲାରେ ଭୟଙ୍କର ଭୂସ୍ଖଳନ ଯୋଗୁଁ ୧୩ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଥିବା ବେଳେ ଗୁଜରାଟରେ ବର୍ଷା ଓ ବନ୍ୟା ପରିସ୍ଥିତି ଗୁରୁତର ରୂପ ନେଇଛି। ସେହିପରି ହିମାଚଳରେ ଉଦୟପୁର-କିଲ୍ଲାର ରାସ୍ତାର କାଡୁ ନାଲା ନିକଟରେ ଭୂସ୍ଖଳନ ହେବା ଯୋଗୁଁ ୧୫ ଜଣ ଯାତ୍ରୀଙ୍କୁ ନେଇ ଯାଉଥିବା ଏକ ଟାଟା ସୁମୋ ଗାଡ଼ି ପାହାଡ଼ ଧସି ପୋତି ହୋଇଯାଇଥିଲା। ଏହି ଚଳନ୍ତା କାର୍ ଉପରେ ଏକ ବିଶାଳ ପଥର ଖସିପଡ଼ିଥିଲା। ଏହି ଅଘଟଣରେ ୧୩ ଜଣଙ୍କର ପ୍ରାଣହାନି ଘଟିଛି। ଗୁଜରାଟର ଉମରଗାଁ ଅଞ୍ଚଳରେ ମାତ୍ର ୧୬ ଘଣ୍ଟାରେ ୪୩ ଇଞ୍ଚ ବର୍ଷା ରେକର୍ଡ କରାଯାଇଛି। ନବସାରୀ ଅଞ୍ଚଳରେ ବନ୍ୟା ଜଳରେ ଫସିରହିଥିବା ଲୋକଙ୍କୁ ସେନାର ହେଲିକପ୍ଟର ଜରିଆରେ ଉଦ୍ଧାର କରାଯାଉଛି। ୧୧ଟି ଜିଲ୍ଲା ପାଇଁ ସରକାର ଅତ୍ୟଧିକ ବର୍ଷାର ସତର୍କସୂଚନା ଜାରି କରିଛନ୍ତି। ଉତ୍ତର ପ୍ରଦେଶରେ ଗଙ୍ଗା ଏବଂ ଯମୁନା ସମେତ ୧୦ଟି ପ୍ରମୁଖ ନଦୀର ଜଳସ୍ତର ବୃଦ୍ଧି ପାଇ ଗ୍ରାମାଞ୍ଚଳରେ ବନ୍ୟା ଜଳ ପ୍ରବେଶ କରିଛି। ସେହିପରି ବିହାରର ପାଟଣା, ବକ୍ସର ଓ ଭାଗଲପୁର ସମେତ ୧୯ଟି ଜିଲ୍ଲାରେ ପ୍ରବଳ ବର୍ଷା ପାଇଁ ଚେତାବନୀ ଦିଆଯାଇଛି। ମଧ୍ୟପ୍ରଦେଶର ଶିବପୁରୀ ଜିଲ୍ଲାରେ ବଜ୍ରପାତ ଯୋଗୁଁ ୨ ଜଣଙ୍କର ମୃତ୍ୟୁ ଘଟିଛି। ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ରାଜସ୍ଥାନ, ବିହାର ଏବଂ ଗୁଜରାଟ ସମେତ ଅନେକ ରାଜ୍ୟ ପାଇଁ ଆଗାମୀ ଦୁଇ ଦିନ ପର୍ଯ୍ୟନ୍ତ ପ୍ରବଳ ବର୍ଷା ଏବଂ ବଜ୍ରପାତର ସତର୍କସୂଚନା ଜାରି କରିଛି। ବିପର୍ଯ୍ୟୟ ପ୍ରଶମନ ବାହିନୀ (ଏନ୍‌ଡିଆରଏଫ୍) ବିଭିନ୍ନ ପ୍ରଭାବିତ ଅଞ୍ଚଳରେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି।

**ଆସୁଛି ଆଉ ଏକ ଲଘୁଚାପ**

## ୨୮ ଯାଏଁ ବର୍ଷା

■ ଭୁବନେଶ୍ୱର, ୨୪।୭ (ସମିସ): ବଙ୍ଗୋପସାଗରରେ ପୁଣି ଏକ ଲଘୁଚାପ ସୃଷ୍ଟି ହେବାକୁ ଯାଉଛି। ଶୁକ୍ରବାର ବିଳମ୍ବିତ ରାତି କିମ୍ବା ଶନିବାର ସୁଦ୍ଧା ଏହି ଲଘୁଚାପ ସୃଷ୍ଟି ହେବ। ଫଳରେ ରାଜ୍ୟରେ ପୁଣି ଆସନ୍ତା ୨-୩ ଦିନ ପର୍ଯ୍ୟନ୍ତ ଭଲ ବର୍ଷା ଆକଳନ କରାଯାଉଛି।

ପାଣିପାଗ ବିଭାଗର ଆକଳନ ଅନୁଯାୟୀ, ଉତ୍ତର-ପଶ୍ଚିମ ତଥା ପାର୍ଶ୍ୱବର୍ତ୍ତୀ ବଙ୍ଗୋପସାଗର ଅଞ୍ଚଳରେ ଏହି ସଦ୍ୟ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ପୂର୍ଣ୍ଣ ଅନୁକୂଳ ପରିବେଶ ରହିଛି। ଆଗାମୀ ୪୮ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଓଡ଼ିଶା ଉପକୂଳ ମୁହାଁ ହେବ। ଏହାର ପ୍ରଭାବରେ ଶୁକ୍ରବାର ରାତିରୁ ହିଁ ରାଜ୍ୟର ପାଗରେ ପରିବର୍ତ୍ତନ ଦେଖାଦେବ। ବିଶେଷ କରି ଶନିବାର ଏବଂ ରବିବାର ଦିନ ଉପକୂଳ ଓଡ଼ିଶା ସମେତ ଆଭ୍ୟନ୍ତରୀଣ ଜିଲ୍ଲାଗୁଡ଼ିକରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଲଘୁଚାପକୁ ଦୃଷ୍ଟିରେ ରଖି ପାଣିପାଗ ବିଭାଗ ପକ୍ଷରୁ ରାଜ୍ୟର ଏକାଧିକ ଜିଲ୍ଲା ପାଇଁ ସତର୍କ ସୂଚନା ଜାରି କରାଯାଇଛି। ସୋଆ ପରିଚାଳିତ ପରିବେଶ ଓ ଜଳବାୟୁ କେନ୍ଦ୍ର (ସିଇସି) ପକ୍ଷରୁ କୁହାଯାଇଛି, ଉପକୂଳବର୍ତ୍ତୀ ପଶ୍ଚିମବଙ୍ଗ ଓ ସଂଲଗ୍ନ ବଙ୍ଗୋପସାଗର ଉପରେ ସକ୍ରିୟ ଥିବା ଘୂର୍ଣ୍ଣିବଳୟର ପ୍ରଭାବରେ ଉତ୍ତର-ପଶ୍ଚିମ ବଙ୍ଗୋପସାଗର ଏବଂ ସଂଲଗ୍ନ ଉପକୂଳବର୍ତ୍ତୀ ପଶ୍ଚିମବଙ୍ଗ ଓ ଉତ୍ତର ଉପକୂଳ ଓଡିଶା ଅଞ୍ଚଳରେ ପୁଣି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ୨୫ରୁ ୨୮ ତାରିଖ ମଧ୍ୟରେ ରାଜ୍ୟର ଉତ୍ତର ଓ ▶ପୃଷ୍ଠା-୭

**ଫୁଲିବ ରାଜ୍ୟର ପ୍ରମୁଖ ନଦୀ**

**ଭୋଜିବେଳେ ବଚସା**

## ଦେଶୀ ବନ୍ଧୁକରେ ଯୁବକଙ୍କୁ ହତ୍ୟା

■ ରେଢ଼ାଖୋଲ, ୨୪।୭ (ସମିସ): ଭୋଜି କରୁଥିବା ସମୟରେ ସାମାନ୍ୟ ବଚସା ଉଗ୍ରରୂପ ଧାରଣ କରିଛି। ଏକ ଦେଶୀ ଶିକାରୀ ବନ୍ଧୁକରେ ଗୁଳି କରି ଜଣେ ଯୁବକଙ୍କୁ ହତ୍ୟା କରାଯାଇଛି। ଏହି ଘଟଣା ପରେ ଅଭିଯୁକ୍ତ ଫେରାର ମାରିଛି। ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ଉପଖଣ୍ଡ ରେଢ଼ାଖୋଲ ଥାନା ଅଧୀନ ଡଇଁଚା ପଞ୍ଚାୟତ ହିନ୍ତେରେଇ ଗ୍ରାମରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି। ମୃତ ବ୍ୟକ୍ତି ଜଣଙ୍କ ହେଲେ ସେହି ଗାଁର ଭରତ ଦଣ୍ଡସେନା।



**ଅଭିଯୁକ୍ତ ଫେରାର**

ହିନ୍ତେରେଇ ଗ୍ରାମର କରୁଣାକର ମାଝୀ ନିଜ ଚାଷ ଜମିରେ ଚାଷ କାର୍ଯ୍ୟ କରିବା ପାଇଁ ଭରତ ଦଣ୍ଡସେନାଙ୍କୁ ଡାକିଥିଲେ। ଚାଷ କାର୍ଯ୍ୟ ସାରି ଉଭୟ ଭୋଜି କରୁଥଲେ। ଏତିକିବେଳେ କୌଣସି କାରଣରୁ ଉଭୟଙ୍କ ମଧ୍ୟରେ ବଚସା ସୃଷ୍ଟି ହୋଇଥିଲା। ପରେ ଏହା ଉଗ୍ରରୂପ ଧାରଣ କରିଥିଲା। ଏଥିରେ ଉତ୍ତେଜିତ ହୋଇ କରୁଣାକର ଏକ ଦେଶୀ ଶିକାରୀ ବନ୍ଧୁକରେ ଭରତଙ୍କୁ ଗୁଳି କରି ହତ୍ୟା କରିଥିବା ଅଭିଯୋଗ କରାଯାଇଛି। ଘଟଣା ସ୍ଥଳରେ ହିଁ ଭରତଙ୍କ ମୃତ୍ୟୁ ଘଟିଥିଲା। ଏହାପରେ ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଛି। ଏହା ଜାଣିବା ପରେ ମୃତକଙ୍କ ପରିବାର ଲୋକେ ରେଢ଼ାଖୋଲ ପୁଲିସକୁ ଖବର ଦେଇଥିଲେ। ପୁଲିସ ପହଞ୍ଚି ମୃତଦେହ ଜବତ କରିବା ପୂର୍ବକ ବ୍ୟବଚ୍ଛେଦ ଲାଗି ପଠାଇ ତଦନ୍ତ କରୁଛି।

# ଓଡ଼ିଶାରେ ନୂଆ ଟେକ୍ ବିପ୍ଳବର ଶୁଭାରମ୍ଭ: ମୁଖ୍ୟମନ୍ତ୍ରୀ

## ପ୍ରତିଷ୍ଠା ହେବ 'ଗ୍ଲୋବାଲ ଡେଭଲପ୍‌ମେଣ୍ଟ ସେଣ୍ଟର', ଏଆଇ ପାର୍କ

■ ଭୁବନେଶ୍ୱର, ୨୪।୭ (ସମିସ): ଲୋକସେବା ଭବନର ସମ୍ମିଳନୀ କକ୍ଷଠାରେ ଏଚସିଏଲ ଟେକ୍' ଏବଂ ଦେଶର ସ୍ୱଦେଶୀ ଏଆଇ ସଂସ୍ଥା ସର୍ଭମ ଏଆଇ ସହିତ ଦୁଇଟି ବୁଝାମଣା ପତ୍ର (ଏମଓୟୁ) ସ୍ୱାକ୍ଷର ହୋଇଛି। ଏହି ଅବସରରେ ଓଡ଼ିଶାର ଶିଳ୍ପ ଓ ଟେକ୍ନୋଲୋଜି କ୍ଷେତ୍ରରେ ଏକ ନୂତନ ବିପ୍ଳବର ଶୁଭାରମ୍ଭ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମତବ୍ୟକ୍ତ କରିଛନ୍ତି।

ସେ କହିଛନ୍ତି ଯେ ଏଚସିଏଲ ଟେକ୍ ଏବଂ 'ସର୍ଭମ ଏଆଇ'ର ମିଳିତ ସହଯୋଗରେ ଓଡ଼ିଶାରେ ଏକ ଏଆଇ-ଅପ୍‌ଟିମାଇଜ୍ ଡାଟା ସେଣ୍ଟର ମଧ୍ୟ ପ୍ରତିଷ୍ଠା କରାଯିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଡିଶାରେ ଏକ ସୋଭରେନ୍ ବା ସମ୍ପୂର୍ଣ୍ଣ ସ୍ୱଦେଶୀ ଏଆଇ ପାର୍କ ସ୍ଥାପନ ହେବ। ଏଚସିଏଲ ଡେଭଲପମେଣ୍ଟ ସେଣ୍ଟର ପାଇଁ ପ୍ରାୟ ୭୩୦ କୋଟି ଟଙ୍କାର ପୁଞ୍ଜିନିବେଶ ରାଜ୍ୟର ଡିଜିଟାଲ୍ ଇକୋସିଷ୍ଟମକୁ ବହୁତ ମଜବୁତ କରିବ। ▶ପୃଷ୍ଠା-୭




**୫ ବର୍ଷରେ ୧୫ ହଜାର କୋଟି ନିବେଶ, ୬୦୦୦ ନିଯୁକ୍ତି**

**ଭାରତ ଉପରେ ପୁଣି ଟ୍ରମ୍ପ୍ ଶୁଳ୍କ**

# ଏଥର 'ଫୋର୍ସ ଲେବର୍' ନାମରେ ୧୦% ଟାରିଫ୍

■ ୱାଶିଂଟନ୍, ୨୪।୭ (ଏଜେନ୍ସି): ଆମେରିକା ଶୁକ୍ରବାରଠାରୁ ଭାରତରୁ ଆମଦାନି ହେଉଥିବା ସାମଗ୍ରୀ ଉପରେ ୧୦% ଶୁଳ୍କ ଲାଗୁ କରିଛି। ୧୯୭୪ର ବାଣିଜ୍ୟ ଆଇନର ଧାରା ୩୦୧ ଅନୁଯାୟୀ ବଳପୂର୍ବକ ଶ୍ରମରେ ତିଆରି ସାମଗ୍ରୀ ଉପରେ ଆମେରିକା ଏହି ଶୁଳ୍କ ଲାଗୁ କରିଛି। ଅର୍ଥାତ୍ ଆମେରିକାକୁ ଦେଶରୁ ଯେଉଁସବୁ ସାମଗ୍ରୀ ରପ୍ତାନି କରାଯାଉଛି ସେଗୁଡିକରେ ବଳପୂର୍ବକ ଶ୍ରମ ଶକ୍ତି ଉପଯୋଗ କରାଯାଇଛି। ଟ୍ରମ୍ପ୍ ପ୍ରଶାସନର ୧୫% ଅସ୍ଥାୟୀ ବିଶ୍ୱ ଶୁଳ୍କ ଅବଧି ସମାପ୍ତ ହେବା ଦିନ ହିଁ ଏହି ନିଷ୍ପତ୍ତି ନିଆଯାଇଥିଲା। ଏହାର ଅର୍ଥ ହେଉଛି ଏହି ନୂତନ ସ୍ଥାୟୀ ଶୁଳ୍କ ପୁରୁଣା ଶୁଳ୍କ ଉଠାଇବା ମାତ୍ରେ ହିଁ ଲାଗୁ କରାଯାଇଛି। ଆମେରିକା ୬୦ଟି ଦେଶ ଉପରେ ୧୦% ରୁ ୧୨.୫% ପର୍ଯ୍ୟନ୍ତ ଅତିରିକ୍ତ ଶୁଳ୍କ ଲାଗୁ କରିଛି। ଏଥିମଧ୍ୟରୁ ୧୭ଟି ଦେଶ ଉପରେ ୧୦% ଏବଂ ୪୩ଟି ଦେଶ ଉପରେ ୧୨.୫% ଶୁଳ୍କ ଲାଗୁ କରାଯାଇଛି। ଭାରତ, ୟୁକେ, କାନାଡା, ବାଂଲାଦେଶ, ଇଣ୍ଡୋନେସିଆ, ମେକ୍ସିକୋ, ପାକିସ୍ତାନ ଏବଂ ଶ୍ରୀଲଙ୍କା ୧୦% ଶୁଳ୍କ ଗ୍ରୁପର ଅନ୍ତର୍ଭୁକ୍ତ।

ସୂଚନାଯୋଗ୍ୟ ଯେ, ଯୁକ୍ତରାଷ୍ଟ୍ର ହେଉଛି ଭାରତର ସର୍ବବୃହତ ରପ୍ତାନି ବଜାର। ତେଣୁ, ଅତିରିକ୍ତ ୧୦% ଶୁଳ୍କ ଆମେରିକା ବଜାର ଉପରେ ନିର୍ଭରଶୀଳ କ୍ଷେତ୍ରଗୁଡ଼ିକ ଉପରେ ଅଧିକ ପ୍ରଭାବ ପକାଇପାରେ। ଏଥିରେ ବୟନ ଏବଂ ପୋଷାକ, ରତ୍ନ ଏବଂ ଅଳଙ୍କାର, ଚମଡା ଉତ୍ପାଦ, କୃଷି ଏବଂ ଖାଦ୍ୟ ଉତ୍ପାଦ, ଇଞ୍ଜିନିୟରିଂ ସାମଗ୍ରୀ, ରାସାୟନିକ ପଦାର୍ଥ ଏବଂ କିଛି ଉତ୍ପାଦନ ସାମଗ୍ରୀ ଅନ୍ତର୍ଭୁକ୍ତ। ଅତିରିକ୍ତ ଶୁଳ୍କ ଲାଗୁ ହେବା ଦ୍ୱାରା ଆମେରିକା ବଜାରରେ ଭାରତୀୟ ଉତ୍ପାଦଗୁଡ଼ିକ ମହଙ୍ଗା ହୋଇଯିବ। ଏହା କ୍ରେତାମାନଙ୍କୁ ଅନ୍ୟ ଦେଶରୁ ବିକଳ୍ପ ଖୋଜିବାକୁ କିମ୍ବା ଭାରତୀୟ ରପ୍ତାନିକାରୀଙ୍କ ଉପରେ ମୂଲ୍ୟ ହ୍ରାସ କରିବାକୁ ଚାପ ବଢ଼ାଇପାରେ।

ପ୍ରାରମ୍ଭରେ, ଭାରତ ଉପରେ ଅତିରିକ୍ତ ୧୨.୫% ଶୁଳ୍କ ପ୍ରସ୍ତାବ ଦିଆଯାଇଥିଲା। ତଥାପି, ଭାରତ ସରକାର ଶ୍ରମ ମାନଦଣ୍ଡ ଏବଂ ଯୋଗାଣ ଶୃଙ୍ଖଳା ମନିଟରିଂ ସହିତ ଜଡିତ କିଛି ନୀତିଗତ ସଂସ୍କାର କାର୍ଯ୍ୟକାରୀ କରିବା ଏବଂ ଆମେରିକା ସହିତ ଆଲୋଚନା ଜାରି ରଖିବା ପରେ, ଏହାକୁ ୧୦% କୁ ହ୍ରାସ କରାଯାଇଥିଲା। ଫେଡେରାଲ୍ ନୋଟ୍ ରେ ଉଲ୍ଲେଖ ଅଛି ଯେ ଜୁନ୍ ମାସରେ ପ୍ରସ୍ତାବିତ ଶୁଳ୍କ ଘୋଷଣା ହେବା ▶ପୃଷ୍ଠା-୭

**୬୦ ବାଣିଜ୍ୟିକ ଅଂଶୀଦାରଙ୍କ ଉପରେ ୧୨.୫% ଯାଏଁ ଶୁଳ୍କ**

**ବାଦ୍ ପଡ଼ିଲାନି ଇସ୍ରାଏଲ**



## ମାତ୍ରାଧିକ ମଦ୍ୟପାନ, ନିଶାଦ୍ରବ୍ୟ ଯୋଗୁଁ ସାଉଦି ରାଜକୁମାରଙ୍କ ମୃତ୍ୟୁ



**ଗତ ବର୍ଷ ଲଣ୍ଡନରେ ହୋଇଥିଲା ମୃତ୍ୟୁ**

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଦୀର୍ଘ ୮ ମାସ ପରେ ସାଉଦି ରାଜକୁମାର ଅବଦୁଲ୍ଲା ବିନ୍ ଫାହଦ ବିନ୍ ଅବଦୁଲ୍ଲା ବିନ୍ ଜଲାଓି ଅଲ୍ ସୌଦଙ୍କ ମୃତ୍ୟୁର ରହସ୍ୟ ଉପରୁ ପର୍ଦ୍ଦାଫାଶ ହୋଇଛି। ଲଣ୍ଡନ୍‌ର ଏକ ଅତ୍ୟାଧୁନିକ ବିଳାସପୂର୍ଣ୍ଣ ହୋଟେଲରୁ ସାଉଦି ଆରବର ୨୯ ବର୍ଷୀୟ ରାଜକୁମାର ଅବଦୁଲ୍ଲା ବିନ୍ ଫାହଦଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ସେତେବେଳେ ଅବଦୁଲ୍ଲାଙ୍କ ମୃତ୍ୟୁର କାରଣ ନେଇ ବିଭିନ୍ନ ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ୮ ମାସ ପରେ ବ୍ରିଟିଶ କରୋନର୍ସ କୋର୍ଟରେ ଏକ ଶୁଣାଣିରୁ ତାଙ୍କ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିଛି। ରିପୋର୍ଟ ଅନୁଯାୟୀ ରାଜକୁମାର ଅବଦୁଲ୍ଲା ଅତ୍ୟଧିକ ନିଶା ସେବନ କରିଥିଲେ। ପ୍ରାଥମିକ ସୂଚନା ଏବଂ ମେଡିକାଲ ପରୀକ୍ଷାରୁ ମିଳିଥିବା ମୁଖ୍ୟ ତଥ୍ୟଗୁଡ଼ିକ ଅନୁଯାୟୀ ତାଙ୍କ ରକ୍ତରେ ନିର୍ଦ୍ଧାରିତ ସୀମାରୁ ତିନି ଗୁଣ ଅଧିକ ଆଲକୋହଲ ସହ ସାଂଘାତିକ ଶରୀର-ପ୍ରଭାବୀ ନିଶାଦ୍ରବ୍ୟ (ଜିଏଚ୍‌ବି), ଗଞ୍ଜେଇ ଏବଂ ମାନସିକ ଚାପ ପ୍ରଶମିତ କରୁଥିବା ଔଷଧର ମିଶ୍ରଣ ମିଳିଥିଲା। ତାଙ୍କର ପ୍ରତି ୧୦୦ ମିଲିଲିଟର ରକ୍ତରେ ୨୨୨ ମିଲିଗ୍ରାମ ଆଲକହଲ ରହିଥିଲା। ଏଥିସହ ସେହିଦିନ ରାତିରେ ଡ୍ରଗ୍ସ ସହିତ ଘାତକ ବିଷାକ୍ତ ଔଷଧର ମିଶ୍ରଣ ଯୋଗୁ ତାଙ୍କର ମୃତ୍ୟୁ ହୋଇଥିଲା। ଅଦାଲତ ଏହି ମାମଲାରେ କୌଣସି ଷଡ଼ଯନ୍ତ୍ର କିମ୍ବା ଆତ୍ମହତ୍ୟାର ପ୍ରମାଣ ନ ପାଇ ଏହାକୁ 'ଦୁର୍ଘଟଣଜନିତ' ମୃତ୍ୟୁ ବୋଲି ରାୟ ଦେଇଛନ୍ତି।

## ଇନ୍‌ଷ୍ଟାରେ ରିଲ୍ସ ପୋଷ୍ଟ କରିବାକୁ ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ



**ଯୁବପିଢ଼ିଙ୍କ ସହ ଯୋଡ଼ି ହେବାକୁ ମନ୍ତ୍ରୀଙ୍କୁ ଆହ୍ୱାନ**

ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୁକ୍ରବାର ତାଙ୍କ କ୍ୟାବିନେଟ ମନ୍ତ୍ରୀଙ୍କୁ ଯୁବପିଢ଼ିଙ୍କ ସହ ଅଧିକ ପ୍ରଭାବଶାଳୀ ଭାବେ ଯୋଡ଼ି ହେବା ପାଇଁ ଇନଷ୍ଟାଗ୍ରାମରେ ସକ୍ରିୟ ରହିବାକୁ ଏବଂ ରିଲ୍ସ ବ୍ୟବହାର କରିବାକୁ ପରାମର୍ଶ ଦେଇଛନ୍ତି। ଜନସମ୍ପର୍କ ବଢ଼ାଇବା ପାଇଁ ଏହି ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ବୋଲି ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି। ଏକ କ୍ୟାବିନେଟ ବୈଠକ ଅବସରରେ ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ କହିଛନ୍ତି ଯେ ଦେଶର ଯୁବପିଢ଼ିଙ୍କର ଏକ ବଡ଼ ଅଂଶ ଇନ୍‌ଷ୍ଟାଗ୍ରାମ୍ ରିଲ୍ସରେ ସମୟ ବିତାଉଛନ୍ତି। ତେଣୁ ସେମାନଙ୍କ ନିକଟରେ ପହଞ୍ଚିବା ପାଇଁ ସରକାରଙ୍କୁ ନିଜର ଉପସ୍ଥିତି ଜାହିର କରିବାକୁ ହେବ। ସରକାରୀ ପଦକ୍ଷେପ ବିଷୟରେ ସୂଚନା ସହିତ ଯୁବପିଢ଼ିଙ୍କୁ ଆକର୍ଷିତ କଲାଭଳି ବିଷୟବସ୍ତୁ ପ୍ରସ୍ତୁତ କରିବା ଆବଶ୍ୟକ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ମନ୍ତ୍ରୀମାନଙ୍କୁ ପରାମର୍ଶ ଦେଇଛନ୍ତି ଯେ, ଡିଜିଟାଲ ଦୁନିଆର ଦର୍ଶକଙ୍କ ସହ ଯୋଡ଼ି ହେବାକୁ ସେମାନେ ନିୟମିତ ଭାବେ ଇନଷ୍ଟାଗ୍ରାମ ରିଲ୍ସ ପୋଷ୍ଟ କରନ୍ତୁ। ଯୁବପିଢ଼ିଙ୍କ ସହ ସିଧାସଳଖ ଆଲୋଚନା କରିବା ଏବଂ ସେମାନଙ୍କ ସହ ଏକ ସମ୍ପର୍କ ସ୍ଥାପନ କରିବା ପାଇଁ ଏହା ଏକ ପ୍ରଭାବଶାଳୀ ଉପାୟ ହେବ ବୋଲି ସେ ମତ ଦେଇଛନ୍ତି। ଏହି ବୈଠକରେ ଇନଷ୍ଟାଗ୍ରାମ ବ୍ୟତୀତ ପରୀକ୍ଷା ପ୍ରଶ୍ନପତ୍ର ଲିକକୁ ରୋକିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ମଧ୍ୟ ନିଆଯାଇଛି।

## ବାଂଲାଦେଶ ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନଙ୍କ ଇସ୍ତଫା

ଢାକା,୨୪।୭(ଏଜେନ୍ସି): ବାଂଲାଦେଶର ରାଷ୍ଟ୍ରପତି ମହମ୍ମଦ ଶାହାବୁଦ୍ଦିନ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପଦରୁ ଇସ୍ତଫା ଦେଇଛନ୍ତି। ସେ ନିଜର ଇସ୍ତଫାପତ୍ର ଜାତୀୟ ସଂସଦର ସ୍ପିକର ମେଜର (ଅବସରପ୍ରାପ୍ତ) ହାଫିଜ ଉଦ୍ଦିନ ଆହମଦଙ୍କୁ ପ୍ରଦାନ କରିଛନ୍ତି। ସରକାର କହିଛନ୍ତି, ଏହା ରାଷ୍ଟ୍ରପତିଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଶେଖ ହାସିନା ଭାରତରୁ ଫେରି ବାଂଲାଦେଶରେ ଆଇନ୍‌ଗତ ପ୍ରକ୍ରିୟାର ସମ୍ମୁଖୀନ ହେବେ ବୋଲି ଘୋଷଣା କରିବା ପରେ ଶାହାବୁଦ୍ଦିନଙ୍କ ଉପରେ ଇସ୍ତଫା ପାଇଁ ରାଜନୈତିକ ଚାପ ବଢ଼ିଥିବା ଖବର ମିଳିଛି। ତେବେ ଗୃହମନ୍ତ୍ରୀ ସଲାହୁଦ୍ଦିନ ଆହମଦ କହିଛନ୍ତି, ସରକାର ପକ୍ଷରୁ ତାଙ୍କୁ ଇସ୍ତଫା ଦେବାକୁ କୁହାଯାଇନଥିଲା। ୨୦୨୪ରେ ଶେଖ ହାସିନା ସରକାରର ପତନ ପରେ ଶାହାବୁଦ୍ଦିନ ରାଷ୍ଟ୍ରପତି ପଦରେ ରହି ଅନ୍ତରୀଣ ସରକାର ସହ ସାମ୍ବିଧାନିକ ଦାୟିତ୍ୱ ପାଳନ କରୁଥିଲେ। ତାଙ୍କ କାର୍ଯ୍ୟକାଳ ୨୦୨୮ ପର୍ଯ୍ୟନ୍ତ ଥିବାବେଳେ, ସମ୍ବିଧାନ ଅନୁଯାୟୀ ଇସ୍ତଫା ପରେ ୯୦ ଦିନ ମଧ୍ୟରେ ନୂତନ ରାଷ୍ଟ୍ରପତି ନିର୍ବାଚିତ ହେବେ।

## ପାକିସ୍ତାନରେ ଆତ୍ମଘାତୀ ବିସ୍ଫୋରଣ; ୧୨ ସୈନ୍ୟଙ୍କ ସମେତ ୧୫ ମୃତ

ଇସଲାମାବାଦ,୨୪।୭(ଏଜେନ୍ସି): ପାକିସ୍ତାନର ଉତ୍ତର-ପଶ୍ଚିମ ପ୍ରଦେଶ ଖାଇବର ପାଖତୁନଖ୍ୱାରେ ଆତ୍ମଘାତୀ ଆତଙ୍କବାଦୀ ଆକ୍ରମଣ ଘଟିଛି। ଏକ ସୁରକ୍ଷା ଚେକ୍‌ପୋଷ୍ଟରେ ବିସ୍ଫୋରକ ଭର୍ତ୍ତି ଗାଡ଼ିକୁ ପିଟି ଦେବା ଫଳରେ ୧୨ ଜଣ ପାକିସ୍ତାନୀ ସୈନ୍ୟଙ୍କ ସମେତ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ଆଫଗାନିସ୍ତାନ ସୀମା ନିକଟବର୍ତ୍ତୀ ଟାଙ୍କ ଜିଲ୍ଲାରେ ଗୁରୁବାର ଏବଂ ଶୁକ୍ରବାର ମଧ୍ୟରାତ୍ରିରେ ଏହି ଆକ୍ରମଣ ହୋଇଥିଲା। ଆତଙ୍କବାଦୀମାନେ ବିସ୍ଫୋରକ ବୋଝେଇ ଏକ ଗାଡ଼ିକୁ ସେନା ପୋଷ୍ଟର ବାହ୍ୟ ପାଚେରୀରେ ପିଟି ଦେଇଥିଲେ। ଫଳରେ ଭୟଙ୍କର ବିସ୍ଫୋରଣ ଘଟିଥିଲା। ଏହାପରେ ପାକିସ୍ତାନୀ ସୁରକ୍ଷା ବାହିନୀ ପକ୍ଷରୁ ପ୍ରତିରକ୍ଷାମୂଳକ କାର୍ଯ୍ୟାନୁଷ୍ଠାନରେ ୧୨ ଜଣ ଆତଙ୍କବାଦୀ ନିହତ ହୋଇଥିଲେ। ଏହି ଆକ୍ରମଣ ପାଇଁ ତେହେରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ନିଜକୁ ଦାୟୀ କରିଛି।

## ବାଣ କାରଖାନା ବିସ୍ଫୋରଣ; ୨ ମୃତ

ସହାରନପୁର, ୨୪।୭ (ଏଜେନ୍ସି): ଉତ୍ତରପ୍ରଦେଶର ସହାରନପୁର ଜିଲ୍ଲାରେ ଶୁକ୍ରବାର ନୟା ଗାଁ ଅଞ୍ଚଳରେ ଥିବା ଏକ ବାଣ କାରଖାନାରେ ଶକ୍ତିଶାଳୀ ବିସ୍ଫୋରଣ ଘଟିଛି। ଏଥିରେ ୨ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ନିଖୋଜ ଅଛନ୍ତି। ସୂଚନା ଅନୁଯାୟୀ, ଏହି ବିସ୍ଫୋରଣର ଶବ୍ଦ ବହୁ ଦୂର ପର୍ଯ୍ୟନ୍ତ ଶୁଣାଯାଇଥିଲା। ଫଳରେ ଆଖପାଖ ଗ୍ରାମଗୁଡ଼ିକରେ ଆତଙ୍କ ଖେଳି ଯାଇଥିଲା। ବିସ୍ଫୋରଣ ପ୍ରଭାବରେ କାରଖାନା ପରିସରରେ ନିଆଁ ଲାଗିଯାଇଥିଲା। ସ୍ଥାନୀୟ ବାସିନ୍ଦାମାନେ ତୁରନ୍ତ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ ଏବଂ ପରେ ପୁଲିସ, ଜିଲ୍ଲା ପ୍ରଶାସନ ଓ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ବିସ୍ଫୋରଣ ଯୋଗୁଁ କାରଖାନାର ଏକ ଅଂଶ କ୍ଷତିଗ୍ରସ୍ତ ହୋଇଛି। ଅନେକ ଆହତ ହୋଇଥିବା ସନ୍ଦେହ କରାଯାଇଛି।

## ବାଣିଜ୍ୟିକ ଜାହାଜ ଉପରେ ରୁଷର ଆକ୍ରମଣ; ଜଣେ ଭାରତୀୟ ମୃତ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): କୃଷ୍ଣ ସାଗର ଦେଇ ଗତି କରୁଥିବା ଏକ ବାଣିଜ୍ୟିକ ଜାହାଜ ଓମୋରଫି (ଓଏମ୍‌ଓଆର୍‌ଏଫ୍‌ଆଇ) ଉପରେ ହୋଇଥିବା ଆକ୍ରମଣରେ ଜଣେ ଭାରତୀୟ ନାଗରିକଙ୍କର ମୃତ୍ୟୁ ଘଟିଛି। ଭାରତ ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଶୁକ୍ରବାର ଏନେଇ ସୂଚନା ପ୍ରଦାନ କରାଯାଇଛି। ଗତ ଜୁଲାଇ ୧୮ ରେ ଏହି ଜାହାଜଟି ରୁଷର ଆଞ୍ଚଳିକ ଜଳସୀମା ମଧ୍ୟ ଦେଇ ଯାଉଥିବା ସମୟରେ ଆକ୍ରମଣର ଶିକାର ହୋଇଥିଲା। ଜାହାଜରେ ମୋଟ ୧୦ ଜଣ କର୍ମଚାରୀ ଥିଲେ, ଯାହା ମଧ୍ୟରେ ୩ ଜଣ ଭାରତୀୟ ନାଗରିକ ସାମିଲ ଥିଲେ। ଏହି ଆକ୍ରମଣରେ ଜଣେ ଭାରତୀୟ ନିଜର ପ୍ରାଣ ହରାଇଥିବା ବେଳେ ଅନ୍ୟ ୨ ଜଣ ଭାରତୀୟ ସୁରକ୍ଷିତ ଥିବା ଜଣାପଡ଼ିଛି। ବୈଦେଶିକ ମନ୍ତ୍ରଣାଳୟ ଏହି ଘଟଣାରେ ଗଭୀର ଶୋକ ପ୍ରକାଶ କରିଛି। ଏହି ଘଟଣାକୁ ଭାରତ କଡ଼ା ଭାଷାରେ ନିନ୍ଦା କରିଛି।

**ବୈଦେଶିକ ମନ୍ତ୍ରଣାଳୟର ପକ୍ଷରୁ ନିନ୍ଦା**

ଅନ୍ୟପକ୍ଷରେ ଇରାନର ଆଞ୍ଚଳିକ ଜଳସୀମାରେ ମୋଜାମ୍ବିକ୍ ପତାକାଧାରୀ ଏଲପିଜି ଟ୍ୟାଙ୍କର 'ଦିଶା' ଉପରେ ଆକ୍ରମଣ ହୋଇଛି। ସେଥିରେ ୨୮ ଜଣ ଭାରତୀୟ କର୍ମଚାରୀ ରହିଥିବା ସୂଚନା ମିଳିଛି। ତେବେ ଏହି ଘଟଣାରେ ଜାହାଜରେ ଥିବା ସମସ୍ତ ଭାରତୀୟ କର୍ମଚାରୀ ସୁରକ୍ଷିତ ଅଛନ୍ତି ବୋଲି ତେହେରାନ ସ୍ଥିତ ଭାରତୀୟ ଦୂତାବାସ ପକ୍ଷରୁ ନିଶ୍ଚିତ କରାଯାଇଛି। ଭାରତୀୟ ଦୂତାବାସ ଏକ ସରକାରୀ ବିବୃତ୍ତି ଜାରି କରି କହିଛି ଯେ, ସେମାନେ ସ୍ଥାନୀୟ କର୍ତ୍ତୃପକ୍ଷଙ୍କ ସହ ନିରନ୍ତର ଯୋଗାଯୋଗରେ ଅଛନ୍ତି ଏବଂ ଭାରତୀୟ କର୍ମଚାରୀଙ୍କ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ପରିସ୍ଥିତି ଉପରେ ତୀକ୍ଷ୍ଣ ନଜର ରଖିଛନ୍ତି।

# ଦେଶବ୍ୟାପୀ ତୀବ୍ର ହେଲା ଛାତ୍ର ଆନ୍ଦୋଳନ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି):

ନିଟ୍-ଯୁଜି ପ୍ରଶ୍ନପତ୍ର ଲିକ୍ ମାମଲାରେ କଠୋର କାର୍ଯ୍ୟାନୁଷ୍ଠାନ ଏବଂ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଇସ୍ତଫା ଦାବିରେ ଶୁକ୍ରବାର ଦେଶବ୍ୟାପୀ ବିକ୍ଷୋଭ ପ୍ରଦର୍ଶନ ଜୋରଦାର ହୋଇଛି। ବିହାର, ଉତ୍ତର ପ୍ରଦେଶ, ହରିୟାଣା ଏବଂ ରାଜସ୍ଥାନ ପରି ବିଭିନ୍ନ ରାଜ୍ୟରେ ଛାତ୍ର ସଂଗଠନଗୁଡ଼ିକ ରାଜରାସ୍ତାକୁ ଓହ୍ଲାଇଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ନିୟନ୍ତ୍ରଣ ପାଇଁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି। ଦେଶର ବିଭିନ୍ନ ପ୍ରାନ୍ତରେ ଚାଲିଥିବା ଏହି ଆନ୍ଦୋଳନ ଓ ବିକ୍ଷୋଭ ଆହୁରି ତୀବ୍ର ହୋଇଛି। ବିହାରର ବକ୍ସର ଓ ପାଟଣା ସହରରେ ବ୍ୟାପକ ଆନ୍ଦୋଳନ ଦେଖିବାକୁ ମିଳିଛି। ପାଟଣାର ଜେପି ଗୋଲମ୍ବର ଅଞ୍ଚଳରେ ପ୍ରାୟ ୨୦୦ ପୁଲିସ କର୍ମଚାରୀଙ୍କ ସହ ୱାଟର କାନନ୍ ମୁତୟନ କରାଯାଇଛି। ବିଧାନସଭା ଏବଂ ରେଳ ଷ୍ଟେଶନ ସୁରକ୍ଷା ପାଇଁ ପୁଲିସ ଫ୍ଲାଗମାର୍ଚ୍ଚ ଓ ଡ୍ରୋନ୍ ମାଧ୍ୟମରେ ନଜର ରଖୁଛି। ଦିଲ୍ଲୀର ଯନ୍ତରମନ୍ତରରେ ଆନ୍ଦୋଳନରତ ଛାତ୍ରଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନକୁ ପ୍ରତିବାଦ ଜଣାଇ ରାଜସ୍ଥାନ ହାଇକୋର୍ଟର ଜୟପୁର ବେଞ୍ଚର ଓକିଲମାନେ ପଦଯାତ୍ରା ଓ ଧାରଣା ଦେଇଛନ୍ତି। ଜୟପୁରସ୍ଥିତ ରାଜସ୍ଥାନ ବିଶ୍ୱବିଦ୍ୟାଳୟର ଛାତ୍ରନେତା ଶୁଭମ୍ ରେୱାଡ଼ଙ୍କ ନେତୃତ୍ୱରେ ଛାତ୍ରଛାତ୍ରୀଙ୍କର ଆମରଣ ଅନଶନ ଦ୍ୱିତୀୟ ଦିନରେ ପହଞ୍ଚିଛି। ଛାତ୍ରଛାତ୍ରୀଙ୍କର ଭବିଷ୍ୟତ ସହ ଖେଳାଯାଉଥିବା ଅଭିଯୋଗ ଆଣି ବିଭିନ୍ନ ଛାତ୍ରଛାତ୍ରୀ ଓ ଓକିଲ ସଂଘ ସରକାରଙ୍କ ଜବାବଦେହିତା ଦାବି କରିଛନ୍ତି। ଆନ୍ଦୋଳନକୁ ଦୃଷ୍ଟିରେ ରଖି ବିଭିନ୍ନ ରାଜ୍ୟରେ ପୁଲିସ ପ୍ରଶାସନ ସତର୍କତା ଅବଲମ୍ବନ କରିଛି।

## 'ଭୋକର ସ୍ୱାଦ ଖରାପ ନୁହେଁ'


ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଛାତ୍ର ଆନ୍ଦୋଳନକୁ ସମର୍ଥନ କରି ୨୬ ଦିନ ଧରି ଅନଶନରେ ଥିବା ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ ଗୁରୁବାର ରାତିରେ ନିଜର ଅନଶନ ଶେଷ କରିଛନ୍ତି। ଅନଶନ ଭାଙ୍ଗିବା ପରେ ସେ କହିଛନ୍ତି, "ଭୋକର ସ୍ୱାଦ ଖରାପ ନୁହେଁ' ଏବଂ ସରକାରଙ୍କ ସହ କଠିନ ଆଲୋଚନା ପରେ ଲିଖିତ ଆଶ୍ୱାସନ ମିଳିବାରୁ ସେ ଏହି ନିଷ୍ପତ୍ତି ନେଇଛନ୍ତି। ୱାଙ୍ଗଚୁକଙ୍କ କହିବା ଅନୁଯାୟୀ, କେନ୍ଦ୍ର ପକ୍ଷରୁ କେନ୍ଦ୍ରମନ୍ତ୍ରୀ ଜେପି ନଡ୍ଡା ଓ ଜିତେନ୍ଦ୍ର ସିଂହ ତିନୋଟି ବିଷୟରେ ଲିଖିତ ଆଶ୍ୱାସନା ଦେଇଛନ୍ତି- ଆନ୍ଦୋଳନରତ ଛାତ୍ରଛାତ୍ରୀଙ୍କ



ବିରୋଧରେ କୌଣସି ମାମଲା ରୁଜୁ ହେବ ନାହିଁ, ପେପର ଲିକ୍ ସମସ୍ୟାର ସମାଧାନ ପାଇଁ ସଂସଦରେ ଆଲୋଚନା ହେବ ଏବଂ ନିଟ୍ ପେପର ଲିକ୍ ସମ୍ବନ୍ଧୀୟ ଆତ୍ମହତ୍ୟା ପୀଡ଼ିତଙ୍କ ପରିବାରକୁ ଉପଯୁକ୍ତ କ୍ଷତିପୂରଣ ଦିଆଯିବ। ସେ କହିଛନ୍ତି, ଲିଖିତ ଆଶ୍ୱାସନ ମିଳି ନ ଥାନ୍ତା ହେଲେ ସେ ଆହୁରି ଦୀର୍ଘ ସମୟ ଅନଶନ ଜାରି ରଖିଥାନ୍ତେ।

## ଧର୍ମେନ୍ଦ୍ର 'ଅପରାଧୀ' ଶିକ୍ଷାମନ୍ତ୍ରୀ: ରାହୁଲ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଲୋକସଭାର ବିରୋଧୀ ଦଳନେତା ରାହୁଲ ଗାନ୍ଧୀ ଶୁକ୍ରବାର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ "ଅପରାଧୀ ଶିକ୍ଷାମନ୍ତ୍ରୀ' ବୋଲି କହି ତାଙ୍କ ଇସ୍ତଫା ଦାବି କରିଛନ୍ତି। ସେ କହିଛନ୍ତି,



ଦେଶର ଶିକ୍ଷା ବ୍ୟବସ୍ଥାର ବିଫଳତାର ପ୍ରତୀକ ହେଉଛନ୍ତି ଧର୍ମେନ୍ଦ୍ର ପ୍ରଧାନ ଏବଂ ତାଙ୍କ ପାଇଁ ହଜାର ହଜାର ଛାତ୍ରଛାତ୍ରୀ ରାସ୍ତାକୁ ଓହ୍ଲାଇଛନ୍ତି। ରାହୁଲ ଗାନ୍ଧୀ ପେଲେଟ୍ ଗୁଳିରେ ଆହତ ହୋଇଥିବା ଜଣେ ଛାତ୍ରଙ୍କୁ ସାମ୍ବାଦିକ ସମ୍ମିଳନୀକୁ ଆଣି ତାଙ୍କ ହାତର ଆଘାତ ଦେଖାଇଥିଲେ। ସେ ଅଭିଯୋଗ କରିଥିଲେ ଯେ, ଶାନ୍ତିପୂର୍ଣ୍ଣ ଭାବେ ଜାତୀୟ ପତାକା ଧରି ପ୍ରତିବାଦ କରୁଥିବା ଛାତ୍ରଛାତ୍ରୀଙ୍କ ଉପରେ ଲାଠିଚାର୍ଜ ଓ ପେଲେଟ୍ ଗୁଳି ଚାଳନା କରାଯାଇଥିଲା। ସରକାର ପେଲେଟ୍ ବ୍ୟବହାରକୁ ଅସ୍ୱୀକାର କରୁଥିବା ବେଳେ ଆହତ ଛାତ୍ରଙ୍କ ଗୋଟିଏ ଆଖିର ଦୃଷ୍ଟିଶକ୍ତି କ୍ଷତିଗ୍ରସ୍ତ ହୋଇଥିବା ସେ ଦାବି କରିଛନ୍ତି।

## ଇସ୍ତଫା ବଡ଼ ନୁହଁ; ତ୍ରୁଟି ସୁଧାରିବା ମୁଖ୍ୟ ଲକ୍ଷ୍ୟ: କେନ୍ଦ୍ର

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ନିଟ୍-ଯୁଜି ପ୍ରଶ୍ନପତ୍ର ଲିକ୍ ମାମଲାକୁ ନେଇ ବିରୋଧୀ ଓ ଆନ୍ଦୋଳନକାରୀ ଛାତ୍ର ସଂଗଠନ 'କକ୍ରୋଚ୍ ଜନତା ପାର୍ଟି' (ସିଜେପି) ର କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା ଦାବିକୁ କେନ୍ଦ୍ର ସରକାର ସହଜରେ ଗ୍ରହଣ କରିପାରୁ ନାହାନ୍ତି। କେନ୍ଦ୍ର ସରକାରଙ୍କ କହିବା ଅନୁସାରେ, ମନ୍ତ୍ରୀଙ୍କ ଇସ୍ତଫା ଭଳି ପ୍ରତୀକାତ୍ମକ ପଦକ୍ଷେପ ନ ନେଇ ଜାତୀୟ ପରୀକ୍ଷା ଏଜେନ୍ସି (ଏନ୍‌ଟିଏ) ର ବ୍ୟବସ୍ଥାଗତ ତ୍ରୁଟି ସୁଧାରିବା ଏବଂ ପ୍ରଶ୍ନପତ୍ର ଲିକ୍ କରୁଥିବା ଗ୍ୟାଙ୍ଗଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ।

କେନ୍ଦ୍ର ମନ୍ତ୍ରୀ ଜେପି ନଡ୍ଡା ଏବଂ ଜିତେନ୍ଦ୍ର ସିଂହ ସିଜେପିର ପ୍ରତିନିଧିମାନଙ୍କ ସହ ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା କରିଛନ୍ତି। ଆନ୍ଦୋଳନକାରୀ ସଂଗଠନ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା, ଆନ୍ଦୋଳନକାରୀଙ୍କ ଉପରୁ ମାମଲା ପ୍ରତ୍ୟାହାର ଏବଂ ଆତ୍ମହତ୍ୟା କରିଥିବା ପରୀକ୍ଷାର୍ଥୀଙ୍କ ପରିବାରକୁ ୧ କୋଟି ଟଙ୍କାର କ୍ଷତିପୂରଣ ଦାବିରେ ଅଟଳ ରହିଛି। କେନ୍ଦ୍ର କ୍ୟାବିନେଟ୍ ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ଜାଲିଆତି ବିରୋଧରେ କଠୋର ଦଣ୍ଡବିଧାନ ପାଇଁ ନୂଆ ବିଲ୍‌ର ଚିଠା ଅନୁମୋଦନ କରିସାରିଛନ୍ତି, ଯାହା ଆସନ୍ତା ସପ୍ତାହରେ ସଂସଦରେ ଆଗତ ହେବ। ସରକାରୀ ସୂତ୍ରରୁ କୁହାଯାଇଛି ଯେ ଜନସାଧାରଣ ସରକାରଙ୍କୁ ସେବା କରିବା ପାଇଁ ଜନାଦେଶ ଦେଇଛନ୍ତି ଏବଂ ସରକାର ପରୀକ୍ଷା ବ୍ୟବସ୍ଥାକୁ ସମ୍ପୂର୍ଣ୍ଣ ସ୍ୱଚ୍ଛ ଓ ସୁରକ୍ଷିତ କରିବା ପାଇଁ ବଦ୍ଧପରିକର। ଶନିବାର ସରକାର ଓ ଆନ୍ଦୋଳନକାରୀ ଛାତ୍ର ପ୍ରତିନିଧିଙ୍କ ମଧ୍ୟରେ ପରବର୍ତ୍ତୀ ଆଲୋଚନା ହେବାର କାର୍ଯ୍ୟକ୍ରମ ରହିଛି।

ଅନ୍ୟପକ୍ଷରେ ସୋନମ ୱାଙ୍ଗଚୁକ୍ ଶୁକ୍ରବାର ରାତିରେ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ, ସେ କୌଣସି ଡିଲ୍ କରି ନାହାନ୍ତି। ଦାବି ପୂରଣ ନେଇ ସରକାରଙ୍କଠାରୁ ଲିଖିତ ପ୍ରତିଶ୍ରୁତି ପାଇବା ପରେ ଅନଶନ ଭଙ୍ଗ କରିଥିବା ସେ ସ୍ପଷ୍ଟ କରିଛନ୍ତି।

**ପ୍ରଶ୍ନପତ୍ର ଲିକ୍ ଓ ପରୀକ୍ଷା ଜାଲିଆତି ମାମଲା**

## ଏସ୍‌ଟିଏଫ୍ ଗଠନ କଲା ଦିଲ୍ଲୀ ପୁଲିସ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଦେଶରେ ବିଭିନ୍ନ ନିଯୁକ୍ତି ଓ ପ୍ରବେଶିକା ପରୀକ୍ଷାରେ ହେଉଥିବା ପ୍ରଶ୍ନପତ୍ର ଲିକ୍ ଏବଂ ଅନ୍ୟାନ୍ୟ ଅନିୟମିତତାକୁ ରୋକିବା ପାଇଁ ଦିଲ୍ଲୀ ପୁଲିସ କମିଶନରଙ୍କ ଅନୁମୋଦନ କ୍ରମେ କ୍ରାଇମ ବ୍ରାଞ୍ଚ ଅଧୀନରେ ଏକ ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍‌ଟିଏଫ୍) ଗଠନ କରାଯାଇଛି। ଏହି ଟାସ୍କ ଫୋର୍ସ ମୁଖ୍ୟତଃ କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ଦ୍ୱାରା ପରିଚାଳିତ ଗୁରୁତ୍ୱପୂର୍ଣ୍ଣ ପରୀକ୍ଷାଗୁଡ଼ିକରେ ହେଉଥିବା ଅପରାଧର ତଦନ୍ତ କରିବ। ଏଥିମଧ୍ୟରେ ୟୁପିଏସ୍‌ସି, ଏସ୍‌ଏସ୍‌ସି, ଆର୍‌ଆର୍‌ବି, ଆଇବିପିଏସ୍ ଏବଂ ନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଏନ୍‌ଟିଏ) ଦ୍ୱାରା ଆୟୋଜିତ ପରୀକ୍ଷାଗୁଡ଼ିକ ଅନ୍ତର୍ଭୁକ୍ତ। ଏହା ବ୍ୟତୀତ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ସେମାନଙ୍କ ଅଧୀନସ୍ଥ କାର୍ଯ୍ୟାଳୟଗୁଡ଼ିକ ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷା ମଧ୍ୟ ଏହି ଏସ୍‌ଟିଏଫ୍‌ର ତଦନ୍ତ ପରିସରଭୁକ୍ତ ହେବ। କ୍ରାଇମ ବ୍ରାଞ୍ଚର ଡେପୁଟି କମିଶନର (ଡିସିପି) ଏହି ଏସ୍‌ଟିଏଫ୍‌ର ନେତୃତ୍ୱ ନେବେ। ଏହାର ସମସ୍ତ ପ୍ରଶାସନିକ ନିୟନ୍ତ୍ରଣ ଏବଂ ସାମଗ୍ରିକ ତଦାରଖ କ୍ରାଇମ ବ୍ରାଞ୍ଚର ସ୍ୱତନ୍ତ୍ର କମିଶନରଙ୍କ ଦ୍ୱାରା କରାଯିବ। ତଦନ୍ତ ପ୍ରକ୍ରିୟା ବେଳେ ଏହି ଟାସ୍କ ଫୋର୍ସ ଅନ୍ୟ ପରୀକ୍ଷା ପରିଚାଳନାକାରୀ ଏଜେନ୍ସିଗୁଡ଼ିକ ସହିତ ସମନ୍ୱୟ ରକ୍ଷା କରିବ। ଏହାଦ୍ୱାରା ଅଦାଲତରେ ମାମଲାଗୁଡ଼ିକର ଦୈନନ୍ଦିନ ଶୁଣାଣି ଏବଂ ଦୋଷୀଙ୍କ ବିରୋଧରେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହଜ ହେବ ବୋଲି କୁହାଯାଇଛି।

## ଫ୍ରାନ୍ସ ଜଙ୍ଗଲରେ ନିଆଁ: ୪୦ ହଜାରରୁ ଅଧିକ ଲୋକଙ୍କୁ ସ୍ଥାନାନ୍ତର

ପ୍ୟାରିସ,୨୪।୭(ଏଜେନ୍ସି): ଦକ୍ଷିଣ-ପଶ୍ଚିମ ଫ୍ରାନ୍ସରେ ଲାଗିଥିବା ଭୟଙ୍କର ଜଙ୍ଗଲ ନିଆଁ ଯୋଗୁଁ ପ୍ରାୟ ୪୦ ହଜାର ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଫ୍ରାନ୍ସର ଗୃହମନ୍ତ୍ରୀ ଲରେଣ୍ଟ ନୁନେଜ୍ କହିଛନ୍ତି, ଏହି ନିଆଁରେ ଏପର୍ଯ୍ୟନ୍ତ ୧୦ ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ପୋଡ଼ି ନଷ୍ଟ ହୋଇଯାଇଛି। ବୁଧବାର ସାଉମୋସ୍ ଗ୍ରାମରୁ ଆରମ୍ଭ ହୋଇଥିବା ଏହି ନିଆଁ ଏବେ ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳ କ୍ୟାପ୍-ଫେରେଟ୍ ଉପଦ୍ୱୀପ ପର୍ଯ୍ୟନ୍ତ ବ୍ୟାପିଛି। ଏହି ଅଞ୍ଚଳ ପାଇନ୍ ଜଙ୍ଗଲ, ବାଲୁକା ଟିବି ଓ ଓଏଷ୍ଟର୍ ଚାଷ ପାଇଁ ପ୍ରସିଦ୍ଧ। ପ୍ରାୟ ୧,୦୦୦ ଅଗ୍ନିଶମ କର୍ମଚାରୀ ନିଆଁ ଲିଭାଇବାରେ ନିୟୋଜିତ ଥିବାବେଳେ, ଏପର୍ଯ୍ୟନ୍ତ ୮୦ଟି ଘର ପୋଡ଼ିଯାଇଛି, ସେଥିମଧ୍ୟରୁ ୫୦ଟି ସମ୍ପୂର୍ଣ୍ଣ ଧ୍ୱଂସ ହୋଇଛି। ତେବେ ଏହି ଅଗ୍ନିକାଣ୍ଡରେ କୌଣସି ଜୀବନହାନି ଘଟିନଥିବା ସରକାର ସୂଚନା ଦେଇଛି। ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ୍ ମାକ୍ରୋନ ପରିସ୍ଥିତିକୁ ଅତ୍ୟନ୍ତ ଗମ୍ଭୀର ବୋଲି କହିଛନ୍ତି।

## କେନ୍ଦ୍ର ମନ୍ତ୍ରିମଣ୍ଡଳରୁ ରବନୀତଙ୍କ ଇସ୍ତଫା

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): କେନ୍ଦ୍ର ମନ୍ତ୍ରୀ ରବନୀତ ସିଂ ବିଟ୍ଟୁ ନିଜ ପଦବୀରୁ ଇସ୍ତଫା ଦେଇଛନ୍ତି। ରାଷ୍ଟ୍ରପତି ତାଙ୍କର



ଏହି ଇସ୍ତଫା ପତ୍ରକୁ ଗ୍ରହଣ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପରାମର୍ଶ କ୍ରମେ ମନ୍ତ୍ରୀ ପରିଷଦରୁ ରବନୀତ ସିଂ ଇସ୍ତଫା ଗ୍ରହଣ କରାଯାଇଛି। ତାଙ୍କର ଏହି ଇସ୍ତଫା ତୁରନ୍ତ ଲାଗୁ କରାଯାଇଛି। ସୂଚନା ଅନୁଯାୟୀ, ରବନୀତ ସିଂ ଆଗାମୀ ପଞ୍ଜାବ ବିଧାନସଭା ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାର ସମ୍ଭାବନା ରହିଛି। ଦଳ ତାଙ୍କୁ ନିର୍ବାଚନରେ କୌଣସି ଗୁରୁତ୍ୱପୂର୍ଣ୍ଣ ଭୂମିକା ପ୍ରଦାନ କରିବ ବୋଲି ଚର୍ଚ୍ଚା ହୋଇଛି। ଏହାସହ ସେ କୌଣସି ଏକ ପ୍ରମୁଖ ଆସନରୁ ମଧ୍ୟ ନିର୍ବାଚନ ଲଢ଼ିପାରନ୍ତି।

## ବିଏସ୍‌ଏଫ୍ କ୍ୟାମ୍ପରେ ଗୁଳିକାଣ୍ଡ: ୨ ଯବାନ ସହିଦ

ମାଲଦା,୨୪।୭(ଏଜେନ୍ସି): ପଶ୍ଚିମବଙ୍ଗର ମାଲଦା ଜିଲ୍ଲାସ୍ଥିତ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍) କ୍ୟାମ୍ପ ଭିତରେ ବୁଧବାର ଜଣେ କନଷ୍ଟେବଲ ନିଜ ସାଥୀ ଯବାନଙ୍କ ଉପରକୁ ଗୁଳି ଚଳାଇଥିବା ଜଣାପଡ଼ିଛି। କୋର୍ଟ ମାର୍ଶାଲ ଦଣ୍ଡ ପାଇଥିବା ଜଣେ କନଷ୍ଟେବଲ ଏପରି କରିଛନ୍ତି। ଏଥିରେ ୨ ଜଣ ବିଏସଏଫ୍ ଯବାନ ସହିଦ ହୋଇଛନ୍ତି ଏବଂ ଜଣେ ଗୁରୁତର ଆହତ ହୋଇଛନ୍ତି। ବୈଷ୍ଣବନଗରସ୍ଥିତ ୧୧୯ ଏବଂ ୭୧ ନମ୍ବର ବାଟାଲିୟନ ମୁଖ୍ୟାଳୟରେ ଅପରାହ୍ଣ ପ୍ରାୟ ୩:୫୦ ସମୟରେ ଏହି ଅଘଟଣ ଘଟିଥିଲା। ୧୧୯ ବାଟାଲିୟନର କନଷ୍ଟେବଲ ଶିବମ୍ କୁମାର ମିଶ୍ର କୋର୍ଟ ମାର୍ଶାଲ କାରଣରୁ ସୁରକ୍ଷାକର୍ମୀଙ୍କ କବଳରେ ଥିଲେ। ହଠାତ୍ ସେ ସେଣ୍ଟ୍ରି (ସୁରକ୍ଷାକର୍ମୀ)ଙ୍କ ରାଇଫଲ୍ ଛଡ଼ାଇ ନେଇ ବାରାକ୍ ଆଡ଼କୁ ଆଖିବୁଜା ଗୁଳିଚାଳନା କରିଥିଲେ। ଗୁଳିମାଡ଼ରେ ଆହତ ଯବାନଙ୍କୁ ମାଲଦା ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ୭୧ ନମ୍ବର ବାଟାଲିୟନର ହେଡ୍ କାନଷ୍ଟେବଲ ଅଜୟ କୁମାର ଏବଂ କନଷ୍ଟେବଲ ଅମ୍ବାଦାର ସୁରେଶଙ୍କ ମୃତ୍ୟୁ ଘଟିଥିଲା। ଅନ୍ୟ ଜଣେ ହେଡ୍ କନଷ୍ଟେବଲ ବିକାଶ ବ୍ରହ୍ମା ବର୍ତ୍ତମାନ ଚିକିତ୍ସାଧୀନ ଅଛନ୍ତି। ଗୁଳିକାଣ୍ଡ ପରେ ଅଭିଯୁକ୍ତ ଶିବମ୍ କୁମାରଙ୍କୁ କାବୁ କରାଯାଇ ପୁଲିସ ଜିମାରେ ଦିଆଯାଇଛି। ପୁଲିସ ଏହି ଘଟଣାର ବିସ୍ତୃତ ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଅଭିଯୁକ୍ତ ଯବାନ ଜଣକ ମାନସିକ ଅବସାଦ ଦେଇ ଗତି କରୁଥିବା ସନ୍ଦେହ କରାଯାଉଛି।

## ପିଓକେରେ ମାନବାଧିକାର ଦମନ ପ୍ରସଙ୍ଗ ଉଠାଇଲା ନୂଆଦିଲ୍ଲୀ

ନ୍ୟୁୟର୍କ,୨୪।୭(ଏଜେନ୍ସି):

ଜାତିସଂଘ ସୁରକ୍ଷା ପରିଷଦ (ୟୁଏନ୍‌ଏସ୍‌ସି) ରେ ପୁଣିଥରେ କାଶ୍ମୀର ପ୍ରସଙ୍ଗ ଉଠାଇଥିବା ପାକିସ୍ତାନକୁ ଭାରତ କଡ଼ା ଜବାବ ଦେଇଛି। ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି ରାଜଦୂତ ହରିଶ ପାର୍ବତନେନୀ କହିଛନ୍ତି, ପାକିସ୍ତାନ

**ଜାତିସଂଘରେ ପାକିସ୍ତାନକୁ ଭାରତର କଡ଼ା ଜବାବ**



ଅନ୍ୟଙ୍କ ଉପରେ ଆଙ୍ଗୁଠି ଉଠାଇବା ପୂର୍ବରୁ ପାକ୍ ଅଧିକୃତ କାଶ୍ମୀର (ପିଓକେ) ଓ ନିଜ ଦେଶର ଗଣତାନ୍ତ୍ରିକ ସ୍ଥିତିକୁ ନେଇ ଆତ୍ମସମୀକ୍ଷା କରିବା ଉଚିତ। ସେ କହିଛନ୍ତି, ପିଓକେରେ ପ୍ରାୟ ଆଠ ଦଶନ୍ଧି ଧରି କାଶ୍ମୀରୀମାନଙ୍କର ମୌଳିକ ଅଧିକାର, ମତପ୍ରକାଶର ସ୍ୱାଧୀନତା ଓ ସଂଗଠନର ଅଧିକାରକୁ ଦମନ କରାଯାଉଛି। ଏହା କୌଣସି ବିଚ୍ଛିନ୍ନ ଘଟଣା ନୁହେଁ, ବରଂ ପାକିସ୍ତାନର ଦୀର୍ଘଦିନର ନୀତିର ଅଂଶ ବୋଲି ସେ ଅଭିଯୋଗ କରିଛନ୍ତି। ଭାରତୀୟ ରାଜଦୂତ ପାକିସ୍ତାନର ଆଭ୍ୟନ୍ତରୀଣ ପରିସ୍ଥିତିକୁ ମଧ୍ୟ ସମାଲୋଚନା କରି କହିଛନ୍ତି, ବିରୋଧୀ ନେତାମାନଙ୍କୁ କାରାଗାରରେ ରଖିବା, ପ୍ରମୁଖ ବିରୋଧୀ ଦଳକୁ ନିର୍ବାଚନରୁ ବଞ୍ଚିତ କରିବା ଏବଂ ସାମରିକ ପ୍ରଭାବରେ ସମ୍ବିଧାନ ସଂଶୋଧନ ଭଳି ପଦକ୍ଷେପ ପାକିସ୍ତାନର ଗଣତନ୍ତ୍ରକୁ ଦୁର୍ବଳ କରିଛି। ହରିଶ ପାର୍ବତନେନୀ ପୁଣି ଦୋହରାଇଛନ୍ତି ଯେ, ଜମ୍ମୁ-କାଶ୍ମୀର ଭାରତର ଅବିଚ୍ଛିନ୍ନ ଓ ଅଭିନ୍ନ ଅଂଶ। ଏହି ପ୍ରସଙ୍ଗରେ ଏକମାତ୍ର ଅମୀମାଂସିତ ବିଷୟ ହେଉଛି ପାକିସ୍ତାନ ଦ୍ୱାରା ଭାରତର ଭୂଭାଗର ବେଆଇନ ଦଖଲ ବୋଲି ସେ କହିଛନ୍ତି। ସେହିପରି, ବିବାଦ ଓ ଆକ୍ରମଣ ମଧ୍ୟରେ ସ୍ପଷ୍ଟ ପାର୍ଥକ୍ୟ କରିବା, ପୁରୁଣା ଜାତିସଂଘ ମାଣ୍ଡେଟଗୁଡ଼ିକର ସମୀକ୍ଷା କରିବା ଏବଂ ଆଞ୍ଚଳିକ ସଂଗଠନମାନଙ୍କୁ ଶାନ୍ତି ପ୍ରତିଷ୍ଠାରେ ଅଧିକ ଭୂମିକା ଦେବାକୁ ମଧ୍ୟ ଭାରତ ଆହ୍ୱାନ କରିଛି।

## ଭାରତ-ନେପାଳ ସୀମାନ୍ତରୁ ଆମେରିକୀୟ ନାଗରିକଙ୍କ ସହ ୫ ଖଲିସ୍ତାନୀ ଆତଙ୍କବାଦୀ ଗିରଫ

ନୂଆଦିଲ୍ଲୀ,୨୪।୭(ଏଜେନ୍ସି): ଉତ୍ତର ପ୍ରଦେଶର ବହରାଇଚ୍ ଜିଲ୍ଲାରେ ଭାରତ-ନେପାଳ ସୀମାନ୍ତରେ ସଶସ୍ତ୍ର ସୀମା ବଳ (ଏସ୍‌ଏସ୍‌ବି) ଏବଂ ସ୍ଥାନୀୟ ପୁଲିସର ମିଳିତ ଅଭିଯାନରେ ଏକ ବଡ଼ ଅନୁପ୍ରବେଶ ଉଦ୍ୟମ ପଣ୍ଡ ହୋଇଛି। ଗୁପ୍ତ ଭାବେ ଭାରତ ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରୁଥିବା 'ୱାରିସ୍ ପଞ୍ଜାବ ଦେ' ସଂଗଠନର ଜଣେ ୱାଣ୍ଟେଡ୍ ସଦସ୍ୟ ଏବଂ ଜଣେ ଆମେରିକୀୟ ନାଗରିକଙ୍କ ସହ ମୋଟ ୫ ଜଣଙ୍କୁ ଗିରଫ କରାଯାଇଛି। ରୁପାଇଡିହା ସୀମାନ୍ତ ଚେକ୍‌ପୋଷ୍ଟ ନିକଟରୁ ଗିରଫ ହୋଇଥିବା ବ୍ୟକ୍ତିମାନଙ୍କୁ ନେଇ ପୁଲିସ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇଛି। ଗିରଫ ହୋଇଥିବା ପ୍ରମୁଖ ବ୍ୟକ୍ତି ଦ୍ୱୟ ହେଉଛନ୍ତି ପଞ୍ଜାବର ୨୦୨୩ ଅଜନାଲା ଥାନା ଅଭିଯୋଗ ମାମଲାରେ ଫେରାର ଥିବା ବିକ୍ରମଜିତ୍ ସିଂହ ଏବଂ ମୋଗା ଜିଲ୍ଲାର ମୂଳ ନିବାସୀ ତଥା ଆମେରିକୀୟ ନାଗରିକ ମନବୀର ସିଂହ ଢିଲୋଁ। ଆମେରିକୀୟ ନାଗରିକ ମନବୀର ସିଂହ କୌଣସି ବୈଧ ଭାରତୀୟ ଭିସା ନ ନେଇ ସୁରକ୍ଷା ଏଜେନ୍ସି ଆଖିରେ ଧୂଳି ଦେବା ପାଇଁ ନେପାଳ ବାଟ ଦେଇ ଭାରତ ମଧ୍ୟକୁ ଅନୁପ୍ରବେଶ କରିବାକୁ ଚେଷ୍ଟା କରୁଥିଲେ। ଏହି ଦୁଇ ଜଣଙ୍କୁ ଭାରତ ଭିତରକୁ ଆଣିବାରେ ସାହାଯ୍ୟ କରୁଥିବା ଗାଡ଼ି ଚାଳକ ରାହୁଲ କୁମାରଙ୍କ ସମେତ ରୁପାଇଡିହାର ସୁରେଶ କୁମାର ପାଠକ ଏବଂ ଦିଲୀପ ଉପାଧ୍ୟାୟଙ୍କୁ ମଧ୍ୟ ଗିରଫ କରାଯାଇଛି। ଗିରଫ ହୋଇଥିବା ଦୁଇ ଜଣଙ୍କ ବିରୋଧରେ ପଞ୍ଜାବରେ ପୂର୍ବରୁ ମାମଲା ରହିଛି।

Excellence is a habit @ VIKASH / Admission Open for 2026-27
Courses Offered: PG, UG & DIPLOMA
The Legacy of GOLD Continues ...
Aradhana Pradhan 9.62 CGPA
Sanskruti Hota 9.42 CGPA
N. Jhansi Rani 8.97 CGPA
BCA Final Sambalpur University Results 2026
BBA Final Sambalpur University Results 2026
+3 Final Sambalpur University Results 2026
MBA | B.Tech | Diploma | M.Sc. | M.A. | M.Com. | B.Sc. | B.Com. | B.A. | BBA | BCA | B.A. LL.B
M.Sc. (N) | P.B. B.Sc. (N) | B.Sc. (N) | GNM | ANM | DMLT | DMRT | B. Pharm | D. Pharm
Vikash Higher Educational Institutions, Barahaguda, Bargarh (Odisha) | Visit us@ www.odishavikash.com
94393 49333 / 82800 08111 / 92372 70045 / 94380 85817


# ନବୀନଙ୍କ କୃତିକୁ ନିଜର ବୋଲି ପ୍ରଚାର କରୁଛି ବିଜେପି : ବିଜେଡି

## ଓଡିଶାରେ ଶିଳ୍ପ କ୍ଷେତ୍ରରେ ପରିବର୍ତ୍ତନ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱର ଫଳ

ଭୁବନେଶ୍ୱର,୨୪।୭ (ସମିସ) : ନୀତି ଆୟୋଗର ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ରିପୋର୍ଟରେ ଓଡିଶାକୁ ୫ମ ସ୍ଥାନ ମିଳିବା ପ୍ରତ୍ୟେକ ଓଡିଆଙ୍କ ପାଇଁ ଗର୍ବର ବିଷୟ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପଦକ୍ଷେପ ଯୋଗୁଁ ୨୦୨୩-୨୪ ବର୍ଷ ପାଇଁ ଓଡ଼ିଶାକୁ ଏହି ଇଣ୍ଡେକ୍ସରେ ସ୍ଥାନ ମିଳିଛି। ମାତ୍ର ପୂର୍ବ ସରକାରଙ୍କ ସଫଳତା, ପୂର୍ବ ମୁଖ୍ୟମନ୍ତ୍ରୀଙ୍କ ଉଦ୍ୟମକୁ ନିଜର ସଫଳତା ବୋଲି ଏବର ସରକାର ପ୍ରଚାର କରି ରାଜ୍ୟବାସୀଙ୍କୁ ଭ୍ରମିତ କରୁଛି ବୋଲି ସିଧାସଳଖ ବିଜେପି ପ୍ରତି ଅଙ୍ଗୁଳି ଉଠାଇଛି ବିଜେଡି। ଓଡିଶା ଏବେ ଭାରତର ଅନ୍ୟତମ ନିବେଶ ଅନୁକୂଳ, ଆର୍ଥିକ ଶୃଙ୍ଖଳିତ ଏବଂ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରାଜ୍ୟ ଭାବେ ଯେଉଁ ସୁନାମ ଅର୍ଜନ କରିଛି ତାହା କେବଳ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦର୍ଶୀ ନେତୃତ୍ୱ ଯୋଗୁ ସମ୍ଭବ ହୋଇ ପାରିଛି। ୨୪ ବର୍ଷର ସ୍ଥିର ଶାସନ, ଆର୍ଥିକ ଶୃଙ୍ଖଳା ଓ ନୀତିଗତ ସ୍ଥିରତା ଯୋଗୁଁ ଶିଳ୍ପ କ୍ଷେତ୍ରରେ ଓଡିଶା ଆଗେଇ ଚାଲିଛି। କିନ୍ତୁ ବିଜେପି ସରକାର ଏହାକୁ ନିଜର ସଫଳତା କହି ଜନସାଧାରଣଙ୍କୁ ବିଭ୍ରାନ୍ତ କରିବା ଅତ୍ୟନ୍ତ ନିନ୍ଦନୀୟ ବୋଲି କହିଛି ବିଜୁ ଜନତା ଦଳ।

ଶୁକ୍ରବାର ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ତଥା ବିଧାୟକ କ୍ୟାପଟେନ୍ ଦିବ୍ୟଶଙ୍କର ମିଶ୍ର ଓ ମୁଖପାତ୍ର ଲେନିନ ମହାନ୍ତି ଏନେଇ ସରକାରଙ୍କ ଉପରେ ପ୍ରବଳ ବର୍ଷିଛନ୍ତି।



କ୍ୟାପଟେନ ଶ୍ରୀ ମିଶ୍ର କହିଥିଲେ ଯେ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଇସ୍ପାତ, ଆଲୁମିନିୟମ୍, ଖଣି, ପେଟ୍ରୋକେମିକାଲ୍, ଉତ୍ପାଦନ, ଇଲେକ୍ଟ୍ରୋନିକ୍ସ, ସୂଚନା ପ୍ରଯୁକ୍ତି, ଖାଦ୍ୟ ପ୍ରକ୍ରିୟାକରଣ, ବୟନଶିଳ୍ପ ଏବଂ ସେବା କ୍ଷେତ୍ର ସମେତ ବିଭିନ୍ନ କ୍ଷେତ୍ରରେ ଓଡିଶା ଦେଶର ଅନ୍ୟତମ ନିବେଶ ରାଜ୍ୟରେ ପରିଣତ ହୋଇଥିଲା। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ୍ ଇକୋନୋମି ଅନୁସାରେ, ୨୦୧୯ ମସିହାରେ ଓଡିଶା ମହାରାଷ୍ଟ୍ରକୁ ପଛରେ ପକାଇ ନିବେଶ ପ୍ରସ୍ତାବ ଆକର୍ଷଣରେ ଦେଶରେ ପ୍ରଥମ ସ୍ଥାନ ଅଧିକାର କରିଥିଲା। ଭାରତର ପ୍ରାୟ ୫୦ ପ୍ରତିଶତ ଖଣିଜ ସମ୍ପଦ ଓଡିଶାରେ ରହିଛି ଏବଂ ଦେଶର ପ୍ରାୟ ଏକ ଚତୁର୍ଥାଂଶ କୋଇଲା ଉତ୍ପାଦନ ଓଡିଶାରୁ ହୋଇଥାଏ। ଏହି ପ୍ରାକୃତିକ ସମ୍ପଦକୁ ସ୍ଥାୟୀ ଶିଳ୍ପ ବିକାଶରେ ପରିଣତ କରିବା ନବୀନ ପଟ୍ଟନାୟକଙ୍କ ଦୂରଦର୍ଶିତାର ପ୍ରମାଣ। ଦୁଇ ବର୍ଷରୁ ଅଧିକ ସମୟ ଶାସନରେ ରହି ବିଜେପି ସରକାର ପ୍ରାୟ ୩ ଲକ୍ଷ କୋଟି ଟଙ୍କାର ନିବେଶ ଘୋଷଣା କରିଥିଲେ ମଧ୍ୟ ଶିଳ୍ପ ପ୍ରକଳ୍ପ, ନୂତନ ଶିଳ୍ପ କରିଡର କରିବାରେ ବିଫଳ ହୋଇଛନ୍ତି। ପୂର୍ବ ବିଜେଡି ସରକାରର କାମକୁ ନିଜର ସଫଳତା କହି ବର୍ତ୍ତମାନର ସରକାର ଯେଉଁ ବାହାବା ନେଉଛି ତାହା ଅତ୍ୟନ୍ତ ହାସ୍ୟାସ୍ପଦ।

ଲେନିନ୍ ମହାନ୍ତି କହିଥିଲେ ଯେ ନୀତି ଆୟୋଗର ଇନଭେଷ୍ଟମେଣ୍ଟ ଫ୍ରେଣ୍ଡଲିନେସ୍ ଇଣ୍ଡେକ୍ସ ରିପୋର୍ଟରେ ଓଡ଼ିଶା ୫ମ ସ୍ଥାନରେ ରହି ଯେଉଁ କୃତିତ୍ୱ ହାସଲ କରିଛି ତାହା କେବଳ ବିଜେଡି ସରକାରର ଦୁଇ ଦଶନ୍ଧିର ଆର୍ଥିକ ଶୃଙ୍ଖଳା, ନୀତିଗତ ସ୍ଥିରତାର ଯୋଗୁଁ ସମ୍ଭବ ହୋଇପାରିଛି। ବର୍ତ୍ତମାନର ସରକାର ଶିଳ୍ପ ପ୍ରତିନିଧିଙ୍କୁ ନେଇ ଆଡମ୍ବରପୂର୍ଣ୍ଣ ସରକାରୀ ଉତ୍ସବ ପାଳନ କରି ମାତ୍ର ଦୁଇ ବର୍ଷରେ ନିଜର କୃତିତ୍ୱ ବୋଲି ଦର୍ଶାଇବା ଦୁର୍ଭାଗ୍ୟଜନକ। ବିଚକ୍ଷଣ ଆର୍ଥିକ ପରିଚାଳନା, ଐତିହାସିକ ଆର୍ଥିକ ସଂସ୍କାର, ସ୍ୱଚ୍ଛ ପ୍ରଶାସନ, ୫-ଟି ଶାସନ ବ୍ୟବସ୍ଥାର ରୂପାୟନ ମାଧ୍ୟମରେ ନବୀନ ପଟ୍ଟନାୟକ ଓଡ଼ିଶାକୁ ଦେଶର ଅନ୍ୟତମ ଆର୍ଥିକ ଶୃଙ୍ଖଳିତ ରାଜ୍ୟରେ ପରିଣତ କରିଥିଲେ। ଦୁଇ ବର୍ଷରୁ ଅଧିକ ସମୟ ଶାସନରେ ରହିଥିଲେ ମଧ୍ୟ ବର୍ତ୍ତମାନର ସରକାର ଶିଳ୍ପାୟନ କ୍ଷେତ୍ରରେ ସେପରି ଆଖିଦୃଶିଆ କାର୍ଯ୍ୟ କରିପାରି ନାହାନ୍ତି। ବରଂ ପୂର୍ବ ସରକାରଙ୍କ ଠାରୁ ଉତ୍ତରାଧିକାର ସୂତ୍ରରେ ମିଳିଥିବା ନୀତି, ପ୍ରକଳ୍ପ ଓ ସଫଳତାକୁ ପ୍ରଚାର ମାଧ୍ୟମରେ ନିଜର ବୋଲି ଦର୍ଶାଇବାକୁ ପ୍ରୟାସ କରୁଛନ୍ତି। ପୂର୍ବ ସରକାରର ସଫଳତାକୁ ନିଜର ବୋଲି ଦାବି କରିବା ପରିବର୍ତ୍ତେ ନୂତନ ଶିଳ୍ପ ସ୍ଥାପନ, ରୋଜଗାର ସୃଷ୍ଟି, ଆର୍ଥିକ ପରିଚାଳନାକୁ ସୁଦୃଢ଼ କରିବା ଏବଂ ଆର୍ଥିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ବର୍ତ୍ତମାନର ବିଜେପି ସରକାର କାର୍ଯ୍ୟ କରନ୍ତୁ ବୋଲି ସେ କହିଛନ୍ତି।

## ନାମଲେଖା ଇଣ୍ଟିମେସନରେ ରହିବ ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀଙ୍କ ଫଟୋ

# ଫଟୋ ଛାପିବାକୁ ମନ୍ତ୍ରୀ ଭିଡ଼ାଭିଡ଼ି

ଭୁବନେଶ୍ୱର, ୨୪।୭(ସମିସ): କେଜିରୁ ପିଜି ମାଗଣା ଶିକ୍ଷା ଘୋଷଣା ହେବା ପରେ ଛାତ୍ରଛାତ୍ରୀଙ୍କ ନାମଲେଖା ପାଇଁ ଜାରି ହେଉଥିବା ଇଣ୍ଟିମେସନ୍ ଲେଟର୍‌ରେ ପରିବର୍ତ୍ତନ ହେବ। ପ୍ରଥମଥର ପାଇଁ ପିଲାଙ୍କ ନାମଲେଖା ଇଣ୍ଟିମେସନଗୁଡ଼ିକରେ ପ୍ରଧାନମନ୍ତ୍ରୀଙ୍କ ସମେତ ମୁଖ୍ୟମନ୍ତ୍ରୀଙ୍କ ଫଟୋ ଲଗାଇବାକୁ ଯୋଜନା ହୋଇଛି। ଦ୍ୱିତୀୟ ରାଉଣ୍ଡ ନାମଲେଖା ପାଇଁ ଜାରି ହୋଇଥିବା ଇଣ୍ଟିମେସନ୍ ଲେଟରରେ ଏହାକୁ ଲାଗୁ କରିବାକୁ ପ୍ରୟାସ ହୋଇଥିଲେ ମଧ୍ୟ ଉଚ୍ଚଶିକ୍ଷା ଓ ଗଣଶିକ୍ଷା ମନ୍ତ୍ରୀଙ୍କ ଫଟୋ ନ ଲାଗିବାକୁ ନେଇ ସୃଷ୍ଟି ହୋଇଛି ବିବାଦ। ତେଣୁ ବିନା ଫଟୋରେ ସ୍ନାତକ ନାମ ଲେଖାରେ ପ୍ରଥମ ଦୁଇ ରାଉଣ୍ଡ ଇଣ୍ଟିମେସନ ଜାର କରାଗଲା। ମାତ୍ର ଆସନ୍ତା ୨୯ରେ ପ୍ରକାଶ ପାଇବାକୁ ଥିବା ତୃତୀୟ ରାଉଣ୍ଡ ମେଧା ତାଲିକା ଇଣ୍ଟିମେସନରେ କେବଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ସ୍ଥାନ ପାଇବ । ଏଥିରେ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଫଟୋ ରହିବ ନାହିଁ ବୋଲି ସୂଚନା ମିଳିଛି ।

କୁହାଯାଉଛି ଯେ କେଜିରୁ ପିଜି ପାଗଣା ଶିକ୍ଷାକୁ ସରକାର ଫ୍ଲାଗସିପ୍ ଯୋଜନା ଭାବେ ବିବେଚନା କରୁଛନ୍ତି। ଏହାକୁ ଅଧିକ ପ୍ରଚାର ପ୍ରସାର କରିବା ପାଇଁ କୌଣସି ସୁଯୋଗ ହାତଛଡା କରିବାକୁ ଚାହୁଁ ନାହାନ୍ତି। ଏଥିପାଇଁ ନାମଲେଖା ସମୟରେ ଜାରି ହେଉଥିବା ଇଣ୍ଟିମେସନ୍ ଲେଟର୍‌ରେ 'କେଜିରୁ ପିଜି ମାଗଣା ଶିକ୍ଷା' ଉଲ୍ଲେଖ କରାଯିବା ସହ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରଖିବାକୁ ଯୋଜନା ହୋଇଥିଲା। ଦ୍ୱିତୀୟ ରାଉଣ୍ଡ ମେଧା ତାଲିକା ପ୍ରକାଶ ପାଇଁ ତାରିଖ ବହୁ ପୂର୍ବରୁ ଘୋଷଣା ହୋଇଥିବାରୁ ସେହି ଅବଧି ମଧ୍ୟରେ ହିଁ ନୂତନ ଡିଜାଇନ୍ କରିବାକୁ କୁହାଯାଇଥିଲା। ମାତ୍ର ଶିକ୍ଷାମନ୍ତ୍ରୀଙ୍କ ଫଟୋ


■ ଏପରି ଯୋଜନାକୁ ଶିକ୍ଷାବିତ୍ ଓ ଅଭିଭାବକଙ୍କ ନାପସନ୍ଦ
■ ଶିକ୍ଷାର ରାଜନୀତିକରଣ ଉଦ୍ୟମ ହେଉଥିବା ଅଭିଯୋଗ

କାହିଁକି ରହିବନି ବୋଲି କିଛି ବିଧାୟକ ଓ ମନ୍ତ୍ରୀ ପ୍ରଶ୍ନ କରିଥିଲେ। ଏପରିକି ଯଦି ଫଟୋ ରହିବ ତାହେଲେ ଶିକ୍ଷାମନ୍ତ୍ରୀଙ୍କ ଫଟୋ ରହିବ; ଅନ୍ୟଥା କାହାର ଫଟୋ ରହିବ ନାହିଁ ବୋଲି କିଛି ମନ୍ତ୍ରୀ ଯୁକ୍ତି କଲେ। ଏପରିକି ବିଭାଗୀୟ ମନ୍ତ୍ରୀ ଏ ସଂକ୍ରାନ୍ତ ଫାଇଲରେ ସ୍ୱାକ୍ଷର କଲେ ନାହିଁ, ଏହା ପୁଣି ବିଭାଗକୁ ଫେରିଗଲା। ନିର୍ଦ୍ଧାରିତ ସମୟରେ ବିବାଦ ନ ତୁଟିବାରୁ ବିନା ଫଟୋରେ ଦ୍ୱିତୀୟ ରାଉଣ୍ଡ ପାଇଁ ଇଣ୍ଟିମେସନ୍ ଲେଟର ଜାରି କରାଯାଇଥିଲା। ମାତ୍ର ଆସନ୍ତା ୨୯ ତାରିଖ ପୂର୍ବରୁ ବିବାଦ ତୁଟିବ ଓ ତୃତୀୟ ରାଉଣ୍ଡ ନାମଲେଖା ପାଇଁ ଇଣ୍ଟିମେସନରେ କେବଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଫଟୋ ରହିବ ବୋଲି ଆପାତତଃ ନିଷ୍ପତ୍ତି ହୋଇଛି ।

ଏହି ଘଟଣା ଏବେ ଅଧିକାରୀ ଓ ନେତାଙ୍କ ମଧ୍ୟରେ ଚର୍ଚ୍ଚାର ପ୍ରସଙ୍ଗ ପାଲଟିଛି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ମନ୍ତ୍ରୀମାନେ ମାନୁ ନ ଥିବାର ଆଉ ଏକ ଜ୍ୱଳନ୍ତ ଉଦାହରଣ ବୋଲି କୁହାଯାଉଛି। ମନ୍ତ୍ରୀଙ୍କ ଫଟୋ ନ ରହିଲେ ପରିସ୍ଥିତି ଖରାପ ହେବା ଆଶଙ୍କାରେ ବରିଷ୍ଠ ବରିଷ୍ଠ ଅଧିକାରୀମାନେ ମଧ୍ୟ ହାତେମାପି ଚାଖଣ୍ଡେ ଚାଲୁଛନ୍ତି। ରାଜ୍ୟ ସରକାରଙ୍କ ମଧ୍ୟରେ ଏକାଧିକ ଗୋଷ୍ଠୀ ଥିବା ପୂର୍ବରୁ ଆଲୋଚନା ହେଉଥିବାବେଳେ ଏବେ ଏହା ଲୋକଲୋଚନକୁ ଆସିଥିବା କ୍ଷମତା କରିଡରରେ ଜୋରଦାର ଆଲୋଚନା ହେଉଛି। ଅପରପକ୍ଷରେ ସରକାରଙ୍କ ଏପରି ବ୍ୟବସ୍ଥାକୁ ଅଭିଭାବକ, ଶିକ୍ଷାବିତ୍ ଓ ଛାତ୍ରଛାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ପିଲାଙ୍କ ଇଣ୍ଟିମେସନ ଲେଟରରେ କାହିଁକି ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଫଟୋ ରହିବ ବୋଲି ପ୍ରଶ୍ନ ଉଠାଇଛନ୍ତି । ସେହିପରି ସରକାରଙ୍କ ଏହି ଯୋଜନା ଦ୍ୱାରା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ମନ୍ତ୍ରୀଙ୍କ ସମ୍ମାନ ବଢ଼ିବା ବଦଳରେ କମିବ; ସାଧାରଣରେ ଏହାକୁ ନେଇ ଏକ ଭୁଲ ବାର୍ତ୍ତା ଯିବ ବୋଲି କିଛି ଛାତ୍ରଛାତ୍ରୀ କହିଛନ୍ତି ।

# ମୌସୁମୀ ଋତୁରେ ଶିମିଳିପାଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି

ବାରିପଦା, ୨୪।୭(ସମିସ): ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ (ଏସଟିଆର)ରେ ମୌସୁମୀ ଋତୁ ସମୟରେ ଶିକାର ରୋକିବା ପାଇଁ କଡ଼ା ବ୍ୟବସ୍ଥା ଗ୍ରହଣ କରାଯାଇଛି। ବନ ବିଭାଗ ଏଥିପାଇଁ ଏସଟିଆର ଭିତରେ ୨୧୪ଟି ଶିକାର ବିରୋଧୀ ଶିବିର ସ୍ଥାପନ କରିଛି। ଏଥିପାଇଁ ପ୍ରାୟ ୧,୦୦୦ ପ୍ରଶିକ୍ଷିତ ସୁରକ୍ଷା କର୍ମୀଙ୍କୁ ମୁତୟନ କରାଯାଇଛି। ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ତଥା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ କ୍ଷେତ୍ର ନିର୍ଦ୍ଦେଶକ ଡ ପ୍ରକାଶ ଚନ୍ଦ୍ର ଗୋଗିନେନି କହିଛନ୍ତି, ମୌସୁମୀ ପୂର୍ବରୁ ଉପରୋକ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହାଦ୍ୱାରା ୨,୭୫୦ ବର୍ଗ କିଲୋମିଟର ବିସ୍ତୃତ ଏସଟିଆରରେ



**୨୧୪ଟି ଶିକାର ବିରୋଧୀ ଶିବିର, ୧୦୦୦ ସୁରକ୍ଷା କର୍ମୀ ମୁତୟନ**

ନିରନ୍ତର ନଜର ବଜାୟ ରହିବ। ବନ ବିଭାଗ ପ୍ରତିବର୍ଷ ଏହି କାର୍ଯ୍ୟକ୍ରମ ଚଳାଇଥାଏ। ଏଥରେ ୧୨ଟି ସ୍ୱତନ୍ତ୍ର ବ୍ୟାଘ୍ର ସୁରକ୍ଷା ବଳ କ୍ୟାମ୍ପ ସମେତ ମୋଟ ୨୫ଟି ବିଶେଷ କ୍ୟାମ୍ପ ସ୍ଥାପନ କରାଯାଇଛି। ସମ୍ବେଦନଶୀଳ ଓ ଦୁର୍ଗମ ଅଞ୍ଚଳରେ ଏହି କ୍ୟାମ୍ପଗୁଡ଼ିକ ରଖାଯାଇଛି। କର୍ମଚାରୀମାନେ ଦିନରାତି ପାଟ୍ରୋଲିଂ କରୁଛନ୍ତି। ରାତିରେ ପାଟ୍ରୋଲିଂ ଉପରେ ବିଶେଷ ଗୁରୁତ୍ୱ ଦିଆଯାଉଛି। ପାଟ୍ରୋଲିଂ ଟିମ୍‌କୁ ସ୍ୱତନ୍ତ୍ର ଜୋତା, ରେନ୍‌କୋଟ୍, ଟର୍ଚ୍ଚ, ସୁରକ୍ଷିତ ପାଣି, ଜରୁରୀ ଔଷଧ ଓ ଚାରିଚକିଆ ଗାଡ଼ି ପ୍ରଦାନ କରାଯାଇଛି। ପ୍ରତିଦିନ ଅନ୍ତତଃ ୧୦୦ଟି ନିର୍ଦ୍ଦିଷ୍ଟ ସ୍ଥାନ ପରିଦର୍ଶନ କରିବାକୁ ଟିମ୍‌କୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବ ବର୍ଷଗୁଡ଼ିକରେ ମୌସୁମୀ ସମୟରେ ରାସ୍ତା ଖରାପ, ଗାଡ଼ି ଅଭାବ ଓ ସୁଯୋଗ ସୁବିଧା ଅଭାବ ଯୋଗୁଁ ଶିକାରୀଙ୍କୁ ଶିକାର କରିବାର ସୁଯୋଗ ମିଳୁଥିଲା। କିନ୍ତୁ ଏଥର ମାନବ ସମ୍ବଳ, ରାସ୍ତା ସଂଯୋଗ, ଯାନବାହନ, ଯୋଗାଯୋଗ ସୁବିଧା ଓ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କ୍ୟାମେରା ଜରିଆରେ ପରିଚାଳନା ବ୍ୟବସ୍ଥାକୁ ବହୁତ ମଜବୁତ୍ କରାଯାଇଛି। ବନ ବିଭାଗ ଏହି ବ୍ୟବସ୍ଥା ମାଧ୍ୟମରେ ମୌସୁମୀ ଋତୁ ସମୟରେ ବନ୍ୟପ୍ରାଣୀ ଜୀବନ ସୁରକ୍ଷାକୁ ଆହୁରି ମଜବୁତ୍ କରିବାକୁ ଲକ୍ଷ୍ୟ ରଖିଛି ବୋଲି ଡ ଗୋଗିନାନୀ ସୂଚନା ଦେଇଛନ୍ତି।

# ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଲେ ମହିଳା ଆରଆଇ

ଡେରାବିଶ,୨୪।୭(ସମିସ): ଡେରାବିଶ ତହସିଲ ଅଧୀନ କାଉପଡ଼ା ରାଜସ୍ୱ ସର୍କଲର ରାଜସ୍ୱ ନିରୀକ୍ଷିକା ସାଇ ପ୍ରିୟଦର୍ଶିନୀ ଲେଙ୍କା ଆଜି ଜଣେ ବ୍ୟକ୍ତିଙ୍କ ମ୍ୟୁଟେସନ୍ କରି ତାଙ୍କ ନାମରେ ପଟ୍ଟା ପ୍ରଦାନ କରିବା ନିମନ୍ତେ ୫ ହଜାର ୫୦୦ ଟଙ୍କା ଲାଞ୍ଚ ନେବା ସମୟରେ କଟକ ଭିଜିଲାନ୍ସ ଟିମ୍ ହାତରେ ଧରାପଡ଼ିଛନ୍ତି।



ସୂଚନା ମୁତାବକ, କାଉପଡ଼ା ପଞ୍ଚାୟତ ବାଘିଲୋ ବାବନପୁର ଗ୍ରାମର ସୁଶାନ୍ତ ମଲିକ ନାମକ ଜଣେ ବ୍ୟକ୍ତିଙ୍କ ଜମିଜମାର ମ୍ୟୁଟେସନ୍ କରିବା ପାଇଁ ଆରଆଇ ଶ୍ରୀମତୀ ଲେଙ୍କା ୬୦୦୦ ଟଙ୍କା ଲାଞ୍ଚ ମାଗିଥିଲେ। ତେବେ ଏତେ ଟଙ୍କା ଦେବାକୁ ସୁଶାନ୍ତ ଅକ୍ଷମ ହେବାରୁ ଶ୍ରୀମତୀ ଲେଙ୍କା ୫୫୦୦ ଟଙ୍କା ଦେବାକୁ ଜିଦ୍ ଧରିଥିଲେ। ଏଥିରେ ହତୋତ୍ସାହ ହୋଇ ସୁଶାନ୍ତ ଭିଜିଲାନ୍ସର ଆଶ୍ରୟ ନେଇଥିଲେ। ତେବେ ଆଜି ପୂର୍ବାହ୍ନରେ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସୁଶାନ୍ତଙ୍କଠାରୁ ରାଜସ୍ୱ ନିରୀକ୍ଷିକା ଶ୍ରୀମତୀ ଲେଙ୍କା ୫୫୦୦ ଟଙ୍କା ଲାଞ୍ଚ ନେଉଥିବାବେଳେ ଭିଜିଲାନ୍ସ ବିଭାଗ ଅଧିକାରୀଙ୍କ ହାତରେ ଧରାପଡ଼ିଥିଲେ। ଭିଜିଲାନ୍ସ ଟିମ୍ ପକ୍ଷରୁ ଏକ ସମୟରେ କାଉପଡ଼ା ରାଜସ୍ୱ ସର୍କଲ କାର୍ଯ୍ୟାଳୟ ସମେତ ଶ୍ରୀମତୀ ଲେଙ୍କାଙ୍କ ଦୁହୁରିଆସ୍ଥ ବାସଭବନ ଓ ଡେରାବିଶ ତହସିଲ କାର୍ଯ୍ୟାଳୟରେ ଚଢ଼ଉ କରି ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ଜବତ କରି ନିଜ ହେପାଜତକୁ ନେଇଥିଲେ। ଏହି ଚଢ଼ଉରେ କଟକ ଭିଜିଲାନ୍ସ ବିଭାଗ ଅଧିକାରୀ ସାମିଲ ହୋଇଥିଲେ। ଏ ସଂକ୍ରାନ୍ତରେ କଟକ ଭିଜିଲାନ୍ସ ବିଭାଗ ପକ୍ଷରୁ ୨୭/୨୦୨୬ରେ ଏକ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଥିବା ଜଣାଯାଇଛି।






## ସାହିତ୍ୟ ଏକାଡେମୀର ୬୯ତମ ପ୍ରତିଷ୍ଠା ଦିବସ ଆଜି

# ଗଠନ ହୋଇପାରିଲାନି ଏକାଡେମୀର ସାଧାରଣ ପରିଷଦ

ଭୁବନେଶ୍ୱର,୨୪।୭ (ସମିସ):ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୁରସ୍କାରକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଳାକାରଙ୍କୁ ଉତ୍ସାହିତ କରିବାକୁ ବିଭାଗ ପକ୍ଷରୁ ପ୍ରଦାନ କରାଯାଉଥିବା ପୁରସ୍କାର ଏବେ ଅଟକି ରହିଛି। ବିଜେପି ସରକାର ନିକଟରେ ୨ବର୍ଷ ପୂର୍ତ୍ତି ପାଳନ କରିଛନ୍ତି। ହେଲେ ଅସ୍ମିତା ମଙ୍ଗ ଧରିଥିବା ସଂସ୍କୃତି ବିଭାଗ ପୁରସ୍କାର ଏବେ ବାଟବଣା । ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷଦ ୪ ବର୍ଷ ହେଲା ଭଙ୍ଗ ହୋଇଥିଲେ ହେଁ ଆଜିଯାଏ ଏହାର ପୁନର୍ଗଠନ ହୋଇପାରି ନାହିଁ।ଏକାଡେମୀ ଆସନ୍ତା କାଲି ତାର ୬୯ତମ ପ୍ରତିଷ୍ଠା ଦିବସ ପାଳନ କରିବାକୁ ଯାଉଥିବା ବେଳେ ଏକାଡେମୀର ପରିଷଦର ପୁନର୍ଗଠନ ହୋଇନଥିବା ନେଇ ସାହିତ୍ୟିକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି।

ପୂର୍ବ ପରିଷଦର କାର୍ଯ୍ୟକାଳ ଶେଷ ହୋଇଥିବା ବେଳେ ଓଡ଼ିଶା ସାହିତ୍ୟ ଏକାଡେମୀର ସାଧାରଣ ପରିଷପଦ ଗଠନ କରାଯିବା ନେଇ ପ୍ରକ୍ରିୟା ଆରମ୍ଭ ହୋଇ ମଧ୍ୟ ଆଗେଇ ପାରିନାହିଁ। ସେହିପରି ବିଭାଗରେ ଅନେକ ପଦପଦବୀ ଖାଲି ପଡ଼ିଛ ଓ ବହୁ ଅଧିକାରୀ ଯୁଗ୍ମ ଦାୟିତ୍ୱରେ ରହିଛନ୍ତି। ଏଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ କାର୍ଯ୍ୟକ୍ରମରେ ସଂସ୍କୃତି ମନ୍ତ୍ରୀ କହୁଥିବା ବେଳେ ଏପର୍ଯ୍ୟନ୍ତ ତାହା ହୋଇପାରି ନାହିଁ। ଖାଲିପଡ଼ିଥିବା ଏକାଡେମୀର ଗୁରୁତ୍ୱପୂର୍ଣ୍ଣ ପଦବୀ ଗୁଡ଼ିକ କେବେ ପୂରଣ ହେବ ତାହାର ଉତ୍ତର ବିଭାଗୀୟ ଅଧିକାରୀଙ୍କ ନିକଟରେ ନାହିଁ। ଖୁବ୍ ଶୀଘ୍ର ସାଧାରଣ ପରିଷଦ ଗଠନ ଓ ଏକାଡେମୀ ପୁରସ୍କାର ପ୍ରଦାନ କରାଯିବ ବୋଲି ୨ବର୍ଷ ପୂର୍ବେ ବିଭାଗୀୟ ମନ୍ତ୍ରୀ ସମୀକ୍ଷା ବୈଠକରେ ନିର୍ଦ୍ଦେଶ ଦେଇ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରିନାହିଁ। ଓଡ଼ିଶା ସାହିତ୍ୟ ଏକାଡେମୀର ବାର୍ଷିକ ସାରସ୍ୱତ ସମ୍ବର୍ଦ୍ଧନା ପ୍ରଦାନ ପାଇଁ ସାଧାରଣ ପରିଷଦର ସଦସ୍ୟମାନେ ନାମ ସୁପାରିସ କରିଥା'ନ୍ତି। ଏହାପରେ ଆସିଥିବା ପ୍ରସ୍ତାବ ଉପରେ କାର୍ଯ୍ୟକାରୀ ସମିତିରେ ଆଲୋଚନା କରାଯାଇ ଶେଷରେ ସାଧାରଣ ପରିଷଦ ବୈଠକ ଡକାଯାଇ ସାରସ୍ୱତ ସମ୍ବର୍ଦ୍ଧନା ଏବଂ ବାର୍ଷିକ ପୁରସ୍କାର ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇଥାଏ। ମାତ୍ର ସାଧାରଣ ପରିଷଦ ନଥିବାରୁ ଏକାଡେମୀ ପୁରସ୍କାର ମ୍ୟ ପ୍ରଦାନ କରାଯାଇ ପାରୁନାହିଁ। ଓଡିଶା ସାହିତ୍ୟ ଏକାଡେମୀ ପକ୍ଷରୁ ୨୦୧୭ରୁ ପୁରସ୍କାର ଦିଆଯାଇନଥିବା ସହ ଓଡିଶା ସଙ୍ଗୀତ ନାଟକ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ ଏବଂ ଓଡିଶା ଉର୍ଦ୍ଦୁ ଏକାଡେମୀ ପୁରସ୍କାର ମଧ୍ୟ ପ୍ରଦାନ କରାଯାଇ ନାହିଁ। ଏନେଇ ସାହିତ୍ୟ ଏକାଡେମୀ ସଚିବ ଡ. ଚନ୍ଦ୍ର ଶେଖର ହୋତା କହିଛନ୍ତି, ବିଗତ ୮ବର୍ଷ ହେବ ପୁରସ୍କାର ପ୍ରଦାନ କରାଯାଇନାହିଁ। ଏକାଡେମୀର ବୋର୍ଡ ଗଠନ କରାଯିବା ପରେ ପୁରସ୍କାର ପାଇଁ ପ୍ରକ୍ରିୟା ଆରମ୍ଭ ହେବ।

# ଘୋଷଯାତ୍ରାରୁ ରତ୍ନବେଦୀ ବାହୁଡ଼ିଲେ ମହାବାହୁ

ସମ୍ବଲପୁର,୨୪।୭ (ସମିସ)






ଜଗତରନାଥ ଶ୍ରୀ ଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରାଙ୍କ ଗୁଣ୍ଡିଚା ଘରେ ଅବସ୍ଥାନ ପରେ ଆଜି ଆଷାଢ଼ ଶୁକ୍ଳପକ୍ଷ ଦଶମୀ ତିଥିରେ ବାହୁଡ଼ା ଯାତ୍ରା ଆରମ୍ଭ କରିଛନ୍ତି। ଆଡ଼ପ ମଣ୍ଡପରେ ମହାପ୍ରଭୁ ବିଭିନ୍ନ ବେଶରେ ସଜ୍ଜିତ ହୋଇ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେଇଥିଲେ। ପ୍ରଥମ ଦିନ ମହାପ୍ରଭୁଙ୍କ ମତ୍ସ୍ୟ କଚ୍ଛପ ଅବତାର ହୋଇଥିବାବେଳେ ଏହାପରେ ବାମନ ପର୍ଶୁରାମ ଅବତାର, କୃଷ୍ଣ ବଳରାମ ଅବତାର, ହରିହର ଅବତାର, ନୃସିଂହ ଶେଷନାଗ ଅବତାର ଏବଂ ଶେଷଦିନ ଗୁରୁବାର ରାଜରାଜେଶ୍ୱର ଅବତାର ହୋଇଥିଲା। ଆଜି ଚତୁର୍ଦ୍ଧାମୂର୍ତ୍ତୀ ପହଣ୍ଡିବିଜେ ପରେ ରଥାରୂଢ଼ ହୋଇ ସ୍ୱମନ୍ଦିରକୁ ବାହାରିଛନ୍ତି। ଆଜି ଅଧାବାଟ ରଥଟଣା ହେବାପରେ ପୁଣି ଆସନ୍ତାକାଲି ରଥଟଣା ହୋଇ ମହାପ୍ରଭୁ ସ୍ୱମନ୍ଦିରରେ ପହଞ୍ଚିବେ। ସମ୍ବଲପୁର ସହରରେ ଆଜି ରଥଯାତ୍ରା ଲୋକଗୀତ କ୍ରମାନ୍ୱୟ ଏବଂ ବରିଷ୍ଠତା ଭିତ୍ତିରେ ବିଭିନ୍ନ ମନ୍ଦିରର ରଥ ଟଣା ହୋଇ ମ୍ୟୁନିସିପାଲିଟି ଛକ ପର୍ଯ୍ୟନ୍ତ ଯାଇଥିଲା।

ସମ୍ବଲପୁର ସହରର ସର୍ବପୁରାତନ ବ୍ରହ୍ମପୁରା ମନ୍ଦିରରେ ଆଜି ପ୍ରାତଃ ୪ଟାବେଳେ ମଙ୍ଗଳ ଆଳତୀ ହୋଇଥିଲା। ଏହାପରେ ୭ଟା ସମୟରେ ସେନାପଟା ଲାଗି, ପ୍ରାୟ ୧୦ଟା ବେଳକୁ ପହଣ୍ଡିବିଜେ, ୧୧ଟା ସମୟରେ ରଥମାର୍ଜନା ଓ ଆଳତୀ ହୋଇଥିଲା। ଏହାପରେ ଅପରାହ୍ଣ ପର୍ଯ୍ୟନ୍ତ ସମ୍ବଲପୁର ତଥା ପଶ୍ଚିମ ଓଡ଼ିଶାର ଅନନ୍ୟ ପରମ୍ପରା 'ରଥଛୁଆଁନି' ହୋଇଥିଲା। ଏହାପରେ ୪ଟା ସମୟରେ ବ୍ରହ୍ମପୁରା ମହାପ୍ରଭୁଙ୍କ ରଥଟଣା ଆରମ୍ଭ ହୋଇଥିଲା। ସମ୍ବଲପୁର ସହରର ପୁରାତନ ମନ୍ଦିର ଗୁଡ଼ିକରେ ହେଉଥିବା ରଥଯାତ୍ରା ପାଇଁ ପଥ ସକାଶେ ଏକ ସ୍ୱତନ୍ତ୍ର କ୍ରମ ରହିଛି। ଏଥିପାଇଁ ଥିବା ଲୋକଗୀତ ଅନୁଯାୟୀ, ପରମ୍ପରା ଓ ବରିଷ୍ଠତା ଭିତ୍ତିରେ ରଥ ଗୁଡ଼ିକ ସହରର ବଡ଼ସଡ଼କ ଦେଇ କ୍ରମାନ୍ୱୟରେ ଯାଇଥାନ୍ତି। ରଥଯାତ୍ରା ପରି ବାହୁଡ଼ା ଯାତ୍ରା ମଧ୍ୟ ଦୁଇଦିନ ରଥଟଣା ହୋଇଥାଏ। ମନ୍ଦିରକୁ ଫେରିବାପରେ ଚତୁର୍ଦ୍ଧାମୂର୍ତ୍ତି ୨୫ ତାରିଖ ହରିଶୟନ ଏକାଦଶୀରେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେବେ। ଆସନ୍ତା ୨୬ ତାରିଖ ବ୍ରହ୍ମପୁରା ମହାପ୍ରଭୁଙ୍କ ଅଧରପଣା, ରସଗୋଲା ଭୋଗ ଏବଂ ନିଳାଦ୍ରିବିଜେ ନୀତି ଅନୁଷ୍ଠିତ ହେବ।

ଝାଡୁଆପଡ଼ାର ବ୍ରହ୍ମପୁରାଙ୍କ ପରେ ମହାନ୍ତିପଡ଼ାର ଦଧିବାମନ, କୁଞ୍ଜେଲପଡ଼ାର ହୋତାପଡ଼ା, ହାଟପଡ଼ାର ସତ୍ୟବାଦୀ, ଦଲେଇପଡ଼ାର ମଦନମୋହନ ଓ ଲିଆଖାଇ, ନନ୍ଦପଡ଼ାର ଯଜ୍ଞବରାହ, ଗୁରୁପଡ଼ାର ଟିମିନି, ବାଲିବନ୍ଧାର କୋଠା ମହାପ୍ରଭୁ, ମୁଦିପଡ଼ାର ଜଗନ୍ନାଥ, ମଠପାଲିର ରାନିମଠ, ଭତରାର ରାମଜୀ ମଠ, ଧନୁପାଲିର ଗୋପାଳଜୀ, କମଲିବଜାର ଗୋପାଳଜୀମଠର ଜଗନ୍ନାଥ, ବୁଢ଼ାରଜା, ଧନକଉଡ଼ା, ଗୋଲବଜାର, କ୍ଷେତରାଜପୁର, ବଡ଼ବଜାର,





ବାଲିବନ୍ଧାର ରଘୁନାଥଜୀଉ ମନ୍ଦିର, ସାକ୍ଷୀପଡ଼ାର ରାଧାମଦନଗୋପାଳ ମନ୍ଦିର ଆଦିରେ ତିନିଠାକୁର ପହଣ୍ଡି ବିଜେ କରି ରଥାରୂଢ଼ ହୋଇଥିଲେ। ଆଜି ଅପରାହ୍ଣରେ ସମସ୍ତ ରଥଟଣା ଆରମ୍ଭ ହୋଇଥିଲା। ସମ୍ବଲପୁର ସହରର ସର୍ବପୁରାତନ ୨୭ଟି ମନ୍ଦିରରୁ ୨୫ଟି ମନ୍ଦିରରେ ବାହୁଡ଼ା ଯାତ୍ରା ଆୟୋଜିତ ହୋଇଯାଇଛି। ଅନ୍ୟ ଦୁଇଟି ମନ୍ଦିର ବାଲିବନ୍ଧାର କୁଠା ଜଗନ୍ନାଥ ଓ ରଘୁନାଥ ଜୀଉରେ ରଥ ଟଣାଯାଇ ନ ଥାଏ। ତେବେ, ରଥଯାତ୍ରାର ସମସ୍ତ ନୀତିକାନ୍ତି ପାଳନ କରାଯାଇଥାଏ।

ସମ୍ବଲପୁର ଜିଲ୍ଲାର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଆଜି ବାହୁଡ଼ା ଯାତ୍ରା ପାଳିତ ହେଉଛି। ବାହୁଡ଼ା ଯାତ୍ରାକୁ ଦଶମୀ ରଥ ମଧ୍ୟ କୁହାଯାଏ। ଜିଲ୍ଲାର ଅନେକ ମନ୍ଦିରରେ ପୂର୍ଣ୍ଣିମା ପର୍ଯ୍ୟନ୍ତ ରଥରେ ପୂଜା ପାଇବାପରେ ମହାପ୍ରଭୁ ଶ୍ରୀ ଜଗନ୍ନାଥ ଗମ୍ଭୀରା ବିଜେ କରିବା ପରମ୍ପରା ରହିଛି। ରଥଯାତ୍ରା ସମୟରେ ପ୍ରାୟ ୮ରୁ ୧୦ ଦିନ ଧରି ଗାଁଗୁଡ଼ିକରେ ମେଳା ମହୋତ୍ସବ ଆୟୋଜନ କରାଯାଇଥାଏ।

ସେହିଭଳି ସମ୍ବଲପୁରର ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରାରେ ନନ୍ଦପଡ଼ାର ବମ୍ ବରାଡ଼ ବାଲୁଙ୍କେଶ୍ୱର ଓ ଜଗଜ୍ଜନନୀ ମାତା ପାର୍ବତୀଙ୍କ ଲୌକିକ ବିବାହ ପାଇଁ ସାକ୍ଷୀପଡ଼ାସ୍ଥିତ ଭଗବାନ ବିଷ୍ଣୁଙ୍କ ଅନ୍ୟତମ ଅବତାର ଶ୍ରୀ ଶ୍ରୀ ସାକ୍ଷୀଗୋପୀନାଥ ସାକ୍ଷୀ ରୂପେ ରହିବା ପରମ୍ପରା ରହିଛି। ଦେବବିବାହ ପୂର୍ବରୁ ସାକ୍ଷୀଗୋପୀନାଥ ଆସି ନନ୍ଦପଡ଼ାର ବାଲୁଙ୍କେଶ୍ୱର ମନ୍ଦିରରେ ଅବସ୍ଥାନ କରୁଥିଲେ। ପରମ୍ପରାନୁଯାୟୀ ଶ୍ରୀ ଗୁଣ୍ଡିଚା ଯାତ୍ରାରୁ ବାହୁଡ଼ା ଯାତ୍ରା ମଧ୍ୟରେ ହିଁ ସାକ୍ଷୀଗୋପୀନାଥ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିବା ରୀତି ରହିଆସିଛି। ଗତ ସନ୍ଧ୍ୟାରେ ଶ୍ରୀ ସତ୍ୟନାରାୟଣ ପୂଜା ସମାପନ ପରେ ଆଜି ଅପରାହ୍ଣରେ ସାକ୍ଷୀଗୋପୀନାଥ ସାକ୍ଷୀପଡ଼ାସ୍ଥିତ ସ୍ୱମନ୍ଦିରକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ନନ୍ଦପଡ଼ା ଶୀତଳଷଷ୍ଠୀ ଯାତ୍ରା କମିଟି ସଦସ୍ୟ ଓ ପଡ଼ାବାସୀ ସାକ୍ଷୀଗୋପୀନାଥଙ୍କୁ ଏକ ଶୋଭାଯାତ୍ରାରେ ନନ୍ଦପଡ଼ାରୁ ନେଇ ସାକ୍ଷୀପଡ଼ା ମନ୍ଦିରରେ ପହଞ୍ଚାଇଥିଲେ।

**କୁଚିଣ୍ଡା:** କୁଚିଣ୍ଡା ମନ୍ଦିର ଛକସ୍ଥିତ ସର୍ବପୁରାତନ ମନ୍ଦିର କମିଟି ପକ୍ଷରୁବାହୁଡା ଯାତ୍ରା ପାଳିତ ହୋଇଛି। ଗତ ୧୬ ତାରିଖ ଘୋଷ ଯାତ୍ରା ଦିନ କୁଚିଣ୍ଡା ଜଗନ୍ନାଥ ମନ୍ଦିରରୁ ବାହାରି ନିଜ ଜନ୍ମ ବେଦୀକୁ ରଥା ରୂଢ ହୋଇ ଭକ୍ତଙ୍କ ଗ୍ରହଣରେ ଘଣ୍ଟଘଣ୍ଟା, ବିଭିନ୍ନ ବାଦ୍ୟ ନୃତ୍ୟର ତାଳେ ତାଳେ ଗମନ କରିଥିଲେ। ଜନ୍ମବେଦୀରେ ୯ ଦିନ ରହିଲା ପରେ ନିଜ ମନ୍ଦିରକୁ ଭକ୍ତଙ୍କ ଗହଣରେ ଫେରିଛନ୍ତି। ଅପରାହ୍ନରେ ଯଥା ରୀତିନୀତିରେ ପୂଜା ଅର୍ଚ୍ଚନା କରି ଛେରା ପହଁରା ପରେ ପହଣ୍ଡି ହୋଇଥିଲା।

**ରେଢ଼ାଖୋଲ:** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରରେ ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ ପବିତ୍ର ବାହାଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ମନ୍ଦିରକୁ ବାହୁଡୁଛନ୍ତି ମହାପ୍ରଭୁ ଶ୍ରୀ ଜଗନ୍ନାଥ। ଶୁକ୍ରବାର ଗୁଣ୍ଡିଚା ମନ୍ଦିରରୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଥିଲା। ବ୍ରହ୍ମ ସମାଜ ପକ୍ଷରୁ ସେବାୟତମାନଙ୍କ ଦ୍ୱାରା ପହଣ୍ଡି ଯାତ୍ରା କରାଯିା ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ରଥରେ ବିରାଜମାନ କରାଯାଇଥିଲା। ହଜାର ହଜାର ଭକ୍ତଙ୍କ ସମାଗମରେ ରଥଟଣା ଆରମ୍ଭ ହୋଇଥିଲା। ଘଣ୍ଟଖଞ୍ଜ, ଦୁଲଦୁଲି, ନାମ କୀର୍ତ୍ତନ ଓ ହୁଳହୁଳିରେ ପ୍ରକମ୍ପିତ ହୋଇଥିଲା। ଭକ୍ତମାନେ ରଥରୁଢ଼ ମହାପ୍ରଭୁ ଜଗତର ନାଥ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବା ପାଇଁ ଅଶ୍ରୁଳ ନୟନରେ ଭାବ ବିଭୋର ହୋଇ ରହିଥିବା ଦେଖିବାକୁ ମିଳିଥିଲା। ଆଜି ମନ୍ଦିରକୁ ବାହୁଡ଼ା ଯାତ୍ରାରେ ରଥଟଣା ହୋଇ ମହାପ୍ରଭୁଙ୍କ ଅଧା ବାଟରେ ବାଟ ରହଣି କରାଯାଇଛି। ଆସନ୍ତା କାଲି ପୁଣି ରଥଟଣା ସମ୍ପନ୍ନ ହୋଇ ରଥ ଖଳାରେ ବାଟ ରହଣି କରି ସୁନାବେଶରେ ଦର୍ଶନ ଦେବେ ଚତୁର୍ଦ୍ଧା ମୂର୍ତ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଧାରା ବିବରଣୀ ପାଠ କରାଯାଇଥିଲା। ଏଥିରେ ବିଭାଗୀୟ ଅଧିକାରୀ ଚନ୍ଦ୍ରମା ମରାଇ ଏବଂ କର୍ମଚାରୀ ଭାସ୍କର ପ୍ରଧାନ ସହଯୋଗ କରିଥିଲେ। ରେଢ଼ାଖୋଲ ଉପଜିଲ୍ଲାପାଳ ରଶ୍ମିରଞ୍ଜନ ମହନ୍ତ, ପୂର୍ବତନ ରେଢ଼ାଖୋଲ ବିଧାୟକ ରୋହିତ ପୂଜାରୀ, ପଞ୍ଚାୟତ ସମିତି ଅଧ୍ୟକ୍ଷ ପ୍ରଦୀପ ପ୍ରଧାନ, ଏନଏସି ଅଧ୍ୟକ୍ଷ ଶିବରାମ ସାହୁ, ଜିଲ୍ଲା ପରିଷଦ ସଭ୍ୟ ଶରତ ପ୍ରଧାନ, ତହସିଲଦାର ପ୍ରଭାତ ରଞ୍ଜନ ବିଶ୍ୱାଳ, ବ୍ରହ୍ମ ସମାଜ ସଭାପତି ହରିଶଙ୍କର ହୋତା, ସମ୍ପାଦକ ପ୍ରଶାନ୍ତ ରଥ, ଦେବୋତ୍ତର ବିଭାଗ ସଭାପତି ଅରୁଣ ପ୍ରଧାନ, ମ୍ୟାନେଜର ରାଜେଶ ସାହୁ, ଥାନା ଅଧିକାରୀ ସନୟ ନାଏକ ପ୍ରମୁଖ ଉପସ୍ଥିତ ଥିଲେ।

## କଫସିରପ ଜବତ, ଜଣେ ଗିରଫ

ସମ୍ବଲପୁର,୨୪।୭ (ସମିସ): ବେଆଇନ କଫସିରପ କାରବାରରେ ବୁର୍ଲା ପୁଲିସ ଜଣକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ବୁର୍ଲା ଥାନା ଗୋଲଗୁଣ୍ଡାର କ୍ରୀତି ଚନ୍ଦ୍ର ଥାଲି ଓରଫ କାହ୍ନା (୨୨) । ପୁଲିସ ତା ପାଖରୁ ୨୧ ବୋତଲ କଫସିରପ ଜବତ କରିଛି।

## ଯୁଯୁମୁରା ମଦ ଦୋକାନରୁ ଚୋରି ନେଇ ଚର୍ଚ୍ଚା

ସମ୍ବଲପୁର,୨୪।୭ (ସମିସ): ଯୁଯୁମୁରାସ୍ଥିତ ସରକାରୀ ଲାଇସେନ୍ସପ୍ରାପ୍ତ ମଦ ଦୋକାନରୁ ପ୍ରାୟଅଢେଇ ଲକ୍ଷ ଟଙ୍କା ଚୋରି ହୋଇଛି। ବିଳମ୍ବିତ ରାତିରେ କିଛି ଦୁର୍ବୃତ୍ତ ମଦ ଦୋକାନରୁ ଅଢେଇ ଲକ୍ଷରୁ ଅଧିକ ଟଙ୍କା, ବିଭିନ୍ନ ପ୍ରକାରର ମଦ ଚୋରି କରିଥିବା ଯୁଯୁମୁରା ଅଞ୍ଚଳରେ ଆଲୋଚନା ହେଉଛି। ତେବେ ଏ ନେଇ ଥାନାରେ କୌଣସି ଅଭିଯୋଗ ହୋଇନି।

## ବନ୍ଦ ହେଲା ହୀରାକୁଦର ୪ ଗେଟ୍

ସମ୍ବଲପୁର, ୨୪।୭ (ସମିସ): ହୀରାକୁଦ ନଦୀବନ୍ଧ କର୍ତ୍ତୃପକ୍ଷ ଆଜି ଅପରାହ୍ଣରେ ୪ଟି ଗେଟ୍ ବନ୍ଦ କରିଛନ୍ତି। ୧୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଶୁକ୍ରବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୪.୦୨ ଫୁଟ୍ ରହିଛି। ନଦୀବନ୍ଧର ବାମପାଶ୍ୱର୍ର ୮ଟି ଏବଂ ଡାହାଣ ପାଶ୍ୱର୍ର ୪ଟି ଏହିପରି ମୋଟ ୧୨ଟି ସ୍ଲୁଇସ୍ ଗେଟ୍ ଖୋଲା ରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୨,୧୪,୮୩୪ କ୍ୟୁସେକ୍ ଜଳ ପ୍ରବେଶ କରୁଛି। ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୪୬,୯୩୧ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୧୨,୭୩୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପାୱାର ଚ୍ୟାନାଲ ଦେଇ ୩୧୦୯୪ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୦୪୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ତଳମୁଣ୍ଡ ବେଲଗାଁରେ ୧୫,୬୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଛି। ପଥର୍ଲାରେ ୪୮,୭୩୬ କ୍ୟୁସେକ୍, ଖଇରମାଲରେ ୩,୯୫,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୪,୫୮,୪୧୫ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ।

## ଆର୍ଥିକ ଅସହାୟ ମେଧାବୀ ଛାତ୍ରୀଙ୍କୁ 'ସାଥୀ'ର ସହାୟତା



ସମ୍ବଲପୁର,୨୪।୭ (ସମିସ): ଉଚ୍ଚଶିକ୍ଷା ପାଇଁ ଯୋଗ୍ୟ ଜଣେ ଅସହାୟ ଛାତ୍ରୀଙ୍କୁ 'ସାଥୀ' ଚାରିଟେବଲ ଟ୍ରଷ୍ଟ ଆର୍ଥିକ ସହାୟତା ଯୋଗାଇ ଦେଇଛି। ମହାନଗର ନିଗମ ଅଧୀନ ଏକ ବେସରକାରୀ ଶିକ୍ଷାନୁଷ୍ଠାନରେ ଯୁକ୍ତ ୨ ପଢୁଥିବା ଜଣେ ମେଧାବୀ ଛାତ୍ରୀ ଫି ଦାଖଲ କରିପାରି ନ ଥିଲେ। ଏହାଫଳରେ ଭଲ ଗ୍ରେଡ୍‌ରେ ପାସ୍ କରିବା ସତ୍ତ୍ୱେ ସଂପୃକ୍ତ ଶିକ୍ଷାନୁଷ୍ଠାନ ଛାତ୍ରୀଙ୍କୁ ତାଙ୍କ ପାସ୍ ସାର୍ଟିଫିକେଟ ପ୍ରଦାନ କରି ନ ଥିଲା। କୌଣସି ଉପାୟ ନ ପାଇ ଛାତ୍ରୀ ଜଣକ 'ସାଥୀ' ଚାରିଟେବଲ ଟ୍ରଷ୍ଟକୁ ଆର୍ଥିକ ସହାୟତା ପାଇଁ ଅନୁରୋଧ କରିଥିଲେ। ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ସିଦ୍ଧାର୍ଥ ସାହା ଛାତ୍ରୀଙ୍କ ଅସୁବିଧା ସମ୍ପର୍କରେ ଜାଣିବା ପରେ ସିଧାସଳଖ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷଙ୍କ ସହ କଥା ହୋଇଥିଲେ। ଛାତ୍ରୀଙ୍କ ଫି' ବାବଦକୁ ଯେତିକି ଅର୍ଥ କଲେଜ କର୍ତ୍ତୃପକ୍ଷ ନିର୍ଦ୍ଧାରିତ କରିଥିଲେ ସେତିକି ଅର୍ଥ ଟ୍ରଷ୍ଟ ପକ୍ଷରୁ ସିଧାସଳଖ କଲେଜକୁ ଚେକ୍ ମାଧ୍ୟମରେ ପ୍ରଦାନ କରାଯାଇଥିଲା। ଛାତ୍ରୀଙ୍କ ପିତାଙ୍କୁ ଟ୍ରଷ୍ଟ କାର୍ଯ୍ୟାଳୟକୁ ଡାକି ଚେକ୍ ପ୍ରଦାନ କରାଯାଇଥିଲା। ଅର୍ଥ ନ ଥିବାରୁ ଆଉ ଆଗକୁ ପଢ଼ି ପାରିବେ ନାହିଁ ବୋଲି ଆଶା ଛାଡ଼ି ଦେଇଥିବା ସୁମିତ୍ରା ମହାନନ୍ଦ ଏହି ଅର୍ଥରାଶି ପାଇ ବେଶ୍ ଖୁସି ଅନୁଭବ କରିଥିଲେ। ଅର୍ଥ ଅଭାବରୁ କୌଣସି ମେଧାବୀ ଶିକ୍ଷାର୍ଥୀ ଯେପରି ଉଚ୍ଚ ଶିକ୍ଷାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି 'ସାଥୀ' ଚାରିଟେବଲ ଟ୍ରଷ୍ଟ ଯତ୍ନର ସହ କାର୍ଯ୍ୟ କରୁଛି ବୋଲି ସିଦ୍ଧାର୍ଥ ସାହା କହିଛନ୍ତି।

## ଭୀମ୍‌ସାର୍‌ରେ ଖୋଲିବ ସିଟିଭିଏସ୍ ଓ ସର୍ଜିକାଲ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ବିଭାଗ

ସମ୍ବଲପୁର,୨୪।୭ (ସମିସ): ପଶ୍ଚିମ ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟସେବା କେନ୍ଦ୍ର ବୁର୍ଲାସ୍ଥିତ ଭୀମସାର୍‌ରେ ନୂତନ ଭାବେ ସିଟିଭିଏସ (କାର୍ଡିଓ ଥୋରାସିକ୍ ଏବଂ ଭାସ୍କୁଲାର ସର୍ଜରୀ) ଏବଂ ସର୍ଜିକାଲ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ବିଭାଗ ଖୋଲିବାକୁ ଯାଉଛି। ଏହି ପଦକ୍ଷେପ ଅଞ୍ଚଳର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ବିରାଟ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିବ। ଏହି ନୂତନ ବିଭାଗଗୁଡ଼ିକ କାର୍ଯ୍ୟକ୍ଷମ ହେବା ଦ୍ୱାରା ଏଠାକାର ରୋଗୀ ଉନ୍ନତ ଚିକିତ୍ସା ସେବା ପାଇପାରିବେ। ଏହାସହ ଚିକିତ୍ସା କ୍ଷେତ୍ରରେ ଅଗ୍ରଗତି ସହିତ ଭୀମସାର୍ କାର୍ଡିଓଲୋଜି ବିଭାଗରେ ଡିଏମ ସିଟ୍ (ଉଚ୍ଚତର ଶିକ୍ଷା) ଖୋଲିବାର ପଥ ସୁଗମ ହୋଇଛି। ଏହି ପଦକ୍ଷେପ ପାଇଁ ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଇଣ୍ଡିଆନ ପବ୍ଲିକ ହେଲଥ ଆସୋସିଏସନ୍‌ର ରାଜ୍ୟ ସାଧାରଣ ସମ୍ପାଦକ ଡାକ୍ତର ସଂଜୀବ କୁମାର ମିଶ୍ର ଧନ୍ୟବାଦ ଜଣାଇଛନ୍ତି। ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ବିଭାଗର ପତ୍ର ସଂଖ୍ୟା ୧୯୯୫୭/ ୨୩.୭.୨୬ ଅନୁସାରେ ରାଜ୍ୟର ବିଭିନ୍ନ ମେଡିକାଲ କଲେଜ ପାଇଁ ମୋଟ ୧୫୭ଟି ନୂତନ ପଦବୀ ସୃଷ୍ଟି କରାଯାଇଛି। ଏଥିମଧ୍ୟରୁ ବୁର୍ଲା ଭୀମସାର୍‌ରେ ଖୋଲିବାକୁ ଥିବା ସିଟିଭିଏସ ଓ ସର୍ଜିକାଲ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ବିଭାଗ ପାଇଁ ଆବଶ୍ୟକୀୟପଦବୀ ମଞ୍ଜୁର ହୋଇଛି। ଉଭୟ ବିଭାଗ ପାଇଁ ଜଣେ ଲେଖାଏଁ ପ୍ରଫେସର, ଆସୋସିଏଟ୍ ପ୍ରଫେସର, ଆସିଷ୍ଟାଣ୍ଟ ପ୍ରଫେସର ଏବଂ ସିନିୟର ରେସିଡେଣ୍ଟ ପଦବୀ ସୃଷ୍ଟି କରାଯାଇଛି। ଗତବର୍ଷ ସମ୍ବଲପୁରରେ ଅନୁଷ୍ଠିତ କାର୍ଡିଓଲୋଜି କନ୍‌ଫରେନ୍ସ ସମୟରେ ସମ୍ବଲପୁର ସାଂସଦ ତଥା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏବଂ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ରଙ୍କୁ ଏହି ଦୁଇଟି ବିଭାଗ ଖୋଲିବା ପାଇଁ ଦାବିପତ୍ର ପ୍ରଦାନ କରାଯାଇଥିଲା।

## ୨୦ ଘରୋଇ ସିଲିଣ୍ଡର ଜବତ



ସମ୍ବଲପୁର,୨୪।୭ (ସମିସ): ସମ୍ବଲପୁର ଜିଲ୍ଲା ଯୋଗାଣ ବିଭାଗ ମହାନଗର ନିଗମ ଅଧୀନ ମାନେଶ୍ୱର ଅଞ୍ଚଳରେ ଚଢ଼ଉ କରି ୨୦ଟି ଘରୋଇ ଗ୍ୟାସ୍ ସିଲିଣ୍ଡର ଜବତ କରିଛି। କଣ୍ଟେଇପାଲିସ୍ଥିତ ଜଣେ ବ୍ୟକ୍ତିଙ୍କ ବାସଭବନ ଏବଂ ମାନେଶ୍ୱର ଛକସ୍ଥିତ ତାଙ୍କ ଗ୍ୟାସ୍ ମରାମତି ଦୋକାନ ପରିସରରୁ ବେଆଇନ୍ ଭାବେ ମହଜୁଦ ଥିବା ମୋଟ ଏହି ଗ୍ୟାସ୍ ସିଲିଣ୍ଡର ଜବତ କରାଯାଇଛି। ଜବତ ହୋଇଥିବା ସିଲିଣ୍ଡରଗୁଡ଼ିକ ମଧ୍ୟରୁ ୧୮ଟି ତାଙ୍କ ବାସଭବନରୁ ଏବଂ ଅବଶିଷ୍ଟ ୨ଟି ତାଙ୍କ ଦୋକାନରୁ ଜବତ ହୋଇଛି। ତନ୍ମଧ୍ୟରେ ବିପିସିଏଲ୍‌ର ୨ଟି ଭର୍ତ୍ତି ସିଲିଣ୍ଡରି, ବିପିସିଏଲ୍‌ର ୩ଟି ଖାଲି ସିଲିଣ୍ଡରି, ଏଚ୍‌ପିସିଏଲ୍‌ର ଗୋଟିଏ ଭର୍ତ୍ତି ସିଲିଣ୍ଡର, ଏଚ୍‌ପିସିଏଲ୍‌ର ୧୩ଟି ଖାଲି ସିଲିଣ୍ଡର ଏବଂ ଆଇଓସିଏଲ୍‌ର ଗୋଟିଏ ଖାଲି ସିଲିଣ୍ଡର ରହିଛି। ଏହି ବେଆଇନ କାର୍ଯ୍ୟରେ ସଂପୃକ୍ତ ବ୍ୟକ୍ତିଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଥିବା ଯୋଗାଣ ବିଭାଗ ପକ୍ଷରୁ କୁହାଯାଇଛି। ଚଢ଼ଉ ସମୟରେ ଏସ୍‌ଏମସି ଏସିଏସ୍‌ଓ ବିଶ୍ୱରଞ୍ଜନ ସାହୁ, ମାର୍କେଟିଂ ଇନ୍ସପେକ୍ଟର ସୌରଭ ପଣ୍ଡା ଓ ଦୀପ୍ତିମୟୀ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ

ରେଢ଼ାଖୋଲ,୨୪।୭ (ସମିସ): ସ୍ଥାନୀୟ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସ୍ୱାଗତ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷା ଶ୍ରୀମତୀ ମମତା ବିଶ୍ୱାଳ ଏଥିରେ ଅଧ୍ୟକ୍ଷତା କରିଥିଲେ। ରାଜନୀତି ବିଭାଗର ଅଧ୍ୟାପିକା କଳ୍ପନା ସାହୁ, ଖେଳ ପ୍ରଶିକ୍ଷିକା ବାସନ୍ତୀ ଭୋଇ, ଓଡ଼ିଆ ବିଭାଗର ଅଧ୍ୟାପିକା ଲକ୍ଷ୍ମୀପ୍ରିୟା ଜେନା ପ୍ରମୁଖ ଉପସ୍ଥିତ ଥିଲେ।



## ଜାତୀୟ କ୍ରୀଡ଼ାରେ ଭାଗନେଇ ଫେରିଲେ ସରସ୍ୱତୀ



ସମ୍ବଲପୁର,୨୪।୭ (ସମିସ): ଚଣ୍ଡୀଗଡ଼ର ପଖୱାଡାରେ କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ ପକ୍ଷରୁ ୫୫ତମ ଜାତୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଫାଇନାଲ ମ୍ୟାଚ୍‌ରେ ଓଡ଼ିଶାର ୧୦ ଜଣ ଭାଗ ନେଇଥିଲେ। ଏଥିମଧ୍ୟରୁ ପିଏମଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ସମ୍ବଲପୁର-୧ର ନବମ ଶ୍ରେଣୀ ଛାତ୍ରୀ ସରସ୍ୱତୀ ଷଡ଼ଙ୍ଗୀ ଅନ୍ୟତମ। ଆଜି ସେ ସମ୍ବଲପୁର ପହଞ୍ଚିଛନ୍ତି। ବାପା ଅବସରପ୍ରାପ୍ତ ସୈନିକ ମଣ୍ଟୁ ଷଡ଼ଙ୍ଗୀ ଓ ମା' ସୁପ୍ରିମ ଷଡଙ୍ଗୀ ସହ ବିଦ୍ୟାଳୟ ଓ ପୂର୍ବତନ ସେନା ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧନା ଦିଆଯାଇଛି। କବାଡ଼ି ଫାଇନାଲ ମ୍ୟାଚ୍‌ରେ ଓଡ଼ିଶା ଦଳ ତାମିଲନାଡୁ ସହ ଖେଳିଥିଲା। ରନର୍ସଅପ ହୋଇ ଓଡ଼ିଶା ରୌପ୍ୟ ପଦକ ହାସଲ କରିଛି। ସରସ୍ୱତୀଙ୍କୁ ବିଦ୍ୟାଳୟର ଅଧ୍ୟକ୍ଷ ରନରଞ୍ଜୟ ସିଂହ, ଖେଳ ଶିକ୍ଷୟତ୍ରୀ ରେଖା ଦେ ଓ ସୋନାଲି କିସପୋଟାଙ୍କ ସହ ଅଭିଭାବକ ସଂଘ ଶୁଭେଚ୍ଛା ଜଣାଇଛନ୍ତି।

## ବୈଦିକ ସ୍କୁଲରେ ଇଣ୍ଟରାକ୍ଟ କ୍ଲବର ପ୍ରଥମ ସ୍ଥାପନା ଉତ୍ସବ




ସମ୍ବଲପୁର,୨୪।୭ (ସମିସ): ବରଗଡ଼ସ୍ଥିତ ବୈଦିକ ଇଣ୍ଟରନ୍ୟାସନାଲ ସ୍କୁଲରେ ରୋଟାରୀ କ୍ଲବ ଅଫ୍ ସମ୍ବଲପୁର ଗ୍ରେଟରର ପୃଷ୍ଠପୋଷକତାରେ ଇଣ୍ଟରାକ୍ଟ କ୍ଲବର ପ୍ରଥମ ସ୍ଥାପନା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଦୃଷ୍ଟି ଅଗ୍ରୱାଲ ଇଣ୍ଟରାକ୍ଟ କ୍ଲବର ସଭାପତି ଏବଂ ଭୌତିକ ମିଶ୍ର ସମ୍ପାଦକ ଭାବେ ଶପଥ ଗ୍ରହଣ କରିଥିଲେ। ଅଶୋକ ତ୍ରିପାଠୀଙ୍କ ଦ୍ୱାରା ଡାଏଟ୍ ଓ ନ୍ୟୁଟ୍ରିସନ୍ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ସେ ଛାତ୍ରଛାତ୍ରୀଙ୍କୁ ସୁସ୍ଥ ଖାଦ୍ୟାଭ୍ୟାସ, ପୋଷଣ ଏବଂ ସ୍ୱାସ୍ଥ୍ୟକର ଜୀବନଶୈଳୀ ସମ୍ପର୍କରେ ସଚେତନ କରିଥିଲେ। ଏହି ଅବସରରେ ଅଶ୍ୱିନୀ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଲାଲ ମଲ୍ଲିକ, ଲକ୍ଷ୍ମୀପ୍ରିୟା ପ୍ରଧାନ, ସୁମିତ ନାୟକ, ସଫିନା ନାଜ, ଉର୍ମିଳା ବେହେରା ଏବଂ ସନ୍ଦୀପ ସାୱାଡ଼ିଆ ସହଯୋଗ କରିଥିଲେ।

## ଶିଶୁ ଓ ମାତୃ ମୃତ୍ୟୁ ହାର ହ୍ରାସ ଉପରେ ଗୁରୁତ୍ୱ

ଝାରସୁଗୁଡା,୨୫।୭ (ସମିସ)

ଝାରସୁଗୁଡାରେ ସମନ୍ୱିତ ଶିଶୁ ବିକାଶ ସେବା କାର୍ଯ୍ୟକ୍ରମର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗଡତିଆ ଏବଂ ଜିଲ୍ଲାର ସମସ୍ତ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଉପସ୍ଥିତ ଥିଲେ। ବୈଠକରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ ଶିଶୁ ମୃତ୍ୟୁହାର ଏବଂ ମାତୃ ମୃତ୍ୟୁହାର ହ୍ରାସ ପାଇଁ ସମସ୍ତଙ୍କୁ ସମନ୍ୱିତ ଭାବେ କାର୍ଯ୍ୟ କରିବା ସହ କ୍ଷେତ୍ରସ୍ତରରେ ନିୟମିତ ତଦାରଖ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗୁରୁତର ଅପପୁଷ୍ଟି ଶିଶୁମାନଙ୍କ ନିୟମିତ ଅନୁଧ୍ୟାନ ଓ ପୁଷ୍ଟି ସ୍ଥିତିରେ ସୁଧାର ଆଣିବାକୁ ନିର୍ଦ୍ଦେଶ ଦେଇଥିଲେ। ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକରେ ଫେସ୍ ରେକଗ୍ନିସନ୍ ସିଷ୍ଟମ ଶତପ୍ରତିଶତ କାର୍ଯ୍ୟକାରିତା ସୁନିଶ୍ଚିତ କରିବା ଏବଂ ଶିଶୁମାନଙ୍କ ଉଚ୍ଚତା ଓ ଓଜନ ମାପିବା କାର୍ଯ୍ୟକୁ ଶତପ୍ରତିଶତ ଠିକ୍ ଭାବେ ସମ୍ପାଦନ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସପ୍ଲିମେଣ୍ଟାରୀ ନ୍ୟୁଟ୍ରିସନ୍ ପ୍ରୋଗ୍ରାମ୍ ଅଧୀନରେ ପୁଷ୍ଟିକର ଖାଦ୍ୟ ବଣ୍ଟନ, ବିତରଣର ସ୍ଥିତି ଏବଂ ଅଙ୍ଗନବାଡ଼ି କେନ୍ଦ୍ର ଭବନ ନିର୍ମାଣ କାର୍ଯ୍ୟର ଅଗ୍ରଗତିର ମଧ୍ୟ ସମୀକ୍ଷା କରାଯାଇଥିଲା। ଜିଲ୍ଲାପାଳ ସମସ୍ତ କାର୍ଯ୍ୟକ୍ରମକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମ୍ପାଦନ କରିବାକୁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଜୟନ୍ତୀ ଗର୍ଡିଆ, ତୁଷାରକାନ୍ତ ନାୟକ, ଡିସି (ପୋଷଣ) ରମାକାନ୍ତ ନାଏକ, ଡିସି (ହବ୍) ଲିଲେଶ୍ୱର ସାହୁ, କିର୍ମିରା ସିଡିପିଓ ସଙ୍ଗୀତା ଅଢ଼ା, କୋଲାବିରା ସିଡିପିଓ ତାରୁଲତା ପଟେଲ, ବ୍ରଜରାଜନଗର ଓ ଲଖନପୁର ସିଡିପିଓ ସ୍ୱର୍ଣ୍ଣମଞ୍ଜରୀ ସାମଲ, ଝାରସୁଗୁଡ଼ା ଗ୍ରାମାଞ୍ଚଳ ସିଡିପିଓ କର୍ପୂରା ପଟେଲ, ଝାରସୁଗୁଡ଼ା ସହରାଞ୍ଚଳ ସିଡିପିଓ ଏଲ୍. ଏସ୍. ବାରୁଣୀ ସାହୁ ଏବଂ ଲଇକେରା ସିଡିପିଓ ସୁବାସିନୀ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ।

## ନବନିର୍ମିତ ମୁଖ୍ୟ ଫାଟକ ଉଦ୍‌ଘାଟିତ



ଦେବଗଡ଼,୨୪।୭ (ସମିସ): ଦେବଗଡ଼ ଜିଲ୍ଲା ବାରକୋଟ ପଞ୍ଚାୟତ ସମିତିର ନବନିର୍ମିତ ମୁଖ୍ୟ ଫାଟକକୁ ଦେବଗଡ଼ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ବାରକୋଟ ପଞ୍ଚାୟତ ସମିତିର ଅଧ୍ୟକ୍ଷା ପୁଷ୍ପାଞ୍ଜଳୀ ପାତ୍ର ସମ୍ମାନନୀୟ ଅତିଥି ଭାବେ ଉପସ୍ଥିତ ଥିଲେ।

## ଜାଙ୍ଗଡ଼ା-ଶବରା ଅଞ୍ଚଳକୁ ପୁଣି ଫେରିଲା ହାତୀ

**ବଣାଇଁ, ୨୪।୭ (ସମିସ):** ବଣାଇଁ ବନଖଣ୍ଡ କୁଲିପୋଷ ରେଞ୍ଜ ଅନ୍ତର୍ଗତ ଜାଙ୍ଗଡ଼ା ଏବଂ ଶବରା ଅଞ୍ଚଳକୁ ପୁଣି ଫେରିଲା ଗୋଠ ଛଡ଼ା ଦନ୍ତା। ସିଆଁପୋଷ ଜାଙ୍ଗଡ଼ା ଦେଇ ବଣାଇଁକୁ ସଂଯୋଗ କରୁଥିବା ରାସ୍ତା କଡ଼ରେ ହାତୀଟି ଦିନ ବେଳେ ଦୀର୍ଘସମୟ ଧରି



ଛିଡ଼ା ହୋଇ ରହିଥିବାରୁ ଉଭୟ ପାର୍ଶ୍ୱରେ ଅନେକ ଯାନବାହାନ ଅଟକି ରହିଥିଲା। ସନ୍ଧ୍ୟାରେ ବୁଢ଼ା ପାହାଡ଼ ନିକଟସ୍ଥ ପୁରୁଣା ବସ୍ତି ଅଞ୍ଚଳରେ ହାତୀ ବୁଲାବୁଲି କରୁଥିବା ବେଳେ ବନ ବିଭାଗ କର୍ମଚାରୀ ନଜର ରଖିଛନ୍ତି। ଲୋକଙ୍କୁ ସତର୍କ ରହିବା ସହ ରାତିରେ ବାହାରକୁ ନ ବାହାରିବାକୁ ପରାମର୍ଶ ଦିଆଯାଇଛି। ବିଗତ ବର୍ଷ ଗୁଡିକରେ ଏହି ଅଞ୍ଚଳରେ ହାତୀ ଉପଦ୍ରବରେ ଅନେକ ଘର ଦ୍ୱାର ଭାଙ୍ଗିବା ସହ ବ୍ୟାପକ ଭାବେ ଫସଲ ନଷ୍ଟ ହୋଇଥିବାରୁ ଲୋକେ ପୁଣିଥରେ ଭୟଭୀତ ଅବସ୍ଥାରେ ରହିଛନ୍ତି।

## ସୋରଡ଼ା ମାଉସୀ ମା' ମନ୍ଦିରରେ ଜଗନ୍ନାଥାଷ୍ଟକମ୍

**ରାଉରକେଲା, ୨୪।୭ (ସମିସ):** ସ୍ଥାନୀୟ ନୂଆଗାଁ ବ୍ଲକ ସୋରଡ଼ା ସ୍ଥିତ ମାଉସୀ ମା' ମନ୍ଦିରରେ ଗୁରୁବାର ଚିକିଟିଆ ସ୍ଥିତ ସରସ୍ୱତୀ ଶିଶୁମନ୍ଦିର ପକ୍ଷରୁ କୁନି କୁନି ଛାତ୍ରଛାତ୍ରୀମାନେ ଶ୍ରୀ ଜଗନ୍ନାଥାଷ୍ଟକମ୍ ଶ୍ଳୋକ ଗାନ କରିଥିଲେ। ଚିକିଟିଆ ସ୍ଥିତ ସରସ୍ୱତୀ ଶିଶୁ ମନ୍ଦିରରେ ବାର ଅନୁସାରେ ପ୍ରତିଦିନ ଦେବାଦେବୀଙ୍କ ସ୍ତବ ବନ୍ଦନା କରାଯାଉଛି। ବନ୍ଦନା ପରେ ଶ୍ରେଣୀରେ ପାଠ ଆରମ୍ଭ ହେଉଛି। ତେବେ ସମ୍ପ୍ରତି ରଥଯାତ୍ରା ଅବସରରେ ବିଶେଷ କରି ବାହୁଡା ଯାତ୍ରା ଅବସରରେ ଶିଶୁମାନେ ଶ୍ରୀଜଗନ୍ନାଥାଷ୍ଟକମ୍ ବୋଲିଥିଲେ।



### ରତ୍ନବେଦୀକୁ ବାହୁଡିଲେ ମହାବାହୁ

# ରାଉରକେଲାରେ ବାହୁଡ଼ା ଯାତ୍ରା ସମ୍ପନ୍ନ

**ରାଉରକେଲା, ୨୪।୭ (ସମିସ)**

ରାଉରକେଲାରେ ବାହୁଡା ଯାତ୍ରା ଶାନ୍ତିଶୃଙ୍ଖଳା ସହ ଶେଷ ହୋଇଛି। ଭାଇ-ଭଉଣୀଙ୍କୁ ସାଙ୍ଗରେ ଧରି କାଳିଆ ଠାକୁର ଗୁଣ୍ଡିଚା ମନ୍ଦିରରୁ ପହଣ୍ଡିରେ ଆସି ରଥ ଉପରେ ବସିବା ପରେ ଏହାକୁ ଦେଖିବା ପାଇଁ ହଜାର ହଜାର ଶ୍ରଦ୍ଧାଳୁ ଓ ଭକ୍ତ



ବ୍ୟାକୁଳ ହୋଇଥିଲେ। ଜନ୍ମବେଦୀରୁ ରତ୍ନବେଦୀକୁ ରଥରେ ବିଜେ କରିଛନ୍ତି ମହାପ୍ରଭୁ ବଳଭଦ୍ର, ଜଗନ୍ନାଥ ଓ ମା ସୁଭଦ୍ରା।

ସହରର ସର୍ବପୁରାତନ ସେକ୍ଟର-୫ ସ୍ଥିତ ଗୁଣ୍ଡିଚା ମନ୍ଦିରରେ ବାହୁଡା ଯାତ୍ରା ପୂର୍ବରୁ ମନ୍ଦିରର ସମସ୍ତ ନୀତିକାନ୍ତି ସକାଳ ପ୍ରହରରୁ ଆରମ୍ଭ ହୋଇଥିଲା। ମଧ୍ୟାହ୍ନ ୧୨ରୁ ୨ଟା ୩୦ ବାହୁଡା ପହଣ୍ଡି, ୪ଟାରୁ ସାଢେ ୫ଟା ବେଶ ଶେଷ, ସାଢେ ୨ଟା ରୁ ସାଢେ ୩ଟା ଛେରା ପହଁରା, ୩ଟା ରୁ ୪ଟା ଚାର ମାଳ ଫିଟା ଓ ଘୋଡ଼ା, ସାରଥୀ ଲାଗି, ଅପରାହ୍ନ ଚାରିଟା ବେଳେ ରଥଟଣା ଆରମ୍ଭ ହୋଇଥିଲା। ରାଉରକେଲା ଇସ୍ପାତ କାରଖାନାର ଡିଆଇସି ଆଲୋକ ବର୍ମା ପ୍ରଧାନ ସେବକ ଭାବେ ରଥରେ ଛେରା ପହଁରା କରିଥିଲେ।

ଆମ୍ରବାଗନା ଛକରୁ ୩ ରଥ ବାହାରି ସେକ୍ଟର -୩ ସ୍ଥିତ ଶୈବାନନ୍ଦ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଥିଲା। ଶ୍ରୀଜଗନ୍ନାଥ, ବଳଭଦ୍ରଙ୍କ ରଥକୁ ପୁରୁଷ ମାନେ ଟାଣିଥିବା ବେଳେ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥିଲେ।

ମନ୍ଦିର ପରିଚାଳନା ଟ୍ରଷ୍ଟ, ରାଉରକେଲା ଇସ୍ପାତ କାରଖାନା (ଆରଏସ୍‌ପି), ରାଉରକେଲା ମହାନଗର ନିଗମ (ଆରଏମ୍‌ସି) ଏବଂ ପୁଲିସ୍ ପ୍ରଶାସନ ପକ୍ଷରୁ ମିଳିତ ଭାବେ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ କରିବା ଲାଗି ପ୍ରସ୍ତୁତି ହୋଇଥିଲା। ଏହି ଅବସରରେ ମନ୍ଦିରର ଟ୍ରଷ୍ଟିଙ୍କ ସମେତ ସେବକମାନେ ଉପସ୍ଥିତ ଥିଲେ। ରଥଯାତ୍ରାକୁ ସୁନିୟନ୍ତ୍ରିତ କରିବା ସହ ଶାନ୍ତି ଶୃଙ୍ଖଳାର ସମାପନ ପାଇଁ ରାଉରକେଲା ଏସପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ବ୍ୟାପକ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା।

ସେହିପରି ଉଦିତନଗର ସିଂହାସନୀ ମନ୍ଦିର ନିକଟ ଗୁଣ୍ଡିଚା ମନ୍ଦିରରୁ ହନୁମାନ ବାଟିକା ପର୍ଯ୍ୟନ୍ତ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁ ଜଗନ୍ନାଥ, ବଡ ଭାଇ ବଳଭଦ୍ର ଏବଂ ଭଉଣୀ ସୁଭଦ୍ରାଙ୍କୁ ଭକ୍ତ ମାନେ ରଥରେ ଟାଣି ନେଇଥିଲେ। ରିଙ୍ଗ ରୋଡ ଦେଇ ହନୁମାନ ବାଟିକା ଜଗନ୍ନାଥ ମନ୍ଦିରରେ ରଥ ପହଞ୍ଚି ଥିଲା। ସେହିପରି ପାୱାର ହାଉସ୍ ରୋଡ୍ ସ୍ଥିତ ଅଗ୍ନିଶମ କାର୍ଯ୍ୟାଳୟ ନିକଟ ଗୁଣ୍ଡିଚା ମନ୍ଦିରରୁ ବାହୁଡା ଯାତ୍ରା ଆରମ୍ଭ ହୋଇ ପ୍ଲାଣ୍ଟସାଇଟ ଠାରେ ଶେଷ ହୋଇଥିଲା।

ସେହିପରି ରାଉରକେଲା ରେଳ ଷ୍ଟେସନ ନିକଟସ୍ଥ ସଙ୍କଟ ମୋଚନ ମନ୍ଦିର ପରିସରରୁ ଉଦିତନଗର ପଞ୍ଚଦେବ ସାଂସ୍କୃତିକ ଟ୍ରଷ୍ଟ ଜଗନ୍ନାଥ ମନ୍ଦିରର ରଥ ଆଜି ବାହୁଡା ରଥଯାତ୍ରାରେ ସଙ୍କଟ ମୋଚନ ମନ୍ଦିରରୁ ମଧୁସୂଦନ ଛକ ଓ ମୁଖ୍ୟ ରାସ୍ତା ଦେଇ ଆମ୍ବେଦକର ଛକ ଦେଇ ପଞ୍ଚଦେବ ସାଂସ୍କୃତିକ ଟ୍ରଷ୍ଟ ଜଗନ୍ନାଥ ମନ୍ଦିରକୁ ଅଣାଯାଇଥିଲା। ଛେଣ୍ଡ ଉମାଶଙ୍କର ପୀଠ ଠାରୁ ବାହୁଡା ଯାତ୍ରା ଆରମ୍ଭ ହୋଇ ଦେବ ବିହାର ମନ୍ଦିରରେ ଶେଷ ହୋଇଥିଲା। ପାନପୋଷ କାଳୀ ମନ୍ଦିରରୁ ବାହୁଡା ଯାତ୍ରା ଆରମ୍ଭ ହୋଇ ପାନପୋଷ ଜଗନ୍ନାଥ ମନ୍ଦିରରେ ଶେଷ ହୋଇଥିଲା। ଏସଟିଆଇ ଗୁଣ୍ଡିଚା ମନ୍ଦିରରୁ ବାହୁଡା ଯାତ୍ରା ଆରମ୍ଭ ହୋଇ ତାରିଣୀ ମନ୍ଦିର ଠାରେ ଶେଷ ହୋଇଥିଲା। ବିଭିନ୍ନ ସଂଗଠନ ପକ୍ଷରୁ ଅନେକ ସ୍ଥାନରେ ସର୍ବତ, ଖେଚୁଡି ଓ ଫଳ ବଣ୍ଟନ କରାଯାଇଥିଲା। ସେହିପରି ଅନ୍ୟ ଅଞ୍ଚଳ ଗୁଡ଼ିକର ମଧ୍ୟ ବାହୁଡା ଯାତ୍ରା ପାଳିତ ହୋଇଯାଇଛି।

## ସେକ୍ଟର-୬ ଜଗନ୍ନାଥ ମନ୍ଦିର


**ରାଉରକେଲା, ୨୪।୭ (ସମିସ):** ରାଉରକେଲାର ସେକ୍ଟର-୮ ମାଉସୀମା ମନ୍ଦିର ଠାରେ ଥିବା ପତିତପାବନଜୀଉଙ୍କ ବାହୁଡ଼ା ଯାତ୍ରା ଅନୁଷ୍ଠିତ ହୋଇଛି। ପ୍ରଧାନ ସେବକ ପ୍ରଦୀପ କୁମାର ଧଳ ଠାକୁର ରାଜା ଭାବେ ଛେରା ପହଁରା କରିଥିଲେ। ମନ୍ଦିରର ଉପ ସଭାପତି ଦିଲ୍ଲୀପ କୁମାର ଦାସଙ୍କ ତତ୍ତ୍ୱାବଦଧାନରେ ବାହୁଡାଯାତ୍ରାର କାର୍ଯ୍ୟକ୍ରମ ସୁଚାରୁ ରୂପେ କରଯାଇଥିଲା।



୭/୧୭ ଛକରେ ମା' ମଙ୍ଗଳା ମନ୍ଦିରର ପୂଜକ ଠାକୁରଙ୍କୁ ପୋଡ଼ପିଠା ଭୋଗ ଦେଇ ପୂଜାର୍ଚ୍ଚନା କରିଥିଲେ। ଆସନ୍ତା କାଲି ରଥ ଉପରେ ସୁନାବେଶ ଓ ଅଧର ପଣା ନୀତି ସହିତ ୨୭ ତାରିଖ ନୀଳାଦ୍ରି ବିଜେ ଦିନ ମନ୍ଦିର ପ୍ରାଙ୍ଗଣରେ ଲକ୍ଷ୍ମୀ ନାରାୟଣ କଳି ନାଟକ ଅନୁଷ୍ଠିତ ହେବ ବୋଲି ମନ୍ଦିର କମିଟି ଏକ ପ୍ରେସ ଇସ୍ତାହାରରେ ଜଣାଇଛନ୍ତି।

## ବଣାଇଁରେ ବାହୁଡ଼ା ଯାତ୍ରା

**ବଣାଇ:** ଶାନ୍ତି ଶୃଙ୍ଖଳାର ସହିତ ବଣାଇଁରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି। ସମସ୍ତ ନୀତିକାନ୍ତି ପରେ ଅପରାହ୍ନରେ ତିନି ଠାକୁରଙ୍କୁ ପହଣ୍ଡି କରି ରଥାରୂଢ଼ କରାଯାଇଥିଲା। ଭକ୍ତମାନେ ନିର୍ଦ୍ଧାରିତ ସମୟରେ ଶ୍ରୀଗୁଣ୍ଡିଚା ମନ୍ଦିରରୁ ରଥ ଟାଣି ନେଇ ରଥଛକ ନିକଟରେ ପହଞ୍ଚି ଥିଲେ। ବଣାଇଁ



ହନୁମାନ ମନ୍ଦିର କମିଟି ପକ୍ଷରୁ ଭକ୍ତ ମାନେ କିଭଳି ସୁରୁଖୁରୁରେ ବାହୁଡା ଯାତ୍ରାକୁ ଦେଖି ପାରିବେ ତାହାକୁ ଦୃଷ୍ଟିରେ ରଖି କମିଟିର ସଦସ୍ୟମାନେ ସମସ୍ତ ପ୍ରକାରର ସହାୟତା ପ୍ରଦାନ କରିଥିଲେ। ପାଗ ଅନୁକୁଳ ଥିବାରୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ବଣାଇଁ ଉପ ଜିଲ୍ଲାପାଳ ତଥା ଦେବୋତ୍ତର ଅଧିକାରୀ ଅଶୋକ କୁମାର ଦାସ, ଉପଖଣ୍ଡ ପୋଲିସ ଅଧିକାରୀ ରାମଚନ୍ଦ୍ର ବିଶ୍ୱାଳ, ସହକାରୀ ଜିଲ୍ଲାପାଳ କୁଳମଣି ଧଳ, ଥାନା ଅଧିକାରୀ ପିଙ୍କି ମୁର୍ମୁ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜଗାଙ୍ଗପୁର ଲୁଟ୍ ଘଟଣାରେ ୩ ଗିରଫ

### ସ୍କୁଟି ସହ ୨ ବାଇକ୍ ଓ ମୋବାଇଲ ଜବତ

**ରାଉରକେଲା, ୨୪।୭ (ସମିସ):** ରାଜଗାଙ୍ଗପୁର ପୁଲିସ ଏକ ଲୁଟ୍ ମାମଲାର ପର୍ଦ୍ଦାଫାସ କରି ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ରାଜଗାଙ୍ଗପୁର ଅଞ୍ଚଳର ମନୋଜ ରାୟ, ଦୀପକ ରାୟ ଏବଂ ବ୍ରଜରାଜନଗରର ରୋହନ ଓରଫ ଗୁଡ଼ଲୁ ଯାଦବ। ତଦନ୍ତ ବେଳେ ପୁଲିସ ଅଭିଯୁକ୍ତମାନଙ୍କ ନିକଟରୁ ଗୋଟିଏ ସ୍କୁଟି, ଦୁଇଟି ମୋଟର ସାଇକେଲ ଏବଂ ଦୁଇଟି ମୋବାଇଲ ଫୋନ ଜବତ କରିଛି।




## ସୁରକ୍ଷା ନେତୃତ୍ୱ କାର୍ଯ୍ୟକ୍ରମ ମାଧ୍ୟମରେ 'ଭିଜନ୍ ଜିରୋ ସଂସ୍କୃତି' ସୁଦୃଢ଼

**ରାଉରକେଲା, ୨୪।୭ (ସମିସ):** ରାଉରକେଲା ଇସ୍ପାତ କାରଖାନାର ସୁରକ୍ଷା ଅଭିଯାନ୍ତ୍ରିକ ବିଭାଗ, ସେଲ୍‌ଫ ସୁରକ୍ଷା ସଂଗଠନ (ଏସଏସଓ) ସହଯୋଗରେ ଜୁଲାଇ ୨୩ରେ ଲର୍ନିଂ ଆଣ୍ଡ ଡେଭେଲପମେଣ୍ଟ ବିଭାଗରେ ଏକ 'ସୁରକ୍ଷା ନେତୃତ୍ୱ କାର୍ଯ୍ୟକ୍ରମ' ଆୟୋଜିତ ହୋଇଥିଲା,



ଯାହା କାର୍ଯ୍ୟସ୍ଥଳୀର ସୁରକ୍ଷାକୁ ସୁଦୃଢ଼ କରିବା ଏବଂ 'ଭିଜନ୍ ଜିରୋ' (ଶୂନ୍ୟ ଦୁର୍ଘଟଣା) ଓ 'ଜିରୋ ହାର୍ମ' (ଶୂନ୍ୟ କ୍ଷତି)ର ସଂସ୍କୃତିକୁ ବୃଦ୍ଧି କରିବା ପ୍ରତି ନିଜର ପ୍ରତିବଦ୍ଧତାକୁ ଦୋହରାଇଛି। 'ଆପଣ ସୁରକ୍ଷିତ ରଖିବାକୁ ବାଛନ୍ତୁ' ବିଷୟବସ୍ତୁ ଆଧାରରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସୁରକ୍ଷା ପ୍ରତି ନେତୃତ୍ୱର ପ୍ରତିବଦ୍ଧତାକୁ ବୃଦ୍ଧି କରିବା ଏବଂ ସଂସ୍ଥାର ସବୁ ସ୍ତରରେ ସୁରକ୍ଷା ଶ୍ରେଷ୍ଠତାକୁ ଅଗ୍ରାଧିକାର ଦେବା।

ଉଦ୍‌ଘାଟନୀ ଓ ଉଦ୍‌ଯାପନୀ ଉଭୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ନିର୍ବାହୀ ନିର୍ଦ୍ଦେଶକ (ୱାର୍କସ) ବିଶ୍ୱ ରଞ୍ଜନ ପାଲାଇ ଅଧ୍ୟକ୍ଷତା କରିଥିଲେ। ମଞ୍ଚରେ ମହାପ୍ରବନ୍ଧକ ତଥା ବିଭାଗୀୟ ମୁଖ୍ୟ (ସୁରକ୍ଷା ଅଭିଯାନ୍ତ୍ରିକ ବିଭାଗ) ଅବକାଶ ବେହେରା ଏବଂ ମେସର୍ସ ଏଲ୍ ଆଣ୍ଡ ଟି ଏଡୁଟେକ୍ (ଭଦୋଦରା)ର କେ. ଏନ୍. ସେନ୍ ଉପସ୍ଥିତ ଥିଲେ। ଏହି ଅବସରରେ କାରଖାନାର ବିଭିନ୍ନ ବିଭାଗରୁ ପ୍ରାୟ ୩୫ ଜଣ ମୁଖ୍ୟ ମହାପ୍ରବନ୍ଧକ, ଫ୍ୟାକ୍ଟ୍ରି ମ୍ୟାନେଜର ଏବଂ ବିଭାଗୀୟ ମୁଖ୍ୟ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

ଅଂଶଗ୍ରହଣକାରୀମାନଙ୍କୁ ସମ୍ବୋଧିତ କରି ଶ୍ରୀ ପାଲାଇ ଏକ ସୁରକ୍ଷିତ କାର୍ଯ୍ୟସ୍ଥଳୀ ଗଠନ କରିବାରେ ସକ୍ରିୟ ନେତୃତ୍ୱର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସେ ସମସ୍ତ ବରିଷ୍ଠ ଅଧିକାରୀଙ୍କୁ ଏହି କାର୍ଯ୍ୟକ୍ରମର ମୁଖ୍ୟ ଶିକ୍ଷଣୀୟ ବିଷୟଗୁଡ଼ିକୁ ନିଜ ନିଜ ବିଭାଗରେ କାର୍ଯ୍ୟକାରୀ କରିବାକୁ ଏବଂ ସୁରକ୍ଷାକୁ ଦୈନନ୍ଦିନ କାର୍ଯ୍ୟଶୈଳୀର ଏକ ଅବିଚ୍ଛେଦ୍ୟ ଅଙ୍ଗ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମରେ ସୁରକ୍ଷା ନେତୃତ୍ୱର ମୁଖ୍ୟ ଦିଗଗୁଡ଼ିକୁ ନେଇ ୬ ଟି ବ୍ୟାପକ ବୈଷୟିକ ମଡ୍ୟୁଲ୍ ଅନ୍ତର୍ଭୁକ୍ତ ଥିଲା।

ଉଦ୍‌ଯାପନୀ ଅଧିବେଶନରେ ଅନେକ ମୁଖ୍ୟ ମହାପ୍ରବନ୍ଧକ ନିଜର ଶିକ୍ଷଣୀୟ ଅନୁଭୂତି ବର୍ଣ୍ଣନା କରିଥିଲେ ଏବଂ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମିଳିଥିବା ବ୍ୟାବହାରିକ ଜ୍ଞାନ, ବିଶେଷ କରି ନେତୃତ୍ୱର ଉତ୍ତରଦାୟିତ୍ୱ, ସୁରକ୍ଷା ନିରୀକ୍ଷଣ ଏବଂ ବ୍ୟବହାରଗତ ସୁରକ୍ଷା ଉପରେ ଦିଆଯାଇଥିବା ସୂଚନାକୁ ପ୍ରଶଂସା କରିଥିଲେ। ପ୍ରାରମ୍ଭରେ ଅବକାଶ ବେହେରା ଅଂଶଗ୍ରହଣକାରୀମାନଙ୍କୁ ସ୍ୱାଗତ କରିଥିଲେ ଏବଂ ଏକ ସୁଦୃଢ଼ ସୁରକ୍ଷା ସଂସ୍କୃତି ଗଠନ କରିବାରେ ଓ ଶୂନ୍ୟ ଦୁର୍ଘଟଣାର ଲକ୍ଷ୍ୟ ହାସଲ କରିବାରେ ନେତୃତ୍ୱର ପ୍ରମୁଖ ଭୂମିକା ଉପରେ ଆଲୋକପାତ କରିଥିଲେ। ସହକାରୀ ମହାପ୍ରବନ୍ଧକ (ସୁରକ୍ଷା) ବି. କେ. ପାଢ଼ୀ, ଆନୁଷ୍ଠାନିକ ଧନ୍ୟବାଦ ଅର୍ପଣ କରିଥିବା ବେଳେ କାର୍ଯ୍ୟକ୍ରମଟିକୁ ସହକାରୀ ପ୍ରବନ୍ଧକ (ସୁରକ୍ଷା) ପ୍ରଜ୍ଞା ପି. ନାଥ ସଂଯୋଜନା କରିଥିଲେ।

## ସାରନଗରୀରେ ଆନନ୍ଦ ଉଲ୍ଲାସ ମଧ୍ୟରେ ବାହୁଡା ଯାତ୍ରା ସମ୍ପନ୍ନ

**ରାଉରକେଲା, ୨୪।୭ (ସମିସ) :** ସ୍ମାର୍ଟସିଟି ରାଉରକେଲାରେ ପବିତ୍ର ଘୋଷ ଯାତ୍ରା ଏବଂ ବାହୁଡା ଯାତ୍ରା ବିଭିନ୍ନ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସହରର ଅନ୍ୟତମ ପୁରୁଣା ସାରନଗରୀ ସ୍ଥିତ ଇ ବ୍ଲକ ଗୁଣ୍ଡିଚା ମନ୍ଦିରରେ ପବିତ୍ର ବାହୁଡା ଯାତ୍ରା ସମ୍ପନ୍ନ ହୋଇଛି। ଏହି କ୍ରମରେ ସକାଳ ୬ଟାରେ ମଙ୍ଗଳ ଆରତୀ ହେବା ପରେ ମଇଲମ, ତଡପଲାଗି, ଅବକାଶ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା ସମ୍ପନ୍ନ ହୋଇଥିଲା। ଏହାପରେ ସକାଳ ଧୂପରେ ଆବଶ୍ୟକ ନିତୀକାନ୍ତି ସମ୍ପନ୍ନ ହୋଇଥିଲା। ଏହାପରେ ଆକର୍ଷଣୀୟ ଟାହିଆ ଲଗାଇ ଅପରାହ୍ନ ସାଢେ ୫ଟାରେ ୨୨ ପାହାଚରେ ପହଣ୍ଡି କରିଥିଲେ ତିନି ଠାକୁର। ପୂଜକ, ସେବାୟତଙ୍କ ସମେତ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁଙ୍କ ଗହଣରେ ଘଣ୍ଟଘଣ୍ଟା, ହରିବୋଲ ଶବ୍ଦ ମଧ୍ୟରେ ତିନି ଠାକୁର ଓ ସୁଦର୍ଶନ ଧାଡି ପହଣ୍ଡିରେ ଆସିଥିଲେ ରଥ ଉପରକୁ। ସାରନଗରୀ ଇ ବ୍ଲକ ମାଉସୀ ମା ମନ୍ଦିର ନିକଟରେ ପ୍ରଧାନ ସେବକ ଭାବେ ସୁଦର୍ଶନ ବଳ ଛେରାପହଁରା କରିଥିଲେ। ଦକ୍ଷିଣ ରାଉରକେଲା ସାରନଗରୀ ସ୍ଥିତ 'ଇ' ବ୍ଲକ ସ୍ଥିତ ମାଉସୀ ମା ମନ୍ଦିରରୁ ସୁସଜ୍ଜିତ ରଥରେ ନିର୍ଦ୍ଧାରିତ ସମୟରେ ପ୍ରଭୁ ବଳଭଦ୍ର, ଦେବୀ ସୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥ ବାହାରିଥିଲେ। ଶତାଧିକ ସଂଖ୍ୟାରେ ଶ୍ରଦ୍ଧାଳୁ ରଥକୁ ଟାଣି ଟାଣି ନେଇଥିଲେ।



ଚତୁର୍ଦ୍ଧାମୂର୍ତ୍ତିଙ୍କ ଆରୁଢ ଏହି ସୁସଜ୍ଜିତ ରଥକୁ ଗଂଜୁ ମାର୍କେଟ, ମାଆ ମଙ୍ଗଳା ଛକ, ହସ୍ପିଟାଲ ଛକ, ଷ୍ଟେଟ ବ୍ୟାଙ୍କ ଛକ, ମିନି ଷ୍ଟାଡିୟମ ଛକ, ପୁଷ୍ପା ପାର୍କ ଛକ, ଶନି ମନ୍ଦିର, ଆନନ୍ଦ ବଜାର ମାର୍କେଟ ହୋଇ ସାରନଗରୀ ଜଗନ୍ନାଥ ମନ୍ଦିରକୁ ଯାଇଥିଲା। ଠାକୁରଙ୍କ ନିକଟରେ ଭକ୍ତଙ୍କ ଭୋଗ ଲାଗି ନିମନ୍ତେ ପ୍ରତ୍ୟେକ ଛକରେ ରଥ ଅଟକିଥିଲା। ସଂଧ୍ୟା ହୋଇଯିବାରୁ ରଥ ଉପରେ ଦିଅଁଙ୍କ ସଂଧ୍ୟାରେ ଆଳତୀ କରାଯାଇଥିଲା। ଶେଷରେ ସାରନଗରୀ ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥ ପହଞ୍ଚିଥିଲା। ମନ୍ଦିର ପରିସରରେ ରହିଥିବା ଏକ ସୁସଜ୍ଜିତ ରଥ ଉପରେ ୩ ଠାକୁର ବିଜେ କରିଥିଲେ। ବାହୁଡା ଯାତ୍ରାକୁ ଶାନ୍ତି ଶୃଙ୍ଖଳାର ଆୟୋଜନ ନିମନ୍ତେ ଟାଙ୍ଗରପାଲ୍ଲୀ ଥାନା ପକ୍ଷରୁ ବ୍ୟାପକ ପୁଲିସ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ଥାନା ଅଧିକାରୀ ନିରଞ୍ଜନ ସେଠୀଙ୍କ ପ୍ରତକ୍ଷ୍ୟ ତତ୍ତ୍?ାବଧାନରେ ଅନ୍ୟମାନେ ଉପସ୍ଥିତ ରହି ପରିସ୍ଥିତି ପ୍ରତି ନଜର ରଖିଥିଲେ।

## ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଯୁବକ ମୃତ

**ଭବାନୀପାଟଣା, ୨୪।୭ (ସମିସ):** ଭବାନୀପାଟଣା ସଦର ଥାନା ଅନ୍ତର୍ଗତ ଉଦେପୁର ପଞ୍ଚାୟତର ଡଙ୍ଗରଗଡ଼ ଗ୍ରାମରେ ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ହୃଷୀକେଶ ତାଣ୍ଡି (୨୫)। ପରିବାର ଲୋକେ ବିଦ୍ୟୁତ୍ ବିଭାଗର ଅବହେଳାକୁ ଦାୟୀ କରି ସ୍ଥାନୀୟ ଥାନାରେ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ଗୁରୁବାର ଅପରାହ୍ନରେ ଡଙ୍ଗରଗଡ଼ ଗ୍ରାମର ହୃଷୀକେଶ ଘରର ଛାତ ଉପରକୁ ଯାଇଥିବା ବେଳେ ନିକଟରେ ଥିବା ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇ ତଳକୁ ପଡ଼ିଯାଇଥିଲେ। ପରିବାର ଲୋକ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତ ହୃଷୀକେଶ ସୁରଟର ଏକ କମ୍ପାନୀରେ କାମ କରୁଥିଲେ ଏବଂ ପରିବାରର ମୁଖ୍ୟ ରୋଜଗାରକ୍ଷମ ବ୍ୟକ୍ତି ଥିଲେ।

ପରିବାର ସଦସ୍ୟଙ୍କ ଅଭିଯୋଗ ଅନୁସାରେ, ଘର ନିକଟରେ ବିପଦଜନକ ୧୧ କେଭି ବିଦ୍ୟୁତ୍ ଲାଇନ୍ ସମ୍ପର୍କରେ ବାରମ୍ବାର ବିଦ୍ୟୁତ୍ ବିଭାଗର ୪ ନମ୍ବର ସେକ୍ସନକୁ ଜଣାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନନେବାରୁ ଆଜି ତାଙ୍କ ପୁଅର ଜୀବନ ଯାଇଛି ବୋଲି ମୃତକଙ୍କ ପିତା ଉପେନ୍ଦ୍ର ତାଣ୍ଡି ଥାନାରେ ଅଭିଯୋଗ କରିଛନ୍ତି।

# ଏନ୍‌ଆଇଟି ରାଉରକେଲାରେ 'ଇନଷ୍ଟକନ୍-୨୦୨୬' ଉଦ୍‌ଘାଟିତ

**ରାଉରକେଲା, ୨୪।୭ (ସମିସ)**

ଏନ୍‌ଆଇଟି ରାଉରକେଲାରେ ପ୍ରଥମ ଆଇଇଇଇ ଆନ୍ତର୍ଜାତୀୟ ଇନଷ୍ଟ୍ରୁମେଣ୍ଟେସନ୍ ସମ୍ମିଳନୀ (ଇନଷ୍ଟକନ୍ -୨୦୨୬) ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ଦୁଇଦିନିଆ ଏହି ସମ୍ମିଳନୀକୁ ଏନ୍‌ଆଇଟି ରାଉରକେଲାର ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ୍ ଇଞ୍ଜିନିୟରିଂ ବିଭାଗ ଏବଂ ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗ, ଆଇଇଇଇ ଆଇଏମ୍‌ଏସ୍ ରାଉରକେଲା ଚାପ୍ଟର, ଆଇଇଇଇ ରାଉରକେଲା ସବ୍‌ସେକ୍ସନ୍ ଓ ଆଇଇଇଇ କୋଲକାତା ସେକ୍ସନ୍‌ର ସହଯୋଗରେ ଆୟୋଜନ କରୁଛନ୍ତି।

ଉଦ୍‌ଘାଟନୀ ସମାରୋହରେ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ପ୍ରକଳ୍ପ ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ସଠିକ୍ ସେନ୍ସିଂ ଓ ନିର୍ଭରଯୋଗ୍ୟ ପରିମାପଣ ବ୍ୟବସ୍ଥା ହିଁ ବୁଦ୍ଧିମାନ ପ୍ରଣାଳୀର ମୂଳ ଭିତ୍ତି। କୃତ୍ରିମ ବୁଦ୍ଧିମତ୍ତା, ସ୍ୱୟଂଚାଳନ, ସ୍ୱାସ୍ଥ୍ୟସେବା, ନବୀକରଣଯୋଗ୍ୟ ଶକ୍ତି, ଉତ୍ପାଦନ, ପ୍ରତିରକ୍ଷା ଏବଂ ସ୍ମାର୍ଟ ଭିତ୍ତିଭୂମି କ୍ଷେତ୍ରରେ ଏହାର ଭୂମିକା ଅତ୍ୟନ୍ତ ଅପରିହାର୍ଯ୍ୟ ବୋଲି କହିଠିତଲେ।




ଏନ୍‌ଆଇଟି ରାଉରକେଲାର ନିର୍ଦ୍ଦେଶକ ଇନ୍-ଚାର୍ଜ ପ୍ରଫେସର ପ୍ରଦୀପ ସରକାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଇଇଇଇ ରାଉରକେଲା ସବ୍‌ସେକ୍ସନ୍‌ର ଅଧ୍ୟକ୍ଷା ପ୍ରଫେସର ପୁନମ ସିଂହ, ଇନଷ୍ଟକନ୍-୨୦୨୬ର ସାଧାରଣ ଅଧ୍ୟକ୍ଷ ତଥା ଇଲେକ୍ଟ୍ରୋନିକ୍ସ ଓ କମ୍ୟୁନିକେସନ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ଉମେଶ ଚନ୍ଦ୍ର ପତି, ଇଲେକ୍ଟ୍ରିକାଲ୍ ଇଞ୍ଜିନିୟରିଂ ବିଭାଗ ମୁଖ୍ୟ ପ୍ରଫେସର ପ୍ରବତ କୁମାର ରାୟ, ସମ୍ମିଳନୀର ଆୟୋଜକ ଅଧ୍ୟକ୍ଷ ପ୍ରଫେସର ସୌଗତ କୁମାର କର ଓ ପ୍ରଫେସର ସପ୍ତର୍ଷି ଚାଟାର୍ଜୀ, ବିଭିନ୍ନ ବିଭାଗର ଅଧ୍ୟାପକ, ଗବେଷକ, ଛାତ୍ରଛାତ୍ରୀ ଏବଂ ଦେଶ-ବିଦେଶର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

ଅତିଥିମାନଙ୍କୁ ସ୍ୱାଗତ ଜଣାଇ ପ୍ରଫେସର ଉମେଶ ଚନ୍ଦ୍ର ପତି କହିଥିଲେ ଯେ, ସମ୍ମିଳନୀ ପାଇଁ ଦେଶ ଓ ବିଦେଶରୁ ମୋଟ ୧, ୬୩୦ଟି ଗବେଷଣା ପ୍ରବନ୍ଧ ଦାଖଲ ହୋଇଥିଲା ସେଥିରୁ ୩୦୬ଟି ଚୟନ କରାଯାଇଛି। ସମ୍ମିଳନୀରେ ସାତଟି ବୈଷୟିକ ଟ୍ରାକ୍ ଅନ୍ତର୍ଗତ ୧୧୫ଟି ପ୍ରବନ୍ଧ ସିଧାସଳଖ (ଅଫ୍‌ଲାଇନ୍) ଏବଂ ୬୦ଟି ପ୍ରବନ୍ଧ ଅନ୍‌ଲାଇନ୍ ମାଧ୍ୟମରେ ଉପସ୍ଥାପିତ ହେବ। ଏହାବ୍ୟତୀତ ଏକ ପ୍ଲେନାରି ବ୍ୟାଖ୍ୟାନ, ପାଞ୍ଚଟି କି-ନୋଟ୍ ବ୍ୟାଖ୍ୟାନ, ଚାରିଟି ଆମନ୍ତ୍ରିତ ବ୍ୟାଖ୍ୟାନ ଏବଂ ଆଇଇଇଇ (ଡବ୍ଲ୍ୟୁଆଇଇ) ଓ ଆଇଇଇଇ (ଏସଆଇଜିଏଚଟି)ର ମିଳିତ ଆନୁକୂଲ୍ୟରେ ଏକ ପ୍ୟାନେଲ୍ ଆଲୋଚନା ଅନୁଷ୍ଠିତ ହେବ।

ସଭାପତିଙ୍କ ଅଭିଭାଷଣରେ ପ୍ରଫେସର ପ୍ରଦୀପ ସରକାର ବିଭିନ୍ନ ଇଞ୍ଜିନିୟରିଂ ଶାଖାରେ ଇନଷ୍ଟ୍ରୁମେଣ୍ଟେସନ୍‌ର ବଢୁଥିବା ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ।

ଇନଷ୍ଟକନ୍ - ୨୦୨୬ ଲୁମିନାରୀ ଆୱାର୍ଡସ ପ୍ରଦାନ ଉଦ୍‌ଘାଟନୀ ସମାରୋହର ଏକ ପ୍ରମୁଖ ଆକର୍ଷଣ ଥିଲା। ଏହି ଅବସରରେ ଇନଷ୍ଟ୍ରୁମେଣ୍ଟେସନ୍ ଓ ମେଜରମେଣ୍ଟ କ୍ଷେତ୍ରରେ ଆଜୀବନ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ଶିକ୍ଷାବିତ୍‌ମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ବ୍ୟକ୍ତିମାନଙ୍କ ମଧ୍ୟରେ ଯାଦବପୁର ବିଶ୍ୱବିଦ୍ୟାଳୟର ପ୍ରଫେସର ଡି. ପତ୍ରନାବିଶ ଓ ପ୍ରଫେସର ସୁଗତ ମୁନ୍‌ସୀ, ଆଇଆଇଟି ଖଡ଼ଗପୁରର ପ୍ରଫେସର ସିଦ୍ଧାର୍ଥ ସେନ୍ ଓ ପ୍ରଫେସର ପି. କେ. ଦତ୍ତ, ଏନ୍‌ଆଇଟି ରାଉରକେଲାର ପ୍ରଫେସର ଟି. କେ. ଦାନ ଏବଂ ଆଇଆଇଟି ମାଦ୍ରାସର ପ୍ରଫେସର ଭି. ଜଗଦୀଶ କୁମାର ସାମିଲ ଥିଲେ।

## ଆର୍‌ଏସ୍‌ପିରେ ପ୍ରତିଷେଧକ ସତର୍କତା ଉପରେ ପ୍ରଶିକ୍ଷଣ




**ରାଉରକେଲା, ୨୪।୭ (ସମିସ):** ସ୍ୱଚ୍ଛତା, ଉତ୍ତରଦାୟିତ୍ୱ ଏବଂ ନୈତିକ ଶାସନ ପ୍ରଣାଳୀକୁ ପ୍ରୋତ୍ସାହିତ କରିବାକୁ ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ଭିଜିଲାନ୍ସ ବିଭାଗ ପକ୍ଷରୁ ଜୁଲାଇ ୨୧ ଓ ୨୨ ଦୁଇ ଦିନ ଧରି ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟ ବିଭାଗରେ ଏକ ଦୁଇଦିନିଆ ପ୍ରତିଷେଧକ ସତର୍କତା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ କାରଖାନାର ବିଭିନ୍ନ ବିଭାଗର ପ୍ରତିନିଧିତ୍ୱ କରୁଥିବା ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ମହାପ୍ରବନ୍ଧକ (ଭିଜିଲାନ୍ସ) ଏବଂ ଏସିଭିଓ ରଞ୍ଜନ ଭାରତୀ ଓ ମହାପ୍ରବନ୍ଧକ (ଏଚ୍‌ଆର୍-ଏଲ୍ ଆଣ୍ଡ ଡି) ପି. କେ. ସାହୁ ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇଥିଲେ।

ଅଂଶଗ୍ରହଣକାରୀମାନଙ୍କୁ ନିଜ ନିଜ ବିଭାଗରେ ନିଷ୍ଠା ଓ ସାଧୁତାର ଦୂତ ଭାବରେ କାର୍ଯ୍ୟ କରିବାକୁ ଏବଂ ଏକ ସ୍ୱଚ୍ଛ, ଉତ୍ତରଦାୟୀ ଓ ମୂଲ୍ୟବୋଧ-ଭିତ୍ତିକ କାର୍ଯ୍ୟସଂସ୍କୃତି ଗଢ଼ିତୋଳିବାରେ ଯୋଗଦାନ ଦେବାକୁ ଆହ୍ୱାନ ଦେଇଥିଲେ।

ପ୍ରଶିକ୍ଷଣରେ ପ୍ରତିଷେଧକ ସତର୍କତାର ବୈଚାରିକ ଢାଞ୍ଚା, ଅଡିଟ୍ ବ୍ୟବସ୍ଥା, ପ୍ରିଭେଣ୍ଟିଭ୍ କଣ୍ଟ୍ରୋଲ୍ ପ୍ଲାନ୍ (ପି. ସି.ପି)-୨୦୨୪, ସମ୍ବନ୍ଧିତ ଆଚରଣ, ଶୃଙ୍ଖଳା ଏବଂ ଅପିଲ୍ (ସି.ଡି.ଏ) ନିୟମ, ଆର୍.ଟି.ଆଇ. ଆଇନ୍ ଏବଂ ପ୍ରତିଷେଧକ ସତର୍କତାର ସର୍ବୋତ୍ତମ ପଦ୍ଧତି ଅନ୍ତର୍ଭୁକ୍ତ ଥିଲା। କ୍ରୟ ନିୟମାବଳୀ ଏବଂ ଶୃଙ୍ଖଳାଗତ ମାମଲା ଉପରେ ଆଲୋଚନାତକ କେସ୍ ଷ୍ଟଡି, ଗୋଷ୍ଠୀ ଆଲୋଚନା ଏବଂ ଉପସ୍ଥାପନା ମାଧ୍ୟମରେ ଅଂଶଗ୍ରହଣକାରୀମାନେ ସାଂସ୍ଥାନିକ ପ୍ରକ୍ରିୟାରେ ଥିବା ନାମନୀୟତା ଗୁଡ଼ିକୁ ଚିହ୍ନଟ କରିବା ଏବଂ ତାହାର ନିରାକରଣ କରିବାର ବାସ୍ତବ ଜ୍ଞାନ ଆହରଣ କରିପାରିଥିଲେ। ଏହି ସେସନ୍‌ଗୁଡ଼ିକୁ ସହକାରୀ ମହାପ୍ରବନ୍ଧକ (ଏଚ୍.ଆର୍.-ଜି.ଏ) ଏସ୍. କେ. ସେନାପତି ଏବଂ ସହକାରୀ ମହାପ୍ରବନ୍ଧକ, ଏମ୍.ଏମ୍. (ପର୍ଚେଜ୍) ଏନ୍. ଆର୍. ପରିଜା ପରିଚାଳନା କରିଥିଲେ। ଗୋଷ୍ଠୀ ଉପସ୍ଥାପନା ଉପରେ ଆଲୋଚନାତ୍ମକ ଏବଂ ବିଶେଷଜ୍ଞ ମତାମତ ସହିତ କାର୍ଯ୍ୟକ୍ରମଟି ଉଦ୍‌ଯାପିତ ହୋଇଥିଲା। ଉପ ମହାପ୍ରବନ୍ଧକ (ଭିଜିଲାନ୍ସ) ଏ. କେ. ବିଶ୍ୱାଳ ଏହି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ଜୀବଜଗତର ସମସ୍ତ ଆବଶ୍ୟକତା ପୂରଣ କରିବା ପାଇଁ
ପୃଥିବୀ ପାଖରେ ପର୍ଯ୍ୟାପ୍ତ ସମ୍ବଳ ଅଛି।
କିନ୍ତୁ ତାହା ଜଣେ ମଧ ଲୋଭୀର ଚାହିଦା ପୂରଣ କରିପାରିବ ନାହିଁ।
-ମହାତ୍ମା ଗାନ୍ଧୀ

## ଗୁଗୁଲ୍‌କୁ ଛାଟ

ଆମେରିକୀୟ କମ୍ପାନୀ 'ଗୁଗୁଲ୍' ଉପରେ ୟୁରୋପୀୟ ସଂଘ ୧୦୦ କୋଟି ଡଲାରର ଜୋରିମାନା ଲାଗୁ କରିଛି। ନିଜ ସଂସ୍ଥାକୁ ସୁହାଇବା ଭଳି ତଥ୍ୟମାନ ବିଜ୍ଞାପିତ କରୁଥିବା ଏବଂ ଗୁଗୁଲ୍ ପ୍ଲେଷ୍ଟୋର ବ୍ୟତୀତ ଅନ୍ୟ ସ୍ଥାନରେ ଅନ୍ୟ ଇଣ୍ଟରନେଟ୍ ସଂସ୍ଥାମାନଙ୍କୁ ସେମାନଙ୍କ ଦ୍ୱାରା ବିକଶିତ ସୁଲଭ ଉତ୍ପାଦ ପ୍ରଦର୍ଶନ କରିବାର ସୁଯୋଗ ଦେଉନଥିବା ଅଭିଯୋଗର ବିଚାର କରି ଏହି ପରିମାଣର ଜୋରିମାନା ଧାର୍ଯ୍ୟ କରାଯାଇଛି। ଆମେରିକା ଓ ୟୁରୋପୀୟ ସଂଘ ମଧ୍ୟରେ ବାଣିଜ୍ୟ ଚୁକ୍ତି ସ୍ୱାକ୍ଷରିତ ହେବାର ଅବ୍ୟବହିତ ପୂର୍ବରୁ ଗୁଗୁଲ୍ ଉପରେ ୟୁରୋପୀୟ ସଂଘର ଏଭଳି ଆର୍ଥିକ କାର୍ଯ୍ୟାନୁଷ୍ଠାନ ଦ୍ୱିପାକ୍ଷିକ ସମ୍ପର୍କକୁ ଅସ୍ୱାଭାବିକ କରିବାର ଆଶଙ୍କା ରହିଛି। ଏହି କାର୍ଯ୍ୟାନୁଷ୍ଠାନକୁ ଗୁଗୁଲ୍ ଅନୈତିକ ଆଖ୍ୟା ଦେଇଥିବା ବେଳେ ୟୁରୋପୀୟ ସଂଘ ଉଚିତ ବୋଲି କହିଛି।

ୟୁରୋପୀୟ ସଂଘର 'ଡିଜିଟାଲ୍ ମାର୍କେଟ୍ ଆକ୍ଟ' ସ୍ୱଚ୍ଛ, କଠୋର ଓ ଶକ୍ତିଶାଳୀ। ସାମାନ୍ୟତମ ଅଭିଯୋଗରେ ସମ୍ପୃକ୍ତ ସଂସ୍ଥାଙ୍କୁ ଦଣ୍ଡିତ କରିବା ପାଇଁ ଏହି ଆଇନ କର୍ତ୍ତୃପକ୍ଷଙ୍କୁ ଅଧିକାର ଦେଇଛି। ଗତ ବର୍ଷ ମେଟା ଓ ଆପଲ୍‌କୁ ଯଥାକ୍ରମେ ୨୦୦ ଓ ୫୦୦ ନିୟୁତ ୟୁରୋରେ ଦଣ୍ଡିତ କରାଯାଇଥିଲା। ଆଇନ ଅନୁଯାୟୀ କୌଣସି ସଂସ୍ଥାର ସାମଗ୍ରିକ ବାର୍ଷିକ କାରବାରର ୧୦% ପର୍ଯ୍ୟନ୍ତ ଜୋରିମାନା ଆଦାୟ କରିବାକୁ ନିର୍ଦ୍ଦେଶନାମା ଜାରି କରାଯାଇପାରିବ। ଏବେ ଗୁଗୁଲ୍ ଉପରେ ଯେଉଁ ପରିମାଣର ଜୋରିମାନା ଧାର୍ଯ୍ୟ କରାଯାଇଛି ତାହା ସଂସ୍ଥାର ବାର୍ଷିକ କାରବାରର ମାତ୍ର ୦.୨୨%। ଅର୍ଥାତ୍ ଆମେରିକା ସହିତ ସମ୍ପର୍କକୁ ଅଧିକ ତିକ୍ତ ନ କରିବା ପାଇଁ ୟୁରୋପୀୟ ସଂଘ ଗୁଗୁଲ୍ ପ୍ରସଙ୍ଗରେ କୋହଳ ମନୋଭାବ ପ୍ରଦର୍ଶନ କରିଛି। କିନ୍ତୁ ଆସନ୍ତା ୬୦ ଦିନ ମଧ୍ୟରେ ଏହି ଜୋରିମାନା ରାଶି ପୈଠ ନ କଲେ ଜୋରିମାନା ପରିମାଣ ବଢ଼ିପାରେ ବୋଲି ୟୁରୋପୀୟ ସଂଘ ପକ୍ଷରୁ କୁହାଯାଇଛି। ୨୦୧୭ ଓ ୨୦୧୯ରେ ମଧ୍ୟ ଗୁଗୁଲ୍ ଉପରେ ୟୁରୋପୀୟ ସଂଘ ୮୨୦ କୋଟି ୟୁରୋ ଏବଂ ଅନ୍ୟ ଏକ ମାମଲାରେ ୨୯୫ କୋଟି ୟୁରୋର ଜୋରିମାନା ଧାର୍ଯ୍ୟ କରିଥିଲା। ଆମେରିକାର ତତ୍କାଳୀନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଧମକ ପରେ ଗୁଗୁଲ୍ ଉପରୁ ୟୁରୋପୀୟ ସଂଘ ଜୋରିମାନା ଦଣ୍ଡ ପ୍ରତ୍ୟାହାର କରିନେଇଥିଲେ ହେଁ ଏବେ ନିଜ ନିଷ୍ପତ୍ତିରେ ଅଟଳ ରହିଛି। ଅର୍ଥାତ୍ ଏହି ଜୋରିମାନା ଗୁଗୁଲ୍ ପୈଠ କରିବାକୁ ବାଧ୍ୟ।

ଏହା କିନ୍ତୁ ଅନସ୍ୱୀକାର୍ଯ୍ୟ ଯେ ଗୁଗୁଲ୍, ମେଟା, ଏକ୍ସ ଭଳି ଇଣ୍ଟରନେଟ୍ ସୂଚନା ଭିତ୍ତିକ ସଂସ୍ଥାର ମନମୁଖି କାରବାର ଓ ଔଦ୍ଧତ୍ୟ ବଢ଼ି ଚାଲିଛି। ଗଣମାଧ୍ୟମ ଏପରି ଏକ କ୍ଷେତ୍ର ଯେଉଁଠି କିଛି ନୀତିନିୟମ ପାଳନର ଆବଶ୍ୟକତା ରହିଛି ଏବଂ ସେଥିପାଇଁ ରାଷ୍ଟ୍ରକୁ ଆଇନ ପ୍ରଣୟନ କରିବାର ଆବଶ୍ୟକତା ଥାଏ। ଏହା ଗଣମାଧ୍ୟମକୁ ନିୟନ୍ତ୍ରଣ କରିବା ଅପେକ୍ଷା ଲକ୍ଷ୍ମଣରେଖା ମଧ୍ୟରେ ରଖିବାକୁ ମୂଳତଃ ଅଭିପ୍ରେତ। ନିରଙ୍କୁଶ ଗଣମାଧ୍ୟମ ମଧ୍ୟ ତାହାର ସୀମା ସରହଦ ମଧ୍ୟରେ ରହିବା ଆବଶ୍ୟକ। ଡିଜିଟାଲ ଗଣମାଧ୍ୟମ ଏବେ ଯେଉଁ ଛତୁଫୁଟା ରୂପ ନେଇଛି ସେଥିରେ ଏହାକୁ ନିୟନ୍ତ୍ରଣ କରିବା ନିହାତି ଆବଶ୍ୟକ। ଅଙ୍କୁଶ ନଥିବାରୁ ଏହା ଅନେକାଂଶରେ ସ୍ୱେଚ୍ଛାଚାରୀ, ଦାୟିତ୍ୱହୀନ, କୁତ୍ସାରଟନାକାରୀ, ଦୁଷ୍ପ୍ରଚାର ଓ ବ୍ଲାକମେଲ୍‌ର ମାଧ୍ୟମ ପାଲଟିଛି। ଏହା ଅଧିକ ଲୋକଙ୍କ ପାଖରେ ସହଜରେ ପହଞ୍ଚିପାରୁଥିବାରୁ ଲୋକେ ତଥ୍ୟସବୁର ସତ୍ୟାସତ୍ୟ ବୁଝିବାକୁ ସୁଯୋଗ ନ ପାଇ ଖବରରେ ବିଶ୍ୱାସ କରି ଅନେକ ସମୟରେ ବିଭ୍ରାନ୍ତ ହେଉଛନ୍ତି। ଆହୁରି ମଧ୍ୟ କିଛି ତତ୍ତ୍ୱ ଓ ଗୋଷ୍ଠୀ ଏହି ମିଡିଆକୁ ଦେଶବିରୋଧୀ, ନେତୃବିରୋଧୀ କାର୍ଯ୍ୟରେ ଉଦ୍ଦେଶ୍ୟମୂଳକ ଭାବେ ପ୍ରୟୋଗ କରୁଛନ୍ତି। ବଡ଼ କଥା ହେଲା ଡିଜିଟାଲ୍ ଗଣମାଧ୍ୟମକୁ ଅନେକ ସମୟରେ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ବ୍ୟବହାର କରାଯାଉଛି ଏବଂ ବ୍ୟକ୍ତିବିଶେଷଙ୍କୁ ବଦ୍‌ନାମ କରି ନାଗରିକର ମୌଳିକ ବ୍ୟକ୍ତିଗତ ଅଧିକାର ଉପରେ ଆକ୍ରମଣ ହେଉଛି। ଯେକୌଣସି ସ୍ୱାଧୀନ ରାଷ୍ଟ୍ରରେ ଏହା ଆଦୌ ଗ୍ରହଣୀୟ ନୁହେଁ।

ଭାରତ ପରିପ୍ରେକ୍ଷୀରେ ୧୯୯୦ ମସିହା ପରଠାରୁ ଅନ୍‌ଲାଇନ୍ ଡିଜିଟାଲ୍ ଗଣମାଧ୍ୟମ ମଞ୍ଚମାନେ ଯେଭଳି ଭାବେ ବିସ୍ତାର ଲାଭ କରୁଛନ୍ତି, ତାହା ଅବଶ୍ୟ ଆମ ଦେଶର ରାଷ୍ଟ୍ରୀୟ ଅର୍ଥନୀତିକୁ ବହୁଭାବରେ ତ୍ୱରାନ୍ୱିତ କରୁଛନ୍ତି। କିନ୍ତୁ ଏହାସହିତ ଏହି ଅନ୍‌ଲାଇନ୍ ସଂସ୍ଥାମାନଙ୍କର କାର୍ଯ୍ୟକଳାପକୁ ନିରୀହ ବା ଅନାସକ୍ତ ବୋଲି ଧରାଯାଇପାରିବ ନାହିଁ। କାରଣ ଭାରତୀୟ ଗଣତନ୍ତ୍ରର ସଫଳତାରେ ବିଘ୍ନ ଘଟାଇବା ପାଇଁ କେତେକ ରାଷ୍ଟ୍ରବିରୋଧୀ ତତ୍ତ୍ୱଙ୍କର କାର୍ଯ୍ୟକଳାପ ମଧ୍ୟ ଏହି ଅନ୍‌ଲାଇନ୍ ସୂଚନାସେବା ନେଟ୍‌ୱର୍କରେ ଶୀଘ୍ର ଓ ସହଜରେ ହୋଇପାରୁଛି। ଆଜି ବି ବିଶ୍ୱରେ ଅନେକ ଉନ୍ନତ ରାଷ୍ଟ୍ର ଅଛନ୍ତି, ଯେଉଁମାନେ ସେଠାକାର ବହୁରାଷ୍ଟ୍ରୀୟ କମ୍ପାନୀମାନଙ୍କ ଜରିଆରେ ସଦୂର ଦେଶବିଦେଶରେ ଶାସନ କ୍ଷମତାରେ ବୈପ୍ଳବିକ ପରିବର୍ତ୍ତନ ଏବଂ ଗଣତାନ୍ତ୍ରିକ ନିର୍ବାଚନ ପ୍ରକ୍ରିୟାକୁ ମଧ୍ୟ ଅଧିକାଂଶରେ ନିୟନ୍ତ୍ରିତ କରିପାରୁଛନ୍ତି। ଏତଦ୍‌ବ୍ୟତୀତ ରାଜନୈତିକ ଦଳ ଓ ନେତାମାନଙ୍କ ବିରୁଦ୍ଧରେ ଅପପ୍ରଚାର ଚଳାଇ ଇଣ୍ଟରନେଟ୍ ଉପଭୋକ୍ତାମାନଙ୍କ ଦୃଷ୍ଟିରେ ସେମାନଙ୍କୁ ନିନ୍ଦିତ କରିବା ପାଇଁ ଚେଷ୍ଟା କରାଯାଉଛି। ଅତୀତରେ ଅକ୍ସଫୋର୍ଡ ଆନାଲିଟିକା ଓ ଫେସ୍‌ବୁକ୍ ସଂସ୍ଥାର ଅନୈତିକ ସହଯୋଗରେ ଆମେରିକା ରାଷ୍ଟ୍ରପତି ନିର୍ବାଚନଠାରୁ ଆରମ୍ଭ କରି ଭାରତର ସାଧାରଣ ନିର୍ବାଚନରେ ବିଶାଳ ସଂଖ୍ୟାରେ ଭୋଟରମାନଙ୍କୁ ଅସମର୍ଥିତ ଖବର ଯୋଗାଇ ଜନାଦେଶକୁ ପ୍ରଭାବିତ କରାଯାଇଥିବା ପରବର୍ତ୍ତୀ ସମୟରେ ଜଣାପଡ଼ିଥିଲା।

ଆମ ଦେଶରେ ଇଣ୍ଟରନେଟ୍ ଭିତ୍ତିକ ସୂଚନା ସେବାକାରୀ ସଂସ୍ଥାଙ୍କୁ ନିୟନ୍ତ୍ରଣ ଲାଗି ଆଇନ୍ ପ୍ରଣୟନ ହୋଇଥିଲେ ମଧ୍ୟ ତାହା ୟୁରୋପୀୟ ସଂଘ କିମ୍ବା ଆମେରିକା ଭଳି କଠୋର ହୋଇନଥିବାରୁ ସହଜରେ କଟକଣା କିମ୍ବା ଜୋରିମାନା ଲାଗୁ କରାଯାଇପାରୁନାହିଁ। ଆମ ଦେଶର ଆଇନ ବ୍ୟବସ୍ଥା ଅଧିକ ବିଳମ୍ବିତ ହୋଇଥିବାରୁ ତାହାର ସୁଯୋଗ ନେଇ ଇଣ୍ଟନେଟ୍ ଭିତ୍ତିକ ସଂସ୍ଥାମାନେ ନିଜକୁ ସୁହାଇବା ପରି କାର୍ଯ୍ୟ କରିଚାଲୁଛନ୍ତି। ଏବେ ନୀତି ନିୟମ ଓ ଆଇନ କାନୁନ୍‌କୁ ସମୟୋପଯୋଗୀ କଠୋର କରିବାର ସମୟ ଆସିଛି। ୟୁରୋପୀୟ ସଂଘ ଏଦିଗରେ ଅନୁକରଣୀୟ ଉଦାହରଣ ସୃଷ୍ଟି କରିଛି।

# ଅଭ୍ୟାସ, ଆବଶ୍ୟକତା ଓ ଅର୍ଥନୀତି

ଡ. ଅବଶ ପରିଡ଼ା

ଆଧୁନିକ ଜୀବନଶୈଳୀରେ ପାକସ୍ଥଳୀ ଓ ପାଚନ ପ୍ରକ୍ରିୟାର ସ୍ୱାସ୍ଥ୍ୟ ବା ସଂକ୍ଷିପ୍ତରେ କହିଲେ ଅନ୍ତଃନଳୀ ସ୍ୱାସ୍ଥ୍ୟକୁ ଶାରୀରିକ ସୁସ୍ଥତା, କ୍ରିୟାଶୀଳତା ଓ ମାନସିକ ଶାନ୍ତିର ଏକ ଉପାଦାନ ଭାବରେ ବିବେଚନା କରାଯାଏ। ଏହା 'ଗଟ୍ ହେଲଥ' ନାଁ ରେ ବେଶ୍ ପରିଚିତ। ଏହି ବିଷୟକୁ ନେଇ ଇଣ୍ଟରନେଟ୍ ଦୁନିଆରେ ଅଗଣିତ ଭିଡିଓ, ଆଲୋଚନା ଓ ପରାମର୍ଶ ଉପଲବ୍ଧ। ଏହା ଜନସାଧାରଣଙ୍କୁ ସୂଚିତ ଓ ସଚେତନ କରିବା ସହିତ ଜାଣତ କିମ୍ବା ଅଜାଣତରେ ମନରେ ଭୟ, ଚିନ୍ତା ଓ ଚର୍ଚ୍ଚା ମଧ୍ୟ ସୃଷ୍ଟି କରୁଛି।

ଉତ୍ତମ ପାଚନ-ସ୍ୱାସ୍ଥ୍ୟର ଅନେକ ବୈଶିଷ୍ଟ୍ୟ ମଧ୍ୟରେ 'ସକାଳର ପେଟ ସଫା' ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ ଓ ଅତ୍ୟାବଶ୍ୟକ କାର୍ଯ୍ୟକଳାପ ଭାବରେ ବିବେଚିତ। ଏହାକୁ ଆଧାର କରି ଆମର ଲୋକପ୍ରିୟ ବିଶ୍ୱାସ କୁହେ ଯେ 'ନିୟମିତ ସକାଳୁ ପାଇଖାନା ଯିବା ଏବଂ ବିନା କୋଷ୍ଠକାଠିନ୍ୟରେ ପେଟ ସଫା ହେବା ଏକ ଭଲ କାର୍ଯ୍ୟକ୍ଷମ ପାଚନ ପ୍ରଣାଳୀର ଲକ୍ଷଣ। କିନ୍ତୁ ଚିକିତ୍ସା ବିଜ୍ଞାନର କହିବା ଅନୁଯାୟୀ ଯାହା ଲୋକମାନେ ଡାକ୍ତରଙ୍କ ପରାମର୍ଶ ବିନା ବିଶ୍ୱାସ କରୁଛନ୍ତି ସେସବୁ ଗୁରୁତ୍ୱପୂର୍ଣ୍ଣ ଜୈବିକ ଆବଶ୍ୟକତା ନୁହେଁ, ବରଂ ସାମାଜିକ ଆଶା, ବିଜ୍ଞାପନ ଓ ଜୀବନଶୈଳୀ ଦ୍ୱାରା ପ୍ରରୋଚିତ ଏକ ମାନସିକ ଓ ସାଂସ୍କୃତିକ ଗଠନ। ନିଃସନ୍ଦେହ, ଏକ ଉତ୍ତମ ପାଚନ-ସ୍ୱାସ୍ଥ୍ୟ ଶରୀର ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କିନ୍ତୁ ସକାଳର ପେଟ ସଫା(ମଳତ୍ୟାଗ) ପ୍ରତି ଆଗ୍ରହ ଯୋଗୁଁ ଅନାବଶ୍ୟକ ଚିନ୍ତା ଓ ଔଷଧ ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି। ସମ୍ଭବତଃ ସେଥିପାଇଁ ଆଜିକାଲି ସ୍ୱାସ୍ଥ୍ୟ ଉତ୍ପାଦ କମ୍ପାନୀଗୁଡ଼ିକ ରେଚକ(ଲାକ୍ସାଟିଭ୍‌ସ) ଏବଂ ଅନ୍ୟାନ୍ୟ ପାଚନ ପ୍ରତିକାରର ଅତ୍ୟନ୍ତ ଆକ୍ରମଣାତ୍ମକ ବିପଣନ ଓ ବିଜ୍ଞାପନ କରୁଛନ୍ତି। ରେଚକ ବା ଲାକ୍ସାଟିଭ ହେଉଛି ଏକ ପଦାର୍ଥ, ଔଷଧ, କିମ୍ବା ପ୍ରାକୃତିକ ଖାଦ୍ୟ, ଯାହା କୋଷ୍ଠକାଠିନ୍ୟ ଦୂର କରିବାରେ ଏବଂ ଅନ୍ତଃନଳୀ ଗତି ବୃଦ୍ଧି କରିବାରେ ସାହାଯ୍ୟ କରେ। ବିଜ୍ଞାପନ ଦ୍ୱାରା ଏହି ଉତ୍ପାଦଗୁଡ଼ିକର ବିପଣନ ଏମିତି ଏକ ଧାରଣାକୁ ପ୍ରୋତ୍ସାହିତ କରେ ଯେ ନିୟମିତ ସକାଳର ଅନ୍ତଃନଳୀ ସୁସ୍ଥତା ପାଇଁ ଏହି ଔଷଧ ବା ଉତ୍ପାଦ ଅତ୍ୟନ୍ତ ଆବଶ୍ୟକ।

ଭାରତୀୟ ରେଚକ ବଜାର ବିଶାଳ ଓ ଦୃଶ୍ୟମାନ। ରେଚକ ଆଧାରିତ ଅର୍ଥନୀତି ଭାରତର ଔଷଧ ଶିଳ୍ପରେ ସିଂହଭାଗ ଦଖଲ କରିସାରିଛି। ଏହି ଅର୍ଥନୀତିର ଏକ ଭଲ ଦିଗ ହେଉଛି ଯେ ଏହା ଭିନ୍ନ ଭିନ୍ନ ଆବଶ୍ୟକତା ଥିବା ବିଭିନ୍ନ ବର୍ଗର ଲୋକଙ୍କୁ ପୃଥକ ପ୍ରକାରର ଉପଯୁକ୍ତ ଉତ୍ପାଦ ଯୋଗାଇଥାଏ। ଏକ ରିପୋର୍ଟ ଅନୁଯାୟୀ, ସର୍ବାଧିକ ବିକ୍ରୟଯୋଗ୍ୟ ରେଚକ ଉତ୍ପାଦଗୁଡ଼ିକ କୋଷ୍ଠକାଠିନ୍ୟ, ଏସିଡିଟି ଏବଂ ଅନ୍ୟାନ୍ୟ ସମ୍ବନ୍ଧିତ ପାଚନ ସମସ୍ୟା ମଧ୍ୟରେ ଅନ୍ତର୍ଭୁକ୍ତ। ୬ ପ୍ରତିଶତ ସାମଗ୍ରିକ ବାର୍ଷିକ ଅଭିବୃଦ୍ଧି ହାରରେ ବଢ଼ୁଥିବା ଏହି ବଜାରର ମୂଲ୍ୟ ହେଉଛି ୭୦ ହଜାର କୋଟି ଟଙ୍କାରୁ ଅଧିକ। ୨୦୩୨ ସୁଦ୍ଧା ଏହା ୧.୫ ଲକ୍ଷ କୋଟି ଟଙ୍କା ଟପିବ ବୋଲି ଆକଳନ କରାଯାଇଛି। ଭାରତରେ ଲାକ୍ଟୁଲୋଜ, ବିସାକୋଡିଲ ଓ ସୋଡିୟମ ପିକୋସଲଫେଟ ହେଉଛି ତିନିଟି ସାଧାରଣ ବ୍ୟବସାୟିକ ଉତ୍ପାଦ। ଏ ସବୁ ମଧ୍ୟରେ ବଲ୍କ-ଫର୍ମିଂ ହେଉଛି ସବୁଠାରୁ ଲୋକପ୍ରିୟ ଲ୍ୟାକ୍ସାଟିଭ୍ ବା ରେଚକ। ଏହା ଏକପ୍ରକାର ଲ୍ୟାକ୍ସାଟିଭ୍, ଯାହା ମଳରେ ଆୟତନ ଓ ଜଳ ବୃଦ୍ଧି କରିଥାଏ। ଯାହାଫଳରେ ମଳତ୍ୟାଗ କରିବା ସହଜ ହୋଇଥାଏ। ସତଇସବଗୁଲ, ପେଟସଫା, କାୟମ ଚୂର୍ଣ୍ଣ ଭଳି ଅସଂଖ୍ୟ ଏଲୋପ୍ୟାଥି ଓ ଆୟୁର୍ବେଦ ଉତ୍ପାଦ ମଧ୍ୟ ବଜାରରେ ଉପଲବ୍ଧ।

ଏହି ବଜାର ଅର୍ଥନୀତି ପ୍ରତି ଆକର୍ଷଣର ତିନୋଟି ପ୍ରମୁଖ କାରଣ ଅଛି। ପ୍ରଥମଟି ହେଉଛି ପାଚନ-ସ୍ୱାସ୍ଥ୍ୟ ପ୍ରତି ଅତ୍ୟଧିକ ସଚେତନତା ଓ ବିଜ୍ଞାପନ। ଦ୍ୱିତୀୟଟି ହେଉଛି ସହରୀକରଣ ଓ ନିଷ୍କ୍ରିୟ ଜୀବନଶୈଳୀ। ବୟସ୍କ ଜନସଂଖ୍ୟାରେ ବୃଦ୍ଧି ହେଉଛି ତୃତୀୟ ଓ ଅନ୍ତିମ କାରଣ। ବିଶେଷଜ୍ଞମାନେ କୁହନ୍ତି ଯେ, କୋଷ୍ଠକାଠିନ୍ୟର ବର୍ଦ୍ଧିତ ମାମଲା ଏବଂ ଡାକ୍ତରୀ ପ୍ରେସକ୍ରିପସନ ବିନା ମିଳୁଥିବା ଔଷଧ ବା ଓଭର ଦି କାଉଣ୍ଟର ଔଷଧର ଉପଲବ୍ଧତା ହିଁ ରେଚକ ବଜାର ଅର୍ଥନୀତିକୁ ବୃଦ୍ଧି କରୁଛି। ଅନେକ ବର୍ଷ ତଳେ ଫରାସୀ ସମାଜବିଜ୍ଞାନୀ ତଥା ଦାର୍ଶନିକ ମିସେଲ ଫୋକୋ ଆଲୋକପାତ କରିଥିଲେ ଯେ ଯଦି ବ୍ୟକ୍ତି ନିଜ ପ୍ରାକୃତିକ ଶାରୀରିକ କାର୍ଯ୍ୟକୁ ଚିକିତ୍ସା କରିବା ଆରମ୍ଭ କରେ, ତେବେ ସେ ସଂସ୍ଥାଗତ ଓ ବାଣିଜ୍ୟିକ ନିୟନ୍ତ୍ରଣରେ ଆସିଯାଏ। ପରେ ଏହି ଦୀର୍ଘକାଳୀନ ଔଷଧ ଅଭ୍ୟାସ ବ୍ୟକ୍ତିକୁ ନିଜସ୍ୱ ପ୍ରାକୃତିକ ଜୈବିକ ପ୍ରକ୍ରିୟା ବଦଳରେ ବଜାରରେ ଉପଲବ୍ଧ ସମାଧାନ ଉପରେ ଅଧିକ ନିର୍ଭରଶୀଳ କରିଦିଏ। ତେଣୁ ଏହା ସତ ଯେ ଜରୁରୀ ଥାଉ ବା ନ ଥାଉ ଯେଉଁମାନେ ରେଚକ ଓ ପାଚନ ପ୍ରତିକାର ଉତ୍ପାଦ ସହ ଅଭ୍ୟସ୍ତ ହୋଇଗଲେଣି ସେମାନଙ୍କ ସହିତ ଏହା ଘଟୁଛି।

ସାମ୍ପ୍ରତିକ କିଛି ରିପୋର୍ଟ ଅନୁଯାୟୀ, ଯୁବବର୍ଗ ଓ କର୍ମଜୀବୀମାନେ ବୟସ୍କ ଓ ଚିକିତ୍ସାଗତ ଭାବରେ ଅସୁସ୍ଥ ବ୍ୟକ୍ତିମାନଙ୍କ ତୁଳନାରେ ଅଧିକ ରେଚକ ଓ ପାଚନ ପ୍ରତିକାରର ସେବନ କରୁଛନ୍ତି। ଏହି ବୃଦ୍ଧି ମୁଖ୍ୟତଃ ଜୀବନଶୈଳୀ ସମ୍ବନ୍ଧୀୟ ସମସ୍ୟା, ଯେପରିକି କୋଷ୍ଠକାଠିନ୍ୟ, ଖରାପ ଖାଦ୍ୟପେୟ ଅଭ୍ୟାସ ଏବଂ ସକାଳେ କାମକୁ ଯିବା ପୂର୍ବରୁ ପାଇଖାନା ଯିବା ପାଇଁ ମାନସିକ ଚାପ ଦ୍ୱାରା ପ୍ରଭାବିତ ହେଉଛି। କାର୍ଯ୍ୟ ଚାପ, କଠିନ ସମୟସୂଚୀ ଏବଂ ଚାପପୂର୍ଣ୍ଣ ଦିନଚର୍ଯ୍ୟା ଦ୍ୱାରା ଅଧିକାଂଶଙ୍କ ଜୀବନ ପରିଚାଳିତ। ତେଣୁ ଉପାସ ରହିବା କିମ୍ବା ଫାଷ୍ଟଫୁଡ୍ ଓ ପ୍ରକ୍ରିୟାକୃତ ଖାଦ୍ୟ ଉପରେ ନିର୍ଭର କରିବା ଏକ ସାଧାରଣ କଥା ହୋଇଗଲାଣି। ଏହା ସହ ଚା', କଫି, ସିଗାରେଟ, ମଦ, ଗୁଟଖା, ମଇଦା ବିସ୍କୁଟର ବ୍ୟବହାର ବି ବଢ଼ିଛି। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଯେ ପର୍ଯ୍ୟାପ୍ତ ଫାଇବର ବା ତନ୍ତୁ ନଥିବା ଖାଦ୍ୟ ଆମର ଜୀବନଶୈଳୀର ଅଂଶ ହୋଇସାରିଛି। ଗୋଟିଏ ସ୍ଥାନରେ ବସି ରହିବାର ଅଭ୍ୟାସ ଏବଂ ଅନିୟମିତ ଶୋଇବା ଶୈଳୀ ସହିତ ଏହିସବୁ କାରଣଗୁଡ଼ିକ ପାଚନ ଅସ୍ୱସ୍ତିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ତେଣୁ ଏହାର ମୁକାବିଲା କରିବା ପାଇଁ ହେଉ ବା ଶୀଘ୍ର ଆରାମ ପାଇଁ ହେଉ ଔଷଧ କାଉଣ୍ଟରରେ ମିଳୁଥିବା ରେଚକ ଏବଂ ଅନ୍ୟାନ୍ୟ ପାଚନ ସହାୟକ ଆଡ଼କୁ ଯୁବବର୍ଗ ମୁହାଁଇଛନ୍ତି।

ଏକ ଅଧ୍ୟୟନରୁ ଜଣାପଡ଼ିଛି ଯେ ଭାରତୀୟ ଜନସଂଖ୍ୟାର ପ୍ରାୟ ୮ ରୁ ୧୦% ଲୋକ କୋଷ୍ଠକାଠିନ୍ୟ ଦୂର କରିବା ପାଇଁ ରେଚକ ବ୍ୟବହାର କରୁଛନ୍ତି। କୋଲକାତାରେ କରାଯାଇଥିବା ଏକ ଅଧ୍ୟୟନରେ କାର୍ଯ୍ୟରତ ବୃତ୍ତିଗତଙ୍କ ମଧ୍ୟରେ ଏକ ଅଦ୍ଭୁତ ଧାରା ଆବିଷ୍କାର କରାଯାଇଛି। ଏଥିରେ ପ୍ରକାଶ ହୋଇଛି ଯେ ଚିକିତ୍ସା ଆବଶ୍ୟକତା ଦ୍ୱାରା ନୁହେଁ, ବରଂ ମାନସିକ ଓ ପରିସ୍ଥିତିଗତ ଚାପ ଯୋଗୁଁ ଯୁବବର୍ଗଙ୍କ ମଧ୍ୟରେ ରେଚକ ବ୍ୟବହାର ବଢ଼ୁଛି। କେବଳ ସକାଳେ କାମକୁ ଯିବା ପୂର୍ବରୁ କିପରି ନିଜ ପେଟ ସଫା ହୋଇଯାଉ ସେ ଚିନ୍ତାରେ ଅନେକ ରେଚକ, ଚୂର୍ଣ୍ଣ ବା ଔଷଧ ଖାଉଛନ୍ତି। ମାର୍କେଟିଂ ଓ ବାହ୍ୟ କାର୍ଯ୍ୟରେ ନିୟୋଜିତ ବୃତ୍ତିଗତମାନେ କହିଛନ୍ତି ଯେ ସକାଳର ପରିଷ୍କାର ଭାବେ ପେଟସଫା ସେମାନଙ୍କ ପାଇଁ ଅତ୍ୟନ୍ତ ଜରୁରୀ। କାରଣ ସେମାନେ ଦିନସାରା ଯାନବାହନରେ ଯାତାୟାତ କରୁଥିବାରୁ ଉପଯୁକ୍ତ ପରିମଳ ସୁବିଧା ପାଇବାରେ ଅତିରିକ୍ତ ସମସ୍ୟାର ସମ୍ମୁଖୀନ ହୁଅନ୍ତି। ଏହା ବ୍ୟତୀତ, କିଛି କର୍ମକ୍ଷେତ୍ରରେ ପର୍ଯ୍ୟାପ୍ତ ଶୌଚାଳୟ ସୁବିଧାର ଅଭାବ ଥାଏ।

ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି ଯେ ଡାକ୍ତରୀ ତଦାରଖ ବିନା ଏପରି ପ୍ରତିକାରର ନିୟମିତ ବ୍ୟବହାର ଏକ ବିପଦପୂର୍ଣ୍ଣ ନିର୍ଭରଶୀଳତା ସୃଷ୍ଟି କରିପାରେ। ସମୟ ସହିତ ଆମର ପ୍ରାକୃତିକ ଅନ୍ତଃନଳୀ କାର୍ଯ୍ୟକୁ ଏହା କ୍ଷତି ବି ପହଞ୍ଚାଇପାରେ। ବିଶେଷଜ୍ଞମାନେ ପାଚନ ସ୍ୱାସ୍ଥ୍ୟ ବଜାୟ ରଖିବା ପାଇଁ ତନ୍ତୁରେ ଭରପୂର ସନ୍ତୁଳିତ ଖାଦ୍ୟ, ପର୍ଯ୍ୟାପ୍ତ ପାଣି, ନିୟମିତ ବ୍ୟାୟାମ ଏବଂ ଚାପକୁ ନିୟନ୍ତ୍ରଣ କରିବା ଭଳି ସୁସ୍ଥ ବିକଳ୍ପ ପାଇଁ ସୁପାରିସ କରୁଛନ୍ତି। ମାନବ ଶରୀର କଠୋର ସମାନତା ନୁହେଁ, ବରଂ ଜୈବିକ ବିବିଧତା ଉପରେ କାର୍ଯ୍ୟ କରେ। ଅଧିକନ୍ତୁ ଆମର ସର୍କାଡିଆନ୍ ଚକ୍ର ଅର୍ଥ ଶୋଇବା ଓ ଉଠିବାର ଚକ୍ର, ସୂର୍ଯ୍ୟକିରଣ ସହିତ ସଂସ୍ପର୍ଶ ସହିତ ସନ୍ତୁଳିତ ହରମୋନ୍ ମନୁଷ୍ୟର ପାଚନ ତନ୍ତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ। ତେଣୁ ଶରୀରକୁ ବ୍ୟକ୍ତି ନିଜ ମନମୁତାବକ କାର୍ଯ୍ୟସୂଚୀ ପାଳନ କରିବାକୁ ବାଧ୍ୟ କରିବା ପରିବର୍ତ୍ତେ ଏହାର ପ୍ରାକୃତିକ ଲୟକୁ ସ୍ୱୀକାର କରିବା ଏବଂ ସମ୍ମାନ ଦେବା ଉଚିତ।

ଭୁବନେଶ୍ୱର, ମୋ: ୮୪୫୬୮୭୯୫୨୨

# ଓଡ଼ିଶାର କୁଟୀର ଶିଳ୍ପ: ଅତୀତ ଓ ଭବିଷ୍ୟତ

ବିଦ୍ୟାଧର ମହାରଣା

ଓଡ଼ିଶା ହେଉଛି ସମୃଦ୍ଧ କଳା, ସଂସ୍କୃତି ଓ ପାରମ୍ପରିକ ହସ୍ତଶିଳ୍ପର ରାଜ୍ୟ। ରାଜ୍ୟର ଗ୍ରାମାଞ୍ଚଳରେ ବହୁ ଶତାବ୍ଦୀ ଧରି କୁଟୀର ଶିଳ୍ପ ଲୋକଜୀବନର ଏକ ବିଶିଷ୍ଟ ଅଂଶ ହୋଇରହିଛି। ହାତବୁଣା ବସ୍ତ୍ର, ପିପିଲି ଚାନ୍ଦୁଆ, ରଘୁରାଜପୁର ପଟ୍ଟଚିତ୍ର, କଣ୍ଟିଲୋ ଓ କଳାପଥର ଧାତୁ ଶିଳ୍ପ, ପୁରୀର ପଥର କାମ, ତାଳପତ୍ର ଚିତ୍ର, ଶଙ୍ଖ ଓ କାଠ ଶିଳ୍ପ ପରି ଅନେକ କୁଟୀର ଶିଳ୍ପ ଓଡ଼ିଶାର ପରିଚୟକୁ ଜାତୀୟ ଓ ଅନ୍ତର୍ଜାତୀୟ ମଞ୍ଚରେ ପହଞ୍ଚାଇଛି। ଏହି ଶିଳ୍ପ କେବଳ ଅର୍ଥନୈତିକ କ୍ଷେତ୍ର ନୁହେଁ, ବରଂ ଏହା ଓଡ଼ିଆ ସଂସ୍କୃତିର ଜୀବନ୍ତ ପ୍ରତୀକ। ଅତୀତରେ ଓଡ଼ିଆ ବଣିକ ଉତ୍କଳର ବିଭିନ୍ନ ଶିଳ୍ପଜାତ ଦ୍ରବ୍ୟ ନେଇ ଜାଭା, ସୁମାତ୍ରା ଇତ୍ୟାଦି ଦ୍ୱୀପପୁଞ୍ଜକୁ ବେପାର ବଣିଜ ପାଇଁ ଯାଉଥିଲେ। ଏହାହିଁ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା।

କୁଟୀର ଶିଳ୍ପ ଗ୍ରାମୀଣ ଅର୍ଥନୀତିର ମୂଳ ଆଧାର। ଅନେକ ଗରିବ ଓ ନିମ୍ନ ମଧ୍ୟବର୍ଗୀୟ ପରିବାର ଏହା ଉପରେ ନିର୍ଭର କରି ଜୀବିକା ନିର୍ବାହ କରନ୍ତି। ବିଶେଷକରି ମହିଳାମାନେ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ବିଭିନ୍ନ ଘରୋଇ ଶିଳ୍ପରେ ଯୋଗଦେଇ ଆତ୍ମନିର୍ଭର ହେଉଛନ୍ତି। ଏହା ଗ୍ରାମ ଛାଡ଼ି ସହରକୁ ହେଉଥିବା ପ୍ରବାସକୁ କିଛି ପରିମାଣରେ ନିୟନ୍ତ୍ରଣ କରିପାରିଛି। ତଥାପି ଓଡ଼ିଶାର କୁଟୀର ଶିଳ୍ପ ଆଜି ବହୁ ସମସ୍ୟା ସମ୍ମୁଖୀନ। ଆଧୁନିକ ଯନ୍ତ୍ରନିର୍ମିତ ସାମଗ୍ରୀ ସହ ପ୍ରତିଦ୍ୱନ୍ଦ୍ୱିତା, ପୁଞ୍ଜି ଓ ଯଥେଷ୍ଟ ବଜାର ସୁବିଧାର ଅଭାବ, କଞ୍ଚାମାଲର ଦରବୃଦ୍ଧି ଓ ନୂତନ ପିଢ଼ିର ଅନାଗ୍ରହ ଏହାର ଉନ୍ନତିରେ ବାଧକ ସାଜିଛି। ବହୁ ଶିଳ୍ପୀ ସେମାନଙ୍କର ଶ୍ରମର ଯଥୋଚିତ ମୂଲ୍ୟ ପାଉନାହାନ୍ତି। ମଧ୍ୟସ୍ଥି ବ୍ୟବସାୟୀମାନେ ଅଧିକ ଲାଭ ନେଉଥିବା ବେଳେ ପ୍ରକୃତ କାରିଗରମାନେ ପଛରେ ପଡ଼ିଯାଇଛନ୍ତି। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାର କୁଟୀର ଶିଳ୍ପର ଉନ୍ନତି ପାଇଁ ବିଭିନ୍ନ ନୀତି ଓ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗ ମାଧ୍ୟମରେ କାରିଗରମାନଙ୍କୁ ପ୍ରଶିକ୍ଷଣ, ଆର୍ଥିକ ସହାୟତା, ଡିଜାଇନ୍ ଉନ୍ନତି ଓ ବଜାର ସଂଯୋଗ ଯୋଗାଇ ଦିଆଯାଉଛି। 'ମିଶନ୍ ଶକ୍ତି' ମାଧ୍ୟମରେ ମହିଳା ସ୍ୱୟଂସହାୟକ ଗୋଷ୍ଠୀଙ୍କୁ ଋଣ ଓ ବିପଣନ ସହଯୋଗ ମିଳୁଛି। ଓଡ଼ିଶା ରୁରାଲ୍ ଡିଭେଲପମେଣ୍ଟ ଆଣ୍ଡ ମାର୍କେଟିଂ ସୋସାଇଟି(ଓରମାସ୍) ଗ୍ରାମୀଣ ଉତ୍ପାଦକୁ ବଜାର ସୁଯୋଗ ଦେବାରେ ମୁଖ୍ୟ ଭୂମିକା ନେଉଛି। ଏହା ସହ ଡିଜିଟାଲ୍ ବଜାର ଓ ଇ-କମର୍ସ ଓଡ଼ିଶାର କୁଟୀର ଶିଳ୍ପ ପାଇଁ ନୂଆ ଦ୍ୱାର ଖୋଲିଛି। ଆଜି ପଟ୍ଟଚିତ୍ର କିମ୍ବା ସମ୍ବଲପୁରୀ ଶାଢ଼ି ବିଦେଶରେ ମଧ୍ୟ ଚାହିଦା ସୃଷ୍ଟି କରୁଛି। ଯଦି ସରକାର, ବେସରକାରୀ ସଂସ୍ଥା ଓ ସମାଜ ମିଶି ଶିଳ୍ପୀମାନଙ୍କୁ ଉତ୍ସାହ ଓ ସୁରକ୍ଷା ଦେଇପାରନ୍ତି, ତେବେ କୁଟୀର ଶିଳ୍ପ ଓଡ଼ିଶାର ଅର୍ଥନୀତିରେ ଏକ ବଡ଼ ଶକ୍ତି ହୋଇପାରିବ। ସର୍ବୋପରି, କୁଟୀର ଶିଳ୍ପର ସୁରକ୍ଷା ଅର୍ଥ ହେଉଛି ଆମ ସଂସ୍କୃତି, ପରମ୍ପରା ଓ ଗ୍ରାମୀଣ ଜୀବନର ସୁରକ୍ଷା। ଏହାକୁ କେବଳ ଏକ ବ୍ୟବସାୟ ଭାବେ ନୁହେଁ, ବରଂ ଓଡ଼ିଶାର ଆତ୍ମପରିଚୟ ଭାବେ ଦେଖିବା ଆବଶ୍ୟକ। ଯଥୋଚିତ ନୀତି, ଆଧୁନିକ ପ୍ରଯୁକ୍ତି ଓ ବଜାର ସୁଯୋଗ ସହିତ କୁଟୀର ଶିଳ୍ପର ଭବିଷ୍ୟତ ନିଶ୍ଚୟ ଉଜ୍ୱଳ ହୋଇପାରିବ।

କୃଷିପ୍ରଧାନ ରାଜ୍ୟ ଓଡ଼ିଶାର ବହୁତ ଲୋକ କୃଷି ଓ ଆନୁଷଙ୍ଗିକ କୃଷି ଉପରେ ନିର୍ଭରଶୀଳ। କିନ୍ତୁ କୃଷକମାନେ ଆଜି ମୂଲ୍ୟ ଅସ୍ଥିରତା, ମଧ୍ୟସ୍ଥଙ୍କ ଶୋଷଣ, ଉତ୍ପାଦ ସଂରକ୍ଷଣ ଅଭାବ ଓ ବଜାର ସମସ୍ୟା ଭଳି ଅନେକ ସମସ୍ୟାର ସମ୍ମୁଖୀନ। ଏହି ପରିପ୍ରେକ୍ଷୀରେ କୁଟୀର ଶିଳ୍ପ କୃଷିକୁ ନୂଆ ଶକ୍ତି ଦେଇପାରିବ। କୃଷକମାନେ କେବଳ ପ୍ରାଥମିକ ଉତ୍ପାଦ ବିକ୍ରୟ କଲେ କମ ଲାଭ ପାଆନ୍ତି। କୁଟୀର ଶିଳ୍ପ ମାଧ୍ୟମରେ ଧାନରୁ ଚୁଡ଼ା, ମୁଢ଼ି, ଚାଉଳ ଗୁଣ୍ଡ; ଆମ୍ବରୁ ଆଚାର ଓ ଜାମ; ହଳଦୀରୁ ଗୁଣ୍ଡ; ଲଙ୍କାରୁ ପ୍ୟାକେଟ ମସଲା ଇତ୍ୟାଦି ତିଆରି କଲେ ଅଧିକ ଲାଭ ମିଳିପାରିବ। ଏହିପରି ଦ୍ୱିତୀୟକ କୃଷି ହିସାବରେ କୃଷି ସଂସାଧନ ଅଧିକ ଲାଭଦାୟକ ହୋଇପାରୁଛି। କୁଟୀର ଶିଳ୍ପ ଗ୍ରାମ ଅଞ୍ଚଳରେ ଛୋଟ ଛୋଟ ଉଦ୍ୟୋଗ ସୃଷ୍ଟି କରେ। ମହିଳା ସ୍ୱୟଂସହାୟକ ଗୋଷ୍ଠୀ, ଯୁବକ ଓ କ୍ଷୁଦ୍ର କୃଷକମାନେ ଏଥିରେ ଜଡ଼ିତ ହୋଇ ଅତିରିକ୍ତ ଆୟ କରିପାରିବେ। ଏଥିରେ ସହରମୁଖୀ ପ୍ରବାସ ମଧ୍ୟ କମିବ।

ଓଡ଼ିଶାରେ ବହୁ ସମୟରେ ଫଳ ଓ ପରିବା ନଷ୍ଟ ହୋଇଯାଏ। କୁଟୀର ଶିଳ୍ପ ମାଧ୍ୟମରେ ଶୁଖିଲା ପରିବା, ଆଚାର, ପାମ୍ପଡ଼, ଫଳ ରସ ଓ ଜାମ ଇତ୍ୟାଦି ପ୍ରସ୍ତୁତ କଲେ ଉତ୍ପାଦ ଦୀର୍ଘଦିନ ସଂରକ୍ଷିତ ହୋଇପାରିବ। ଆଜିକାଲି ଓଡ଼ିଶାର ବହୁ କୃଷକ ପୁଷ୍ଟିଶସ୍ୟ, କାନ୍ଦୁଲ, ମଣ୍ଡିଆ, ଜୈବିକ ହଳଦୀ, ଜୈବିକ ଚାଉଳ ଓ ଜଙ୍ଗଲ ଉତ୍ପାଦକୁ ଆଧାର କରି କୁଟୀର ଶିଳ୍ପ ଆରମ୍ଭ କରିବା ପାଇଁ ଆଗ୍ରହୀ ହେଲେଣି। ସୁନ୍ଦର ପ୍ୟାକେଜିଂ ଓ ବ୍ରାଣ୍ଡିଂ ମାଧ୍ୟମରେ ଏହାକୁ ଜାତୀୟ ଓ ଅନ୍ତର୍ଜାତୀୟ ବଜାରକୁ ପହଞ୍ଚାଇପାରିବ। ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳାମାନେ ଖାଦ୍ୟ ପ୍ରକ୍ରିୟାକରଣ, ମସଲା ପ୍ୟାକିଂ, ହସ୍ତଶିଳ୍ପ ଓ ଦୁଗ୍ଧ ଉତ୍ପାଦ ତିଆରିରେ ଅଂଶ ନେଇ ଆର୍ଥିକ ଭାବେ ସ୍ୱାବଲମ୍ବୀ ହୋଇପାରିବେ। ଓଡ଼ିଶାରେ ଭୌଗୋଳିକ ସୂଚକ ବା ଜିଆଇ ଟ୍ୟାଗ ପ୍ରାପ୍ତ କୁଟୀର ଶିଳ୍ପଗୁଡ଼ିକ ଓଡ଼ିଶାର ପାରମ୍ପରିକ କୌଶଳ, ସ୍ଥାନୀୟ ପରିଚୟ ଓ ଗ୍ରାମୀଣ ଜୀବିକାକୁ ସୁରକ୍ଷିତ କରିବା ସହିତ ଜାତୀୟ ଓ ଅନ୍ତର୍ଜାତୀୟ ବଜାରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି।

ଜାପାନରେ କୁଟୀର ଶିଳ୍ପଦ୍ୱାରା ଗ୍ରାମାଞ୍ଚଳର ବିକାଶ ହୋଇ ପାରିଥିଲା ଏବଂ ଏଥିରେ ବହୁ କୃଷକ ଉପକୃତ ହୋଇଥିଲେ। ବର୍ତ୍ତମାନ ଶିଳ୍ପ କ୍ଷେତ୍ରରେ ବହୁତ ଅଗ୍ରଗତି ହୋଇଥିଲେ ମଧ୍ୟ ସାଂସ୍କୃତିକ ସଂରକ୍ଷଣ ପାଇଁ ବହୁ କୁଟୀର ଶିଳ୍ପ ଏଯାଏଁ ସେ ଦେଶରେ ବଞ୍ଚି ରହିଛି। ଅଷ୍ଟାଦଶ ଶତାବ୍ଦୀର ଶେଷ ଭାଗରେ ପାରିବାରିକ ସ୍ତରରେ କୁଟୀର ଶିଳ୍ପ ଏକ ରୋଜଗାରରେ ଉତ୍ତମ ପନ୍ଥା ଥିଲା। ସହରର ବ୍ୟବସାୟୀ ଗ୍ରାମକୁ ଯାଇ ଘରେ ଘରେ କଞ୍ଚାମାଲ ପହଞ୍ଚାଇ ଦେଉଥିଲେ ଏବଂ କୁଟୀର ଶିଳ୍ପ ଜାତ ଦ୍ରବ୍ୟ ସଂଗ୍ରହ କରି ଆଣୁଥିଲେ। ଏହି ହିସାବରେ ଟସର ଶିଳ୍ପ ଗ୍ରାମଗୁଡ଼ିକରେ ଗଢ଼ି ଉଠୁଥିଲା। ଏହି ଧାରାରେ ଓଡ଼ିଶାର କୁଟୀର ଶିଳ୍ପର ବିକାଶ ହୋଇପାରିବ। କୃଷି ଓ କୁଟୀର ଶିଳ୍ପ ପରସ୍ପରକୁ ଶକ୍ତି ଦେଇଥାଏ। କୃଷି ଉତ୍ପାଦକୁ ଆଧାର କରି ଗ୍ରାମୀଣ କୁଟୀର ଶିଳ୍ପର ବିକାଶ କଲେ କୃଷକଙ୍କ ଆୟ ବଢ଼ିବ, ଗ୍ରାମ ଅର୍ଥନୀତି ସୁଦୃଢ଼ ହେବ ଓ ଓଡ଼ିଶା ଆତ୍ମନିର୍ଭର ହେବ। କୁଟୀର ଶିଳ୍ପକୁ ସଫଳ କରିବା ପାଇଁ ସରକାରଙ୍କୁ ସହଜ ଋଣ, ପ୍ରଶିକ୍ଷଣ, ଶୀତଳଭଣ୍ଡାର, ବଜାର ସୁବିଧା ଓ ଅନଲାଇନ ବିକ୍ରୟ ବ୍ୟବସ୍ଥା ଯୋଗାଇବା ଦରକାର।

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦।

# ଷୋହଳ ଶାସନରେ ନୃସିଂହ ଉପାସନା

## ତତ୍ତ୍ୱ ଓ ତଥ୍ୟରେ ଶ୍ରୀଜଗନ୍ନାଥ

ଅରିଜିତ ମିଶ୍ର



ମହାପ୍ରଭୁ ଶ୍ରୀନୃସିଂହଙ୍କର ଉପାସନା ବେଦ ଓ ପୁରାଣ ମତରେ ସତ୍ୟ ଯୁଗରୁ ବର୍ତ୍ତମାନ ପର୍ଯ୍ୟନ୍ତ ତିଷ୍ଠି ରହିଛି ଏହି ଧରାରେ। ଏଠାରେ ଷୋହଳ ଶାସନ କହିଲେ ଷୋହଳ ଗୋଟି ବ୍ରାହ୍ମଣ ଶାସନ, ଯାହାକି ଶ୍ରୀକ୍ଷେତ୍ର ସନ୍ନିକଟ ପଞ୍ଚକୋଶୀ ମଧ୍ୟରେ ପରିବେଷ୍ଟିତ। ଏହି ଶାସନଗୁଡ଼ିକ ସୂର୍ଯ୍ୟବଂଶୀ ରାଜାମାନଙ୍କଠାରୁ ଆରମ୍ଭ କରି ଭୋଇବଂଶର ଗଜପତି ମହାରାଜାମାନଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିବା ମାଦଳା ପାଞ୍ଜିରେ ଲିପିବଦ୍ଧ। ଏହି ଶାସନ-ଗ୍ରାମଗୁଡ଼ିକ ଶ୍ରୀମନ୍ଦିରରେ ଥିବା ମୁକ୍ତିମଣ୍ଡପର ଅଧିକାରୀ ଏବଂ ମହାପ୍ରଭୁ ଶ୍ରୀଲକ୍ଷ୍ମୀନୃସିଂହ ହେଉଛନ୍ତି ଏହି ମୁକ୍ତିମଣ୍ଡପର ଇଷ୍ଟଦେବତା।

ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପରଂବ୍ରହ୍ମ, ଯିଏ କି ସର୍ବଦେବାଦେବୀଙ୍କ ସମାହାର। ତେଣୁ ଯଥାର୍ଥରେ କୁହାଯାଇଛି- 'ସର୍ବ ରହସ୍ୟମ ପୁରୁଷୋତ୍ତମସ୍ୟ ଦେବାଃ ନଜାନନ୍ତି କୁତଃ ମନୁଷ୍ୟା।' ଆମର କିମ୍ବଦନ୍ତୀ କୁହେ ବ୍ରହ୍ମା ଯେତେବେଳ ଶ୍ରୀମନ୍ଦିର ଓ ଦେବତା ପ୍ରତିଷ୍ଠା କରିଥିଲେ ସେହି ସମୟରେ ମହାପ୍ରଭୁ ଶ୍ରୀନୃସିଂହ ଯଜ୍ଞର ଅଗ୍ନିରୁ ଉତ୍ପନ୍ନ ହେଲେ। ତାଙ୍କର ସେହି ଦିବ୍ୟ ବିକଟାଳ ରୂପ ଦେଖି ସମସ୍ତେ ଭୟରେ କମ୍ପମାନ ହେଲେ। ତେଣୁ ମହାପ୍ରଭୁଙ୍କର ସେହି ନୃସିଂହ ରୂପ ଅଦ୍ୟାବଧି ଆଦିନୃସିଂହ ନାମରେ ଗୁଣ୍ଡିଚା ମନ୍ଦିର ନିକଟରେ ଏକ ଭବ୍ୟ ମନ୍ଦିରରେ ଅଧିଷ୍ଠିତ। ଯେହେତୁ ଆଦିନୃସିଂହ ରୂପରେ ମହାପ୍ରଭୁ ଆବିର୍ଭାବ ହୋଇଥିଲେ, ଶ୍ରୀମନ୍ଦିରର ଚତୁର୍ଦ୍ଧା ମୂର୍ତ୍ତିଙ୍କର ନବକଳେବର ସମୟରେ ନୃସିଂହ ମନ୍ତ୍ରରେ ଯଜ୍ଞରେ ଆହୁତି ଦିଆଯାଇ ଦାରୁ ଛେଦନ କରାଯାଏ। ତତ୍‌ସହିତ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପ୍ରାଣପ୍ରତିଷ୍ଠା ସେହି ନୃସିଂହ ମନ୍ତ୍ରରେ କରାଯାଇଥାଏ। ଏତଦ୍‌ବ୍ୟତୀତ ପ୍ରତିବର୍ଷ ରଥଯାତ୍ରାରେ ରଥ ପ୍ରତିଷ୍ଠା ନୃସିଂହ ମନ୍ତ୍ରରେ ଆହୁତି ପ୍ରଦାନ କରି କରାଯାଇଥାଏ। ତେଣୁ ଶ୍ରୀକ୍ଷେତ୍ରକୁ 'ନୃସିଂହ କ୍ଷେତ୍ର' ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ।

ନୃସିଂହତାପିନୀ ଉପନିଷଦରୁ ଉଦ୍ଧୃତ ଶ୍ରୀଲକ୍ଷ୍ମୀନୃସିଂହଙ୍କର ଧ୍ୟାନମନ୍ତ୍ରଟି ହେଉଛି- ଓଁ ସତ୍ୟ ଜ୍ଞାନ ସୁଖ ସ୍ୱରୂପ ମମଲମ୍ କ୍ଷୀରାବ୍ଧି ମଧ୍ୟ ସ୍ଥିତମ୍ / ଯୋଗାରୁଢ଼ମତି ପ୍ରସନ୍ନବଦନମ୍ ଭୂଷାସହସ୍ରୋଜ୍ଜ୍ୱଲମ୍ / ତ୍ର୍ୟକ୍ଷମ୍ ଚକ୍ରମ୍ ପିନାକ ସାଭୟବରାନ୍ ବିଭ୍ରାଣମର୍କ ଛବିମ୍ / ଛତ୍ରୀଭୂତ ଫଣିନ୍ଦ୍ରମିନ୍ଦୁ ଧବଳମ୍ ଲକ୍ଷ୍ମୀନୃସିଂହମ୍ ଭଜେ।'

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ମୁଖ୍ୟକର୍ମଗୁଡ଼ିକ ଯେହେତୁ ନୃସିଂହ ମନ୍ତ୍ରରେ ହୁଏ ଏବଂ ସେହି କର୍ମଗୁଡ଼ିକ ଷୋହଳ ଶାସନର ଶ୍ରୋତ୍ରିୟ ବ୍ରାହ୍ମଣମାନଙ୍କ ଦ୍ୱାରା ହେଉଥିବାରୁ ମହାପ୍ରଭୁ ଶ୍ରୀନୃସିଂହଙ୍କର ଉପାସନା ଏହି ଷୋହଳ ଶାସନ ବ୍ରାହ୍ମଣ ପରିବାରମାନଙ୍କରେ ଦେଖିବାକୁ ମିଳିଥାଏ। ସାଧାରଣତଃ କିଛି ପରିବାର ସଂପୂର୍ଣ୍ଣ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଲକ୍ଷ୍ମୀନୃସିଂହ ରୂପେ ପୂଜା କରିଆସୁଛନ୍ତି। ଯେପରିକି ନୃସିଂହ ହେଲେ ଶ୍ରୀଜଗନ୍ନାଥ, ଲକ୍ଷ୍ମୀ ହେଲେ ମାଆ ସୁଭଦ୍ରା, ଶ୍ରୀବଳଭଦ୍ର ହେଲେ ଅନନ୍ତ ଶେଷନାଗ ଏବଂ ସୁଦର୍ଶନଙ୍କୁ ନିଜେ ମହାପ୍ରଭୁ ନୃସିଂହ ରୂପରେ ଧାରଣ କରିଥା'ନ୍ତି। ଏଠାରେ ନୃସିଂହ ଉପାସନାର ତଥ୍ୟ କିଛି ଶାସନଗ୍ରାମର ଶ୍ରୋତ୍ରୀୟ ବ୍ରାହ୍ମଣ ପରିବାରର ଗୋତ୍ର ଏବଂ ସାଙ୍ଗିଆକୁ ନେଇ ହସ୍ତଗତ ହୋଇଛି। ଯଥା- 'ବୀର ନରସିଂହପୁର ଶାସନ - କୌତ୍ସସ ମିଶ୍ର, ଭରଦ୍ୱାଜ ମିଶ୍ର ଓ ଗୌତମ ହୋତା। ବୀର ବଳଭଦ୍ରପୁର ଶାସନ - ଭରଦ୍ୱାଜ ମିଶ୍ର। ବାସୁଦେଇପୁର ଶାସନ - କାଶ୍ୟପ ଉପାଧ୍ୟାୟ। ପ୍ରତାପ ରାମଚନ୍ଦ୍ରପୁର ଶାସନ - ଭରଦ୍ୱାଜ ମିଶ୍ର। ବୀର ପ୍ରତାପପୁର ଶାସନ - କୌତ୍ସସ ମିଶ୍ର। ଗୋପୀନାଥପୁର ଶାସନ - କୌତ୍ସସ ମିଶ୍ର। କପିଳେଶ୍ୱରପୁର ଶାସନ - କାଶ୍ୟପ ତ୍ରିପାଠୀ। ଶ୍ରୀରାମଚନ୍ଦ୍ରପୁର ଶାସନ - ଭରଦ୍ୱାଜ ମହାପାତ୍ର, କୌତ୍ସସ ମିଶ୍ର। ବୀର ରାମଚନ୍ଦ୍ରପୁର ଶାସନ - ଭରଦ୍ୱାଜ ମିଶ୍ର। ଶ୍ରୀପୁରୁଷୋତ୍ତମପୁର ଶାସନ - ଭରଦ୍ୱାଜ ମିଶ୍ର।

ସାଧାରଣତଃ ପ୍ରତିବର୍ଷ ବୈଶାଖ ମାସ ଶୁକ୍ଳପକ୍ଷ ନୃସିଂହ ଚତୁର୍ଦ୍ଦଶୀ ତିଥିରେ ମହାପ୍ରଭୁ ଶ୍ରୀଲକ୍ଷ୍ମୀନୃସିଂହଙ୍କର ପୂଜା ଉପରୋକ୍ତ ବ୍ରାହ୍ମଣ ପରିବାରରେ କରାଯାଇଥାଏ। ସକାଳ ଧୂପରେ ପଞ୍ଚ ଉପଚାର ପୂଜା କରାଯାଇ ଖେଚୁଡ଼ି ପ୍ରସାଦ ମହାପ୍ରଭୁଙ୍କୁ ସମର୍ପଣ କରାଯାଇଥାଏ। ନୃସିଂହ ପୁରାଣ ମତରେ ଯେହେତୁ ମହାପ୍ରଭୁ ଆବିର୍ଭାବ ସନ୍ଧ୍ୟା ସମୟରେ ହୋଇ ଦୈତ୍ୟ ହିରଣ୍ୟକଶିପୁକୁ ବଧ କରିଥିଲେ, ତେଣୁ ପ୍ରତ୍ୟେକଙ୍କ ଗୃହରେ ସନ୍ଧ୍ୟା ସମୟରୁ ବିଶଦ ଭାବେ ଷୋଡ଼ଶ ଉପଚାରରେ ପୂଜା ଆରମ୍ଭ ହୋଇ ରାତ୍ରରେ ଶେଷ ହୋଇଥାଏ। ରାତ୍ର ଧୂପର ପ୍ରସାଦ ରୂପରେ ମୁଖ୍ୟତଃ ପଇଡ଼, ପାଟକପୁରା କଦଳୀ, ପଣସ, ଆମ୍ବ, ତାଳ, ସପୁରୀ ଆଦି ଋତୁ ଫଳ ସହିତ ଚୁଡ଼ାଘଷା, ସୁଜି କ୍ଷୀରି, କାକରା, ମାଣ୍ଡୁଅ, ଖଜା, ଉଖୁଡ଼ା ଏବଂ ପଣା ଆଦି ଭୋଗ ଅର୍ପଣ କରାଯାଏ ମହାପ୍ରଭୁ ଶ୍ରୀଲକ୍ଷ୍ମୀନୃସିଂହଙ୍କ ନିକଟରେ।

ଶ୍ରୀମନ୍ଦିର ଏବଂ ଶ୍ରୀକ୍ଷେତ୍ରର ଚତୁଃପାର୍ଶ୍ୱରେ ଅନେକ ସ୍ଥାନରେ ନୃସିଂହ ମନ୍ଦିର ଏବଂ ମନ୍ଦିର କାନ୍ଥରେ ନୃସିଂହ ମୂର୍ତ୍ତି, ତତ୍‌ସହିତ ଶ୍ରୀମନ୍ଦିର ନିକଟସ୍ଥ ଅନେକ ସାହିମାନଙ୍କର ଦୁଆର କାନ୍ଥ, ଶ୍ରୀକ୍ଷେତ୍ରର ଅନେକ ମଠ ଏବଂ ଜାଗାଘରମାନଙ୍କରେ ଲକ୍ଷ୍ମୀନୃସିଂହଙ୍କର ଉପାସନା ଦେଖିବାକୁ ମିଳେ। ଏଥିରୁ ଅନୁମେୟ ଯେ ପୁରାକାଳରୁ ଆମ ପୂର୍ବପୁରୁଷ ନୃସିଂହ ଉପାସନା ସହିତ ଓତପ୍ରୋତ ଭାବେ ଜଡ଼ିତ। ଆଚାର୍ଯ୍ୟ ଶ୍ରୀଶ୍ରୀଧର ସ୍ୱାମୀଙ୍କର ପ୍ରଣୀତ ଶ୍ରୀମଦ୍ ଭାଗବତ ଟୀକାରେ ମହାପ୍ରଭୁ ଶ୍ରୀନୃସିଂହଙ୍କର ବନ୍ଦନାରେ ଲିଖିତ- 'ବାଗିଶା ଯସ୍ୟ ବଦନେ ଲକ୍ଷ୍ମିର୍ଯସ୍ୟ ଚ ବକ୍ଷସି / ଯସ୍ୟାସ୍ତେ ହୃଦୟେ ସମ୍ବିତ୍ ତମ୍ ନୃସିଂହ ମହମ୍ ଭଜେ।'

(ଅଧ୍ୟାପକ, ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟ)
ବାଙ୍କୀ, ମୋ: ୯୦୪୦୩୫୦୦୮୯।



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଆଜି ରଥ ଉପରେ...

ଲାଗି ବଡ଼ଦାଣ୍ଡରେ ଅପେକ୍ଷା କରିଥିଲେ ଲକ୍ଷାଧିକ ଶ୍ରଦ୍ଧାଳୁ। ସେପଟେ ଗୁଣ୍ଡିଚା ମନ୍ଦିରରେ ନୀତିକାନ୍ତି ବି ସଅଳ ଚାଲିଥିଲା। କୁସୁମୀ ଲାଗି ସାରି ଦଇତାପତିମାନେ ଶୁକ୍ରବାର ସକାଳ ୮ଟା ୧୦ରେ ବାହାରିଥିଲେ। ଏହାପରେ ୮ଟା ୨୫ରେ ମଙ୍ଗଳ ଆଳତି ହୋଇ ପୂର୍ବାହ୍ନ ୧୦ଟା ୨୦ ସୁଦ୍ଧା ଠାକୁରଙ୍କ ଅବକାଶ, ରୋଷହୋମ, ସୂର୍ଯ୍ୟପୂଜା, ଦ୍ୱାରପାଳ ପୂଜା, ଗୋପାଳ ବଲ୍ଲଭ ଏବଂ ସକାଳ ଧୂପ ସରିଥିଲା। ସକାଳ ଧୂପରେ ମହାପ୍ରଭୁ ଖେଚୁଡ଼ି ଖାଇଥିଲେ। ୧୦ଟା ୩୫୦ରେ ମଙ୍ଗଳାର୍ପଣ ହୋଇଥିଲା। ଆଉ ନିର୍ଦ୍ଧାରିତ ସମୟ (ମଧ୍ୟାହ୍ନ ୧୨ଟା) ର ୧ଘଣ୍ଟା ୧୦ମିନିଟ୍ ପୂର୍ବରୁ ଅର୍ଥାତ୍ ପୂର୍ବାହ୍ନ ୧୦ଟା ୫୦ରେ ବାଜିଥିଲା ବିଜେ କାହାଳୀ। ଆରମ୍ଭ ହୋଇଥିଲା ଦାରୁବିଗ୍ରହଙ୍କ ପହଣ୍ଡି। ଧାଡି ପହଣ୍ଡିରେ ପ୍ରଥମେ ଚକ୍ରରାଜ ଶ୍ରୀସୁଦର୍ଶନ ରଥାରୂଢ଼ ହୋଇଥିଲେ। ପରେ ପରେ ବଡଠାକୁର ବଳଭଦ୍ର, ହଳଦୀମୁଖି ଦେବୀ ସୁଭଦ୍ରା ଏବଂ ଶେଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥାରୁଢ ହୋଇଥିଲେ। ଅପରାହ୍ନ ୨ଟା ୧୫ସୁଦ୍ଧା ଚତୁର୍ଦ୍ଧାବିଗ୍ରହଙ୍କ ପହଣ୍ଡି ସରିଥିଲା। ଅପରାହ୍ନ ୨ଟା ୩୫ରେ ସୁଦ୍ଧା ଠାକୁରଙ୍କ ରୁନ୍ଧା ସରିବା ପରେ ୨ଟା ୪୫ରେ ମଦନମୋହନ ଓ ରାମକୃଷ୍ଣ ରଥକୁ ବିଜେ କରିଥିଲେ। ଅପରାହ୍ନ ସାଢେ ୨ଟାରୁ ସାଢେ ୩ଟା ମଧ୍ୟରେ ଛେରାପହଁରା ପାଇଁ ସମୟ ନିର୍ଘଣ୍ଟ ଥିବାବେଳେ ୫୦ ମିନିଟ୍ ବିଳମ୍ବ ଅର୍ଥାତ୍ ଅପରାହ୍ନ ୪ଟା ୨୦ ମଧ୍ୟରେ ଶେଷ ହୋଇଥିଲା। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ କରିବାକୁ ସମୟ ନିର୍ଘଣ୍ଟ ହୋଇଥିଲା। ହେଲେ ଅଧଘଣ୍ଟା ଅର୍ଥାତ୍ ସାଢେ ୪ଟାରେ ଆରମ୍ଭ ହୋଇଥିଲା ରଥଟଣା। ମାଉସୀ ମା' ମନ୍ଦିର ସମ୍ମୁଖରେ ରଥ ପହଞ୍ଚିବା ପରେ ସେଠାରେ ଠାକୁରଙ୍କୁ ପୋଡ଼ପିଠା ସର୍ପମଣୋହି କରାଯାଇଥିଲା। ମାଉସୀ ମା'ର ପୋଡ଼ପିଠା ଖାଇ ଠାକୁରମାନେ ଶ୍ରୀମନ୍ଦିର ଅଭିମୁଖେ ବାହାରିଥିଲେ। ରାତି ପ୍ରାୟ ୧୦ଟାରେ ଲକ୍ଷ୍ମୀନାରାୟଣ ଭେଟ ପରେ ୧୧ ଟା ପର୍ଯ୍ୟନ୍ତ ରଥଟଣା ଚାଲିଥିଲା।

ଆସନ୍ତାକାଲି ପବିତ୍ର ଆଷାଢ଼ ଶୁକ୍ଳ ଏକାଦଶୀ ତିଥିରେ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ। ମହଣ ମହଣ ସୁନାରେ ସଜେଇ ହେବେ ରଥାରୂଢ଼ ଦାରୁବିଗ୍ରହ। ରଥ ଉପରେ ହେଉଥିବା ଏହି ବେଶକୁ ବଡ଼ତଢ଼ାଉ ବେଶ ମଧ୍ୟ କୁହାଯାଏ। ଗଜପତି ମହାରାଜା କପିଳେନ୍ଦ୍ର ଦେବଙ୍କ ସମୟରୁ ଏହି ବେଶ ହୋଇଆସୁଥିବା ଶୁଣିବାକୁ ମିଳେ। ତେବେ ଏହି ଅପୂର୍ବ ବେଶ ଲାଗି ଏଥର ଶ୍ରୀମନ୍ଦିର ପରିସର ବାହାର ଭଣ୍ଡାର ଘରୁ ବାହାରିବ ମହଣ ମହଣ ସୁନା ଓ ରୁପା ଅଳଙ୍କାର। ବହୁବିଧ ରତ୍ନଅଳଙ୍କାର ଲାଗି ହୋଇ ରଥ ଉପରେ ଝଲସିବେ ଦାରୁଦିଅଁ।

## ୨୪ ଘଣ୍ଟାର...

ଦେଇନଥିଲେ। ତେବେ ସିଜେପିର ସର୍ତ୍ତ ଥିଲା ଯେ ସେମାନେ କୌଣସି ମନ୍ତ୍ରୀଙ୍କ ବାସଭବନ କିମ୍ବା କାର୍ଯ୍ୟାଳୟକୁ ଆଲୋଚନା ପାଇଁ ଯିବେ ନାହିଁ। ନିରପେକ୍ଷ ସ୍ଥାନ କିମ୍ବା ଜନ୍ତର-ମନ୍ତରରେ ବୈଠକ ହେଲେ ସେମାନେ ଆଲୋଚନା କରିବେ ବୋଲି ସଂଗଠନ ସ୍ପଷ୍ଟ କରିଥିଲା। ଏହାପରେ ଶୁକ୍ରବାର ସକାଳେ ଜନ୍ତର-ମନ୍ତରଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଥିବା କନଷ୍ଟିଚ୍ୟୁସନ କ୍ଲବ୍‌ରେ ସିଜେପିର ପ୍ରବକ୍ତା ସୌରଭ ଦାସ ଓ ଆଶୁତୋଷ ରାଙ୍କାଙ୍କ ସହ କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର ସିଂହ ଏବଂ ଜେ.ପି. ନଡ୍ଡାଙ୍କ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକ ପରେ ଜେ.ପି. ନଡ୍ଡା କହିଥିଲେ ଯେ ସିଜେପି ପକ୍ଷରୁ ଉଠାଯାଇଥିବା ତିନୋଟି ପ୍ରମୁଖ ଦାବି ଓ ପାଞ୍ଚଟି ସୁଧାର ପ୍ରସ୍ତାବ ଉପରେ ସରକାର ଗୁରୁତ୍ୱର ସହ ବିଚାର କରିବେ। ଏଥିପାଇଁ ସରକାର ଆସନ୍ତାକାଲି ପର୍ଯ୍ୟନ୍ତ ସମୟ ମାଗିଥିବା ସେ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ସିଜେପି ପ୍ରବକ୍ତାମାନେ କହିଛନ୍ତି ଯେ କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ପ୍ରସଙ୍ଗରେ କୌଣସି ପ୍ରକାର ବୁଝାମଣା ହେବ ନାହିଁ। ତେବେ ପ୍ରଦର୍ଶନକାରୀଙ୍କୁ କ୍ଷତିପୂରଣ ପ୍ରଦାନ ଓ ସେମାନଙ୍କ ବିରୋଧରେ ରୁଜୁ ମାମଲା ପ୍ରତ୍ୟାହାର ପ୍ରସଙ୍ଗରେ ସରକାର ସକାରାତ୍ମକ ସଙ୍କେତ ଦେଇଥିବା ସଂଗଠନ ପକ୍ଷରୁ କୁହାଯାଇଛି।

## ଇଣ୍ଟରନେଟ୍ ସେବା...

ସାମିଲ ନ ଥିବା ସାଧାରଣ ଲୋକ, ଚାକିରିଆ, ଘରୋଇ ସଂସ୍ଥାରେ କାମ କରୁଥିବା କର୍ମଚାରୀ ଓ ବ୍ୟବସାୟୀମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି। ଇଣ୍ଟରନେଟ୍ ବନ୍ଦ ଯୋଗୁଁ ୟୁପିଆଇ ମାଧ୍ୟମରେ ଦେୟ ପ୍ରଦାନ, ଡିଜିଟାଲ ପେମେଣ୍ଟ, ହ୍ୱାଟସଆପ୍ କଲ୍, ନାଭିଗେସନ୍, ଆପ୍ ଭିତ୍ତିକ ପରିବହନ ସେବା ଓ ଅନ୍ୟାନ୍ୟ ଅନଲାଇନ୍ ସୁବିଧା ପ୍ରଭାବିତ ହୋଇଛି। ଅନେକ ହୋଟେଲ୍ ଓ ପାର୍କିଂ ସ୍ଥଳରେ କେବଳ ନଗଦ ଟଙ୍କା ଗ୍ରହଣ କରାଯାଉଥିବା ବେଳେ ଛୋଟ ବ୍ୟବସାୟୀମାନେ ୟୁପିଆଇ ମାଧ୍ୟମରେ ଅର୍ଥ ଗ୍ରହଣ କରିପାରୁ ନ ଥିବା ଦେଖାଯାଉଛି। ଓଲା ଓ ଉବର ଭଳି ଆପ୍ ଭିତ୍ତିକ ଟ୍ୟାକ୍ସି ସେବା ବାଧାପ୍ରାପ୍ତ ହୋଇଛି। ଯାତ୍ରୀମାନେ କ୍ୟାବ୍ ବୁକ୍ କରିପାରୁନଥିବା ବେଳେ ଅନେକ ଡ୍ରାଇଭର ଲୋକେସନ୍ ଟ୍ରାକିଂ ଓ ରାଇଡ୍ ଗ୍ରହଣ କରିବାରେ ସମସ୍ୟା ଭୋଗିଛନ୍ତି। ଫଳରେ କାର୍ଯ୍ୟାଳୟ ଯାଉଥିବା କର୍ମଚାରୀ, ପର୍ଯ୍ୟଟକ ଓ ସାଧାରଣ ଲୋକ ଦୀର୍ଘ ସମୟ ଧରି ଯାନବାହନ ପାଇଁ ଅପେକ୍ଷା କରିବାକୁ ବାଧ୍ୟ ହୋଇଛନ୍ତି। ଜୋମାଟୋ, ସ୍ୱିଗି ଓ ଅନ୍ୟାନ୍ୟ ଅନଲାଇନ୍ ଫୁଡ୍ ଡେଲିଭରି ସେବା ମଧ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଛି ।ଡେଲିଭରି ପାର୍ଟନରମାନେ ଅର୍ଡର ଗ୍ରହଣ, ଗ୍ରାହକଙ୍କ ଲୋକେସନ୍ ଚିହ୍ନଟ ଓ ଦେୟ ପଇଠ କରିପାରୁ ନ ଥିବାରୁ ଅନେକ ଅଡର୍ ବାତିଲ କରିବାକୁ ରେଷ୍ଟୁରାଣ୍ଟଗୁଡ଼ିକ ବାଧ୍ୟ ହୋଇଛନ୍ତି । ୟୁପିଆଇ, ମୋବାଇଲ ବ୍ୟାଙ୍କିଂ ଓ ଅନ୍ୟାନ୍ୟ ଡିଜିଟାଲ ପେମେଣ୍ଟ ସେବା ପ୍ରାୟ ବନ୍ଦ ହୋଇ ଯାଇଛି। ଛୋଟ ବ୍ୟବସାୟୀ, ଚା' ଦୋକାନୀ, ଫଳ ବିକ୍ରେତା ଓ ପାର୍କିଂ ସେବା ପ୍ରଦାନକାରୀଙ୍କ କାରବାର ବାଧାପ୍ରାପ୍ତ ହୋଇଛି। ଇଣ୍ଟରନେଟ୍ ବନ୍ଦ ହେବାର ପ୍ରଭାବ ଅନଲାଇନ୍ ଶିକ୍ଷା ଉପରେ ମଧ୍ୟ ପଡ଼ିଛି। ଭର୍ଚୁଆଲ, ଅନଲାଇନ୍ କୋଚିଂ, ୱେବିନାର ଓ ଡିଜିଟାଲ ଷ୍ଟଡି ପ୍ଲାଟଫର୍ମ ସହ ସଂଯୋଗ ବିଚ୍ଛିନ୍ନ ହୋଇଛି।

## ୧୦ ବର୍ଷ ଜେଲ୍...

ଅଦାଲତଗୁଡ଼ିକୁ ୩ ମାସ ମଧ୍ୟରେ ମାମଲାର ଶୁଣାଣି ଶେଷ କରି ଦଣ୍ଡବିଧାନ ଶୁଣାଇବାକୁ ବାଧ୍ୟତାମୂଳକ କରାଯିବ। ସଂଶୋଧିତ ଆଇନରେ ଦଣ୍ଡ ଓ ଜରିମାନା ପରିମାଣ ଯଥେଷ୍ଟ ବୃଦ୍ଧି କରାଯାଇଛି। ପ୍ରଶ୍ନପତ୍ର ପ୍ରଘଟରେ ସଂପୃକ୍ତ ଦୋଷୀଙ୍କୁ ୧୦ ବର୍ଷ ପର୍ଯ୍ୟନ୍ତ ଜେଲ୍ ଦଣ୍ଡ ଏବଂ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା କରାଯିବ। ପୂର୍ବରୁ ଏଥିପାଇଁ ୩ ରୁ ୫ ବର୍ଷ ଜେଲ୍ ଏବଂ ୧୦ ଲକ୍ଷ ଟଙ୍କାର ଜରିମାନା ବ୍ୟବସ୍ଥା ରହିଥିଲା। ସଂଗଠିତ ଭାବେ କାର୍ଯ୍ୟ କରୁଥିବା ଗ୍ୟାଙ୍ଗ୍ ପାଇଁ ୫ ରୁ ୧୦ ବର୍ଷ ଜେଲ୍ ସହ ଅତିକମ୍‌ରେ ୧ କୋଟି ଟଙ୍କାର ଜରିମାନା ସ୍ଥିର କରାଯାଇଛି। ଗୋପନୀୟତା ରକ୍ଷା କରିବାରେ ବିଫଳ ହେଉଥିବା ସଂସ୍ଥାଗୁଡ଼ିକ ଉପରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଜରିମାନା ଲଗାଯାଇପାରିବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ରାତିରେ ଏକ ଭିଡିଓ ବାର୍ତ୍ତା ଜାରି କରି କହିଛନ୍ତି ଯେ, ପ୍ରଶ୍ନପତ୍ର ପ୍ରକାଶ କୌଣସି ସାଧାରଣ ଘଟଣା ନୁହେଁ, ଏହା ଲକ୍ଷ ଲକ୍ଷ ଛାତ୍ରଛାତ୍ରୀ ଓ ସେମାନଙ୍କ ପରିବାର ପାଇଁ ଅତ୍ୟନ୍ତ କଷ୍ଟଦାୟକ। ଛାତ୍ରଛାତ୍ରୀଙ୍କ ଗୋଟିଏ ବର୍ଷ ଯେପରି ନଷ୍ଟ ନହୁଏ, ସେଥିପାଇଁ ସରକାର ସମସ୍ତ ପଦକ୍ଷେପ ଗ୍ରହଣ କରୁଛନ୍ତି। ଏହି ସଂଶୋଧନ ବିଲ୍ ସୋମବାର ସଂସଦର ଲୋକସଭାରେ ଆଗତ କରାଯିବ। ଅନ୍ୟପଟେ, ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଏହି ପ୍ରସଙ୍ଗରେ ସରକାରଙ୍କୁ ଘେରିବା ସହ ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି ଦୋହରାଇଛନ୍ତି। ସରକାରଙ୍କ ଏହି କଠୋର ଆଇନଗତ ପଦକ୍ଷେପ ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା ଫେରାଇ ଆଣିବାରେ କେତେ ସଫଳ ହେଉଛି, ତାହା ଦେଖିବାକୁ ବାକି ରହିଲା।

## ଏନ୍‌ଟିଏର ୪୭...

ପାଇଁ ଏହି ପଦକ୍ଷେପ ଗ୍ରହଣ କରାଯାଉଛି। ଏନ୍‌ଟିଏ ଦ୍ୱାରା ପରିଚାଳିତ ପରୀକ୍ଷାଗୁଡ଼ିକୁ ସୁରକ୍ଷିତ ଏବଂ ତ୍ରୁଟିଶୂନ୍ୟ କରିବା ପାଇଁ ସରକାର ପ୍ରସ୍ତୁତ ହେଉଛନ୍ତି। ଏହି ଦିଗରେ ପରୀକ୍ଷା ସମ୍ବନ୍ଧୀୟ କାର୍ଯ୍ୟଗୁଡ଼ିକ ପାଇଁ ବାହ୍ୟ ସଂସ୍ଥା ଉପରେ ନିର୍ଭରଶୀଳତା କମାଯିବ ଏବଂ ଏହି ପ୍ରକ୍ରିୟାରେ ଅଧିକ ନିୟନ୍ତ୍ରଣ ରଖାଯିବ। ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଏକ ବିଶେଷଜ୍ଞ କମିଟିର ସୁପାରିଶ ଆଧାରରେ ପରୀକ୍ଷା ପ୍ରଣାଳୀରେ ସଂରଚନାତ୍ମକ ଏବଂ ବୈଷୟିକ ପରିବର୍ତ୍ତନ କରାଯିବ। ନିଟ୍-ୟୁଜି ପ୍ରଶ୍ନପତ୍ର ଲିକ ବିବାଦ ପରେ ସାରା ଦେଶରେ ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଥିଲା। ଏନ୍‌ଟିଏ ପ୍ରତିବର୍ଷ ନିଟ୍, ଜେଇଇ ଏବଂ ସିୟୁଇଟି ଭଳି ପ୍ରାୟ ୧୫ ରୁ ୨୦ଟି ବଡ଼ ଜାତୀୟସ୍ତରର ପରୀକ୍ଷା ପରିଚାଳନା କରିଥାଏ। ଉଲ୍ଲେଖଯୋଗ୍ୟ, ଗତକାଲି କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟରେ ଏକ ବଡ଼ ଧରଣର ପ୍ରଶାସନିକ ଅଦଳବଦଳ କରାଯାଇଛି। ବରିଷ୍ଠ ଆଇଏଏସ୍ ଅଧିକାରୀ ନରେଶ ପାଲ୍ ଗାଙ୍ଗୱାରଙ୍କୁ ଉଚ୍ଚ ଶିକ୍ଷା ବିଭାଗର ନୂତନ ସଚିବ ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ ସଚିବ ବିନୀତ ଯୋଶୀଙ୍କୁ ତାଙ୍କ ପଦବୀରୁ ହଟାଇ ପଞ୍ଚାୟତିରାଜ ମନ୍ତ୍ରଣାଳୟର ସଚିବ ଭାବେ ବଦଳି କରାଯାଇଛି।

## ୨୮ ଯାଏଁ...

ପଶ୍ଚିମ ଓଡିଶାର ବିଭିନ୍ନ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ସହ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ଆଶଙ୍କା ରହିଛି । ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ ଏବଂ ମହାନଦୀର ଅବବାହିକା ଅଞ୍ଚଳରେ ମଧ୍ୟ ଉଲ୍ଲେଖନୀୟ ବର୍ଷା ହେବାର ସମ୍ଭାବନା ରହିଛି ବୋଲି କେନ୍ଦ୍ର କହିଛି। ଅନ୍ୟପଟେ ଲଘୁଚାପ ଯୋଗୁଁ ସମୁଦ୍ର ମଧ୍ୟରେ ପବନର ବେଗ ବୃଦ୍ଧି ପାଇବା ସହ ସମୁଦ୍ର ଅଶାନ୍ତ ରହିବ। ତେଣୁ ଆସନ୍ତା ୨୭ ପର୍ଯ୍ୟନ୍ତ ଗଭୀର ସମୁଦ୍ର ମଧ୍ୟକୁ ମାଛ ମାରିବାକୁ ନଯିବା ପାଇଁ ମତ୍ସ୍ୟଜୀବୀମାନଙ୍କୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି। ଏହି ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁଁ ତଳିଆ ଅଞ୍ଚଳରେ ଏବଂ ସହରାଞ୍ଚଳରେ ରାସ୍ତାଘାଟରେ ଜଳବନ୍ଦୀ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି। ବିଶେଷ କରି ରାଜଧାନୀ ଭୁବନେଶ୍ୱର ଏବଂ କଟକ ସହରରେ ଟ୍ରାଫିକ୍ ସମସ୍ୟା ଉପୁଜିପାରେ। ଏହାକୁ ଦୃଷ୍ଟିରେ ରଖି ଏସଆରସିଙ୍କ କାର୍ଯ୍ୟାଳୟ ପକ୍ଷରୁ ସମସ୍ତ ଜିଲ୍ଲାପାଳମାନଙ୍କୁ ସମ୍ଭାବ୍ୟ ପରିସ୍ଥିତିର ମୁକାବିଲା କରିବା ପାଇଁ ସଜାଗ ରହିବାକୁ ପରାମର୍ଶ ଦିଆଯାଇଛି। ପ୍ରଶାସନ ପକ୍ଷରୁ ଜରୁରୀକାଳୀନ ବିଭାଗଗୁଡ଼ିକୁ ମଧ୍ୟ ଆଲର୍ଟ ମୋଡ୍‌ରେ ରଖାଯାଇଛି।

## ଓଡ଼ିଶାରେ ନୂଆ...

ଏହି ଗ୍ଲୋବାଲ୍ ଡେଲିଭରି ସେଣ୍ଟର ମାଧ୍ୟମରେ ଆମ ଓଡ଼ିଶାର ୬,୦୦୦ ରୁ ଅଧିକ ଉଚ୍ଚ ଶିକ୍ଷିତ ଏବଂ କୁଶଳୀ ଯୁବକ-ଯୁବତୀଙ୍କୁ ସିଧାସଳଖ ନିଯୁକ୍ତି ସୁଯୋଗ ମିଳିବ। ଏହି ଦୁଇଟି ପ୍ରକଳ୍ପରେ ଆସନ୍ତା ୫ ବର୍ଷରେ ପ୍ରାୟ ୧୫ ହଜାର କୋଟି ଟଙ୍କା ବିନିଯୋଗ ହେବ। ପୂର୍ବରୁ ଆମେ ବିଦେଶୀ ଏଆଇ ଉପରେ ନିର୍ଭର କରୁଥିଲୁ, କିନ୍ତୁ ଆଜି ଆମର ସ୍ୱଦେଶୀ ଏଆଇ 'ସର୍ଭମ', ବିଶ୍ୱର ଯେକୌଣସି ଟେକ୍ନୋଲୋଜି ସହ ସମକକ୍ଷ ହୋଇପାରିଛି। ଆଗାମୀ ଦିନରେ କୃଷି, ସ୍ୱାସ୍ଥ୍ୟ, ଶିକ୍ଷା ଓ ପ୍ରତିରକ୍ଷା କ୍ଷେତ୍ରରେ ଏହାର ବ୍ୟାପକ ବ୍ୟବହାର କରାଯିବ। ଓଡିଶାରେ ଏହି ଏଆଇ ପାର୍କ ଓ ଡାଟା ସେଣ୍ଟର ପ୍ରତିଷ୍ଠା ହେବା ଫଳରେ ଓଡିଶାରୁ ହିଁ ଓଡିଆ ସହିତ ବିଭିନ୍ନ ଭାରତୀୟ ଭାଷାରେ କୃତ୍ରିମ ବୁଦ୍ଧିମତାର ସେବା ଉପଲବ୍ଧ ହୋଇପାରିବ।

ଏହି ଅବସରରେ, ଓଡ଼ିଶାରେ ନିବେଶ କରିବା ପାଇଁ ଏଚସିଏଲ୍ ପ୍ରଯୁକ୍ତିବିଦ୍ୟା ସଂସ୍ଥା ସମ୍ପୂର୍ଣ୍ଣ ପ୍ରସ୍ତୁତ ବୋଲି ଏଚସିଏଲ୍ ଚେୟାରପର୍ସନ୍ ରୋଶନୀ ନାଦର ମାଲହୋତ୍ରା ପ୍ରକାଶ କରିଛନ୍ତି। ଓଡ଼ିଶା ସରକାରଙ୍କ ସହଯୋଗ ପାଇଁ କୃତଜ୍ଞତା ଜ୍ଞାପନ କରି ସେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଦୂରଦୃଷ୍ଟିସମ୍ପନ୍ନ ଚିନ୍ତାଧାରାରେ ଅନୁପ୍ରାଣିତ ହୋଇ ଏଚସିଏଲ୍ ରାଜ୍ୟରେ ନିଜର ଆଗାମୀ ନିବେଶ ଯୋଜନା ଆରମ୍ଭ କରିବାକୁ ଯାଉଛି। ନିକଟରେ ଓଡ଼ିଶାରେ ସଫଳତାର ସହ ଆୟୋଜିତ ହୋଇଥିବା ଏଆଇ ସମ୍ମିଳନୀ ପ୍ରମାଣିତ କରିଛି ଯେ ରାଜ୍ୟ କୃତ୍ରିମ ବୁଦ୍ଧିମତ୍ତା ଭିତ୍ତିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ କାର୍ଯ୍ୟ କରିବାକୁ ସମ୍ପୂର୍ଣ୍ଣ ସମର୍ଥ ଓ ପ୍ରସ୍ତୁତ ରହିଛି। ଏହି ଅବସରରେ ସେ ଓଡ଼ିଶାରେ ଏକ ସ୍ୱତନ୍ତ୍ର 'ଏଆଇ ପାର୍କ' ପ୍ରତିଷ୍ଠା କରାଯିବ ବୋଲି ଘୋଷଣା କରିବା ସହ ଏହା ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଯାତ୍ରାରେ ଏକ ପ୍ରମୁଖ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି ପ୍ରକାଶ କରିଛନ୍ତି। ଏହି ବୁଝାମଣା ପତ୍ର ସ୍ୱାକ୍ଷର ଅବସରରେ ବିଭାଗୀୟ ଅତିରିକ୍ତ ମୁଖ୍ୟ ସଚିବ ବିଶାଳ କୁମାର ଦେବ, ଏଚସିଏଲ ଟେକର ସିଇଓ ବିଜୟକୁମାର, ସର୍ଭମ ଏଆଇର ସିଇଓ ପ୍ରତ୍ୟୁଷ କୁମାର, ଶିଳ୍ପ ଓ ଶିକ୍ଷା ଜଗତର ବିଶିଷ୍ଟ ବ୍ୟକ୍ତିବୃନ୍ଦ ଏବଂ ଓଡ଼ିଶା ସରକାରଙ୍କ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ।

## ଏଥର 'ଫୋର୍ସ ଲେବର'...

ପରେ, ଭାରତ ଜୁନ୍ ୧୪ ରେ ତାର ବୈଦେଶିକ ବାଣିଜ୍ୟ ନୀତି ସଂଶୋଧନ କରିଥିଲା। ଆମେରିକା ବିଶ୍ୱାସ କରିଥିଲା ଯେ ଭାରତ ଶ୍ରମ ଅଧିକାର ମନିଟରିଂ, ନିୟମାବଳୀ ଲାଗୁ କରିବା ଏବଂ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ବୃଦ୍ଧି କରିବା ଦିଗରେ ସକାରାତ୍ମକ ପଦକ୍ଷେପ ନେଇଛି। ଏହି ଆଧାରରେ, ପ୍ରସ୍ତାବିତ ଶୁଳ୍କରେ ୨.୫% ହ୍ରାସ ମଞ୍ଜୁର କରାଯାଇଥିଲା। ତେବେ ୧୦%ଶୁଳ୍କ ଜାରି ରଖିବାର ଅର୍ଥ ହେଉଛି ଭାରତକୁ ସମ୍ପୂର୍ଣ୍ଣ ଛାଡ ମିଳିନାହିଁ। ଏହାର ଅର୍ଥ ହେଉଛି ଯେ ଆମେରିକା ଏବେ ବି ଚାହୁଁଛି ଯେ ଭାରତ ବଳପୂର୍ବକ ଶ୍ରମ ସହିତ ଜଡିତ ଶ୍ରମ ମାନଦଣ୍ଡ ଏବଂ ନିୟମାବଳୀକୁ ଅଧିକ ପ୍ରଭାବଶାଳୀ ଭାବରେ ଲାଗୁ କରୁ। ହେଲେ ୧୨.୫% ପରିବର୍ତ୍ତେ ୧୦% ଶୁଳ୍କ ଭାରତୀୟ ରପ୍ତାନିକାରୀଙ୍କ ଉପରେ ଅତିରିକ୍ତ ଖର୍ଚ୍ଚ ବୋଝକୁ କିଛିଟା ହ୍ରାସ କରିବ।


**FOR SALE**

1 Number of TATA ACE GOLD SCV, Registration No.- OD-22-W-8066Model- 2023, ENGINE NO –700CCDI04DWXS51786, CHASSIS NO - MAT559033PVD21438, For Details, contact - 8895995989, 9437355692, Second floor, Plot No-353/2585, Building No-723/1793,At- Bypass Chhaka, Above Punjab National Bank, Po-Salandi Bypass, Via-Kuansa, BHADRAK-756100, PH. NO-06784-250703.


**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ.17-KUR-TRD-OT-2026-27

**କାର୍ଯ୍ୟର ନାମ :** ଡିପୋଜିଟ୍ ଟର୍ମରେ ସାନକେରେଜଙ୍ଗା ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର ଲିମିଟେଡ୍-କେରେଜଙ୍ଗା ଲାଇନ୍ ନିକଟରେ ନାଲ୍କୋ ସାଇଡିଂର ରେଳୱେ ସାଇଡ଼ିଂ ପର୍ଯ୍ୟନ୍ତ ଟେକ୍ ଅଫ୍ ପଏଣ୍ଟର ଇଣ୍ଟରଲକିଂ ନିମନ୍ତେ କେରେଜଙ୍ଗା ଷ୍ଟେସନର ଇଲେକ୍ଟ୍ରୋନିକ୍ ଇଣ୍ଟରଲକିଂ (EI)ରେ ରୂପାନ୍ତରଣ ସମ୍ବନ୍ଧୀୟ ଅଗ୍‌ଜିଲିଆରୀ ଟ୍ରାନ୍ସଫର୍ମର (AT) ର ବ୍ୟବସ୍ଥା ।

**ବିଜ୍ଞାପିତ ମୂଲ୍ୟ :** ₹7,26,446.79, EMD: ₹14,500.00, ଶେଷ ହେବା ଅବଧି: 180 ଦିନ ।

ବିଡିଙ୍ଗ୍ ଆରମ୍ଭ ହେବା ତାରିଖ: 27.07.2026

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** 10.08.2026, 13:00 ଘଟିକା ।

ବିଡରମାନେ କେବଳ ଶେଷ ତାରିଖ ଓ ସମୟ ପର୍ଯ୍ୟନ୍ତ ସେମାନଙ୍କର ମୂଳ/ସଂଶୋଧିତ ବିଡ୍ ଦାଖଲ କରିପାରିବେ । ଏହି ଟେଣ୍ଡର ନିମନ୍ତେ ମାନୁଆଲ ପ୍ରସ୍ତାବ ଗ୍ରହଣଯୋଗ୍ୟ ନୁହେଁ ଏବଂ ଏହିଭଳି ମିଳିଥିବା ସମସ୍ତ ମାନୁଆଲ ଅଫର ପ୍ରତି ଧ୍ୟାନ ଦିଆଯିବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବ୍‌ସାଇଟ୍ www. ireps.gov.in ରେ ଉପଲବ୍ଧ ଅଟେ ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD)/ ଖୋର୍ଦ୍ଧା ରୋଡ଼

PR-319/R/26-27

**PM SHRI SCHOOL JAWAHAR NAVODAYA VIDYALAYA**

AT/PO: TARBHA, DIST. SONEPUR, ODISHA, PIN-767016

Ref. No. F. No. 2.16/JNVTS(O)/2026-27/ Dated: 24.07.2026

**TENDER NOTICE - 03**

Sealed Tenders are invited from the authorized registered Dealers/ Suppliers for supply of various Store items i.e. Grocery items like Arhar Dal, Ghee, Onion, Garlic and Vegetable items as well as other items for the session 2026-27 to PM SHRI SCHOOL Jawahar Navodaya Vidyalaya, Tarbha, Dist. Sonepur (Odisha). Tender documents and all details can be downloaded with the Google Drive link: **https://drive.google.com/drive/folders/1O4bhUhzDwBrL41glmE7buOmsiGTeobcp?usp=sharing.** The tenders will be received upto **04.08.2026 at 04.30 PM** and opened on **05.08.2026 at 11.00 AM** in the office chamber of Principal by the Purchase Advisory Committee.

**Sd/- Principal**

**ପୂର୍ବ ତଟ ରେଳପଥ**

ସେପ୍ଟେମ୍ବର ଏବଂ ଅକ୍ଟୋବର-2026 ପାଇଁ ସ୍କ୍ରାପ୍ ବିକ୍ରୀ ଇ-ନିଲାମ କାର୍ଯ୍ୟସୂଚୀ

ଇ-ନିଲାମର ଅନୁସୂଚୀ

| ମାସ | ମଣ୍ଡଳ /ୟୁନିଟ୍ | ନିମ୍ନ ଉଲ୍ଲେଖିତ ତାରିଖ ଅନୁଯାୟୀ : ସେପ୍ଟେମ୍ବର-2026 | | | | ଅକ୍ଟୋବର-2026 | | | |
|---|---|---|---|---|---|---|---|---|---|
| ସେପ୍ଟେମ୍ବର ଏବଂ ଅକ୍ଟୋବର-2026 | ଡିପୋ ମଞ୍ଚେଶ୍ୱର | 7 | 15 | 21 | 28 | 5 | 12 | 21 | 27 |
| | ଖୋର୍ଦ୍ଧା ରୋଡ଼ ମଣ୍ଡଳ | 8 | 16 | 22 | 28 | 6 | 13 | 22 | 28 |
| | ରାୟଗଡ଼ା ମଣ୍ଡଳ | 9 | 16 | 23 | 29 | 7 | 14 | 22 | 29 |
| | ସମ୍ବଲପୁର ମଣ୍ଡଳ | 10 | 18 | 24 | 30 | 8 | 15 | 23 | 30 |

'ଯେପରି ଅଛି, ଯେଉଁଠାରେ ଅଛି' ଭିତ୍ତିରେ ମଞ୍ଚେଶ୍ୱର, ସମ୍ବଲପୁର, ଖୋର୍ଦ୍ଧା ରୋଡ଼ ଏବଂ ରାୟଗଡ଼ା ମଣ୍ଡଳ / ୟୁନିଟ୍‌ରେ ନଷ୍ଟ ହୋଇଥିବା ରୋଲିଂ ଷ୍ଟକ୍‌ସ (ଲୋକୋ, କୋଚ୍, ୱାଗନ), ସ୍କ୍ରାପ୍ ରେଲ, ବିବିଧ P.Way ଫିଟିଙ୍ଗ୍‌ସ (ସୁଇଚ୍, କ୍ରସିଙ୍ଗ୍‌ସ, ଫିସ୍ ପ୍ଲେଟ୍‌ସ, ସ୍ଲିପର, ଫିସ୍ ବୋଲ୍ଟ ଇତ୍ୟାଦି), ବିବିଧ ୱାର୍କସପ୍ ସ୍କ୍ରାପ (ଡ୍ରମ୍, ବଗି ଫ୍ରେମ୍, ବଫର କେସିଙ୍ଗ୍, ବଫର ପ୍ଲଞ୍ଜର, ଟର୍ଣ୍ଣିଙ୍ଗ୍ ଏବଂ ବୋରିଙ୍ଗ୍ ଇତ୍ୟାଦି), ବିବିଧ ଫେରସ୍, ନନ୍-ଫେରସ୍, ନନ୍-ମେଟାଲିକ୍ ସ୍କ୍ରାପ, ନଷ୍ଟ ହୋଇଥିବା ମେସିନାରୀ ଏବଂ ପ୍ଲାଣ୍ଟ୍‌ସ, ନଷ୍ଟ ହୋଇଥିବା ଯାନ, ନଷ୍ଟ ହୋଇଥିବା ଅଫିସ୍ ଉପକରଣ ଏବଂ ରେଳୱେ ବିଦ୍ୟୁତୀକରଣର ସ୍କ୍ରାପ୍ ସାମଗ୍ରୀଗୁଡ଼ିକର ମଧ୍ୟ ପ୍ରସ୍ତାବିତ ନିଲାମ ବିକ୍ରୀ। ରେଳୱେ ପ୍ରଶାସନର ଅନ୍ୟ ଆଇଟମଗୁଡ଼ିକୁ ମଧ୍ୟ ନିଲାମରେ ଅନ୍ତର୍ଭୁକ୍ତ କରିବାର ସ୍ୱତନ୍ତ୍ରତା ରହିଛି। ସାମଗ୍ରୀଗୁଡ଼ିକର ସର୍ତ୍ତ ଓ ବ୍ୟବସ୍ଥାବଳୀ ସମ୍ପର୍କିତ ସଂପୂର୍ଣ୍ଣ ବିବରଣୀ ନିଲାମ କାଟ୍‌ଲଗ୍ ଅନୁଯାୟୀ କରାଯିବ, ଯାହାକି ପୂର୍ବ ତଟ ରେଳପଥର ସଂପୃକ୍ତ ନିଲାମ ପରିଚାଳନା ପ୍ରାଧିକାରୀଙ୍କ କାର୍ଯ୍ୟାଳୟରୁ କିମ୍ବା ନିଲାମ ତାରିଖର 07 ଦିନ ପୂର୍ବରୁ ଆମର ୱେବ୍‌ସାଇଟ୍ www.ireps.gov.inରେ ଉପଲବ୍ଧ ହେବ।

PR-321/R/26-27 ପ୍ରମୁଖ ମୁଖ୍ୟ ସାମଗ୍ରୀ ପ୍ରବନ୍ଧକ, ଭୁବନେଶ୍ୱର

**ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ, ଜୁନାଗଡ଼** 7001/79/2627

**OFFICE OF THE REGULATED MARKET COMMITTEE, JUNAGADA**

At/po-Junagarh, Dist.- Kalahandi, (Odisha) Pin-766014, e-mail: rmcjunagarh@gmail.com

ବିଜ୍ଞାପନ ସଂଖ୍ୟା. ୭୪୩/ ତାରିଖ. ୨୪/୦୭/୨୦୨୬/

**ବିଜ୍ଞାପନ**

ଏତଦ୍ ଦ୍ୱାରା ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ ଅଞ୍ଚଳାଧୀନ ସମସ୍ତ ଚାଷି, ବ୍ୟବସାୟୀ ଓ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ଜୁନାଗଡ ନୂତନ ବଜାର ପ୍ରାଙ୍ଗଣ (ରେଳ ଷ୍ଟେସନ ରାସ୍ତା) ଠାରେ ୮ (ଆଠ) ଗୋଟି, ଜାତୀୟ ରାଜପଥ ପାର୍ଶ୍ୱସ୍ଥ ନୂତନ ବଜାର ପ୍ରାଙ୍ଗଣ ର ମୁଖ୍ୟ ଗେଟ ର ପୂର୍ବ ପାର୍ଶ୍ୱ ରେ ୩ (ତିନି) ଗୋଟି ଓ ପଶ୍ଚିମ ପାର୍ଶ୍ୱ ରେ ୨ (ଦୁଇ) ଗୋଟି ପକ୍କା ଦୋକାନ ଗୃହ ନିର୍ମାଣ କରାଯାଇଅଛି । ଉକ୍ତ ଦୋକାନ ଗୃହକୁ ମାସିକ ଭଡା ଆକାରରେ ଆବଣ୍ଟନ କରାଯିବାପାଇଁ ସ୍ଥିର କରାଯାଇଅଛି । ଏଣୁ ଇଚ୍ଛୁକ ଚାଷି, ବ୍ୟବସାୟୀ ତଥା ଜନସାଧାରଣ ଙ୍କୁ ଏହି ନୋଟିସ ମାଧ୍ୟମରେ ଜଣାଇ ଦିଆଯାଉଅଛି । ଦୋକାନ ଗୃହ ମାସିକ ଭଡା ଓ ସିକ୍ୟୁରିଟୀ ଦେୟ ମୁଦ୍ରା ଲଫାଫା ଓ ଦୋକାନ ଗୃହ ନମ୍ବର ସହିତ ଦାଖଲ କରି ରେଜିଷ୍ଟ୍ରି ପୋଷ୍ଟ ମାଧ୍ୟମରେ ସମ୍ପାଦକ ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ କଳାହାଣ୍ଡି ଙ୍କ ଠିକଣାରେ ପଠାଇ ପାରିବେ । ଆବଣ୍ଟନ ଦୋକାନ ଗୃହ ସଂଖ୍ୟା ଠାରୁ ଯଦି ଆବେଦନକାରୀଙ୍କ ସଂଖ୍ୟା ଅଧିକ ହୁଏ, ତେବେ ଖୋଲା ନିଲାମ କିମ୍ବା ଲଟେରୀ ମାଧ୍ୟମରେ ଦୋକାନ ଗୃହ ଆବଣ୍ଟନ କରାଯିବ ।

ଦୋକାନ ଗୃହ ନେବାପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ ଙ୍କ ଠାରୁ ଟ.୨୦୦.୦୦ (ଦୁଇ ଶହ ଟଙ୍କା) ମାତ୍ର ଦାଖଲ କରି ଫର୍ମ ନେଇ ଆବେଦନ କରି ପାରିବେ ।

(କ) ଫର୍ମ ବିକ୍ରୟ ତାରିଖ : ତା- ୨୭.୦୭.୨୦୨୬ ରିଖ ଠାରୁ ତା- ୦୭.୦୮.୨୦୨୬ ରିଖ ଅପରାହ୍ନ ଘ.୦୫.୦୦ ପର୍ଯ୍ୟନ୍ତ ।

(ଖ) ଆବେଦନ କରିବା ର ଶେଷ ତାରିଖ : ୦୭.୦୮.୨୦୨୬ ଅପରାହ୍ନ ଘ.୦୫.୦୦ ପର୍ଯ୍ୟନ୍ତ (ରେଜିଷ୍ଟ୍ରି ପୋଷ୍ଟ ଯୋଗେ) ।

(ଗ) ସମସ୍ତ ଆବେଦନକାରୀ ତା – ୧୨.୦୮.୨୦୨୬ ରିଖ ଦିବା ୧୧:୦୦ ଘଣ୍ଟା ସମୟରେ ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼ କାର୍ଯ୍ୟାଳୟ ଠାରେ ଉପସ୍ଥିତ ରହି ଆବେଦନକାରୀ ମାନଙ୍କ ଆବେଦନ ପତ୍ର ଯାଞ୍ଚ ଓ ଆବଣ୍ଟନରେ ଭାଗ ନେବେ ।

ବି. ଦ୍ର: (କ)ଭାରତୀୟ ଡାକ ସେବାରେ ଆବେଦନ ବିଳମ୍ବ କିମ୍ବା ତ୍ରୁଟି ପାଇଁ ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ ଦାୟୀ ରହିବ ନାହିଁ ।

(ଖ)ଆବେଦନ କରିବା ନିୟମାବଳୀ ଫର୍ମରେ ଦର୍ଶାଯାଇଅଛି ।

ସ୍ୱା/-
ଉପ-ଜିଲ୍ଲାପାଳ, ଧର୍ମଗଡ - ତଥା -
ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି, ଜୁନାଗଡ଼

OIPR-7001/7074/1/26-27/0002

[GOVERNMENT OF ODISHA] 34001/530/2627

**OFFICE OF THE SUPERINTENDING ENGINEER, BARAGADA (R&B) DIVISION, BARAGADA**

E-mail - eepwdbgh@gmail.com Phone/Fax-06646-234819

INVITATIONS FOR BIDS (I.F.B.)

e-Procurement Notice

IDENTIFICATION NO. IFB-SE PWD BGH No.05 OF 2026-27

**No. 3580, Dated.22.07.2026**

1. The Superintending Engineer, Baragada (R&B) Division, Baragada on behalf of Governor of Odisha invites **Percentage Rate** bid in **Single & Double Cover System** in **ONLINE MODE** for the **Civil & E.I. works (Civil+EI+PH) (Composite work)** as detailed in the **Detailed Tender Call Notice (D.T.C.N)** from the eligible class of contractors.
2. No of Civil & E.I. work: – **09 Nos.**
3. Cost of Tender Paper: – **Rs.4,000/-, Rs.6,000/- & Rs.10,000/-**
4. Class of contractor: – **"C", "D", "B" Class Contractor & "HT" Electrical Contractor**
5. Date & Time of available in web site & receipt of Bids: – **11:00 Hrs. of 04.08.2026 to 17:00 Hrs. of 17.08.2026.**
6. Date of opening of Technical Bid: – **18.08.2026 at 11:30 Hrs.**
7. The Bidders have to participate in **ONLINE** bidding only. Further details can be seen from the State Govt. Portal website https://tendersodisha.gov.in
8. Any corrigendum / Addendum will be displayed in the website https://tendersodisha.gov.in only.

**Superintending Engineer, Baragada (R&B) Division**

OIPR-34001/34039/1/26-27/0003

**ପୌରପରିଷଦ କାର୍ଯ୍ୟାଳୟ,ପାରଳାଖେମୁଣ୍ଡି, ଗଜପତି**

**OFFICE OF THE MUNICIPAL COUNCIL PARALAKHEMUNDI, GAJAPATI**

Phone No.: 06815-222052 e-Mail: parala.mply@gmail.com

**Expression of Interest (EOI)** 13001/1294/2627

**For Management of Mission Shakti Groups taking up the Initiative on rejuvenation of Waterbodies**

Letter No. 2738 Date 23.07.2026

Paralakhemundi Municipality, invites Expression of Interest in sealed cover from interested Mission Shakti Group of Ward No-03 (Sadaram Tank) to be engaged on boarding of Women mission Shakti Groups (MSGS) as a implementing agency for Operational & Maintenance of water bodies Rejuvenation initiative . The sealed Expression of interest should be submitted to the Executive Officer Paralakhemundi Municipality on or before date -01-08-2026, Time-5.00 PM by registered/speed post only.

The Technical Bid will be opened on date-04-08-2026 at 11.00 AM in the EO's Chamber. The sealed envelope should be superscripted with **"EOI for Management of Mission Shakti Groups taking up the Initiative on rejuvenation of Water Bodies"**. The detailed terms and conditions of the Expression of Interest are available in website. http://www.gajapati.odisha.gov.in

Executive Officer
Paralakhemundi Municipality

OIPR-13001/13145/1/26-27/0006

**OFFICE OF THE NOTIFIED AREA COUNCIL, BALUGAON**

Balugaon, Khordha, Odisha, Pin-752030, Email Id. eonac.balugaon2013@gmail.com

**No. 909 / Dt. 23/07/2026**

E-Procurement Notice

Bid Identification No.Balugaon.04/2026-27 13001/1280/2627

The Executive Officer, NAC BALUGAON, BALUGAON, (Odisha) on behalf of NAC BALUGAON invites item wise Bids/ Expression of Interest (EOI) for **"Supply, Fitting, Fixing & Installation of Decorative Light for Beautification of Chilika Shore in Ward No.02 under Balugaon N.A.C."** from intending Farms, Suppliers, Agencies, Manufacturers & Authorized Dealers for tendering their bids through online mode only.

1. Intending bidders have to participate through **"On-Line"** bidding only via website: **http://www.tendersodisha.gov.in**
2. The bid documents may be submitted online from **10.00 A.M of Dt.24.07.2026 to 5.00 P.M. of Dt. 05.08.2026** for online bidding.
3. EOI Identification No.Balugaon.04/2026-27.
4. Last date & time of receipt of Bid through online **Dt.05.08.2026 up to 5.00 P.M.**
5. Bid received via online will be opened at **12.30 P.M. onwards on Dt.06.08.2026.**
6. The bidder must possess compatible Digital Signature Certificate (DSC) of **Class-II or Class-III.**
7. Further detail information any one can visit the e-procurement portal of the Govt. of Odisha i.e. http://www.tendersodisha.gov.in. Corrigendum if any shall only be published in above web site.
8. All other details are available in the EOI.

**Executive Officer**
**NAC Balugaon**

OIPR-13001/13148/1/26-27/0002

**TPNODL** TP NORTHERN ODISHA DISTRIBUTION LIMITED (A Joint Venture of Tata Power and Government of Odisha)

**TP Northern Odisha Distribution Limited**

Regd. Off: Corp Office, Januganj, Remuna Golei, Balasore, Odisha-756019

CIN No.: U40109OR2021PLC035951; Website: www.tpnodl.com

**NOTICE INVITING TENDER (NIT), 25th July, 2026**

**TP Northern Odisha Distribution Limited** invites tender from eligible Bidders for the following:

| Sl.No. | Tender Enquiry No. | Work Description |
|---|---|---|
| 1 | TPNODL/OT/2026-27/2500001243 | One-year Rate Contract for conduction of Nukkad Natak and Gram Sabha regarding the awareness of PM Surya Ghar Yojana and ULA model across all operational areas of TPNODL. |

* MSMEs registered in the State of Odisha shall pay tender fee of Rs. 1,000/- including GST.

** EMD is exempted for MSMEs registered in the State of Odisha.

For more details like bid due date, EMD, tender fee, bid opening date etc. of the Tenders, please visit "Tender" section TPNODL website https://tpnodl.com. All tenders will be available on TPNODL website.

Future communication / corrigendum to tender documents, if any, shall be available on website.

**Chief- Contracts & MM**

**CORRIGENDUM-CUM-CANCELLATION NOTICE**

OFFICE OF THE EXECUTIVE ENGINEER
PODAGADA DAM DIVISION, KHATIGUDA
UPPER INDRAVATI DAM CIRCLE, KHATIGUDA,
DIST.: NABARANGPUR, PIN-764085 32001/597/2627
Date: 24.07.2026

It is hereby informed to all the intending bidders and all concerned that the Tender invited vide **e-Tender Call Notice No. EEPDD-01(02)/2026-27, Dated: 06.04.2026** for the work as follows has been cancelled on administrative grounds to avoid future legal complications;

1. **IMPROVEMENT TO BITUMINOUS CONNECTING ROAD FROM KAPUR EARTH DAM TO LEFT DYKE-II THROUGH BARAGUDA VILLAGE U.I.D.C KHATIGUDA.**
2. **IMPROVEMENT OF THE BITUMINOUS INTERCONNECTED ROADS AT D/S AREA (RIGHT FLANK) OF INDRAVATI DAM & GARDEN PREMISES U.I.D.C KHATIGUDA.**

**Sd/- Executive Engineer**
**Podagada Dam Division, Khatiguda**

OIPR-32001/32095/1/26-27/0004

**THE ORISSA MINERALS DEVELOPMENT COMPANY LTD.**

(A Government of India Enterprise)
CIN: L51430OR1918GOI034390

Regd. Office: Ground Floor, SAIL Building, Plot-271, Bidyut Marg, Unit-IV, Shastri Nagar, Bhubaneswar, Khordha, Odisha, India-751001

Email: info.birdgroup@birdgroup.co.in, Website: www.birdgroup.co.in

**STATEMENT OF AUDITED STANDALONE FINANCIAL RESULTS FOR THE YEAR ENDED 31st MAR, 2026 - IND-AS COMPLAINT**

(Rs.in Lakhs)

| SL. NO. | PARTICULARS | FOR YEAR ENDING 31.03.2026 | Qtr-III ENDING 31.12.2025 | FOR YEAR ENDING 31.03.2025 |
|---|---|---|---|---|
| 1 | Total Income from Operation / Other Income | 10,000.20 | 2,111.64 | 7,100.17 |
| 2 | Net Profit / (Loss) for the period (Before Tax, exceptional and / or extra ordinary items) | (539.97) | 587.05 | (4,863.58) |
| 3 | Net Profit / (Loss) for the period Before Tax (after exceptional and / or extraordinary items) | (539.97) | 587.05 | (4,863.58) |
| 4 | Net Profit / (Loss) for the period after Tax (after exceptional and / or extra ordinary items) | (290.77) | 434.41 | (4,043.92) |
| 5 | Total Comprehenshive income for the period [comprising profit / (loss) for the period (after tax) and other comprehenshive income (after tax)] | (284.42) | 434.41 | (4,105.47) |
| 6 | Paid up Equity Share Capital | 60.00 | 60.00 | 60.00 |
| 7 | Reserves (Excluding revaluation reserve) as shown in the audited balance sheet of the previsous year | (5,523.75) | (4,747.89) | (5,239.33) |
| 8 | Net Worth | (5,463.75) | (4,687.89) | (5,179.33) |
| 9 | Earning per share (of Re. 1/-each) (for continuing and discontinued operations):- | | | |
| | 1. Basic: | (4.85) | 7.24 | (67.40) |
| | 2. Diluted | (4.85) | 7.24 | (67.40) |

1. The above results of the Company were approved by the Board of Directors at their respective meetings held on 24th July' 2026.
2. The above is the extract of the detail format of Annual Financial Result filed with the Stock Exchange under Regulation 33 of the SEBI (Listing Obligations and Disclosure Requirements) Regulations, 2015. The full Format of the Annual Financial Results are available on the Company's Website: **www.birdgroup.co.in**, the NSE (**www.nseindia.com**), the BSE (**www.bseindia.com**) and the CSE (**www.cse-india .com**)

For and on behalf of the Board of Director
Sd/-
(G V N Prasad)
Managing Director

**Place:** Vishakhapatnam
**Date:** 24th July 2026

**AFFIDAVIT**

I, AYESHA PRAVEEN, aged about 26 years, W/o-SK ABDUL ASIF resident of 61/2740, MEHERPALLI JHARPADA,NEAR HANUMAN TEMPLE, BHUBANESWAR, 751006, Odisha, declared by this Affidavit No.854/2026 Dated. 23.07.2026, That now onwards I shall Be Known as **AYESHA** for all future Purposes .

**AFFIDAVIT**

I, HARISH KUMAR AGRAWAL, aged about 56 years, S/o-BANSHIDHARA AGRAWAL resident of KHARIAR, WARD NO-2, SANTINAGAR, PO/PS. KHARIAR, DIST-NUAPADA, ODISHA, declared by this Affidavit No.439 Dated. 01.03.2026, That now onwards I shall Be Known as **HARESH KUMAR AGRAWAL** for all future Purposes .

**AFFIDAVIT**

By virtue of an affidavit sworn before Notary Public, Rayagada, No. 7545 dated 20.07.2026, I, Manoj Ullaka, aged about 23 years, S/o Lachhana Ullaka, permanent resident of Vill. Kuradi, PO-Jilunda, PS/Block-Kalyansinghpur, Dist-Rayagada, 765017, Odisha, declare that I have changed my name from Madana Ulaka to Manoj Ullaka. Henceforth, I shall be known as **Manoj Ullaka** for all purposes.

**Manoj Ullaka**

**AFFIDAVIT**

I, SHAIK SABBIR, aged about 45 years, S/o-SHAIKH MOHAMMAD SADIQUE ALI resident of BIBHUTI PUR KATIA MERDHA, MERDAKATIA CHHAK, MANGALPUR, JAJPUR, 755006, ODISHA, declared by this Affidavit No.856/2026 Dated. 23.07.2026, That now onwards I shall Be Known as **SHAIKH SABBIR ALI** for all future Purposes .

**AFFIDAVIT**

By virtue of an affidavit sworn before Notary Public, Bhubaneswar, S.L.No. 50 on dated 24/07/2026, I **TILOTTAMA KHUNTIA**, W/o Saroj Kumar Khuntia resident of At- Khairaput, Po- Khairaput, P.S: Mudulipada, Dist: Malkangiri, Odisha, PIN: 764043, declare that I have changed my name from **TILATAMA KHUNTIA (Old Name)** to **TILOTTAMA KHUNTIA (New Name).** Henceforth, I shall be known as **TILOTTAMA KHUNTIA** for all purposes.

**Sd- TILOTTAMA KHUNTIA**

**AFFIDAVIT**

By virtue of an affidavit sworn before the Executive Magistrate Nuagaon, dated **23th July 2026 I, Bhagirathi Naik**, resident of village- Jiginipada, Po- Udayapur, Ps- Nuagaon, Dist- Nayagarh, Pin-752083, Odisha declare that I have changed the name of my son from **Chinimaya Naik** to **Bhagaban Naik**. Henceforth, he shall be known as **Bhagaban Naik** for all purposes.

**S/d- Bhagirathi Naik**

**ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ**

**ଇ-ଟେଣ୍ଡର ବିଜ୍ଞପ୍ତି**

ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଇଞ୍ଜିନିୟର (ଟ୍ରାକ୍ସନ୍ ଡିଷ୍ଟ୍ରିବ୍ୟୁସନ୍), ପଶ୍ଚିମ ରେଳବାଇ, ରତଲାମ, ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି। ଟେଣ୍ଡର ନଂ.: EL/TRD/58/2026-27/14, ତାରିଖ: 22.07.2026 । କାର୍ଯ୍ୟର ନାମ ହେଉଛି ରତଲାମ ମଣ୍ଡଳରେ ଟ୍ରାକ୍ସନ୍ ଡିଷ୍ଟ୍ରିବ୍ୟୁସନ୍ (TRD) ସମ୍ପର୍କିତ ନିର୍ଭର ଯୋଗ୍ୟତା ବୃଦ୍ଧି ପାଇଁ ଜଙ୍ଗଧରା ବଣ୍ଡ, ସତର୍କତା ସୂଚନା ଫଳକ, ନମ୍ବର ପ୍ଲେଟ୍ ଏବଂ ଅନ୍ୟାନ୍ୟ ବିବିଧ କାର୍ଯ୍ୟର ପ୍ରତିସ୍ଥାପନ । କାର୍ଯ୍ୟର ଆନୁମାନିକ ମୂଲ୍ୟ ଟ.3,49,44,668/-, ଇଏମଡି / ବିଡ୍ ସୁରକ୍ଷା ରାଶି ଟ.6,98,900/-, କାର୍ଯ୍ୟ ସମାପ୍ତି ଅବଧି ୧୨ ମାସ ଏବଂ ଟେଣ୍ଡର ଦସ୍ତାବିଜର ମୂଲ୍ୟ ନିଃଶୁଳ୍କ ରହିଛି। ଟେଣ୍ଡର ଦାଖଲର ଶେଷ ତାରିଖ ଓ ସମୟ ୧୭.୦୮.୨୦୨୬, ଅପରାହ୍ନ ୩.୦୦ଟା, ଏବଂ ଅଫରର ବୈଧତା ଟେଣ୍ଡର ଖୋଲିବା ତାରିଖଠାରୁ ୬୦ ଦିନ ରହିବ। ଅଧିକ ବିବରଣୀ ପାଇଁ www.ireps.gov.in ୱେବସାଇଟ୍ ପରିଦର୍ଶନ କରନ୍ତୁ। ନୋଟିସ ବୋର୍ଡ ବରିଷ୍ଠ ମଣ୍ଡଳ ବୈଦ୍ୟୁତିକ ଇଞ୍ଜିନିୟର (ଟ୍ରାକ୍ସନ୍ ଡିଷ୍ଟ୍ରିବ୍ୟୁସନ୍), ପଶ୍ଚିମ ରେଳବାଇ, ରତଲାମ–457001ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପଲବ୍ଧ ରହିବ।

SPAN/13/1/167

Like us on: facebook.com/WesternRly

**AFFIDAVIT**

I, Pragyan Paramita Singh, D/o- Pradeep Kumar Singh, resident of D-200, Sector-18, Ps: Sector-15, Rourkela, Dist: Sundargarh, Pin - 769003 do hereby declare that, I have changed my name from **Pragyan Paramita Singh** to **Pragyan Paramita Dash**, vide affidavit No 861, dtd. 17. 07.2026 sworn before the Notary. **Pragyan Paramita Dash** and **Pragyan Paramita Singh** both are same and one identical person. Henceforth I shall be known as **PRAGYAN PARAMITA DASH** for all future purposes.

# ଘୋଷଯାତ୍ରାରୁ ବାହୁଡ଼ିଲେ ମହାବାହୁ

ଶଗଡା,୨୪।୭(ସମିସ)





କଣ୍ଟାମାଳ ବ୍ଲକର ବିଭିନ୍ନ ସ୍ଥାନରେ ବାହୁଡା ଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସେବାୟତମାନେ ଜଗତର ନାଥ ଜଗନ୍ନାଥ, ବଡ଼ଭାଇ ବଳଭଦ୍ର ଓ ଭଉଣୀ ସୁଭଦ୍ରାଙ୍କୁ ପହଣ୍ଡି କରି ରଥାରୂଢ଼ କରିଥିଲେ। ରଥରେ ପୂଜାର୍ଚ୍ଚନା ପରେ ଶତାଧିକ ଭକ୍ତ ରଥ ଟାଣିଥିଲେ। ଚଳିତ ବର୍ଷ ବର୍ଷା ହେବା ଫଳରେ ଥଣ୍ଡା ପାଗ ଯୋଗୁଁ ଅନେକ ସ୍ଥାନରେ ଅପରାହ୍ନରେ ବାହୁଡା ଯାତ୍ରା ଆରମ୍ଭ ହୋଇଥିଲା। କଣ୍ଟାମାଳ ବ୍ଲକର ଘଣ୍ଟାପଡ଼ା, ଆମ୍ବାଗାଁ, କଣ୍ଟାମାଳ, ପଳସାଗୋରା, ଲୋକାପଡ଼ା, ଗୁଡଭେଲି ପଦର, ମନମୁଣ୍ଡା,ପଦରପଡ଼ା, ଶଗଡା, ବରଗୋଚ୍ଛା, ପଦରପଡ଼ା, ଟୁରି ଦେଉଳ, ଗବଯୋର ଆଦି ଗ୍ରାମରେ ବାହୁଡା ଯାତ୍ରା ବେଶ୍ ଧୁମ୍‌ଧାମରେ ପାଳିତ ହୋଇଯାଇଛି। ଅନେକ ସ୍ଥାନରେ ଭିଡ଼କୁ ଦେଖି ସ୍ଥାନୀୟ ପୁଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପାଗ ଅନୁକୂଳ ଥିବାରୁ ବାହୁଡା ଯାତ୍ରାରେ ପ୍ରବଳ ଜନ ଗହଳି ଦେଖିବାକୁ ମିଳିଥିଲା। ରାତି ପର୍ଯ୍ୟନ୍ତ ରଥ ଟଣା ହୋଇଥିବା ବେଳେ ତିନି ଠାକୁର ମନ୍ଦିର ପାଖରେ ପହଞ୍ଚିଥିଲେ। ରଥରୁ ପହଣ୍ଡି କରି ତିନି ଠାକୁରଙ୍କୁ ଶ୍ରୀ ମନ୍ଦିର ପର୍ଯ୍ୟନ୍ତ ନିଆ ଯାଇଥିଲା। ମାଁ ଲକ୍ଷ୍ମୀଙ୍କ ମାନ ଭଞ୍ଜନ କରି ମହାପ୍ରଭୁ ମନ୍ଦିରକୁ ପ୍ରବେଶ କରିଥିଲେ।

**ଇବ୍‌ଥର୍ମାଲ:** କୋଇଲା ନଗରୀ ଭାବେ ପରିଚିତ ବନ୍ଧବାହାଲସ୍ଥିତ ଦୀନବାନ୍ଧବ କ୍ଷେତ୍ରରେ ଆଜି ବାହୁଡ଼ା ଯାତ୍ରା ସମାରୋହରେ ସମ୍ପନ୍ନ ହୋଇଛି। ତିନିଠାକୁର ରଥାରୂଢ଼ ହୋଇ ମନ୍ଦିର ଅଭିମୁଖେ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶନିବାର ସୁନାବେଶ, ରବିବାର ଅଧରପଣା ଓ ସୋମବାର ଭିତିରିବିଜେ ବିଧି ପାଳନ ପରେ ଠାକୁରମାନେ ମନ୍ଦିରକୁ ପ୍ରବେଶ କରିବେ ବୋଲି ରଥଯାତ୍ରା କମିଟି ପକ୍ଷରୁ କୁହାଯାଇଛି। ଆଜି ସକାଳେ ମଙ୍ଗଳ ଆଳତି ପରେ ଚତୁର୍ଦ୍ଧା ମୂର୍ତ୍ତିଙ୍କ ନୀତିକାନ୍ତି ସମ୍ପନ୍ନ ହୋଇଥିଲା। ୨ଟା ବେଳେ ଠାକୁରମାନଙ୍କ ଧାଡ଼ି ପହଣ୍ଡି ଅନୁଷ୍ଠିତ ହୋଇଥିଲା। ସେବାୟତମାନେ ପହଣ୍ଡି କାର୍ଯ୍ୟ ସମ୍ପନ୍ନ କରିବାପରେ ଗଜପତି ବରଣ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ଲଖନପୁର କୋଇଲା କ୍ଷେତ୍ର ମହାପ୍ରବନ୍ଧକ ଅଓ୍ବଦ କିଶୋର ପାଣ୍ଡେଙ୍କୁ ଏକ ପଟୁଆରରେ ତାଙ୍କୁ ତାଙ୍କ ବାସଭବନରୁ ପାଛୋଟି ଅଣାଯିବା ପରେ ରଥରେ ଛେରାପହଁରା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ୫ଟା ୩୦ରେ ରଥଟଣା ହୋଇଥିଲା। ସେହିପରି ଇବ୍ ଶ୍ରୀକ୍ଷେତ୍ର ଭାବେ ପରିଚିତ ଓପିଜିସି ବନହରପାଲିରେ ମଧ ବାହୁଡ଼ାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ୨ଟାରେ ଠାକୁରଙ୍କ ପହଣ୍ଡି ସଂପନ୍ନ ହେବାପରେ ଡାଇରେକ୍ଟର (ଅପରେସନ୍) ଅଞ୍ଜନ ରଞ୍ଜନ ଦାଶ ଛେରାପହଁରା କରିଥିଲେ। ସେହିପରି ଗ୍ରାମାଞ୍ଚଳର ପିପିଲିକାନି, ଚାରପାଲି ବରପାଲି ତଥା ଅନ୍ୟାନ୍ୟ ସ୍ଥାନରେ ବାହୁଡ଼ା ଯାତ୍ରା ସମ୍ପନ୍ନ ହୋଇଛି।

**ମନମୁଣ୍ଡା:** ମନମୁଣ୍ଡା ଶ୍ରୀ ଦଧିବାମନ ମନ୍ଦିର ବାହୁଡ଼ା ଯାତ୍ରା ଆଜି ସମ୍ପନ୍ନ ହୋଇଛି। ଜନ୍ମବେଦୀରୁ ରତ୍ନବେଦୀକୁ ଆଜି ବାହୁଡ଼ିଛନ୍ତି ପ୍ରଭୁ ଶ୍ରୀ ଜଗନ୍ନାଥ। ମନ୍ଦିର କମିଟି ତଥା ଭୁଲିଆ ସମାଜ ତରଫରୁ ବାହୁଡ଼ା ଉପଲକ୍ଷେ ସକାଳେ ପୂଜକ ଆଶୁତୋଷ ହୋତା ପ୍ରଭୁଙ୍କ ନୀତିକାନ୍ତି ସହ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରିଥିଲେ। ଶିବ ରଥ, ଚନ୍ଦ୍ରଶେଖର ରଥ ପ୍ରଭୁ ବେଶଭୂଷା କରିବା ପରେ ଅପରାହ୍ନରେ ପହଣ୍ଡି କରାଯାଇ ପ୍ରଭୁଙ୍କୁ ରଥାରୁଢ଼ କରାଯାଇଥିଲା। ପହଣ୍ଡି ସମୟରେ ଭୁଲିଆ ସମାଜ ସଭ୍ୟମାନେ ପହଣ୍ଡି ଗୀତ ପରିବେଷଣ କରିଥିଲେ। ଖଦାଳ ପଡ଼ା ମହିଳା କୀର୍ତ୍ତନ ଦଳ କୀର୍ତ୍ତନ ପରିବେଷଣ କରିଥିଲେ। ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ରଥ ଟଣା ହୋଇଥିଲା। ବାହୁଡ଼ା ଯାତ୍ରା ଉପଲକ୍ଷେ ଶିଶୁମାନଙ୍କ ମଙ୍ଗଳ କାମନା ପାଇଁ ପରମ୍ପରା ଅନୁସାରେ ଛୁଆମାନଙ୍କ ରଥ ଛୁଆଁ କରାଯାଇଥିଲା। ରଥ ଲାଗିଲା ପରେ ପୁନଃ ପହଣ୍ଡି କରାଯାଇ ପ୍ରଭୁଙ୍କୁ ମନ୍ଦିର ସିଂହ ଦ୍ୱାରରେ ବିଜେ କରାଯାଇଥିଲା। ମାଁ ଲକ୍ଷ୍ମୀଙ୍କୁ ପ୍ରଭୁ ରଥଯାତ୍ରାରେ ନେଇ ନ ଥିବାରୁ ସେ ସିଂହଦ୍ୱାର ଖୋଲି ନ ଥିଲେ। ଏଣୁ ମାଁ ଲକ୍ଷ୍ମୀ ଏବଂ ପ୍ରଭୁଙ୍କ ମଧ୍ୟରେ ଯୁକ୍ତି ତର୍କ ହୋଇଥିଲା। ମାଁ ଲକ୍ଷ୍ମୀଙ୍କ ତରଫରୁ ସବିତା ହୋତା ଏବଂ ପ୍ରଭୁ ମହାବାହୁଙ୍କ ତରଫରୁ ଶିବ ରଥ ଏହି ମାନବୀୟ ଲୀଳାର ଦାୟିତ୍ୱ ନିର୍ବାହ କରିଥିଲେ। ଶେଷରେ ପ୍ରଭୁ ଜଗନ୍ନାଥ ମାଁ ଲକ୍ଷ୍ମୀଙ୍କୁ ରସଗୋଲା ଦେଇ ମନାଇଥିଲେ। ଏହାପରେ ମାଁ କବାଟ ଖୋଲିଥିଲେ। ଶେଷରେ ପ୍ରଭୁଙ୍କୁ ରତ୍ନ ସିଂହାସନରେ ବିଜେ କରାଯାଇଥିଲା।

## କଲ୍କୀ ଅବତାରରେ ଦର୍ଶନ ଦେଲେ ଶ୍ରୀଜୀଉ



**ବୌଦ୍ଧ,୨୪।୭(ସମିସ):** ବୌଦ୍ଧରେ ଶ୍ରୀଜୀଉ କଲ୍କୀ ଅବତାରରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି। ବାନାମ୍ବର ମହାପାତ୍ର, କାହ୍ନୁଚରଣ ମିଶ୍ର, ଆଶୁତୋଷ ଦାଶ, ଶୁଭମ ପୁରୋହିତ, ରୀତିଶ ମହାପାତ୍ର, ଅଭିଷେକ ବିଶି ପ୍ରମୁଖ ଶ୍ରୀଜୀଉଙ୍କୁ ବେଶ କରିଥିଲେ।

## କାର୍‌ରୁ ୪୮ କେଜି ଗଞ୍ଜେଇ ଜବତ



**ଶଗଡ଼ା/କଣ୍ଟାମାଳ,୨୪।୭(ସମିସ):** କଣ୍ଟାମାଳ ପୁଲିସ ପକ୍ଷରୁ ଚଢ଼ଉ କରାଯାଇ ବିପୁଳ ପରିମାଣର ଗଞ୍ଜେଇ ଜବତ କରାଯାଇଛି; ହେଲେ ମାଫିଆ ଫେରାର ମାରିଛି। ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ କଣ୍ଟାମାଳ ପୁଲିସ କୁମେଲବନ୍ଧ ଗ୍ରାମ ନିକଟରେ ଏକ କାର (ଓଆର ୦୧ଏଚ ୭୪୧୪) ଯାଞ୍ଚ କରିଥିଲା; ତେବେ ପୁଲିସକୁ ଦେଖି ମାଫିଆ ଗାଡି ଛାଡି ଫେରାର ମାରିଥିଲା। ତଲାସି ପରେ ଗାଡ଼ିରୁ ୪୮ କେଜି ଗଞ୍ଜେଇ ଜବତ ହୋଇଥିଲା। ଏ ନେଇ କଣ୍ଟାମାଳ ଥାନାରେ ଏକ ମାମଲା ରୁଜୁ କରି କରି ପୁଲିସ ଅଧିକ ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ଓମ୍ ପ୍ରକାଶ ମହାନ୍ତି ସୂଚନା ଦେଇଛନ୍ତି।

## ଆଗଲପୁର ବ୍ଲକ୍ ବିଦ୍ୟାଳୟ ସମୂହ କ୍ରୀଡା ସଂସଦର ସାଧାରଣ ସଭା




**ବଲାଙ୍ଗିର,୨୪।୭(ସମିସ):** ଆଗଲପୁର ଇନ୍ଦିରା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆଗଲପୁର ବ୍ଲକ୍ ବିଦ୍ୟାଳୟ ସମୂହ କ୍ରୀଡା ସଂସଦର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ ସଭାପତିତ୍ୱ କରିଥିଲେ। ବ୍ଲକ୍ ଶିକ୍ଷା ଅଧିକାରୀ ଶ୍ୟାମ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ୍ ଶିକ୍ଷା ବିଭାଗ ଅଧୀନ ସମସ୍ତ ବିଦ୍ୟାଳୟର କ୍ରୀଡା ଶିକ୍ଷକ, ଶିକ୍ଷୟିତ୍ରୀ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। କ୍ରୀଡା ଶିକ୍ଷୟିତ୍ରୀ ମାଧୁରୀ ପଣ୍ଡା ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। ସଂପାଦକ ଉମାକାନ୍ତ ପଧାନ ବାର୍ଷିକ ବିବରଣୀ ପଠନ କରିଥିଲେ। ୨୦୨୬-୨୭ ବର୍ଷପାଇଁ ଆୟୋଜିତ ହେବାକୁ ଥିବା ୧୧ଟି କ୍ରୀଡା ଶୃଙ୍ଖଳାର ଜୋନ୍‌ସ୍ତରୀୟ, ବ୍ଲକ୍‌ସ୍ତରୀୟ ତଥା ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ପରିଚାଳନା ପାଇଁ ଆଲୋଚନା କରାଯାଇଥିଲା। ୨୦୨୫-୨୬ ବର୍ଷରେ ବ୍ଲକ୍ ତରଫରୁ ରାଜ୍ୟସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟର କ୍ରୀଡା ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ସହିତ ବ୍ଲକ୍ ଅଧୀନରେ ନୂତନ ଭାବେ ଯୋଗ ଦେଇଥିବା କ୍ରୀଡା ଶିକ୍ଷକ ଆଶୁତୋଷ ହୋତା, ସୁବ୍ରତ ଥାଟି ଏବଂ କ୍ରୀଡା ଶିକ୍ଷୟିତ୍ରୀ ସୌଦାମିନୀ କାଣ୍ଡିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ କ୍ରୀଡା ଶିକ୍ଷକ ରଙ୍ଗାଧର ପଟେଲ ଧନ୍ୟବାଦ ଅର୍ପଣ କରିଥିଲେ।

## ନାରାୟଣପୁରରେ ଶିଶୁ ସୁରକ୍ଷା କମିଟି ବୈଠକ



**ହରଭଙ୍ଗା,୨୪।୭(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ସରସରା ପଞ୍ଚାୟତ ନାରାୟଣପୁର ଗ୍ରାମରେ ଜଷ୍ଟ ରାଇଟ୍ସ ଫର୍ ଚିଲ୍ଡ୍ରେନ୍ ପ୍ରକଳ୍ପ ଅଧୀନରେ ବିଶ୍ୱ ଯୁବ କେନ୍ଦ୍ର ପକ୍ଷରୁ ଶିଶୁ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବିଶ୍ୱ ଯୁବ କେନ୍ଦ୍ରର ପ୍ରକଳ୍ପ ସହାୟିକା ବନିତା ମନ୍ତ୍ରୀ, ଚାଇଲ୍ଡ ହେଲ୍ପଲାଇନ୍ ପକ୍ଷରୁ ସୁପରଭାଇଜର ସୁଭ୍ରକାନ୍ତ ମେହେର ଓ କାଉନସେଲର ଘନଶ୍ୟାମ ସାହୁ ଅତିଥି ଭାବେ ଉପସ୍ଥିତ ଥିଲେ। ସିଆରପି ରଞ୍ଜନା ବେହେରା, ଅଙ୍ଗନବାଡ଼ି କର୍ମୀ ମଧୁସ୍ମିତା ମହାକୁଡ଼ ଏବଂ ଆଶାକର୍ମୀ ଲକ୍ଷ୍ମୀ ଜିର୍ମା ମଧ ସାମିଲ ହୋଇଥିଲେ। ବୈଠକରେ ବାଲ୍ୟ ବିବାହକୁ କିପରି ରୋକାଯାଇପାରିବ, ବାଲ୍ୟ ବିବାହର କୁପରିଣାମ ଓ ଆଇନଗତ ଦଣ୍ଡବିଧାନ, ଶିଶୁଙ୍କ ଅଧିକାର, ଶିଶୁ ଚାଲାଣ ନିରୋଧ, ଶିଶୁ ଶ୍ରମିକ ସମସ୍ୟା, ଶିଶୁ ଯୌନ ନିର୍ଯାତନା ଓ ସମ୍ପର୍କିତ ଆଇନ, ବାଲ୍ୟ ବିବାହ ମୁକ୍ତ ଗ୍ରାମ ଗଠନ, ଶିଶୁ ସୁରକ୍ଷା ପାଇଁ ଚାଇଲ୍ଡ ହେଲ୍ପଲାଇନ୍ ସେବା, ଶିଶୁମାନଙ୍କ ସୁରକ୍ଷା ସମ୍ପର୍କିତ ବିଭିନ୍ନ ସରକାରୀ ଯୋଜନା ଏବଂ ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା ସହ ଗ୍ରାମବାସୀଙ୍କୁ ବିଭିନ୍ନ ସରକାରୀ ଯୋଜନାରେ କିପରି ସଂଯୋଗ କରାଯିବ ସେନେଇ ବିସ୍ତୃତ ଆଲୋଚନା କରାଯାଇଥିଲା। ବକ୍ତାମାନେ ଶିଶୁ ସୁରକ୍ଷା କ୍ଷେତ୍ରରେ ସମାଜର ସକ୍ରିୟ ସହଭାଗିତାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିସହ ବାଲ୍ୟ ବିବାହ, ଶିଶୁ ଶ୍ରମ, ଶିଶୁ ଚାଲାଣ ଓ ଶିଶୁଙ୍କ ପ୍ରତି ହେଉଥିବା ହିଂସା ରୋକିବା ପାଇଁ ସମସ୍ତଙ୍କୁ ସଚେତନ ହୋଇ ଏକାଠି କାର୍ଯ୍ୟ କରିବାକୁ ଆହ୍ୱାନ ଦେବା ସହ ସାମୂହିକ ଶପଥ ପାଠ କରିଥିଲେ।

## ବିଜେପିର ସାଂଗଠନିକ ବୈଠକ

**ବୌଦ୍ଧ,୨୪।୭(ସମିସ):** ବୌଦ୍ଧ ଜିଲ୍ଲା ବିଜେପି କାର୍ଯ୍ୟାଳୟରେ ବିଜେପିର ଏକ ସାଙ୍ଗଠନିକ ବୈଠକ ଜିଲ୍ଲା ବିଜେପି ସଭାପତି ପ୍ରେମାନନ୍ଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୌଦ୍ଧ ଜିଲ୍ଲା ଗସ୍ତରେ ଆସିଥିବା ରାଜ୍ୟ ବିଜେପି ସଂଗଠନ ରାଜ୍ୟ ସାଧାରଣ ସମ୍ପାଦକ ମାନସ ରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ଦଳୀୟ ସଂଗଠନ ଉପରେ ବୈଠକରେ ଆଲୋଚନା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସଂଯୁକ୍ତା ନାଏକ, ପୂର୍ବତନ ଜିଲ୍ଲା ସଭାପତି ବିପ୍ରଚରଣ ମହାନ୍ତି ଓ ମାଗୁଣି ଚରଣ ଗାଇ ଗୌରିଆ, ବରିଷ୍ଠ ବିଜେପି ନେତା ନବୀନ ମହାପାତ୍ର, ବୌଦ୍ଧ ବ୍ଲକ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ, କନ୍ଧମାଳ ସାଂସଦଙ୍କ ଜିଲ୍ଲା ପ୍ରତିନିଧି ଯୁଗଳ କିଶୋର ସାମଲଙ୍କ ସମେତ ଜିଲ୍ଲାସ୍ତରୀୟ କର୍ମକର୍ତ୍ତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଜେ ଡି ହାଇସ୍କୁଲରେ ଚାରାରୋପଣ କାର୍ଯ୍ୟକ୍ରମ




**ବୌଦ୍ଧ,୨୪।୭(ସମିସ):** ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ, ଜିଲ୍ଲା ଶାରୀରିକ ଶିକ୍ଷା ନିରୀକ୍ଷକ ଆନନ୍ଦ ବେହେରା, ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ଶମ୍ଭୁ ପ୍ରସାଦ ମିଶ୍ର, ଉପାଧକ୍ଷା ସରିତା ମିଶ୍ର, ଆଲୁମିନି ସଦସ୍ୟ ରଞ୍ଜିତ ରାଉତ, ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସାହୁ, ଏନ୍‌ସିସି ଶିକ୍ଷକ ବିଜୟ ଖେତୀ ଏବଂ ଜୁନିଅର ରେଡକ୍ରସ ପରାମର୍ଶଦାତା ମନଜିତ ମୋହନ ଚାନ୍ଦ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

## ହରିହରପୁର ଗାଁ ରାସ୍ତା କାଦୁଅ ପଚ ପଚ




**ଦେବଗଡ,୨୪।୭(ସମିସ):** ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ ମଳେହିପଡ଼ା ପଞ୍ଚାୟତ ହରିହରପୁର ଗ୍ରାମର ରାସ୍ତା କାଦୁଅ ପଚପଚ ହେବା ଯୋଗୁଁ ଯାତାୟାତ ବାଧାପ୍ରାପ୍ତ ହୋଇ ପଡ଼ିଛି। ରାସ୍ତା କାଦୁଅ ହେବା ଫଳରେ ଗ୍ରାମକୁ ବିଦ୍ୟାଳୟର ଯାନ ଆସି ପାରୁ ନ ଥିବାରୁ ଛାତ୍ରଛାତ୍ରୀ ସ୍ଥାନୀୟ ଶିଶୁ ମନ୍ଦିରକୁ ପାଠ ପଢିବାକୁ ଯାଇପାରୁ ନାହାନ୍ତି। ଏପରିକି ଅଙ୍ଗନବାଡ଼ି କେନ୍ଦ୍ରକୁ ଶିଶୁମାନେ ପଢିଯିବାକୁ ଅମଙ୍ଗ ହେଉଥିବା ଅଭିଯୋଗ ହେଉଛି। ଏହି ରାସ୍ତାଟି କାଦୁଅ ପାଇଁ ଏତେ ବିପର୍ଯ୍ୟସ୍ତ ହୋଇପଡିଛି ଯେ ରାସ୍ତାରେ ସାଇକଲ ଚାଲିବା ମଧ କଷ୍ଟ ହୋଇ ପଡିଛି। ଏ ସମ୍ପର୍କରେ ଗ୍ରାମବାସୀ ପଞ୍ଚାୟତ କର୍ତ୍ତୃପକ୍ଷଙ୍କ ନିକଟରେ ବାରମ୍ବାର ଅଭିଯୋଗ କରିବା ପରେ ମଧ କୌଣସି ସୁଫଳ ମିଳିପାରିନାହିଁ ବୋଲି ପ୍ରକାଶ କରିଛନ୍ତି। ତୁରନ୍ତ ସମାଧାନ ନ ହେଲେ ମହିଳାମାନେ ରାସ୍ତାକୁ ଓହ୍ଲାଇବାକୁ ବାଧ ହେବେ ବୋଲି ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ରୁନୁ ବେହେରାଙ୍କ ମତାମତ ଲୋଡିବାରୁ ରାସ୍ତା କାମ ପାଇଁ ମହାତ୍ମା ଗାନ୍ଧୀ ନିଶ୍ଚିତ ରୋଜଗାର ଯୋଜନାରୁ ୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଅଛି; କିନ୍ତୁ ବର୍ଷା ଜାରି ରହିଥିବାରୁ କାର୍ଯ୍ୟ ବାଧାପ୍ରାପ୍ତ ହୋଇଛି, ବର୍ଷା ଛାଡ଼ିବା ପରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ କରାଯାଇ ସମସ୍ୟାର ସମାଧାନ କରାଯିବ। ଏହି ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଗକୁ ହସ୍ତାନ୍ତର କରିବା ପାଇଁ ସମିତି ବୈଠକରେ ବାରମ୍ବାର ଦାବି କରିଥିଲେ ସୁଦ୍ଧା ବ୍ଲକ୍ ପ୍ରଶାସନ କର୍ଣ୍ଣପାତ କରୁନି ବୋଲି ସେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପ୍ରତି ବର୍ଷ ଏହି ରାସ୍ତାରେ ମାଟି, ମୋରମ ଛିଞ୍ଚି ଯନ୍ତ୍ରୀ ଓ ଠିକାଦାର ରୋଜଗାର କରୁଥିବା ସ୍ଥାନୀୟ ଗ୍ରାମବାସୀ ଅଭିଯୋଗ କରିଛନ୍ତି।

## ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ



**ହରଭଙ୍ଗା,୨୪।୭(ସମିସ):** ବୌଦ୍ଧ ଜିଲ୍ଲା ହରଭଙ୍ଗା ଥାନା ଅଧୀନ ହରଭଙ୍ଗା ଗ୍ରାମରେ ସାପ କାମୁଡ଼ାରେ ଜଣେ ୨୮ ବର୍ଷୀୟ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ରାଧାକାନ୍ତ ଦୀପ। ରାତିରେ ରାଧାକାନ୍ତ ନିଜ ଘରେ ଶୋଇଥିବା ବେଳେ ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତୁରନ୍ତ ତାଙ୍କୁ ହରଭଙ୍ଗା ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେତୁ ଡାକ୍ତର ପୁରୁଣା କଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ସ୍ଥାନାନ୍ତର କରିଥିଲେ। ପରେ ସେଠାରୁ ଅଧିକ ଚିକିତ୍ସା ପାଇଁ ବୌଦ୍ଧ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିଲା। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଘଟଣା ପରେ ତାଙ୍କ ସ୍ତ୍ରୀଙ୍କ ସମେତ ଦୁଇ ଛୋଟ ପୁଅର ଭବିଷ୍ୟତ ନେଇ ଚିନ୍ତିତ ହୋଇ ପଡିଛନ୍ତି।

## କାଦୁଅ ପଚପଚ ମାଲପଡ଼ା ରାସ୍ତା



**କଣ୍ଟାବାଞ୍ଜି,୨୪।୭(ସମିସ):** ବଲାଙ୍ଗୀର ଜିଲ୍ଲା ତୁରେକେଲା ବ୍ଲକ୍ ଚଟୁଅନକା ପଞ୍ଚାୟତ ବେହେରେନସିଲେଟ ଗାଁର ଶିବ ମନ୍ଦିରଠୁ ମାଲପଡା ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଶୋଚନୀୟ ହୋଇ ପଡିଛି। ବର୍ଷା ଦିନରେ ରାସ୍ତା କାଦୁଅ ପଚ ପଚ ହୋଇ ପଡିଛି। ଏଣୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏ ନେଇ ବାରମ୍ବାର ଜନ ପ୍ରତିନିଧି ଏବଂ ସରକାରୀ ଅଧିକାରୀଙ୍କୁ ସମସ୍ୟା ଅବଗତ କରାଯାଇଛି; ହେଲେ କେବଳ ପ୍ରତିଶ୍ରୁତି ମିଳୁଛି। ଏଠି ପ୍ରାୟ ୧୦ ଘର ଆଦିବାସୀ ପରିବାର ରହୁଛନ୍ତି। ବର୍ଷା ଦିନେ ଜରୁରୀକାଳୀନ ସ୍ଥିତି ରେ ଆମ୍ବୁଲାନ୍ସ କିମ୍ବା କୌଣସି କାର୍ ଯାଇପାରେ ନାହିଁ। ଏହାଫଳରେ ଲୋକେ ଖଟିଆରେ ବୋହି ରୋଗୀକୁ ଶିବ ମନ୍ଦିର ପର୍ଯ୍ୟନ୍ତ ଆଣିବା ପଡ଼େ। ପରେ ସେଠାରୁ ଗାଡି ବା ଆମ୍ବୁଲାନ୍ସରେ ଡାକ୍ତରଖାନା ନିଆଯାଇଥାଏ ବୋଲି ଲୋକେ କହିଛନ୍ତି।

## ଦେବଗଡ଼ ସଡ଼କ ସୁରକ୍ଷା କମିଟି ବୈଠକ



**ଦେବଗଡ଼,୨୪।୭(ସମିସ):** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଆଜି ଜିଲ୍ଲାସ୍ତରୀୟ ସଡକ ସୁରକ୍ଷା କମିଟି ବୈଠକ ଆଞ୍ଚଳିକ ପରିବହନ ଅଧିକାରୀ କେଶବ ଚନ୍ଦ୍ର ନାଏକଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ କବିନ୍ଦ୍ର କୁମାର ସାହୁଙ୍କ ଅଧକ୍ଷତାରେ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲାପାଳ ଶ୍ରୀ ସାହୁ ରାସ୍ତା କଡ଼ରେ ମଦ ବିକ୍ରୟ କରୁଥିବା ଢାବା ଗୁଡ଼ିକ ଯାଞ୍ଚ କରିବା, ଏନଏଚ ୪୯ରେ ରାସ୍ତା ପାଶ୍ୱର୍ରେ ଜବରଦଖଲ ଦୋକାନଗୁଡ଼ିକୁ ଚିହ୍ନଟ ଓ ଉଚ୍ଛେଦ କରିବା, ଗାଡ଼ି ଚଳାଇବା ବେଳେ ହେଲମେଟ, ସିଟବେଲ୍ଟ ପିନ୍ଧିବା, ସରକାରଙ୍କ ନିୟମ ଅନୁସାରେ ନିର୍ଦ୍ଧାରିତ ଗତିରେ ଗାଡ଼ି ଚଳାଇବା, ଜିଲ୍ଲାରେ ସଡ଼କ ଦୁର୍ଘଟଣା କିଭଳି ଭାବେ ରୋକା ଯାଇ ପାରିବ ସେ ବିଷୟରେ ଆଲୋକପାତ କରିଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ କିଶୋର ଚନ୍ଦ୍ର ମୁଣ୍ଡ, ଉପ ଜିଲ୍ଲାପାଳ ପରକ୍ଷିତ ସାହୁ, ରାସ୍ତା ଓ ଗୃହ ବିଭାଜନ ଅଧିକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ପୌର ପରିଷଦ କାର୍ଯ୍ୟ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ, ଟିପିଡବ୍ଲୁ ନିର୍ବାହୀ ଯନ୍ତ୍ରୀ ରାଜୁ ସାହା, ଜିଲ୍ଲା ଯୋଗାଣ ଅଧିକାରୀ କିଶୋର ଚନ୍ଦ୍ର ମହାରଣା, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର, ସାମ୍ବାଦିକ ସତ୍ୟ ନାରାୟଣ ମିଶ୍ର, ସିଦ୍ଧାର୍ଥ ଗୁରୁ ଓ ବିଭିନ୍ନ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲ୍ଲାପାଳଙ୍କୁ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘର ଦାବିପତ୍ର

**ବୀରମହାରାଜପୁର,୨୪।୭(ସମିସ):** ରାଜ୍ୟର ବେସରକାରୀ ଅନୁଦାନପ୍ରାପ୍ତ ଓ ଅଣଅନୁଦାନ ମହାବିଦ୍ୟାଳୟରେ ୨୦୦୮ରୁ ୨୦୧୮ ମଧ୍ୟରେ ପରିଚାଳନା କମିଟି ଦ୍ୱାରା ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀମାନଙ୍କୁ ଦରମା ଦେବାକୁ ମହାବିଦ୍ୟାଳୟ ଅସମର୍ଥ ହୋଇପଡ଼ିଛି। ତେଣୁ ଏହି ଅଧ୍ୟାପକ କର୍ମଚାରୀଙ୍କୁ ରାଜ୍ୟ ସରକାର ଅନୁଦାନ ପରିସରଭୁକ୍ତ କରିବା ଜରୁରି ହୋଇପଡ଼ିଛି। ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ପକ୍ଷରୁ ଦୀର୍ଘ ଦିନ ଧରି ଏହି ଦାବି ହେଉଛି। ତେବେ ସରକାର ସେମାନଙ୍କ ଦାବି ଶୁଣୁ ନାହାନ୍ତି। ଓଡିଶା ରାଜ୍ୟ ବେସରକାରୀ ଅଧ୍ୟାପକ କର୍ମଚାରୀ ସଙ୍ଘ ସୁବର୍ଣ୍ଣପୁର ଜିଲ୍ଲା ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବି ପତ୍ର ପ୍ରଦାନ କରାଯାଇଛି। ସଙ୍ଘର କର୍ମକର୍ତ୍ତା ସୁବର୍ଣ୍ଣପୁର ଜିଲ୍ଲାପାଳଙ୍କୁ ଭେଟି ନିଜର ଦାବି ଜଣାଇଛନ୍ତି। ସେମାନଙ୍କ ଦାବି ପୂରଣ ନ ହେଲେ ବହୁ ଅଧ୍ୟାପକ ଓ ଅଧ୍ୟାପିକା ଆନ୍ଦୋଳନ କରିବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଦାବିପତ୍ର ପ୍ରଦାନ ବେଳେ ଓଡିଶା ଓ ରାଜ୍ୟ ବେସରକାରୀ ଅଧ୍ୟାପକ, କର୍ମଚାରୀ ସଙ୍ଘର ସୁବର୍ଣ୍ଣପୁର ଜିଲ୍ଲା ସଂଯୋଜକ ଅଧ୍ୟାପକ



ଉଦ୍ଧବ ପଧାନ, ବିଶ୍ୱନାଥ ମିଶ୍ର, ସୁଶାନ୍ତ ଦେହୁରୀ, ସନ୍ତୋଷିନୀ ନାୟକ, ବାଳମୁକୁନ୍ଦ ବାରିକ, ରାଜୀବ ମହାପାତ୍ର, ଶରତ କହଁର, ସନ୍ଧ୍ୟାଦୀପା ଗୁରୁ, ଭୁବନେଶ୍ୱର ବେହେରାଙ୍କ ସମେତ ବହୁ ଅଧ୍ୟାପକ, ଅଧ୍ୟାପିକା ଉପସ୍ଥିତ ଥିଲେ।

# ସ୍ୱାଧୀନତା ଦିବସ ପାଇଁ ସୋନପୁର, ଦେବଗଡ଼ରେ ପ୍ରସ୍ତୁତି




ତରଭା,୨୪।୭(ସମିସ)

ସୁବର୍ଣ୍ଣପୁର ରାମେଶ୍ୱର ଷ୍ଟାଡିଅମରେ ଆୟୋଜିତ ହେବାକୁ ଥିବା ଜିଲ୍ଲାସ୍ତରୀୟ ୮୦ତମ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଡ ନୃପରାଜ ସାହୁଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବୈଠକରେ ଆରକ୍ଷୀ ଅଧୀକ୍ଷକ ନାରାୟଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଅଞ୍ଜଲିନା ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲା ପରିଷଦ ଅଶ୍ୱିନୀ ମେହେର, ପୌର ପରିଷଦ ଅଧକ୍ଷା ତାମସୀ ତାମସ୍ମିତା ନାଏକ, ଉପ ଜିଲ୍ଲାପାଳ ଡ ସୌମ୍ୟରୂପା ରଥ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଉଷାରାଣୀ ଦାଶଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀ, ସମସ୍ତ ସ୍କୁଲ ଓ କଲେଜର ପ୍ରଧାନ ଶିକ୍ଷକ ଓ ଶିକ୍ଷୟତ୍ରୀ, ସମାଜସେବୀ, ଶିକ୍ଷାବିତ, ଗଣମାଧ୍ୟମ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନର କର୍ମକର୍ତ୍ତା ଉପସ୍ଥିତ ଥିଲେ। ସ୍ୱାଧୀନତା ଦିବସ କିପରି ମହାସମାରୋହରେ ପାଳନ କରାଯିବ ସେହି ବିଷୟରେ ବିସ୍ତୃତ ଭାବରେ ଆଲୋଚନା କରାଯାଇଥିଲା। ଚଳିତ ବର୍ଷ ସ୍ୱାଧୀନତା ଦିବସ ପାଳନ ଦିନ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ଦ୍ୱାରା ପ୍ରାତଃ ୪ଟା ୩୦ରେ ସହରର ସବୁ ଅଞ୍ଚଳରେ ରାମଧୂନ ପରିବେଷଣ କରାଯିବ। ଭୋର ସାଢେ ୫ଟାରୁ ୬ଟା ମଧ୍ୟରେ ସହରର ବିଭିନ୍ନ ଶିକ୍ଷାନୁଷ୍ଠାନ ଓ ଯୁବକ ଓ ମହିଳା ସଂଘ ଏବଂ ସମସ୍ତ ଅନୁଷ୍ଠାନ ନିଜ ନିଜ ଅଞ୍ଚଳରେ ପ୍ରଭାତ ଫେରି କରିବେ। ପରେ ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ବିଭିନ୍ନ କାର୍ଯ୍ୟକ୍ରମ କରାଯିବ। ସମସ୍ତ ସରକାରୀ ଏବଂ ବେସରକାରୀ ଅନୁଷ୍ଠାନରେ ସକାଳ ୭.୩୦ରୁ ୮ଟା ମଧ୍ୟରେ ରାଷ୍ଟ୍ରୀୟ ସଙ୍ଗୀତ ଗାନ ପୂର୍ବକ ଜାତୀୟ ପତାକା ଉତ୍ତୋଳନ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏହି ଜାତୀୟ ଦିବସଟି ସହରର ସମସ୍ତ ମାନ୍ୟଗଣ୍ୟ ଅତିଥିଙ୍କୁ ଆମନ୍ତ୍ରିତ କରାଯିବ। ଏହି ଦିବସ ପାଳନ ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏଥିରେ ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିପାରିବେ। ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ପରେଡ଼ରେ ଅଂଶ ଗ୍ରହଣ କରିବେ। ଏଥିପାଇଁ ଅଗଷ୍ଟ ୧୧, ୧୨ ଏବଂ ୧୩ ତାରିଖ ପର୍ଯ୍ୟନ୍ତ ରିଜର୍ଭ ଇନ୍ସପେକ୍ଟରଙ୍କ ତତ୍ତ୍ୱାବଧାନରେ ପରେଡ଼ ଅଭ୍ୟାସ ଅନୁଷ୍ଠିତ ହେବ। ଏ ବର୍ଷ ମୋଟ ୪୨ଟି ପରେଡ ଗ୍ରୁପ ରହିବେ। ପ୍ୟାରେଡ୍ ପ୍ରତିଯୋଗିତାର ଶ୍ରେଷ୍ଠ ବିବେଚିତ ଦଳ ଏବଂ ଅନ୍ୟାନ୍ୟ କୃତୀ ଦଳକୁ ପୁରସ୍କାର ପ୍ରଦାନ କରାଯିବ। ଏଥିସହ ପ୍ୟାରେଡ ପଡିଆ ସାଜସଜ୍ଜା, ବ୍ୟାରିକେ? ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟଜଳ ଯୋଗାଣ, ପରିଷ୍କାର ପରିଚ୍ଛନ୍ନତା, ଅସ୍ଥାୟୀ ଶିବିର ବ୍ୟବସ୍ଥା ନିମନ୍ତେ ସମ୍ପୃକ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ପରେ କାରାଗାର ଓ ବୃଦ୍ଧାଶ୍ରମ, ବାଳାଶ୍ରମ ଅନ୍ତେବାସୀଙ୍କୁ ମିଷ୍ଟାନ୍ନ ଓ ଶୁଖିଲା ଖାଦ୍ୟ ବଣ୍ଟନ କରାଯିବ। ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରୀତି ସୁନା ସ୍ୱାଗତ ଭାଷଣ ଦେବା ସହ ସଭା ପରିଚାଳନା ପୂର୍ବକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

**ଦେବଗଡ:** ଜିଲ୍ଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ୮୦ତମ ଜିଲ୍ଲାସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳ ରେବେକା ବିଲୁଙ୍ଗଙ୍କ ଅଧକ୍ଷତାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉପ ଜିଲ୍ଲାପାଳ ପରକ୍ଷୀତ ସାହୁ ଓ ଭାରପ୍ରାପ୍ତ ପୌରପରିଷଦ ଅଧକ୍ଷ ପ୍ରଜିତ କୁମାର ଭୋଜ ଚଳିତ ବର୍ଷ ସ୍ୱାଧୀନତା ଦିବସ ସମାରୋହ କିପରି ସରସ ସୁନ୍ଦର ଭାବେ ପାଳନ କରାଯିବ ସେ ନେଇ ଆଲୋଚନା କରିଥିଲେ। ଏଥିପାଇଁ ପରେଡ୍ ପଡ଼ିଆ ସାଜସଜ୍ଜା, ବ୍ୟାରିକେଟ ନିର୍ମାଣ, ଶାନ୍ତିଶୃଙ୍ଖଳା ରକ୍ଷା, ପାନୀୟ ଜଳ ଯୋଗାଣ, ପଡ଼ିଆ ପରିଷ୍କାର ପରିଚ୍ଛନ୍ନ, ଆସ୍ଥାୟୀ ଶିବିର ନେଇ ସମ୍ପୃକ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ମୁଖ୍ୟ ଅତିଥି ସକାଳ ୯.୧୫ ମିନିଟରେ ଜାତୀୟ ପତାକା ଉତ୍ତୋଳନ କରି ସମବେତ ପରେଡ୍‌ର ଅଭିବାଦନ ଗ୍ରହଣ କରିବେ। ଏହି ଅବସରରେ ସକାଳ ୫ ଟାରେ ରାମଧୂନ,ସକାଳ ୭ ଟାରେ ବରପୁତ୍ର ମାନଙ୍କୁ ମାଲ୍ୟାର୍ପଣ, ସକାଳ ୭ରୁ ୮ଟା ମଧ୍ୟରେ ଜିଲ୍ଲାର ସମସ୍ତ ଅନୁଷ୍ଠାନର ପତାକା ଉତ୍ତୋଳନ କରାଯିବ। ଏଥି ସହ ଅଗଷ୍ଟ ୧୫ ତାରିଖ ଅପରାହ୍ନ ୨ଟା ୩୦ ଘଟିକାରେ ଫୁଟବଲ୍ ମ୍ୟାଚ୍, ୩ରେ କବି ସମ୍ମିଳନୀ, ସଂଧ୍ୟା ୫ରେ ସଙ୍ଗମ ଆଣ୍ଡ ସଙ୍ଗମ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବା ନିମନ୍ତେ ସ୍ଥିର କରାଯାଇଛି। ଅଗଷ୍ଟ ୧୧,୧୨,୧୩ ତାରିଖ ଇନ୍ଦିରା ଗାନ୍ଧୀ ଷ୍ଟାଡିୟମରେ ସକାଳ ୮.୩୦ରେ ପରେଡ୍ ଅଭ୍ୟାସ କରାଯିବ। ଏଥସହ ବିଦ୍ୟାଳୟ ଓ ମହାବିଦ୍ୟାଳୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଆୟୋଜିତ ହେବ। ପରେ ପରେ ସ୍ୱାଧୀନତା ଦିବସ ପାଳନ ଉତ୍ସବରେ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ସେହିପରି ପରେଡ୍ ପ୍ରତିଯୋଗିତାରେ ଶ୍ରେଷ୍ଠ ବିବେଚିତ ଦଳଗୁଡ଼ିକୁ ସିଲ୍ ଏବଂ କପ୍ ପ୍ରଦାନ୍ କାରାଯିବ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହେବ। ଜୁଲାଇ ୩୧ରେ ଓଡିଆ ବକ୍ତୃତା, ଅଗଷ୍ଟ ୧ରେ ଦେଶାତ୍ମବୋଧକ ସଙ୍ଗୀତ, ଅଗଷ୍ଟ ୨ ଚିତ୍ରାଙ୍କନ ଓ ଚିତା (ଝୋଟି), ଅଗଷ୍ଟ ୩ରେ ଫେନ୍ସି ଡ୍ରେସ୍, ଅଗଷ୍ଟ ୪ରେ ଇଂରାଜୀ ବକ୍ତୃତା, ଅଗଷ୍ଟ ୬ରେ ଜଣା ଅଜଣା, ଅଗଷ୍ଟ ୭ରେ ଏକକ ଅଭିନୟ, ଅଗଷ୍ଟ ୮ରେ ପଡ଼ିଆରେ ଦେଶାତ୍ମବୋଧକ ନୃତ୍ୟ ପରିବେଷଣ ଲାଗି ଚୟନ ଇତ୍ୟାଦି ପ୍ରତିଯୋଗିତା ହେବ। ବାଳକ ପ୍ରାଥମିକ ବିଦ୍ୟାଳୟ, ମନ୍ଦାକିନୀ ବାଳିକା ବିଦ୍ୟାଳୟ, ବାଳିକା ଉଚ୍ଚ ବିଦ୍ୟାଳୟ, ସଂସ୍କୃତି ଭବନ ଓ ସୂଚନା କେନ୍ଦ୍ରଠାରେ ଏହା ଅନୁଷ୍ଠିତ କରାଯିବ। ବୈଠକରେ ବମ୍ପରଡ଼ାସ୍ଥିତ ୪ର୍ଥ ଆଇଆରବି ବାଟାଲିୟନ, ପୁଲିସ ରିଜର୍ଭ ଇନ୍ସପେକ୍ଟର, ରାସ୍ତା ଓ ଗୃହ ବିଭାଜନ ଅଧୀକ୍ଷଣ ଯନ୍ତ୍ରୀ ଅଭିଷେକ ଓଝା, ଭାରପ୍ରାପ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଭାତ ଓଝା, ପୌର ପରିଷଦ ନିର୍ବାହୀ ଅଧିକାରୀ କଳିଙ୍ଗ ଆଶିଷ ଶତପଥୀ, ଡେପୁଟି କଲେକ୍ଟର ସୌମ୍ୟା ସୁଚିସ୍ମିତା, ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ଶିକ୍ଷା ଅନୁଷ୍ଠାନର ପ୍ରଧାନ ଶିକ୍ଷକ, ସ୍ୱାଧୀନତା ଦିବସ ପାଳନ କମିଟିର ସଦସ୍ୟ, ଗଣମାଧ୍ୟମ ପ୍ରତିନିଧି ଓ ବରିଷ୍ଠ ନାଗରିକ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ମନୋରଞ୍ଜନ ସୂତାର ସମସ୍ତଙ୍କୁ ସ୍ୱାଗତ କରିବା ସହ ବୈଠକ ବିବରଣୀ ପଠନ କରିବା ସହ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଜନ୍ମବେଦୀରୁ ରତ୍ନବେଦୀକୁ ବାହୁଡ଼ିଲେ ମହାବାହୁ






## ନୃସିଂହନାଥରେ ପହଞ୍ଚିଲେ ତିନି ଠାକୁର

**ପାଇକମାଳ, ୨୪।୭(ସମିସ):** ପାଇକମାଳରେ ବାହୁଡ଼ା ଯାତ୍ରା ଶେଷ ହୋଇଛି। ମାଉସୀ ମା' ମନ୍ଦିରରୁ ନୃସିଂହନାଥ ଦୀର୍ଘ ୪ କିମି ରଥରେ ତିନି ଠାକୁରଙ୍କୁ ଅପରାହ୍ନ ୩ଟାରେ ରଥରେ ବସାଇ ଟାଣି ଟାଣି ସନ୍ଧ୍ୟା ୮ଟାରେ ନୃସିଂହନାଥ ମନ୍ଦିରକୁ ଅଣାଯାଇଛି। ସିଆଲିଲତାରେ ରଥ ବନ୍ଧା ଯାଇ ଗୋଟିଏ ପାର୍ଶ୍ୱ ମହିଳା ଓ ଅନ୍ୟ ପାର୍ଶ୍ୱକୁ ପୁରୁଷ ମାନେ ଟାଣିଥିଲେ। ମଉସା ଦାୟିତ୍ୱରେ ଥିବା ଅନିଲ ଗୁପ୍ତା ଓ ତାଙ୍କ ପତ୍ନୀ ତିନି ଠାକୁରଙ୍କ ୯ ଦିନ ଧରି ସେବା କରିଥିଲେ। ବାହୁଡା ଯାତ୍ରା ଶାନ୍ତି ଶୃଙ୍ଖଳା ସହ ସମ୍ପନ୍ନ ହୋଇଛି ବୋଲି କାର୍ଯ୍ୟନିର୍ବାହୀ ଅଧିକାରୀ ପୁରୁଷୋତ୍ତମ ପ୍ରଧାନ ସୂଚନା ଦେଇଛନ୍ତି। ସେହିପରି ମାଣ୍ଡୋସିଲ ଓ ଛିନ୍ଦେଇକେଲାରେ ମଧ୍ୟ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି।

**ବରଗଡ଼:** ଦେଓଗାଁ ଗ୍ରାମରେ ବାହୁଡ଼ାଯାତ୍ରା ସମ୍ପନ୍ନ ହୋଇଛି। ୯ ଦିନ ଧରି ଚାଲିଥିବା ଏହି ମହୋତ୍ସବରେ ପ୍ରତିଦିନ ସନ୍ଧ୍ୟାରେ ମହାଆଳତି, ପ୍ରସାଦ ବିତରଣ ଏବଂ ପ୍ରଖ୍ୟାତ ପ୍ରବଚକମାନଙ୍କ ଦ୍ୱାରା ହରିକଥାମୃତ ପ୍ରବଚନ ଅନୁଷ୍ଠିତ ହୋଇଥିଲା। ଉତ୍ସବର ବିଭିନ୍ନ ଦିବସରେ କୈଳାସ ଚନ୍ଦ୍ର ପଣ୍ଡା ମତ୍ସ୍ୟ ଅବତାର, ଅମୂଲ୍ୟ ସାହୁ କଚ୍ଛପ ଅବତାର, ଜୟଦେବ ପଣ୍ଡା ବରାହ ଅବତାର, ଶୁକଦେବ ସାହୁ ନୃସିଂହ ଅବତାର, ପ୍ରେମରାଜ ପଣ୍ଡା ବାମନ ଅବତାର ଏବଂ ମନରଞ୍ଜନ ପ୍ରଧାନ ପର୍ଶୁରାମ ଅବତାର ଉପରେ ହୃଦୟସ୍ପର୍ଶୀ ପ୍ରବଚନ ଦେଇଥିଲେ। ଏହାସହିତ ଛୋଟ ଛୋଟ ଶିଶୁମାନଙ୍କ ଦ୍ୱାରା ପରିବେଷିତ 'ରାମ ଅବତାର' ନୃତ୍ୟନାଟ୍ୟ ଦର୍ଶକଙ୍କ ମନ ମୋହିଥିଲା।

ଏହି ମହୋତ୍ସବର ସବୁଠାରୁ ବଡ଼ ଆକର୍ଷଣ ସାଜିଥିଲେ ବିଶ୍ୱପ୍ରସିଦ୍ଧ ଧନୁଯାତ୍ରାର ରାଧା ତଥା ସମ୍ମାନିତ ଅତିଥି କୁମାରୀ ସାଇନା ପ୍ରଧାନ। ଗ୍ରାମବାସୀଙ୍କ ବିଶେଷ ଅନୁରୋଧକ୍ରମେ ସେ ଧନୁଯାତ୍ରାର ସେହି ପ୍ରସିଦ୍ଧ 'କୃଷ୍ଣଙ୍କ ମଥୁରା ବିଦାୟ' ଗୀତ ଗାଇ ଭାବବିହ୍ୱଳ କରିଥିଲେ। ପରେ ଉତ୍ସବ କମିଟି ପକ୍ଷରୁ ତାଙ୍କୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଆଜିର ଉଦ୍‌ଯାପନୀ ଦିବସରେ ସ୍ୱତନ୍ତ୍ର ଅତିଥି ଭାବେ ସାମାଜିକ କର୍ମୀ ସୁବ୍ରତ କୁମାର ବିର୍ତ୍ତିଆ ଯୋଗ ଦେଇଥିଲେ।

## ବାହୁଡିଲେ ଶ୍ରୀ ଦଧିବାମନ

**ଭଟଲି:** ପଶ୍ଚିମ ଓଡ଼ିଶାର ଶ୍ରୀକ୍ଷେତ୍ର ଭାବେ ପରିଚିତ ବରଗଡ଼ ଜିଲା ଭଟଲି ଦଧିବାମନ ଧାମଠାରେ ମହାପ୍ରଭୁ ଦଧିବାମନ ଗୁଣ୍ଡିଚା ମନ୍ଦିରସ୍ଥ ଜନ୍ମବେଦୀ(ଆଡ଼ପମଣ୍ଡପ) ଛାଡି ରଥାରୁଢ଼ ହୋଇ ଶ୍ରୀମନ୍ଦିର ଫେରିଛନ୍ତି। ଶୁକ୍ରବାର ମଧ୍ୟରାତ୍ରିରେ ପ୍ରଭୁ ଶ୍ରୀ ଦଧିବାମନଙ୍କୁ ପୋଡ଼ପିଠା ଭୋଗ ଲାଗି କରାଯାଇଥିଲା। ପହଣ୍ଡିପୂଜା ଓ ମଙ୍ଗଳାର୍ପଣ ପରେ ପ୍ରାୟ ଦିନ ଗୋଟାଏରେ ପହଣ୍ଡି ଆରମ୍ଭ ହୋଇଥିଲା। ଭଟଲି ଗୌନ୍ତିଆଙ୍କ ଦ୍ୱାରା ଛେରାପହଁରା ପରେ ପ୍ରଭୁ ନନ୍ଦିଘୋଷ ରଥରେ ରଥାରୁଢ଼ ହୋଇଥିଲେ। ରଥାରୁଢ଼ ଦଧିବାମନଙ୍କୁ ଦର୍ଶନ କଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ବିଶ୍ୱାସ ଥିବାରୁ ପଶ୍ଚିମ ଓଡ଼ିଶା ସମେତ ପଡ଼ୋଶୀ ଛତିଶଗଡ଼ ରାଜ୍ୟରୁ ପ୍ରବଳ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା। ତେବେ ରଥ ରାତିରେ ରଥଖଳାରେ ପହଞ୍ଚିଥିଲା ଓ ତାପରେ ରଥ ଉପରେ ପ୍ରଭୁଙ୍କ ଶେଷ ପୂଜା ନୀତି ସମାପନ ହୋଇଥିଲା।



ଆସନ୍ତା କାଲି ଶନିବାର ରଥ ଉପରେ ଦ୍ୱିତୀୟ ଥର ପାଇଁ ମହାପ୍ରଭୁଙ୍କ ସୁନାବେଶ ଅନୁଷ୍ଠିତ ହେବ।

**ପଦ୍ମପୁର:** ପଦ୍ମପୁରର ପବିତ୍ର ବାହୁଡ଼ା ଯାତ୍ରା ଶେଷ ହୋଇଛି। ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର, ଦେବୀ ସୁଭଦ୍ରା ଓ ସୁଦର୍ଶନ ମହାପ୍ରଭୁ ରତ୍ନବେଦୀରେ ବିରାଜମାନ ହୋଇଛନ୍ତି। ବାହୁଡ଼ା ଯାତ୍ରା ଅବସରରେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ ପାଇଁ ଭିଡ଼ ଜମାଇଥିଲେ। ଶାନ୍ତି ନଗର କମିଟିର ସଭାପତି ଡାକ୍ତର ଅର୍ଜୁନ ଦେବତା, ଡାକ୍ତର ଗଦାଧର ରଥ ଛେରାପହଁରା କରିଥିବା ବେଳେ ବାହୁଡା ପୂର୍ବରୁ ପୋଡପିଠା ଭୋଗ ଅନୁଷ୍ଠିତ ହୋଇଥିଲା। କମିଟିର ଡାକ୍ତର ଦେବାଶିଷ ରଥ, ଉପ ସଭାପତି ମହେଶ ବେହେରା, ସମ୍ପାଦକ ପ୍ରତାପ ନାଥ, ତୁଷାର ରଞ୍ଜନ ପ୍ରଧାନ, କାଉନସିଲର କୁନାଳ ପାଣିଗ୍ରାହୀ ପ୍ରମୁଖ ନେତୃତ୍ୱ ନେଇଥିଲେ।

ସେହିପରି ଆଉ ଏକ ରଥ ସ୍ଥାନୀୟ ଗୋପାଳଜୀ ମନ୍ଦିରରୁ ବାହାରି ରଜାପଡ଼ା ପଞ୍ଚ ସେଠାରୁ କାଳିପଡ଼ା ଦେଇ ନେହେରପଡ଼ା ସ୍ଥିତ ଜଗନ୍ନାଥ ମନ୍ଦିରରେ ପହଞ୍ଚି ଥିଲା।

## ବିଦ୍ୟାସାଗର ଏକାଡେମୀରେ ବାହୁଡ଼ା ଯାତ୍ରା

**ବରଗଡ଼:** ବରଗଡ଼ସ୍ଥିତ ବିଦ୍ୟାସାଗର ଏକାଡେମୀଠାରେ ବାହୁଡା ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ବଳରାମ ବିଶି ଠାକୁର ରାଜା ଦାୟିତ୍ୱ ତୁଲାଇଥିଲେ। ଅନୁଷ୍ଠାନର ପରିଚାଳନା ନିର୍ଦ୍ଦେଶିକା ନୀତା ବିଶି, ଏକାଡେମିକ ନିର୍ଦ୍ଦେଶକ ଜୟଦେବ ଭୋଇ, ପ୍ରଶାସନିକ ନିର୍ଦ୍ଦେଶିକା ସୁଧାମୟୀ ଭୋଇ, ସିଏଚଏସଇ ପ୍ରିନ୍ସିପାଲ ବିକାଶ ସେନ, ସିବିଏସଇ ପ୍ରିନ୍ସିପାଲ ପଞ୍ଚାନନ ବାରିକ ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା, ଶିକ୍ଷକ, ଶିକ୍ଷୟିତ୍ରୀ, କର୍ମଚାରୀ ବୃନ୍ଦ ତଥା ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ମାଣ୍ଡୋସିଲରେ ଜିଏମ୍‌ଏପିଭି ସ୍ଥାପନ ଦାବି

**ପାଇକମାଳ, ୨୪।୭(ସମିସ):** ପାଇକମାଳ ବ୍ଲକ ଅନ୍ତର୍ଗତ ମାଣ୍ଡୋସିଲ ଗ୍ରାମରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ (ଜିଏମ୍‌ଏପିଭି) ସ୍ଥାପନ ପାଇଁ ଗ୍ରାମବାସୀ ଦାବି କରିଛନ୍ତି। ସ୍ଥାନୀୟ ସରପଞ୍ଚ, ସମିତି ସଭ୍ୟ, ସ୍କୁଲ ପରିଚାଳନା କମିଟିର ସଦସ୍ୟ ଓ ବିଭିନ୍ନ ଜନପ୍ରତିନିଧି ମିଳିତ ଭାବେ ଉପଜିଲ୍ଲାପାଳ, ଜିଲ୍ଲା ଶିକ୍ଷା ଅଧିକାରୀ, ବ୍ଲକ ଶିକ୍ଷା ଅଧିକାରୀ, ତହସିଲଦାର ଏବଂ ବ୍ଲକ ଉନ୍ନୟନ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରି ମାଣ୍ଡୋସିଲକୁ ପ୍ରଥମ ପର୍ଯ୍ୟାୟରେ ଜିଏମଏପିଭି ପାଇଁ ଚୟନ କରିବାକୁ ଅନୁରୋଧ କରିଛନ୍ତି।

ଦାବିପତ୍ରରେ ଉଲ୍ଲେଖ କରାଯାଇଛି ଯେ, ରାଜ୍ୟ ସରକାରଙ୍କ ଗୃହ ନିର୍ମାଣ ଓ ଶିକ୍ଷା ବିଭାଗ ପକ୍ଷରୁ ଜାରି ହୋଇଥିବା ସରକାରୀ ପତ୍ର ସଂଖ୍ୟା -୯୮, ତାରିଖ ୧୫ ଫେବୃଆରୀ ୨୦୨୫ ଅନୁଯାୟୀ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ପାଇଁ ଯେଉଁ ସମସ୍ତ ମାନଦଣ୍ଡ ନିର୍ଦ୍ଧାରଣ କରାଯାଇଛି, ମାଣ୍ଡୋସିଲ ସେହି ସମସ୍ତ ସର୍ତ୍ତ ପୂରଣ କରୁଛି।

ମାଣ୍ଡୋସିଲ ବିଦ୍ୟାଳୟରେ ଆଞ୍ଚଳିକ ସାଧନ କେନ୍ଦ୍ର କାର୍ଯ୍ୟାଳୟ କାର୍ଯ୍ୟ କରୁଥିବାରୁ ଏହା ଶିକ୍ଷା କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ କେନ୍ଦ୍ର ଭାବେ ପରିଚିତ। ସେହିପରି ଆଖପାଖର ବିଦ୍ୟାଳୟଗୁଡ଼ିକ ସହ ଏହାର ଯାତାୟାତ ସଂଯୋଗ ମଧ୍ୟ ଭଲ। ଡୁମ୍ବେରବାହାଲ ବିଦ୍ୟାଳୟ ମାତ୍ର ୧ କିଲୋମିଟର ଦୂରରେ ଏବଂ ଭୂତମୁଣ୍ଡା ବିଦ୍ୟାଳୟ ପ୍ରାୟ ୩ କିଲୋମିଟର ଦୂରରେ ଅବସ୍ଥିତ। ଫଳରେ ପାର୍ଶ୍ୱବର୍ତ୍ତୀ ଗ୍ରାମର ଛାତ୍ରଛାତ୍ରୀମାନେ ମଧ୍ୟ ସହଜରେ ଏହି ବିଦ୍ୟାଳୟର ସୁବିଧା ପାଇପାରିବେ ବୋଲି କୁହାଯାଇଛି। ଏଥିପ୍ରତି ଜିଲ୍ଲାପାଳ ଆଦିତ୍ୟ ଗୋୟଲ ଦୃଷ୍ଟି ଆକର୍ଷଣ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।

## ଜିରା ନଦୀ କୂଳରୁ ବ୍ରାଉନ୍‌ସୁଗର ଜବତ, ୩ ଗିରଫ

**ବରଗଡ଼, ୨୪।୭(ସମିସ):** ଜୁଲାଇ ୨୨ରେ ଟାଉନ ଥାନା ଅଧିକାରୀ ଚିତ୍ତ ରଞ୍ଜନ ମେହେର, ଏସ୍‌ଆଇ ଅମିତ ଜେସ୍‌ଙ୍କ ନେତୃତ୍ୱରେ ପୁଲିସ ଟିମ୍ ବ୍ରହ୍ମନଗର ନିକଟସ୍ଥ ଜିରା ନଦୀ କୂଳରେ ଚଢ଼ଉ କର ୨୬୪ ଗ୍ରାମ ବ୍ରାଉନ୍‌ସୁଗାର ଜବତ ସହ ୩ ଜଣଙ୍କୁ ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ମାନେ ହେଲେ ଉତ୍ତରପ୍ରଦେଶର ବାରାଣସୀ ଜିଲ୍ଲାର ସେଖ କାଲିମ (୩୮), ଗାଜିପୁର ଜିଲ୍ଲାର ମାନିକରାଜ ପାଲ (୩୮) ଏବଂ ବରଗଡ଼ ସହର ଖଜୁରଟିକ୍ରା ଅଞ୍ଚଳର ସଚିନ ମିଶ୍ର (୨୫)। ଜୁଲାଇ ୨୩ରେ ସମସ୍ତ ଅଭିଯୁକ୍ତଙ୍କୁ ଅଦାଲତ ଚାଲାଣ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ବରଗଡ଼ ଏସପି ରବୀନ୍ଦ୍ରନାଥ ଶତପଥୀ ସୂଚନା ଦେଇଛନ୍ତି।



ପୁଲିସ ଜବତ ସାମଗ୍ରୀ ମଧ୍ୟରେ ୨୬୪ ଗ୍ରାମ ବ୍ରାଉନ ସୁଗାର, ଦୁଇଟି ବ୍ୟାଗ୍, ୧, ୨୩୦ ଟଙ୍କା ନଗଦ, ଏକ ସ୍କୁଟି, ୩ଟି ମୋବାଇଲ ଫୋନ୍ ରହିଛି। ଏହି ଘଟଣାରେ ବରଗଡ଼ ଟାଉନ ଥାନାରେ ମାମଲା ରୁଜୁ କରାଯାଇଛି।

ଏହାଛଡ଼ା ପୁଲିସ ପକ୍ଷରୁ ପ୍ରକାଶିତ ପ୍ରେସ୍ ନୋଟ୍‌ରେ ସମ୍ପ୍ରତି ଘଟିଥିବା ରାଜପଥ ଲୁଟ୍ ଘଟଣା ସମ୍ପର୍କିତ ତଥ୍ୟ ମଧ୍ୟ ଦିଆଯାଇଛି। ଲୁଟ୍ ମାମଲାର କିଛି ଅଭିଯୁକ୍ତଙ୍କ ନିକଟରୁ ଏକ ସ୍କୁଟି, ଏକ ମୋବାଇଲ ଫୋନ୍, ପ୍ରାୟ ୫ ଗ୍ରାମ ଓଜନର ସୁନା ଲକେଟ୍ ଓ ଦୁଇଟି କାନଫୁଲ ଜବତ କରାଯାଇଥିବା ଉଲ୍ଲେଖ ରହିଛି।

### ଅମ୍ବାଭୋନା ପଞ୍ଚାୟତ ସମିତିର ସାଧାରଣ ଅଧିବେଶନ

## ଅନୁପସ୍ଥିତ ଅଧିକାରୀଙ୍କୁ ନେଇ ବିଧାୟକଙ୍କ କ୍ଷୋଭ

**ଅମ୍ବାଭୋନା, ୨୪।୭(ସମିସ):** ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ସଭାଗୃହରେ ବ୍ଲକ ଅଧ୍ୟକ୍ଷ କୀର୍ତ୍ତି ଚନ୍ଦ୍ର ଦୁଆନଙ୍କ ଅଧ୍ୟକ୍ଷତାରେ ପଞ୍ଚାୟତ ସମିତିର ଷଷ୍ଠ ସାଧାରଣ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭଟଲି ବିଧାୟକ ଇରାସିସ୍ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ସାଂସଦ ପ୍ରତିନିଧି ଗୁନାରୁ ପ୍ରଧାନ, ବ୍ଲକ ଉପାଧ୍ୟକ୍ଷା କମଳା ନାୟକ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଲଳିତ ବାଗ, ତହସିଲଦାର ରଘୁନାଥ ପାଣିଗ୍ରାହୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ କୁମାର ପ୍ରଧାନ ଓ ଅମ୍ବାଭୋନା ଥାନା ଅଧିକାରୀ ସୌରଭ ଭୋଇ ମଞ୍ଚାସୀନ ଥିଲେ। ପ୍ରାରମ୍ଭରେ ବିଡିଓ ଡ. ଲଳିତ ବାଗ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେବା ସହ ସମସ୍ତଙ୍କୁ ସ୍ୱାଗତ କରିଥିଲେ। ପରେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ରୂପେଶ୍ୱର ଭୋଇ ପୂର୍ବ ବୈଠକର କାର୍ଯ୍ୟବିବରଣୀ ପାଠ କରିଥିଲେ। ବିଧାୟକ ଇରାସିସ୍ ଆଚାର୍ଯ୍ୟ ନିଜ ଅଭିଭାଷଣରେ ବ୍ଲକର ସମସ୍ତ ଜନପ୍ରତିନିଧି ଓ ସରକାରୀ କର୍ମଚାରୀଙ୍କୁ ସମନ୍ୱୟ ରକ୍ଷା କରି କାମ କରିବାକୁ କହିଥିଲେ। ବୈଠକରେ ବିଭିନ୍ନ ବିଭାଗ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ସ୍ୱାସ୍ଥ୍ୟ, ଜଙ୍ଗଲ, ପିଡବ୍ଲ୍ୟୁଡି ଓ ଏମଆଇ ବିଭାଗର ଅଧିକାରୀମାନେ ବୈଠକରେ ଅନୁପସ୍ଥିତ ଥିବାରୁ ବିଧାୟକ କ୍ଷୋଭ ପ୍ରକାଶ କରି ବିଡିଓଙ୍କୁ ସମ୍ପୃକ୍ତ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦେଇଥିଲେ।

## ଲଚିଦା କୃଷିଫାର୍ମ ପରିଦର୍ଶନରେ କୃଷିମନ୍ତ୍ରୀ



**ଅତାବିରା, ୨୪।୭(ସମିସ):** ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ତଥା କୃଷିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ବରଗଡ଼ ଜିଲ୍ଲା ଗସ୍ତରେ ଆସି ଅତାବିରା ବ୍ଲକ ଲଚିଦା କୃଷିଫାର୍ମ ପରିଦର୍ଶନ କରିଛନ୍ତି। ଅଳ୍ପ ରାସାୟନିକ ସାର ବ୍ୟବହାର କରି କମ୍ ଦିନିଆ ଧାନ ଚାଷ କରିବାକୁ ବିଭାଗୀୟ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମମତା ରାଣୀ ତ୍ରିପାଠୀ, କୃଷି ଜିଲ୍ଲା ଅଧିକାରୀ ସ୍ମିତା ପଣ୍ଡା ଓ ଫାର୍ମ ସୁପରିଟେଣ୍ଡ ପିଙ୍କୁସେନ କରଙ୍କୁ ଶ୍ରୀ ସିଂହଦେଓ ପରାମର୍ଶ ଦେଇଥିଲେ। ଏହି ଅବସରରେ ବରଗଡ଼ ବିଧାୟକ ଅଶ୍ୱିନୀ ଷଡଙ୍ଗୀ, ଅତାବିରା ବିଧାୟକ ନିହାର ମହାନନ୍ଦ, ଭଟଲି ବିଧାୟକ ଇରାଶିଷ ଆଚାର୍ଯ୍ୟ, ଆମ୍ବା ଅଧ୍ୟକ୍ଷ ମିଳନ ସେଟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଡି ମୁରଲୀ କ୍ରୀଷ୍ଣା, ସୁରେଶ୍ୱର ଶତପଥୀ, ଜିଲ୍ଲାପାଳ ଆଦିତ୍ୟ ଗୋଏଲ ପ୍ରମୁଖ ଉପସ୍ଥିତ ଥିଲେ। କୃଷି ବିଭାଗ, ଉଦ୍ୟାନ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଚାଷୀ ମଧ୍ୟ ଉପସ୍ଥିତି ଥିଲେ।

## ଲଗାଣ ବର୍ଷାରେ ଭାଙ୍ଗିଲା ଘର



**ବରଗଡ଼, ୨୪।୭(ସମିସ):** ବରଗଡ଼ ବ୍ଲକ ଅନ୍ତର୍ଗତ ନୂଆଁ ସରସରା ଗ୍ରାମର ଅନିତା ବାଗ୍‌ଙ୍କ ୨ ବଖରା ମାଟି ଘର ଲଗାଣ ବର୍ଷାରେ ଭୁଶୁଡ଼ି ପଡ଼ିଛି। ଫଳରେ ସ୍ୱାମୀ ସ୍ତ୍ରୀ ଓ ଛୋଟ ଛୋଟ ଦୁଇ ଝିଅ ବର୍ତ୍ତମାନ ବଡ଼ଭାଇଙ୍କ ଘରେ ଆଶ୍ରୟ ନେଇଛନ୍ତି। ସରକାର ତୁରନ୍ତ କ୍ଷୟକ୍ଷତି ଆକଳନ କରି ସରକାରୀ ସହାୟତା ଓ କ୍ଷତିପୂରଣ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ବାହୁଡ଼ା ଯାତ୍ରା ପାଇଁ ସରକାରୀ ମଦ ଦୋକାନ ବନ୍ଦ

## ଢାବା ଓ ହୋଟେଲରେ ଚଢ଼ା ଦରରେ ବିକ୍ରି

**ପଦ୍ମପୁର, ୨୪।୭(ସମିସ):** ବାହୁଡ଼ା ଯାତ୍ରାକୁ ଦୃଷ୍ଟିରେ ରଖି ସରକାରଙ୍କ ପକ୍ଷରୁ ଦିନକ ପାଇଁ ସରକାରୀ ମଦ ଦୋକାନ ବନ୍ଦ ରଖିବାକୁ ନିଷ୍ପତ୍ତି ନିଆଯାଇଥିଲା। ଯାହାକୁ ସୁଯୋଗରେ ପରିଣତ କରିଛନ୍ତି ଚୋରା ମଦବ୍ୟବସାୟୀ। ପଦ୍ମପୁର ଅଞ୍ଚଳର ବିଭିନ୍ନ ଢାବା, ହୋଟେଲ ଓ ଗୁପ୍ତ ସ୍ଥାନରେ ସାଧାରଣ ଦରଠାରୁ ବହୁତ ଅଧିକ ମୂଲ୍ୟରେ ମଦ ବିକ୍ରି ହୋଇଥିଲା। ସରକାରୀ ମଦ ଦୋକାନ ବନ୍ଦ ନିଷ୍ପତ୍ତି ପରେ କିଛି ଅସାଧୁ ବ୍ୟବସାୟୀ ପୂର୍ବରୁ ମଦ କିଣି ମହଜୁଦ ରଖିଥିଲେ। ଏହାକୁ ଦୁଇଗୁଣା ଦରରେ ବିକ୍ରି କରୁଥିବା ଦେଖିବାକୁ ମିଳିଥିଲା। ତୁରନ୍ତ ଏଥିପ୍ରତି ଆଗାମୀ ପର୍ବପର୍ବାଣିରେ ଦୃଷ୍ଟି ଦେବା ସହ ସମ୍ପୃକ୍ତ ଚୋରା ମଦ ବେପାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି ହେଉଛି।

## ଟ୍ରାଫିକ ସମସ୍ୟାକୁ ନେଇ ଘରୋଇ ବସ୍ ମାଲିକ ସଂଘ ଓ ଅଭିଭାବକ ମହାସଂଘ ବୈଠକ

**ବରଗଡ଼, ୨୪।୭(ସମିସ):** ଗୁରୁବାର ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲା ଓ ବରଗଡ଼ ଜିଲ୍ଲା ବସ ମାଲିକ ସଂଘ ମଧ୍ୟରେ ସଡ଼କ ସୁରକ୍ଷା ଓ ନିରାପତ୍ତା ଉପରେ ଏକ ଆଲୋଚନା ବସ ମାଲିକ ସଂଘ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ନିରାପତ୍ତା, ଟ୍ରାଫିକ ସମସ୍ୟା, ବେପରୁଆ ଗାଡି ଚାଳନା, ଯାତ୍ରୀ ପରିବହନକୁ ପ୍ରତିଯୋଗିତା ମନୋଭାବରୁ ନିବୃତ ରହିବା, ରାସ୍ତାରେ ବେଆଇନ ପାର୍କିଂ ନ କରିବା, ସ୍କୁଲ ସମୟରେ ଓ ସ୍କୁଲ ରାସ୍ତାରେ ସାବଧାନ ପୂର୍ବକ ଗାଡ଼ି ଚାଳନା, ନିଶା ପାନ କରି ଗାଡ଼ି ନ ଚଳାଇବା, ନିର୍ଦ୍ଦିଷ୍ଟ ସ୍ଥାନରୁ ଯାତ୍ରୀ ପରିବହନ କରିବା ଆଦି ଉପରେ ଆଲୋଚନା ହୋଇଥିଲା। ବିଗତ ଦିନ ରେ ବେପରୁଆ ଗାଡି ଚାଳନା ଯୋଗୁଁ ଏକ ନିରୀହ ଛାତ୍ର ର ଜୀବନ ହାନି ଯେପରି ହୋଇଥିଲା ତାହର ପୁନରାବୃତ୍ତି ନ ହେବ ସେ ଉପରେ ଯତ୍ନବାନ ହେବାକୁ ମହାସଂଘ ପକ୍ଷରୁ ଧ୍ୟାନ ଆକର୍ଷଣ କରାଯାଇଥିଲା। ପରିଶେଷରେ ବରଗଡ଼ରେ ଟ୍ରାଫିକ ସମସ୍ୟା ମୁକ୍ତ, ଦୁର୍ଘଟଣା ଶୂନ୍ୟ, ସଡ଼କ ସୁରକ୍ଷା ପାଇଁ ବିହୀତ ପଦକ୍ଷେପ ନେବା ପାଇଁ ବସ ମାଲିକ ସଂଘ ସମ୍ମତି ପ୍ରଦାନ କରିଥିଲେ। ଏହି ଅବସର ଓଡ଼ିଶା ଅଭିଭାବକ ମହାସଂଘ ବରଗଡ଼ ଜିଲ୍ଲା ସଭାପତି ବିମଳ କୁମାର ଦାଶଙ୍କ ସହିତ ବାସୁଦେବ ଦାଶ, ଗୋପୀନାଥ ସାହୁ କରୁଣାକର ବିଶ୍ୱାଳ, ସଦାନନ୍ଦ ମହାପାତ୍ର, ଖେତେଶ୍ୱର୍ କୁମ୍ଭାର, କାଳୀ ଚରଣ ବୋଷ, ଜିତେନ୍ଦ୍ର ରାଏ, ମୁକୁନ୍ଦ ତାଣ୍ଡି, ବିଜୟ ସାହା ଏବଂ ବସ ମାଲିକ ସଂଘ ପକ୍ଷରୁ ସଭାପତି ବିନୋଦ ମହାପାତ୍ର, ସେଖ ନନ୍ଧୁ, ମନୋଜ ମହାପାତ୍ର, ସୁବ୍ରତ ଦାଶ, ଗୋବର୍ଦ୍ଧନ ଧର, ଉମାଶଙ୍କର ପଟ୍ଟନାୟକ, ଦିବ୍ୟ କେତନ ମହାନ୍ତି, ସୁନିଲ ଦାଶ ପ୍ରମୁଖ ଉପସ୍ଥିତି ଥିଲେ।

### ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ବରଗଡ଼ ସାଂସଦ

## ସୈନିକ କଲ୍ୟାଣ ବୋର୍ଡ, ସିଏସ୍‌ଡି କାଉଣ୍ଟର ଓ ସୈନିକ ସ୍କୁଲ ପାଇଁ ଦାବି



**ବରଗଡ଼, ୨୪।୭(ସମିସ):** ବରଗଡ଼ ଲୋକସଭା ସାଂସଦ ପ୍ରଦୀପ ପୁରୋହିତ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କୁ ଭେଟି ବରଗଡ଼ ଜିଲ୍ଲା ଏବଂ ପଶ୍ଚିମ ଓଡ଼ିଶାର ପୂର୍ବତନ ସୈନିକ, ସେମାନଙ୍କ ପରିବାର ଓ ଯୁବପିଢ଼ୀଙ୍କ ସ୍ୱାର୍ଥ ସହ ଜଡିତ ତିନୋଟି ଗୁରୁତ୍ୱପୂର୍ଣ୍ଣ ଦାବି ଉପସ୍ଥାପନ କରିଛନ୍ତି। ଏ ସମ୍ପର୍କରେ ସେ ପ୍ରତିରକ୍ଷା ମନ୍ତ୍ରୀଙ୍କୁ ଏକ ବିସ୍ତୃତ ପତ୍ର ପ୍ରଦାନ କରି ଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି।

ସାଂସଦ ଶ୍ରୀ ପୁରୋହିତ ତାଙ୍କ ପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ବର୍ତ୍ତମାନ ସମ୍ବଲପୁରରେ ଥିବା ଜିଲ୍ଲା ସୈନିକ କଲ୍ୟାଣ ବୋର୍ଡ ଏହାର ବିଶାଳ କାର୍ଯ୍ୟପରିସର କାରଣରୁ ବରଗଡ଼ ଜିଲ୍ଲାର ପୂର୍ବତନ ସୈନିକମାନଙ୍କୁ ପେନ୍‌ସନ, ଡକ୍ୟୁମେଣ୍ଟେସନ ଓ ଅନ୍ୟାନ୍ୟ କଲ୍ୟାଣକାରୀ ସୁବିଧା ପାଇଁ ଦୀର୍ଘ ଦୂରତା ଯାତ୍ରା କରିବାକୁ ପଡୁଛି। ତେଣୁ ବରଗଡ଼ରେ ଏକ ସ୍ୱତନ୍ତ୍ର ଜିଲ୍ଲା ସୈନିକ କଲ୍ୟାଣ ବୋର୍ଡ ସ୍ଥାପନ କରିବାକୁ ସେ ଦାବି କରିଛନ୍ତି। ସେହିପରି ସମ୍ବଲପୁରରେ ଥିବା ଏକମାତ୍ର ସିଏସଡି କ୍ୟାଣ୍ଟିନ ଉପରେ ସାତୋଟି ଜିଲ୍ଲାର ପୂର୍ବତନ ସୈନିକ ନିର୍ଭରଶୀଳ ଥିବାରୁ ବୃଦ୍ଧ ସୈନିକ ହଇରାଣ ହେଉଛନ୍ତି। ବରଗଡ଼ରେ ଏକ ସିଏସ୍‌ଡି ଏକ୍ସଟେନ୍‌ସନ କାଉଣ୍ଟର ଖୋଲିବାକୁ ସାଂସଦ ଅନୁରୋଧ କରିଛନ୍ତି। ପତ୍ରରେ ସାଂସଦ ଆହୁରି ଉଲ୍ଲେଖ କରିଛନ୍ତି ଯେ ପଶ୍ଚିମ ଓଡ଼ିଶା ଦେଶର ସଶସ୍ତ୍ର ବାହିନୀକୁ ବହୁ ସଂଖ୍ୟାରେ ଯୁବକ ଯୋଗାଇ ଆସୁଥିଲେ ମଧ୍ୟ ଏହି ଅଞ୍ଚଳରେ କୌଣସି ସୈନିକ ସ୍କୁଲ ନାହିଁ। ବରଗଡ଼ ଜିଲ୍ଲାର ପଦ୍ମପୁରଠାରେ ସୈନିକ ସ୍କୁଲ ସ୍ଥାପନ ପାଇଁ ଦାବି କରିଛନ୍ତି।

# ଭୂତମୁଣ୍ଡା-ଇଚ୍ଛାପୁର ରାସ୍ତାରେ ଆଣ୍ଠୁଏ କାଦୁଅ

**ପାଇକମାଳ, ୨୪।୭(ସମିସ)**

ପାଇକମାଳ ବ୍ଲକ ଅନ୍ତର୍ଗତ କାଂସଡା ପଞ୍ଚାୟତର ଭୂତମୁଣ୍ଡା-ଇଚ୍ଛାପୁର (ଢେଙ୍କିମୁଣ୍ଡା) ସଂଯୋଗକାରୀ ରାସ୍ତା ବର୍ଷା ଋତୁରେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଥିବାରୁ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସୂଚନା ଅନୁଯାୟୀ, ଇଚ୍ଛାପୁର ଗ୍ରାମ ଭୂତମୁଣ୍ଡାଠାରୁ ପ୍ରାୟ ଏକ କିଲୋମିଟର ଦୂରରେ ଅବସ୍ଥିତ। ଗ୍ରାମରେ ୬୦ରୁ ଅଧିକ ପରିବାର ବସବାସ କରୁଥିବାବେଳେ ପ୍ରାୟ ୪୦୦ ଜଣ ଲୋକ ଏଠାରେ ରହୁଛନ୍ତି। ଗ୍ରାମକୁ ଯାତାୟାତ ପାଇଁ ଏହି ରାସ୍ତା ହିଁ ଏକମାତ୍ର ଭରସା। କିନ୍ତୁ ଏହା ଏପର୍ଯ୍ୟନ୍ତ କଚ୍ଚା ରହିଥିବାରୁ ବର୍ଷା ଦିନରେ କାଦୁଅ ଓ ପାଣି ଜମି ଯାତାୟାତକୁ ବିପଦପୂର୍ଣ୍ଣ କରିଦେଇଛି। ଅନେକ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ନିକଟସ୍ଥ ବିଦ୍ୟାଳୟକୁ ଆଣ୍ଠୁଏ କାଦୁଅ ପାଣିରେ ପଶି ଯାଉଛନ୍ତି। କେବଳ ଛାତ୍ରଛାତ୍ରୀ ନୁହେଁ, ଚାଷୀ, ଶ୍ରମିକ ଓ ସାଧାରଣ ଲୋକମାନେ ମଧ୍ୟ ବଜାର, ଡାକ୍ତରଖାନା, ବ୍ୟାଙ୍କ ଓ ବିଭିନ୍ନ ସରକାରୀ କାର୍ଯ୍ୟ ପାଇଁ ଏହି କାଦୁଅ ରାସ୍ତାରେ ଯାଉଛନ୍ତି।

**ଜବରଦଖଲ ଯୋଗୁଁ ରାସ୍ତା ସଂକୁଚିତ**

**ତୁରନ୍ତ ଉଚ୍ଛେଦ ସହ ପିଚୁ କରିବାକୁ ଦାବି**

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ପୂର୍ବରୁ ରାସ୍ତାଟି ପ୍ରାୟ ୨୦ ଫୁଟ ପ୍ରସ୍ଥ ଥିଲା। ମାତ୍ର ବର୍ତ୍ତମାନ କିଛି ବ୍ୟକ୍ତି ରାସ୍ତା ପାର୍ଶ୍ୱ ଜମିକୁ ଜବରଦଖଲ କରି ଉଭୟ ପାର୍ଶ୍ୱରେ ତାରବାଡ଼ ଦେଇଥିବାରୁ ସଂକୁଚିତ ହୋଇଯାଇଛି। ଫଳରେ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ବାଧା ସୃଷ୍ଟି ହେଉଛି। ଗ୍ରାମବାସୀମାନେ ଦୀର୍ଘ ଦିନ ଧରି ରାସ୍ତାର ଉନ୍ନତି ନେଇ ଦାବି କରୁଥିଲେ ମଧ୍ୟ କେହି ଶୁଣୁନାହାନ୍ତି। ଏହି ପରିପ୍ରେକ୍ଷୀରେ ଗ୍ରାମର



ତୁଲାରାମ ସାହୁ, ଯୁଧିଷ୍ଠିର ସାହୁ, ଫାଲଗୁନି ସାହୁ, ବନମାଳୀ ମିର୍ଦ୍ଧା, ଶୈଳବନ୍ତ ପ୍ରଧାନ, ଲୋକନାଥ ବାଗ, ଚୂଡ଼ାମଣି ସାହୁ, ଦୀପକ ସାହୁ, ବିହାରୀ ମାଝୀ, ପ୍ରତାପ ଶିକା, ନରସିଂହ ବେରିଆଙ୍କ ସମେତ ବହୁ ଗ୍ରାମବାସୀ ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସେମାନେ ରାସ୍ତା ଉପରେ ଥିବା ଜବରଦଖଲ ଉଚ୍ଛେଦ କରି ପୂର୍ବବତ୍ ପ୍ରଶସ୍ତିକରଣ କରିବା ସହିତ ଏହାକୁ ପିଚୁ ରାସ୍ତାରେ ପରିଣତ କରିବା ପାଇଁ ଦାବି ଜଣାଇଛନ୍ତି।

## ବିକାଶ ଆବାସିକ ବିଦ୍ୟାଳୟ ରେ ଇନ୍‌ଭେଷ୍ଟିଚର୍ ସମାରୋହ




**ବରଗଡ଼, ୨୪।୭(ସମିସ):** ବରଗଡ଼, ବରାହଗୁଡା ସ୍ଥିତ କ୍ରିଷ୍ଣା ବିକାଶ ଗ୍ରୁପ ଅନ୍ତର୍ଗତ ବିକାଶ ଆବାସିକ ବିଦ୍ୟାଳୟରେ ୨୦୨୬-୨୭ ଶିକ୍ଷାବର୍ଷ ନିମନ୍ତେ ଇନ୍‌ଭେଷ୍ଟିଚର୍ ସମାରୋହ ଅନୁଷ୍ଠିତ ହୋଇଯାଇଛି। ନର୍ସରୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଚାରୋଟି ସଦନରେ ବିଭାଜିତ କରି ସେମାନଙ୍କ ମଧ୍ୟରୁ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପଦବୀରେ ଅଧିଷ୍ଠିତ କରାଯାଇଥିଲା। ଏଥିସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ସମାନ ଭାବରେ ଚାରୋଟି ସଦନର ଦାୟିତ୍ୱ ପ୍ରଦାନ କରାଯାଇଥିଲା। କ୍ରିଷ୍ଣା ବିକାଶ ଗ୍ରୁପର ମ୍ୟାନେଜିଂ ଡାଇରେକ୍ଟର ବିବେକ ଦଶାରୀ ସମସ୍ତ ନବନିଯୁକ୍ତ ଛାତ୍ରଛାତ୍ରୀ ତଥା ଶିକ୍ଷକ-ଶିକ୍ଷୟିତ୍ରୀଙ୍କୁ ଶପଥ ପାଠ କରାଇଥିଲେ। କାର୍ଯ୍ୟକ୍ରମରେ କ୍ରିଷ୍ଣା ବିକାଶ ଗ୍ରୁପର ଡାଇରେକ୍ଟର ଡ. ସମରେନ୍ଦ୍ର ନାଥ ପଣ୍ଡା, ବିକାଶ ଆବାସିକ ବିଦ୍ୟାଳୟ (ସିନିୟର ସେକାଣ୍ଡାରୀ) ଅଧ୍ୟକ୍ଷ ଚିତ ରଞ୍ଜନ ପତି, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନାରାୟଣ ରଥ, ବିକାଶ ଗ୍ରୁପର ହେଡ୍ ଅଫ୍ ପିପୁଲ ଏଣ୍ଡ କଲଚର୍ ହେଡ୍ ଅଶ୍ୱିନ ନାୟକ ଓ ବିକାଶ ଆବାସିକ ବିଦ୍ୟାଳୟର ଉପାଧ୍ୟକ୍ଷ ଡ.ମନୋଜ କୁମାର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ପରିଶେଷରେ ବିକାଶ ଆବାସିକ ବିଦ୍ୟାଳୟର ଏକ୍‌ଜ୍ୟୁକେଟିଭ୍ ପ୍ରିନ୍ସିପାଲ ଶିଶିର ପ୍ରସାଦ ରାଉଳ ଧନ୍ୟବାଦ ଅର୍ପଣ କରିଥିଲେ।






ବାହୁଡ଼ାଯାତ୍ରା ପାଇଁ ରଥାରୂଢ଼ ହେବାକୁ ଜନ୍ମବେଦୀରୁ ଧାଡ଼ିପହଣ୍ଡିରେ ଚତୁର୍ଦ୍ଧାମୂର୍ତ୍ତିଙ୍କୁ ନିଆଯାଉଛି (ଫଟୋ-ଅନିଲ)

## ସୁନାବେଶ ନୀତି ନିର୍ଘଣ୍ଟ

| | |
|---|---|
| ତିନିରଥରେ ମଙ୍ଗଳ ଆଳତି | ସକାଳ ୬ରୁ ୬ଟା ୩୦ |
| ମଇଲମ ତଡ଼ପଲାଗି | ସକାଳ ୭ଟା |
| ଅବକାଶ | ସକାଳ ୮ଟା |
| ବେଶ ଶେଷ | ସକାଳ ୯ଟା |
| ଗୋପଳବଲ୍ଲଭ | ପୂର୍ବାହ୍ଣ ୧୦ରୁ ୧୦ଟା ୩୦ |
| ସକାଳଧୂପ | ପୂର୍ବାହ୍ଣ ୧୧ଟାରୁ ମଧ୍ୟାହ୍ନ ୧୨ଟା |
| ମଇଲମ | ମଧ୍ୟାହ୍ନ ୧୨ଟା ୩୦ |
| ମହାସ୍ନାନ ଓ ସର୍ବାଙ୍ଗ | ଅପରାହ୍ଣ ୧ଟା |
| ବେଶ ଶେଷ | ଅପରାହ୍ଣ ୧ଟା ୩୦ |
| ମଧ୍ୟାହ୍ନ ଧୂପ | ଅପରାହ୍ଣ ୨ରୁ ୩ଟା |
| ମଇଲମ | ଅପରାହ୍ଣ ୩ଟା ୩୦ |
| ଖଣ୍ଡୁଆ ଲାଗି ସନ୍ଧ୍ୟା ଆଳତି | ଅପରାହ୍ଣ ୪ଟା |
| ଏକାଦଶୀ ସର୍ବାଙ୍ଗ | ଅପରାହ୍ଣ ୪ଟା ୩୦ |
| ସୁନାବେଶ | ସନ୍ଧ୍ୟା ୫ଟାରୁ ୬ଟା ୩୦ |
| ସନ୍ଧ୍ୟାଧୂପ | ରାତି ୮ରୁ ୯ଟା |
| ସୁନାବେଶ ମଇଲମ | ରାତି ୧୦ରୁ ୧୧ଟା |
| ଚନ୍ଦନଲାଗି | ରାତି ୧୧ଟା |
| ବଡ଼ସିଂହାର ବେଶ | ରାତି ୧୨ଟା |
| ବଡ଼ସିଂହାର ଭୋଗ | ରାତି ୧୨ଟା ୩୦ |
| ମଇଲମ | ରାତି ୧୨ଟା ୪୫ |
| ଶୟନଠାକୁର ବିଜେ | ରାତି ୧ଟା ୩୦ |
| ବଲ୍ଲଭ ବଡ଼ସିଂହାର ବେଶ | ରାତି ୩ଟା |
| ବଲ୍ଲଭ ବଡ଼ସିଂହାର ଭୋଗ | ରାତି ୩ଟା ୩୦ |
| ହରିଶୟନ ନୀତି | ଭୋର୍ ୪ଟା |
| ରାତ୍ର ପହୁଡ଼ | ଭୋର୍ ୪ଟା |

## ଖରିଆର-୦୬ ଜୋନର ଜିଲ୍ଲା ପରିଷଦ ସଦସ୍ୟ ବିଜେଡିରୁ ନିଲମ୍ବିତ

ଭୁବନେଶ୍ୱର,୨୪।୭ (ସମିସ): ନୂଆପଡ଼ା ଜିଲ୍ଲାର ଖରିଆର-୦୬ ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନାଙ୍କୁ ବିଜେଡି ନିଲମ୍ବନ କରିଛି। ଦଳବିରୋଧୀ କାର୍ଯ୍ୟକଳାପରେ ସମ୍ପୃକ୍ତ ଥିବା ଅଭିଯୋଗରେ ଦଳ ତାଙ୍କ ବିରୋଧରେ ଏହି କାର୍ଯ୍ୟାନୁଷ୍ଠାନ ନେଇଛି। ଦଳର ସାଧାରଣ ସମ୍ପାଦକ ବିଜୟ ନାୟକଙ୍କ ସ୍ୱାକ୍ଷରିତ ଏହି ନିର୍ଦ୍ଦେଶନାମାରେ କୁହାଯାଇଛି, ଦଳର ସଭାପତିଙ୍କ ନିର୍ଦ୍ଦେଶକ୍ରମେ ଏହି ନିଲମ୍ବନ କାର୍ଯ୍ୟକାରୀ କରାଯାଇଛି।

## ଓଡ଼ିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକ ନିଲମ୍ବିତ

କାମାକ୍ଷନଗର,୨୪।୭ (ସମିସ): କଙ୍କଡ଼ାହାଡ଼ ବ୍ଲକ କନ୍ଧରାସ୍ଥିତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ (ଓଏଭି)ର ଇଂରାଜୀ ଶିକ୍ଷକ ବସନ୍ତ କୁମାର ସେଠୀଙ୍କୁ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ପକ୍ଷରୁ ନିଲମ୍ବନ କରାଯାଇଛି। ସେଠୀ କୋରାପୁଟସ୍ଥିତ ମେସିଙ୍ଗପୁଟ ଓଏଭିରେ ଶିକ୍ଷକତା କରୁଥିବା ବେଳେ ୨୦୧୬ରେ ଏକ ହତ୍ୟା ମାମଲାରେ ଗିରଫ ହୋଇ ନିଲମ୍ବିତ ହୋଇଥିଲେ। ପୁନର୍ବାର ଯାଜପୁର ଜିଲ୍ଲା ଉରକୁଳ ଓଏଭିରେ ଶିକ୍ଷକତା କରୁଥିବା ସମୟରେ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ସ୍ୱରୂପ ତାଙ୍କୁ ନିଲମ୍ବନ କରାଯାଇଥିଲା। ୨୦୨୫ ମେ ମାସରେ ସେ ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ କନ୍ଧରା ସ୍ଥିତ ଓଏଭିରେ ପୁନଃ ଅବସ୍ଥାପିତ ହୋଇ ଶିକ୍ଷକ ଭାବେ ଯୋଗଦେଇଥିଲେ। ତଥାପି ବିଭିନ୍ନ ସମୟରେ ତାଙ୍କ ବିଶୃଙ୍ଖଳିତ ଆଚରଣ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ କର୍ତ୍ତୃପକ୍ଷଙ୍କ ନଜରକୁ ଆସିଥିବା କାରଣରୁ ପୁଣି ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ମିଳିଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଂଗଠନ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ ପକ୍ଷରୁ ପତ୍ର ସଂଖ୍ୟା ୩୦୮୧ରେ ତାଙ୍କୁ ନିଲମ୍ବନ କରାଯାଇଥିବା ସୂଚନା ଦିଆଯାଇଛି। ନିଲମ୍ବନ ଅବଧି ମଧ୍ୟରେ ସେ କଟକ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ହାଜିରା ଦେବାକୁ ନିର୍ଦ୍ଦେଶ ରହିଛି।

# ସୁଧମୁକ୍ତ ଇଲେକ୍ଟ୍ରିକ୍ ଯାନ ଋଣ ଯୋଜନା ବନ୍ଦ

## ଯୋଜନାରୁ ପୁନଃବାହାଲ କରିବାକୁ କର୍ମଚାରୀଙ୍କ ଦାବି

ଭୁବନେଶ୍ୱର,୨୪।୭ (ସମିସ): ରାଜ୍ୟର ସରକାରୀ କର୍ମଚାରୀମାନଙ୍କୁ ପୂର୍ବରୁ ଇଭି ଯାନ କିଣିବା ପାଇଁ ରାଜ୍ୟ ସରକାର ସୁଧମୁକ୍ତ ଋଣ ବ୍ୟବସ୍ଥା କରିଥିଲେ। ଏହି ଯୋଜନା ପାଇଁ ୨୦୨୨-୨୩ରୁ ପ୍ରତିବର୍ଷ ବଜେଟ୍‌ରେ ବ୍ୟୟବରାଦ କରାଯାଉଥିଲା। ହେଲେ ୨୦୨୬ ଏପ୍ରିଲ୍ ମାସଠାରୁ ରାଜ୍ୟ ସରକାର ଏହି ଯୋଜନାକୁ ବନ୍ଦ କରିଦେଇଛନ୍ତି। ଏହାଦ୍ୱାରା ରାଜ୍ୟ ସରକାରୀ କର୍ମଚାରୀମାନେ ଇଭି ଯାନ କିଣିବା ପାଇଁ ବିଭିନ୍ନ ସମସ୍ୟାରେ ପଡୁଥିବା ଦର୍ଶାଇ ଏହି ଘଟଣାରେ ହସ୍ତକ୍ଷେପ କରି ମୁଖ୍ୟମନ୍ତ୍ରୀ ଏହି ଯୋଜନାକୁ ପୁନଃ ବାହାଲ କରନ୍ତୁ ବୋଲି ଓଡ଼ିଶା ସରକାରୀ ମିଳିତ କର୍ମଚାରୀ ମହାସଂଘ ଦାବି କରିଛି।

ଏନେଇ ମହାସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ସଂଘ କହିଛି ଯେ ଅର୍ଥ ବିଭାଗ ପକ୍ଷରୁ ୧ ଏପ୍ରିଲ ୨୦୨୬ ଠାରୁ ସୁଧମୁକ୍ତ ଋଣ ସୁବିଧା ବନ୍ଦ କରାଯିବାର ନିଷ୍ପତି ରାଜ୍ୟର ହଜାର ହଜାର ସରକାରୀ କର୍ମଚାରୀଙ୍କୁ ନିରାଶ କରିଛି। ଓଡ଼ିଶା ଇଲେକ୍ଟ୍ରିକ୍ ଯାନ ପଲିସି ୨୦୨୧ର ଧାରା ୪.୧.୩ ଅନୁଯାୟୀ ରାଜ୍ୟ ସରକାରୀ କର୍ମଚାରୀଙ୍କୁ ସୁଧମୁକ୍ତ ଋଣ ପ୍ରଦାନ କରିବାର ବ୍ୟବସ୍ଥା ରହିଥିଲା। ଏହି ସୁବିଧା ହଜାର ହଜାର କର୍ମଚାରୀଙ୍କୁ ପରିବେଶ ଅନୁକୂଳ ଯାନ ବ୍ୟବହାର ପାଇଁ ଉତ୍ସାହିତ କରିଥିଲା। ଏହି ଯୋଜନାର ଆଦୃତି ବଢ଼ିବା ଯୋଗୁଁ କ୍ରମାଗତ ଭାବରେ ସରକାର ଏହାର ବଜେଟ ମଧ୍ୟ ବୃଦ୍ଧି କରିଥିଲେ। ୨୦୨୩-୨୩ରେ ଯୋଜନା ପାଇଁ ୪୯ କୋଟି ୨୦୨୩-୨୪ରେ ୧୦୮ କୋଟି, ୨୦୨୪-୨୫ରେ ୯୧ କୋଟି ଓ ୨୦୨୫-୨୬ରେ ୨୦୨ କୋଟି ଟଙ୍କା ବଜେଟ୍ ବ୍ୟୟବରାଦ ହୋଇଥିଲା। ଅର୍ଥାତ ଗତ ଚାରି ଆର୍ଥିକ ବର୍ଷରେ ଏହି ଯୋଜନା ପାଇଁ ମୋଟ ୪୫୦.୯୫ କୋଟି ବଜେଟ୍ ବ୍ୟବସ୍ଥା କରାଯାଇଥିଲା। ହେଲେ ଗତ ଏପ୍ରିଲ୍‌ରୁ ଏହି ଯୋଜନାକୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯାଇଛି।

ଏହି ଯୋଜନାରେ ମିଳୁଥିବା ଅର୍ଥ କୌଣସି ଅନୁଦାନ ନିମ୍ବା ସବସଡି ନୁହେଁ, ବରଂ ଏହା ସରକାରୀ କର୍ମଚାରୀଙ୍କ ଦରମାରୁ ମାସିକ କିସ୍ତି ମାଧ୍ୟମରେ ଫେରସ୍ତ ହେଉଥିବା ଏକ ପୁନରୁଦ୍ଧାରଯୋଗ୍ୟ ଅଗ୍ରୀମ ଋଣ। ତେଣୁ ଏହି ଯୋଜନା ରାଜ୍ୟ ସରକାରଙ୍କ ଉପରେ କୌଣସି ସ୍ଥାୟୀ ଆର୍ଥିକ ବୋଝ ସୃଷ୍ଟି କରେ ନାହିଁ। ବର୍ତ୍ତମାନ ରାଜ୍ୟର ଅଧିକାଂଶ କନିଷ୍ଠ ଓ ମଧ୍ୟମ ସ୍ତରର କର୍ମଚାରୀଙ୍କ ମାସିକ ବେତନ୨୫,୦୦୦ରୁ ୫୦,୦୦୦ ମଧ୍ୟରେ ଥିବାବେଳେ ବୈଦ୍ୟୁତିକ କାର୍‌ର ମୂଲ୍ୟ ୧୫ ଲକ୍ଷରୁ ୧୮ ଲକ୍ଷ କିମ୍ବା ତା'ଠାରୁ ଅଧିକ। ସୁଧମୁକ୍ତ ଋଣ ସୁବିଧା ବନ୍ଦ ହେବା ଫଳରେ ସେମାନେ ବ୍ୟାଙ୍କରୁ ଉଚ୍ଚ ସୁଧ ହାରରେ ଋଣ ନେବାକୁ ବାଧ୍ୟ ହେବେ, ଯାହା ଇଭି କ୍ରୟକୁ ନିରୁତ୍ସାହିତ କରିବ। ତେଣୁ ଏହି ଯୋଜନାକୁ ପୂର୍ବ ଭଳି ବଳବତ୍ତର ରଖିବା ସହ ପରବର୍ତ୍ତୀ ବର୍ଷଗୁଡ଼ିକରେ ଏହାର ବଜେଟ୍ କଳେବର ବୃଦ୍ଧି ପାଇଁ ମହାସଂଘ ଦାବି କରିଛି।

# କାର୍ଲାପାଟ ବକ୍ସାଇଟ୍ ଖଣି ପାଇଁ ୬ କମ୍ପାନୀ ଆଗ୍ରହୀ

ଭୁବନେଶ୍ୱର,୨୪।୭ (ସମିସ): ଓଡ଼ିଶାର କଳାହାଣ୍ଡି ଜିଲ୍ଲାସ୍ଥିତ କାର୍ଲାପାଟ ବକ୍ସାଇଟ୍ ଖଣିକୁ ନେଇ ନେଇ ଦେଶର ପ୍ରମୁଖ ଶିଳ୍ପ ଗୋଷ୍ଠୀମାନଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଦେଖାଦେଇଛି। ଭାରତର ସବୁଠାରୁ ବଡ଼ ଅନାବଣ୍ଟିତ ବକ୍ସାଇଟ୍ ଭଣ୍ଡାରମାନଙ୍କ ମଧ୍ୟରୁ ଗଣାଯାଉଥିବା ଏହି ଖଣି ପାଇଁ ଅନେକ ବଡ଼ କର୍ପୋରେଟ୍ ସଂସ୍ଥା ପ୍ରତିଯୋଗିତାମୂଳକ ମୂଲ୍ୟ ଦାଖଲ କରିଛନ୍ତି।

**ଗଚ୍ଛିତ ଅଛି ୨୨୦ ନିୟୁତ ଟନ୍ ବକ୍ସାଇଟ୍**

ସୂଚନାନୁସାରେ, ଅଦାନୀ ଗ୍ରୁପ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍, ବେଦାନ୍ତ ଆଲୁମିନିୟମ୍, ନବୀନ ଜିନ୍ଦଲଙ୍କ ସହଯୋଗୀ ସଂସ୍ଥା ପାୱାରସେମ୍ ଏବଂ ସରକାରୀ କମ୍ପାନୀ କୋଲ୍ ଇଣ୍ଡିଆ ଭଳି ସଂସ୍ଥାଗୁଡ଼ିକ ଏହି ଖଣି ବ୍ଲକ୍ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଦୀର୍ଘମିଆଦି ଭିତ୍ତିରେ ବକ୍ସାଇଟ୍ ଯୋଗାଣ ସୁନିଶ୍ଚିତ କରିବା ସହ ଭବିଷ୍ୟତର ଆଲୁମିନିୟମ୍ ପ୍ରକଳ୍ପ ପାଇଁ କଞ୍ଚାମାଲ ସୁରକ୍ଷିତ କରିବା ହିଁ ସେମାନଙ୍କର ମୂଳ ଲକ୍ଷ୍ୟ। ପ୍ରାୟ ୨୦୦ରୁ ୨୨୦ ନିୟୁତ ଟନ୍ ବକ୍ସାଇଟ୍ ମହଜୁଦ ଥିବା ଏହି ବ୍ଲକ୍ ୩,୧୦୦ ହେକ୍ଟରରୁ ଅଧିକ ଅଞ୍ଚଳରେ ବ୍ୟାପ୍ତ। ଏହାକୁ ବର୍ତ୍ତମାନର ନିଲାମ ପର୍ଯ୍ୟାୟର ସବୁଠାରୁ ମୂଲ୍ୟବାନ ଖଣି ସମ୍ପଦ ଭାବେ ଦେଖାଯାଉଛି। ବିଦ୍ୟୁତ ଯାନ, ପୁନଃନବୀକରଣ ଶକ୍ତି, ପରିକାଠାମୋ ଓ ବିମାନ ଶିଳ୍ପରେ ଆଲୁମିନିୟମ୍‌ର ଚାହିଦା ଦ୍ରୁତ ବୃଦ୍ଧି ପାଉଥିବାରୁ ବକ୍ସାଇଟ୍ ସମ୍ପଦର କୌଶଳଗତ ଗୁରୁତ୍ୱ ବଢ଼ିଛି।

ତେବେ କାର୍ଲାପାଟ ବକ୍ସାଇଟ୍ ଖଣି କେବଳ ଖଣିଜ ସମ୍ପଦ ପାଇଁ ନୁହେଁ, ପରିବେଶଗତ ସମ୍ବେଦନଶୀଳତା ପାଇଁ ମଧ୍ୟ ଚର୍ଚ୍ଚାରେ ରହିଛି। କାର୍ଲାପାଟ ବନ୍ୟଜନ୍ତୁ ଅଭୟାରଣ୍ୟ ନିକଟରେ ଥିବାରୁ ପୂର୍ବରୁ ଏହାର ନିଲାମ ପ୍ରକ୍ରିୟା ଆଇନଗତ ଓ ପରିବେଶ ସମ୍ବନ୍ଧୀୟ ବିବାଦରେ ଅଟକି ଯାଇଥିଲା। ବନ ସଂରକ୍ଷଣ, ଜଳସମ୍ପଦ ଓ ବନ୍ୟଜନ୍ତୁ ଉପରେ ସମ୍ଭାବ୍ୟ ପ୍ରଭାବକୁ ନେଇ ଆପତ୍ତି ଉଠିଛି । ରାଜ୍ୟ ସରକାର ଖଣିଜ କ୍ଷେତ୍ରରେ ନୂଆ ପୁଞ୍ଜିନିବେଶ ଆକର୍ଷିତ କରିବା ଏବଂ ଓଡ଼ିଶାକୁ ଦେଶର ଅଗ୍ରଣୀ ଖଣିଜ ଓ ଆଲୁମିନିୟମ୍ ହବ୍ ଭାବେ ଆହୁରି ସୁଦୃଢ଼ କରିବା ଲକ୍ଷ୍ୟରେ କାର୍ଲାପାଟ ସମେତ ୧୧ଟି ପ୍ରମୁଖ ଖଣି ବ୍ଲକ୍‌ର ନିଲାମ ପ୍ରକ୍ରିୟା ଆରମ୍ଭ କରିଛନ୍ତି। କାର୍ଲାପାଟ ବ୍ଲକ୍‌ର ନିଲାମର ଫଳାଫଳ ଓଡ଼ିଶାର ଖଣି ଶିଳ୍ପ, ଆଲୁମିନିୟମ୍ କ୍ଷେତ୍ର ଏବଂ ଭବିଷ୍ୟତ ଶିଳ୍ପାୟନ ପାଇଁ ଏକ ମାଇଲଖୁଣ୍ଟ ସାବ୍ୟସ୍ତ ହେବ ବୋଲି କୁହାଯାଉଛି।



ମାଲକାନାଗିରି ବିଧାୟକ ମାନସ ମାଡ଼କାମୀଙ୍କ ସହ ଜିଲ୍ଲାର ବିଜେଡି ନେତୃବୃନ୍ଦ ଓ ପଞ୍ଚାୟତରାଜ ବ୍ୟବସ୍ଥାର ପ୍ରତିନିଧିମାନେ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ସାକ୍ଷାତ କରିଛନ୍ତି । ନବୀନ ନିବାସରେ ଏହି ସାକ୍ଷାତ ବେଳେ ଜିଲ୍ଲାର ବିକାଶମୂଳକ କାର୍ଯ୍ୟ ଓ ସାଙ୍ଗଠନିକ ସ୍ଥିତି ସମ୍ପର୍କରେ ଆଲୋଚନା କରାଯାଇଛି ।

# ଶତାୟୁ ସ୍ୱାଧୀନତା ସଂଗ୍ରାମୀ ବିମ୍ବାଧର ମୁଦୁଲିଙ୍କ ଦେହାନ୍ତ

କେନ୍ଦ୍ରାପଡ଼ା/ଡେରାବିଶ, ୨୪।୭ (ସମିସ): ଜିଲ୍ଲାର ଶେଷ ବର୍ଷୀୟାନ ଶତାୟୁ ସ୍ୱାଧୀନତା ସଂଗ୍ରାମୀ ତଥା ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସଂଘ ସଭାପତି ବିମ୍ବାଧର ମୁଦୁଲିଙ୍କ ଗୁରୁବାର ବିଳମ୍ବିତ ରାତିରେ କଟକ ବଡ଼ ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଦେହାନ୍ତ ହୋଇଛି।



ଆଜି ତାଙ୍କର ମରଶରୀର କାଉପଡ଼ାସ୍ଥ ନିଳିକଣା ବାସଭବନରେ ପହଞ୍ଚିବା ପରେ ଡେରାବିଶ ବ୍ଲକ୍ ସମେତ କେନ୍ଦ୍ରାପଡ଼ା ଓ ଯାଜପୁର ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଶହଶହ ବ୍ୟକ୍ତି ତାଙ୍କର ଶେଷଦର୍ଶନ କରିଥିଲେ। ଏଥିସହିତ ଜିଲ୍ଲା ପ୍ରଶାସନ ପକ୍ଷରୁ ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର ମଲ୍ଲିକ, ସୂଚନା ଲୋକସମ୍ପର୍କ ବିଭାଗ ଅଧିକାରୀ ଫକିର ଚରଣ ମହାନ୍ତି, ବିଡିଓ ନମିତା ବାରିକ, ତହସିଲଦାର ସରୋଜକାନ୍ତ ନାୟକ, ଡେରାବିଶ ଥାନା ଅଧିକାରୀ ଅମ୍ବିକା ପ୍ରସାଦ ଦାସଙ୍କ ସମେତ ବହୁ ପ୍ରଶାସନିକ ଅଧିକାରୀ ଶବାଧାରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କେନ୍ଦ୍ରାପଡ଼ା ବିଧାୟକ ଗଣେଶ୍ୱର ବେହେରା, ବିଜେପି ରାଜ୍ୟ ମୁଖପାତ୍ର ତେଜେଶ୍ୱର ପରିଡ଼ା, ପାଟକୁରା ବିଧାୟକ ଅରବିନ୍ଦ ମହାପାତ୍ର ଓ ବହୁ ରାଜନେତା ବିମ୍ବାଧରଙ୍କ ଅନ୍ତିମ ଦର୍ଶନ କରିବା ସହ ଶବାଧାରରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପରେ ବିରାଟ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ସ୍ୱର୍ଗତ ମୁଦୁଲି ମୃତଦେହକୁ ନିଆଯାଇଥିଲା। ତାଙ୍କ ମରଶରୀରରେ ଜାତୀୟ ପତାକା ଆବୃତ୍ତ କରାଯାଇଥିବାବେଳେ ଜିଲ୍ଲା ପୁଲିସ ପକ୍ଷରୁ ଗାର୍ଡ ଅଫ ଅନର ପ୍ରଦାନ କରାଯାଇଥିଲା। ଗ୍ରାମ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବାବେଳେ ପୁତୁରା କୈଳାସ ଚନ୍ଦ୍ର ମୁଦୁଲି ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ବିମ୍ବାଧରଙ୍କ ବିୟୋଗରେ ରାଜନଗର ବିଧାୟକ ଧ୍ରୁବ ସାହୁ, ଆଳି ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ କେଶରୀ ଦେବ, ବରିଷ୍ଠ ବିଜେଡି ନେତା ରବି ସାମଲ, ବରିଷ୍ଠ କଂଗ୍ରେସ ନେତା ରତିକାନ୍ତ କାନୁନ୍‌ଗୋ, ପ୍ରଫୁଲ୍ଲ କୁମାର ଦାସ, ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

ନିଳିକଣା ଗ୍ରାମରେ ବାପା ଦାମୋଦର ମୁଦୁଲି ଓ ମାଆ ଦୁର୍ଗା ଦେବୀଙ୍କ କୋଳରେ ୧୯୨୩ ଡିସେମ୍ବର ୫ ତାରିଖରେ ଜନ୍ମିତ ବିମ୍ବାଧର ୧୯୩୪ ମେ ୩୦ରେ ଗାନ୍ଧୀଙ୍କ ଐତିହାସିକ ପଦଯାତ୍ରାରେ ସାମିଲ ହୋଇଥିଲେ।

# ଶିଳ୍ପ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ରବିବାର ସାଉଦି ଆରବରୁ ଫେରିବେ ଓଡ଼ିଆ ଯୁବକ

ଭୁବନେଶ୍ୱର,୨୪।୭ (ସମିସ): ଘରକୁ ଫେରିବେ ସାଉଦି ଆରବରେ ଫସି ରହିଥିବା ଓଡ଼ିଆ ଯୁବକ ପ୍ରଳୟ ରଞ୍ଜନ ମହାପାତ୍ର। ପ୍ରଳୟଙ୍କୁ ଘରକୁ ସୁରକ୍ଷିତ ଭାବେ ଫେରାଇ ଆଣିବାକୁ ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟକୁ ଚିଠି ଲେଖିବା ସହ ସାଉଦି ଆରବରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ମଧ୍ୟ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ ପତ୍ର ମାଧ୍ୟମରେ ଅନୁରୋଧ କରିଥିଲେ। ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁ ଚିଠି ଲେଖିବା ପରେ ଜେଦ୍ଦାହସ୍ଥିତ ଭାରତୀୟ ଦୂତାବାସ ପ୍ରଳୟଙ୍କୁ 'ଫାଇନାଲ୍ ଏକଜିଟ୍' ଏବଂ ବିମାନ ଟିକେଟ୍ ପ୍ରଦାନ କରିବା ପାଇଁ ସମ୍ପୃକ୍ତ ନିଯୁକ୍ତିଦାତାଙ୍କ ସହ ଆଲୋଚନା କରିଥିଲେ। ଦୂତାବାସର ହସ୍ତକ୍ଷେପ ଏବଂ କମ୍ପାନୀ ସହିତ ନିରନ୍ତର ଯୋଗାଯୋଗ ଫଳରେ, କମ୍ପାନୀ ତାଙ୍କୁ 'ଫାଇନାଲ୍ ଏକଜିଟ୍' ମଞ୍ଜୁର କରିବା ସହ ବିମାନ ଟିକେଟ୍ ଯୋଗାଇ ଦେଇଛି। ଆସନ୍ତା ଜୁଲାଇ ୨୬ତାରିଖରେ ଭାରତ ଫେରିବେ ପ୍ରଳୟ। ସୂଚନା ଅନୁସାରେ, ଜଗତସିଂହପୁର ଜିଲ୍ଲାର ପ୍ରଳୟ ରଞ୍ଜନ ମହାପାତ୍ର ଗତ ୨୦୨୪ ମସିହା ମେ ମାସରେସାଉଦି ଆରବ ଯାଇଥିଲେ। ସେଠାରେ ସେ 'ମଜାଦ୍ ଅଲ୍-ହରବି' କୋ. ନାମକ ଏକ କମ୍ପାନୀରେ ହୁଇଲ୍ ଲୋଡର୍ ଡ୍ରାଇଭର ଭାବେ କାମ କରୁଥିଲେ। ତେବେ ଚଳିତ ବର୍ଷ ଏପ୍ରିଲ ୩୦ ତାରିଖରେ ଉକ୍ତ କମ୍ପାନୀ ଏବଂ ପ୍ରଳୟ ରଞ୍ଜନଙ୍କ ମଧ୍ୟରେ ହୋଇଥିବା ଚୁକ୍ତିନାମା ଅବଧି ଶେଷ ହୋଇଥିଲା। କାର୍ଯ୍ୟ ଅବଧି ଶେଷ ହୋଇଯାଇଥିଲେ ମଧ୍ୟ ସମ୍ପୃକ୍ତ କମ୍ପାନୀ ପ୍ରଳୟଙ୍କୁ ଭାରତ ଫେରିବାକୁ ଅନୁମତି ଦେଉନଥିଲେ। ପ୍ରଳୟଙ୍କ ମା' ପ୍ରତିମା ସେଠୀ ଏନେଇ ମନ୍ତ୍ରୀ ଶ୍ରୀଯୁକ୍ତ ସ୍ୱାଇଁଙ୍କୁ ଜଣାଇବା ସହ ପୁଅକୁ ଫେରାଇ ଆଣିବା ପାଇଁ ନିବେଦନ କରିଥିଲେ। ପୁଅ ସାଉଦି ଆରବରେ ଫସି ରହିଥିବାରୁ ପ୍ରଳୟଙ୍କ ପୂରା ପରିବାର ମାନସିକ ଚିନ୍ତାରେ ଥିଲେ। ତେବେ ମନ୍ତ୍ରୀଙ୍କ ହସ୍ତକ୍ଷେପ ପରେ ପ୍ରଳୟ ଭାରତ ଫେରିବା ଖବର ପରିବାରରେ ଖୁସିର ଲହରୀ ଖେଳିଯାଇଛି। ଏଥିପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁଙ୍କୁ ପ୍ରଳୟଙ୍କ ପରିବାର ଲୋକେ ଧନ୍ୟବାଦ ଜଣାଇଛନ୍ତି।

## କେନ୍ଦୁଝର: ବାହୁଡ଼ା ମହାପ୍ରଭୁଙ୍କୁ ଛାତ୍ରଙ୍କ ଗୁହାରି

# ଯନ୍ତରମନ୍ତର ଆନ୍ଦୋଳନକାରୀଙ୍କୁ ନ୍ୟାୟ ଦିଅ




କେନ୍ଦୁଝର, ୨୪।୭ (ସମିସ): କେନ୍ଦୁଝରର ପ୍ରସିଦ୍ଧ ବାହୁଡ଼ା ଯାତ୍ରା ସମୟରେ ଜଣେ ଛାତ୍ରଙ୍କ ମହାପ୍ରଭୁଙ୍କୁ ଅଭିନବ ନିବେଦନ ଦେଖି ଲୋକେ ଆଶ୍ଚର୍ଯ୍ୟ ପ୍ରକଟ କରିଥିଲେ। ରଥ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ବେଳେ ଶ୍ରଦ୍ଧାଳୁଙ୍କ ଗହଣରେ ଜଣେ ଛାତ୍ରଙ୍କର ମହାପ୍ରଭୁଙ୍କୁ ନିବେଦନ କରିବା ଶୈଳୀ ଦେଖି ଦେଖଣାହାରୀ ଭକ୍ତ ଚକିତ ହୋଇଥିଲେ। ଛାତ୍ର ଜଣଙ୍କ ମୁଣ୍ଡରେ କ୍ୟାପ ଏବଂ ମୁହଁରେ ମାସ୍କ ପିନ୍ଧି କାନ୍ଦ ଛଳ ଛଳ ଆଖିରେ ଏକ ପ୍ଲାକାର୍ଡ ରଥରୂଢ଼ ପ୍ରଭୁ ବଳଦେବଜୀଉଙ୍କ ରଥ ଆଡ଼କୁ ଦେଖେଇଥିଲେ। ଯେଉଁ ପ୍ଲାକାର୍ଡରେ ଇଂରାଜୀରେ "ମହାପ୍ରଭୁ ଗ୍ରାଣ୍ଟ କରେଜ ଆଣ୍ଡ ଜଷ୍ଟିସ ଟୁ ଦି ଷ୍ଟୁଡେଣ୍ଟ ଆଟ ଯନ୍ତର ମନ୍ତର' ଲେଖା ହୋଇଥିଲା। ଯାହାକି ଦିଲ୍ଲୀରେ ଚାଲିଥିବା ସିଜେପିର ଛାତ୍ର ଆନ୍ଦୋଳନକୁ ବୁଝାଉଥିଲା। ଏହା ବେଶ୍ ଆଲୋଚନାର ବିଷୟ ପାଲଟିଛି।

**ନିଟ୍-ୟୁଜି ପେପର ଲିକ୍ ଘଟଣା**

# କେବଳ ଆଇନ ପ୍ରଣୟନ ନୁହେଁ; ଏହା କାର୍ଯ୍ୟକାରୀ ହେବା ଆବଶ୍ୟକ: ବିଜେଡି

ଭୁବନେଶ୍ୱର,୨୪।୭ (ସମିସ): ସମ୍ପ୍ରତି ଦେଶରେ ପ୍ରଶ୍ନପତ୍ର ପ୍ରଘଟକୁ ନେଇ ଛାତ୍ର ସମାଜ ଦ୍ୱାରା ଚାଲିଥିବା ଆନ୍ଦୋଳନ ସମଗ୍ର ଦେଶକୁ ପ୍ରଭାବିତ କରିଥିବା ବେଳେ କେନ୍ଦ୍ର କ୍ୟାବିନେଟ ଆଜି ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଛି। ବିଜୁ ଜନତା ଦଳ ଏହି ଆଇନର ସଫଳ କାର୍ଯ୍ୟକାରିତା ପାଇଁ ଦାବି କରିବା ସହ କାର୍ଯ୍ୟାନୁଷ୍ଠାନ ନ ହେଲେ ଆଇନ କେବଳ କାଗଜକଲମରେ ସୀମିତ ରହିଯିବ ବୋଲି କହିଛି। ଶୁକ୍ରବାର ଶଙ୍ଖ ଭବନରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଗତ ୧୨ ବର୍ଷ ମଧ୍ୟରେ ଦେଶରେ ୧୫୦ରୁ ଅଧିକ ପ୍ରଶ୍ନପତ୍ର ଲିକ୍ ହୋଇଥିବାରୁ ଏହାକୁ ନେଇ ଦେଶବ୍ୟାପୀ ପ୍ରତିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଛି। ଏହି ଆନ୍ଦୋଳନ ସମଗ୍ର ଦେଶବାସୀଙ୍କୁ ପ୍ରଭାବିତ କରିଥିବା ବେଳେ, କେନ୍ଦ୍ର କ୍ୟାବିନେଟ୍ ଆଜି ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ଆଇନ, ୨୦୨୪ରେ ସଂଶୋଧନକୁ ଅନୁମୋଦନ କରିଛି। ଏହି ସଂଶୋଧନ ମାଧ୍ୟମରେ ପ୍ରଶ୍ନପତ୍ର ଲିକ୍ ଭଳି ଅନିୟମିତତା ପାଇଁ ଅଧିକ କଠୋର ଦଣ୍ଡ ବ୍ୟବସ୍ଥା ପ୍ରସ୍ତାବ ଅଛି। କେବଳ ଆଇନ ପାରିତ କରିଦେଲେ ଏହି ସଙ୍କଟର ସମାଧାନ ହେବ ନାହିଁ। ପ୍ରଶ୍ନପତ୍ର ଲିକ୍ ଭଳି ଘଟଣାକୁ ରୋକିବା ଏବଂ ଦୋଷୀମାନଙ୍କୁ ଦଣ୍ଡିତ କରିବା ପାଇଁ ଆଇନର କଡ଼ା, ନିରପେକ୍ଷ ଓ ପ୍ରଭାବଶାଳୀ କାର୍ଯ୍ୟକାରିତା ନିଶ୍ଚିତ କରିବା ଅତ୍ୟନ୍ତ ଜରୁରୀ। ଓଡିଶାରେ ମଧ୍ୟ ବିଜେପି ସରକାର ଓଡିଶା ସାର୍ବଜନୀନ ପରୀକ୍ଷା (ଅସାଧୁ ଉପାୟ ନିବାରଣ) ବିଲ୍, ୨୦୨୪କୁ ୨୦୨୪ ଡିସେମ୍ବର ୬ ତାରିଖରେ ବିଧାନସଭାରେ ପାରିତ କରିଥିଲା; କିନ୍ତୁ ଡବଲ୍ ଇଞ୍ଜିନ୍ ସରକାର ଅମଳରେ ଗତ ୨ବର୍ଷ ମଧ୍ୟରେ ୨୩ଟି ପ୍ରଶ୍ନପତ୍ର ଲିକ୍ ଘଟଣା ସାମ୍ନାକୁ ଆସିଥିଲେ ମଧ୍ୟ, ଏପର୍ଯ୍ୟନ୍ତ ଏହି ଘଟଣାଗୁଡିକରେ ଜଣେ ହେଲେ ମଧ୍ୟ ଦୋଷୀଙ୍କୁ ଦଣ୍ଡିତ କରାଯାଇନାହିଁ। କେବଳ କଠୋର ଆଇନ ତିଆରି କରିବା ଯଥେଷ୍ଟ ନୁହେଁ; ଆଇନକୁ ନିଷ୍ଠାର ସହିତ ଏବଂ ପ୍ରଭାବଶାଳୀ ଭାବେ କାର୍ଯ୍ୟକାରୀ କରିବା ସହିତ ଦୋଷୀମାନଙ୍କ ବିରୋଧରେ ଶୀଘ୍ର ଓ ଦୃଷ୍ଟାନ୍ତମୂଳକ ଦଣ୍ଡବିଧାନ ସୁନିଶ୍ଚିତ କରିବା ହିଁ ପ୍ରଶ୍ନପତ୍ର ଲିକ୍ ଭଳି ଗୁରୁତର ସମସ୍ୟାର ସ୍ଥାୟୀ ସମାଧାନର ଏକମାତ୍ର ଉପାୟ ବୋଲି ସେ ମତବ୍ୟକ୍ତ କରିଛନ୍ତି।

**କାର୍ଯ୍ୟାନୁଷ୍ଠାନ ନହେଲେ, ଅଣାଯାଇଥିବା ଆଇନ କେବଳ କାଗଜରେ ରହିଯିବ**



## ଆଜିର ରାଶିଫଳ

**ମେଷ:** ଶିକ୍ଷା କ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଚାକିରିରେ ପରିବର୍ତ୍ତନ ହେବ। ରାଜନୀତିରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ସନ୍ତାନଙ୍କ ଭବିଷ୍ୟତ ଲାଗି ବାପାମାଆ ଅର୍ଥ ନିବେଶ କରିବେ।

**ବୃଷ:** ବ୍ୟସ୍ତତା ଭିତରେ ଦିନଟି କଟିବ। ବ୍ୟବସାୟ ଆଗକୁ ବଢ଼ାଇବାକୁ ପ୍ରୟାସ କରିବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିବେ। ପ୍ରେମ ଜୀବନ ସୁଖମୟ ହେବ।

**ମିଥୁନ:** ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ସ୍ୱାସ୍ଥ୍ୟରେ ସୁଧାର ଆସିବ। ପାରିବାରିକ ଜୀବନ ସୁଖମୟ ହେବ। ବାଦବିବାଦରୁ ଦୂରେଇ ରହିବେ। ଖର୍ଚ୍ଚରେ ନିୟନ୍ତ୍ରଣ ରକ୍ଷା କରିବେ।

**କର୍କଟ:** ଆର୍ଥିକ ସ୍ଥିତିରେ ଉନ୍ନତି ପରିଲକ୍ଷିତ ହେବ। ଉଧାର ଧନ ଫେରିପାଇବେ। ସମ୍ପର୍କୀୟଙ୍କ ଘରକୁ ବୁଲିବାକୁ ଯିବେ। ମାନସିକ ଶାନ୍ତି ପାଇଁ ଧାର୍ମିକ କାର୍ଯ୍ୟରେ ସମୟ ଅତିବାହିତ କରିବେ।

**ସିଂହ:** ନିବେଶରୁ ଲାଭ ପାଇବେ। କାର୍ଯ୍ୟରେ ସଫଳତା ମିଳିବ। ବ୍ୟବହାରରେ ସଂଯମତା ରକ୍ଷା କରିବେ। ତରିବରିଆ ଭାବେ କୌଣସି ନିଷ୍ପତ୍ତି ନେବେ ନାହିଁ। ଶିକ୍ଷା କ୍ଷେତ୍ରରେ ସମ୍ମାନ ମିଳିବ।

**କନ୍ୟା:** ନୂଆ ରଣନୀତିରେ କାରବାରକୁ ଆଗକୁ ନେବେ। ଘର ସାଜସଜ୍ଜାରେ ଅଧିକ ଖର୍ଚ୍ଚାନ୍ତ ହେବେ। ଭାଇ, ଭଉଣୀଙ୍କ ସହ ସୁଖଦୁଃଖ ବାଣ୍ଟିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ।

**ତୁଳା:** ସରକାରୀ କ୍ଷେତ୍ରରେ ଲାଭ ମିଳିବ। ଧାର କରଜ କରିବାରୁ ରକ୍ଷା ପାଇବେ। ଭବିଷ୍ୟତ ପାଇଁ ବଡ଼ ନିଷ୍ପତ୍ତି ନେବେ। ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ।

**ବିଛା:** ଘରେ ମାଙ୍ଗଳିକ କାର୍ଯ୍ୟ ଆୟୋଜନ କରିବେ। ସମୟ ପୂର୍ବରୁ ସମସ୍ତ କାର୍ଯ୍ୟ ପୂରା କରିବେ। ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନ ଖୁସିରେ ବିତିବ। ବନ୍ଧୁଙ୍କ ସହ ବୁଲିବାକୁ ଯିବେ।

**ଧନୁ:** ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଆର୍ଥିକ ଉନ୍ନତିକୁ ନେଇ ପ୍ରସନ୍ନ ରହିବେ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ।


**ମକର:** ନାଚ, ଗୀତରେ ସଫଳତା ମିଳିବ। ଛାତ୍ରଛାତ୍ରୀ ପଢ଼ା ପ୍ରତି ଆଗ୍ରହ ପ୍ରକାଶ କରିବେ। ଭଉଣୀଙ୍କ ସ୍ୱାସ୍ଥ୍ୟରେ ସୁଧାର ଆସିବ। ଦାମ୍ପତ୍ୟ ଜୀବନରେ ସମସ୍ୟା ଦେଖା ଦେବ।

**କୁମ୍ଭ:** ଘର ପାଇଁ ନୂଆ ଜିନିଷ କିଣିବେ। ସନ୍ତାନଙ୍କ ସହ ସମୟ ଅତିବାହିତ କରିବେ। ବନ୍ଧୁଙ୍କ ସାହାଯ୍ୟ ଓ ସହଯୋଗ ମିଳିବ। ଛାତ୍ରଛାତ୍ରୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ।

**ମୀନ:** ବ୍ୟସ୍ତତା ଭିତରେ ନିଜ ପାଇଁ ସମୟ ବାହାର କରିବେ। ଧାର୍ମିକ କାର୍ଯ୍ୟରେ ନିୟୋଜିତ ହେବେ। ପୈତୃକ ସମ୍ପତ୍ତି ବିବାଦର ସମାଧାନ ହେବ। ବ୍ୟବସାୟରେ ପରିବର୍ତ୍ତନ ଆଣିବେ।

## ଆଜିର ଇତିହାସ

- ୧୮୧୩- ଭାରତରେ ପ୍ରଥମ ଥର ନୌକା ଦୌଡ଼ ପ୍ରତିଯୋଗିତାର ଆୟୋଜନ କଲିକତାରେ କରାଗଲା।
- ୧୯୦୯ - ବ୍ରାସିଲୋନା ସହରରେ ଶ୍ରମିକ ବିଦ୍ରୋହ ଆରମ୍ଭ ହେଲା।
- ୧୯୬୩- ଆମେରିକା, ରୁଷ୍ ଓ ବ୍ରିଟେନ୍ ପରମାଣୁ ପରୀକ୍ଷଣ ପ୍ରତିବନ୍ଧକ ସନ୍ଧିରେ ସ୍ୱାକ୍ଷର କଲେ।
- ୧୯୭୮ - ବିଶ୍ୱର ପ୍ରଥମ ଆଇଭିଏଫ୍ ଶିଶୁ ଲୁଇସ୍ ବ୍ରାଉନ୍ ଲଣ୍ଡନରେ ଜନ୍ମ ନେଲା।




# ପୁଣି ଏକାଠି କାର୍ତ୍ତିକ୍-ଅନୀସ୍

ବଲିଉଡ୍‌ର ଲୋକପ୍ରିୟ ଅଭିନେତା କାର୍ତ୍ତିକ ଆର୍ୟ୍ୟନ୍ ଏବେ ତାଙ୍କ ଆଗାମୀ ଫିଲ୍ମ 'ନାଗଜିଲା'ର ସୁଟିଂରେ ବ୍ୟସ୍ତ ଅଛନ୍ତି। ତାଙ୍କ ହାତରେ ମଧ୍ୟ ଆଉ ତିନୋଟି ବଡ଼ ପ୍ରୋଜେକ୍ଟ ଅଛି। ଇତିମଧ୍ୟରେ ତାଙ୍କ ହାତକୁ ଆଉ ଏକ ବଡ଼ ଫିଲ୍ମ ଆସିଛି। ବଲିଉଡ୍‌ର ସଫଳ ଫ୍ରାଞ୍ଚାଇଜ୍ 'ଭୁଲଭୁଲୈୟା' ସିରିଜ୍‌ର ଚତୁର୍ଥ ଫିଲ୍ମରେ କାମ କରିବା ପାଇଁ କାର୍ତ୍ତିକ୍‌ଙ୍କୁ ଅଫର୍ ଆସିଛି। ଏହାର ଅର୍ଥ ପୁଣି ଥରେ ରୁହବାବା ଚରିତ୍ରରେ ସେ ପରଦାକୁ ଫେରିବେ। ଏବେ ଏହାର କାହାଣୀ ଲେଖା ଯାଉଛି। ଭୂଷଣ କୁମାର ଏହାର ପ୍ରଯୋଜନା ଦାୟିତ୍ୱରେ ଅଛନ୍ତି। ଯଦି ସବୁକିଛି ଯୋଜନା ମୁତାବିକ ହୁଏ ତେବେ ୨୦୨୭ ମଧ୍ୟ ଆଡ଼କୁ ଏହାର ସୁଟିଂ ଆରମ୍ଭ ହୋଇପାରେ। 'ଭୁଲଭୁଲୈୟା' ସିରିଜ୍‌ର ପ୍ରଥମ ଫିଲ୍ମର ନିର୍ଦ୍ଦେଶନା ପ୍ରିୟଦର୍ଶନ ଦେଇଥିଲେ। ଏହି ସିରିଜ୍‌ର ଅନ୍ୟ ଦୁଇଟି ଫିଲ୍ମର ନିର୍ଦ୍ଦେଶନା ଅନୀସ୍ ବଜମି ଦେଇଥିଲେ। ଅନୀସ୍ ଏହି ସିରିଜ୍‌ର ଚତୁର୍ଥ ଫିଲ୍ମର ମଧ୍ୟ ନିର୍ଦ୍ଦେଶନା ଦେବା କଥା ଫାଇନାଲ ହୋଇ ଯାଇଥିବାବେଳେ ଏନେଇ ବିଧିବଦ୍ଧ ଘୋଷଣା ବାକି ଅଛି। 'ଭୁଲଭୁଲୈୟା' ସିରିଜ୍‌ର ପ୍ରଥମ ଫିଲ୍ମ ୨୦୦୭ରେ ଆସିଥିଲା। ଏଥିରେ ଅକ୍ଷୟ କୁମାର ମୁଖ୍ୟ ଭୂମିକାରେ ଥିଲେ। ସେହିପରି, ବିଦ୍ୟା ବାଲାନ 'ମଞ୍ଜୁଲିକା' ଚରିତ୍ରରେ ନଜର ଆସି ବେଶ୍ ଲୋକପ୍ରିୟତା ଅର୍ଜନ କରିଥିଲେ। ଏହାପରେ 'ଭୁଲଭୁଲୈୟା ୨' ୨୦୨୨ରେ ଏବଂ ଏହି ସିରିଜ୍‌ର ତୃତୀୟ ଚଳଚ୍ଚିତ୍ର ୨୦୨୪ରେ ଆସିଥିଲା। ଏହି ସିରିଜ୍‌ର ତୃତୀୟ ଚଳଚ୍ଚିତ୍ର ହିଁ ସବୁଠାରୁ ଅଧିକ ରୋଜଗାର କରିଥିଲା। ତେବେ ଫିଲ୍ମ ନିର୍ମାତା କେବେ 'ଭୁଲ୍‌ଭୁଲୈୟା ୪' ବିଷୟରେ ବିଧିବଦ୍ଧ ଭାବେ ଘୋଷଣା କରୁଛନ୍ତି ତାହା ଦେଖିବାକୁ ବାକି ରହିଲା।

# ୩୮ ବର୍ଷ ଧରି ଚାଲିଥିଲା ପ୍ରାସାଦ ନିର୍ମାଣ କାର୍ଯ୍ୟ

ଆମେରିକାର କାଲିଫର୍ଣ୍ଣିଆ ରାଜ୍ୟର ସାନ୍ ଜୋସେ ସହରରେ ଅବସ୍ଥିତ ୱିନଚେଷ୍ଟର ମିଷ୍ଟ୍ରି ହାଉସ୍ ଏକ ରହସ୍ୟମୟ ପ୍ରାସାଦ । ଏହାର ଅଜବ ସ୍ଥାପତ୍ୟ କଳା ଏବଂ ଭୂତପ୍ରେତ ସହ ଜଡ଼ିତ କାହାଣୀ ପାଇଁ ଏହା ସାରା ବିଶ୍ୱରେ ଜଣାଶୁଣା । ଭିକ୍ଟୋରିଆ ଶୈଳୀରେ ନିର୍ମିତ ଏହି ପ୍ରାସାଦଟି ନକ୍ସା ବିନା ନିର୍ମାଣ କରାଯାଇଥିଲା। ଏହାର ଡିଜାଇନ୍ ଏତେ ଜଟିଳ ଯେ, ଏହା ଏକ ଚକ୍ରବ୍ୟୂହ ବା ଭୁଲଭୁଲୈୟା ଭଳି ଦେଖାଯାଏ । ପ୍ରାସାଦରେ ଏଭଳି ଅନେକ ପାହାଚ ବା ସିଢ଼ି ଅଛି, ଯାହା ଉପରକୁ ଯାଇ କୌଣସି ରୁମ୍ ବଦଳରେ ସିଧା ଛାତ କିମ୍ବା କାନ୍ଥରେ ଶେଷ ହୋଇଥାଏ। କିଛି କବାଟ ଏଭଳି ରହିଛି ଯାହାକୁ ଖୋଲିଲେ ଆଗକୁ କୌଣସି ଚଟାଣ ନ ଥାଏ, ବରଂ ସିଧା ତଳକୁ ଖସିପଡ଼ିବାର ଭୟ ଥାଏ। କେତେକ ଝରକା ବାହାର ଆଲୋକ ପାଇଁ ନୁହେଁ, ବରଂ ଘର ଭିତରେ ଥିବା ଅନ୍ୟ ରୁମ୍ ଆଡ଼କୁ ଖୋଲିଥାଏ। ଏହି ଘରର ମାଲିକାଣୀ ଥିଲେ ସାରା ୱିନଚେଷ୍ଟର, ଯିଏ କି ପ୍ରସିଦ୍ଧ ୱିନଚେଷ୍ଟର ରାଇଫଲ୍' କମ୍ପାନିର ମାଲିକ ୱିଲିୟମ୍ ୱିର୍ଟ ୱିନଚେଷ୍ଟରଙ୍କ ବିଧବା ପତ୍ନୀ ଥିଲେ । ୧୮୮୧ ମସିହାରେ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ସମସ୍ତ ସମ୍ପତ୍ତିର ମାଲିକାଣୀ ହୋଇଥିଲେ । ଏହି ବିଶାଳକାୟ ପ୍ରାସାଦର ନିର୍ମାଣ ସାରାଙ୍କ ଭୟ ଓ ଜିଦ୍ ଯୋଗୁଁ ହୋଇଥିଲା। ସେ ଲଗାତାର ୩୮ ବର୍ଷ ଧରି ଆଦୌ ଅଟକି ନ ରହି ଦିନ ରାତି ଏହି ଘରକୁ ତିଆରି କରିଥିଲେ। ସ୍ୱାମୀଙ୍କ ପୂର୍ବରୁ ସେ ନିଜ ଝିଅକୁ ହରାଇ ଥିଲେ। ନିଜ ଲୋକଙ୍କୁ ହରାଇବାର ଦୁଃଖରେ ସେ ଜଣେ ତାନ୍ତ୍ରିକଙ୍କ ପରାମର୍ଶ ନେଲେ। ତାନ୍ତ୍ରିକ ଜଣକ କହିଲେ, ତାଙ୍କ ସ୍ୱାମୀଙ୍କ ବନ୍ଧୁକ ଗୁଳିରେ ଯେତେ ଜଣ ପ୍ରାଣ ହରାଇଛନ୍ତି, ସେମାନଙ୍କ ଆତ୍ମା ୱିନଚେଷ୍ଟର ପରିବାରକୁ ହଇରାଣ କରୁଛନ୍ତି ଏବଂ ଏହାସହ ତାଙ୍କ ଝିଅ ଓ ସ୍ୱାମୀଙ୍କ ଅଚାନକ ମୃତ୍ୟୁ ଏହି ଅଭିଶାପ ଯୋଗୁଁ ହୋଇଛି। ଏହାପରେ ତାନ୍ତ୍ରିକ ତାଙ୍କୁ ପଶ୍ଚିମ ଦିଗରେ ଭୂତଙ୍କ ପାଇଁ ଏକ ଘର ନିର୍ମାଣ କରିବା ସହ ଏବଂ ତା'ର ନିର୍ମାଣ କାର୍ଯ୍ୟ ନ ରୋକିବାକୁ ପରାମର୍ଶ ଦେଲେ। ତାନ୍ତ୍ରିକ କଥାକୁ ମାନି ସାରା କନେକ୍ଟିକଟ୍ ଛାଡ଼ି ସାନ୍ ଜୋସ୍ ଆସିଲେ ଏବଂ ସମ୍ପତ୍ତି କିଣି ଘର ନିର୍ମାଣ କଲେ। ଏହି ବିଶାଳ ଘରକୁ ତିଆରି କରିବା ଲାଗି ସାରା କୌଣସି ଆର୍କିଟେକ୍ଟଙ୍କ ସାହାଯ୍ୟ ନେଇ ନ ଥିଲେ କିମ୍ବା ତାଙ୍କର କୌଣସି ନକ୍ସା ବା ବ୍ଲୁପ୍ରିଣ୍ଟ ନ ଥିଲା। ସେ ସବୁଦିନ ସକାଳେ ନିଜ ଫୋରମ୍ୟାନ୍‌ଙ୍କୁ ଭେଟ କରି ନିଜ ହାତ ତିଆରି ଚିତ୍ର ଦେଖାଉ ଥିଲେ। ଯଦି କୌଣସି ଯୋଜନା ଠିକ୍ ଭାବେ କାମ କରୁ ନ ଥିଲା, ତାଙ୍କୁ ତୁରନ୍ତ ଭାଙ୍ଗି ପୁଣି କରୁଥିଲେ। ସେହିପରି ଶିଢ଼ି ତଥା କରିଡର ସବୁ ଏମିତି ସେ ତିଆରି କରୁଥିଲେ, ଯେମିତି ଘୁରି ବୁଲୁଥିବା ଆତ୍ମା ବାଟବଣା ହୋଇ ତା' ଭିତରେ ଫସି ରହିବେ। ସେ ସମୟରେ ଏ ଘର ଥିଲା ଅତ୍ୟନ୍ତ ଆଧୁନିକ। ଏଥିରେ ଇନଡୋର ଟଏଲେଟ୍, ଗରମ ପାଣି ସାୱାର, ଗ୍ୟାସ ଲାଇଟ୍, ଲିଫ୍ଟ, ସୁନା ରୂପା ଝୁମର ଭଳି ଅନ୍ୟ ଆଧୁନିକ ସୁବିଧା ମହଜୁଦ ଥିଲା। ନିର୍ମାଣର ଏହି ଧାରା ୧୯୨୨ ମସିହା ସେପ୍ଟେମ୍ବର ୫ ପର୍ଯ୍ୟନ୍ତ ସାରାଙ୍କ ମୃତ୍ୟୁ ଯାଏଁ ପ୍ରାୟ ୩୮ ବର୍ଷ ଧରି ଚାଲିଲା। ତେବେ ତାଙ୍କ ମୃତ୍ୟୁ ସମୟରେ ଏହି ପ୍ରାସାଦଟି ୪.୫ ଏକର ପରିମିତ ଥିଲା ଏବଂ ଏଥିରେ ଏତେ ସଂଖ୍ୟକ କୋଠରୀ ଥିଲା ଯେ, ପ୍ରତ୍ୟେକ ଥର ଗଣିବା ଦ୍ୱାରା ଆଉ ଏକ ସଂଖ୍ୟା ବଢୁଥିଲା। ପ୍ରାରମ୍ଭରେ ଏଥିରେ ୧୪୮ କୋଠରି ଥିବା କୁହାଯାଉଥିଲା ଏବଂ ପରେ ଏହି ସଂଖ୍ୟା ୧୬୧କୁ ବୃଦ୍ଧି ପାଇଥିଲା।



# ପ୍ଲାଷ୍ଟିକ୍ ମୁକ୍ତ କରିବ କବକ

ପ୍ଲାଷ୍ଟିକ୍ ପ୍ରଦୂଷଣ ବର୍ତ୍ତମାନ ସମଗ୍ର ବିଶ୍ୱ ପାଇଁ ଏକ ଚିନ୍ତାର ବିଷୟ ପାଲଟିଛି । ପ୍ଲାଷ୍ଟିକ୍ ନଷ୍ଟ ହେବାକୁ ଶହ ଶହ ବର୍ଷ ଲାଗୁଥିବାରୁ ପରିବେଶ, ଜୀବଜନ୍ତୁ ଏବଂ ମାନବ ସମାଜ ଉପରେ ଏହାର ଗଭୀର ଏବଂ କ୍ଷତିକାରକ ପ୍ରଭାବ ପଡୁଛି । ଏହି କ୍ରମରେ ବୈଜ୍ଞାନିକମାନେ ଏକ କବକ ବା ଫଙ୍ଗସ୍ ଆବିଷ୍କାର କରିଛନ୍ତି ଯାହା ପ୍ଲାଷ୍ଟିକ୍‌କୁ ଖାଦ୍ୟରେ ପରିଣତ କରେ। ଆମାଜନ ଜଙ୍ଗଲରେ ଠାବ କରାଯାଇଥିବା ଏହି କବକ ବିଭିନ୍ନ ପ୍ରକାରର ପ୍ଲାଷ୍ଟିକ୍‌କୁ ନଷ୍ଟ କରିବାରେ ସକ୍ଷମ। ବିଶେଷକରି ପଲିଥିନ୍‌କୁ ଏହା ନଷ୍ଟ କରିଦିଏ। ଏହି ଆବିଷ୍କାର ପରିବେଶବିତ୍ ଏବଂ ବୈଜ୍ଞାନିକମାନଙ୍କ ପାଇଁ ଖୁବ୍ ଆଶ୍ୱସ୍ତି ଆଣିଦେଇଛି। ବର୍ତ୍ତମାନ ଆଶା କରାଯାଉଛି ଯେ, ଏହି କବକ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ରୋକିବାରେ ସାହାଯ୍ୟ କରିପାରିବ। ବୈଜ୍ଞାନିକମାନଙ୍କ ଏକ ଟିମ୍ ଘଞ୍ଚ ଆମାଜନ ଜଙ୍ଗଲରେ ଅଣୁଜୀବ ଖୋଜୁଥିଲେ। ସେମାନେ ଏକ କବକ ଆବିଷ୍କାର କରିଥିଲେ ଯାହା ପ୍ଲାଷ୍ଟିକ୍‌ର ପୃଷ୍ଠରେ ବଢ଼େ ଏବଂ ଧୀରେ ଧୀରେ ଏହାକୁ ଖାଇଯାଏ। ଗବେଷଣାବେଳେ ଏହି କବକ ପଲିଥିନ୍ ବ୍ୟାଗ୍, ପ୍ଲାଷ୍ଟିକ୍ ବୋତଲ ଏବଂ ଅନ୍ୟାନ୍ୟ କୃତ୍ରିମ ପଲିମରକୁ ନଷ୍ଟ କରିବାରେ ସଫଳ ହୋଇଛି। କବକ ପ୍ଲାଷ୍ଟିକ୍‌ରେ ଥିବା ରାସାୟନିକ ବନ୍ଧନକୁ ଭାଙ୍ଗିଥାଏ। ଏହାକୁ ସରଳ ଯୌଗିକରେ ପରିଣତ କରିଥାଏ ଯାହା ପରିବେଶ ପାଇଁ କମ୍ କ୍ଷତିକାରକ। ଏହି କବକ ପ୍ଲାଷ୍ଟିକ୍‌କୁ ଖାଦ୍ୟ ଭାବରେ ବ୍ୟବହାର କରେ ଏବଂ ଏନଜାଇମ୍ ମୁକ୍ତ କରେ। ଏହି ଏନଜାଇମ୍‌ଗୁଡ଼ିକ ପ୍ଲାଷ୍ଟିକ୍‌ର ଲମ୍ବା ଶୃଙ୍ଖଳକୁ ଛୋଟ ଛୋଟ ଖଣ୍ଡରେ ପରିଣତ କରିଦିଏ। ଯଦିଓ ଏହି ପ୍ରକ୍ରିୟା ଖୁବ୍ ମନ୍ଥର ହୋଇଥାଏ କିନ୍ତୁ ପ୍ରାକୃତିକ ଏବଂ ନିରାପଦ ହୋଇଥାଏ। ବୈଜ୍ଞାନିକମାନେ ଏବେ ଏହାକୁ ତ୍ୱରାନ୍ୱିତ କରିବାର ଉପାୟ ଖୋଜୁଛନ୍ତି। ବୈଜ୍ଞାନିକଙ୍କ କହିବା ଅନୁଯାୟୀ, ଏହି କବକକୁ ଲ୍ୟାଣ୍ଡଫିଲ୍, ପୁନଃଚକ୍ରଣ ପ୍ଲାଣ୍ଟ ଏବଂ ପ୍ରଦୂଷିତ ଅଞ୍ଚଳରେ ବ୍ୟବହାର କରାଯାଇପାରିବ।





## ପ୍ରହେଳିକା

- ଅଧରପଣାର ପର ଦିନ ପ୍ରଭୁ
  ଶ୍ରୀମନ୍ଦିରେ ପ୍ରବେଶନ୍ତି
  ରୋଷେ ଗରଗର ହୋଇ ପ୍ରାଣପ୍ରିୟା
  ପ୍ରବେଶ ବିଧି ରୋକନ୍ତି
  ପାଇ ଚିତ୍ରଲେଖା ପାଟ
  ରସଗୋଲା ଖାଇ ଦ୍ୱାର ସେ ଖୋଲନ୍ତି
  କୁହ ତାଙ୍କ ନାମ ମିତ।

  ଉତ୍ତର-ମାତା ଲକ୍ଷ୍ମୀ

- ଏକାଦଶୀ ଦିନ ହୁଏ ସୁନାବେଶ
  ଦ୍ୱାଦଶୀରେ ପଣା ବିଧି
  ତା'ପରେ ଫେରନ୍ତି ଶିରୀ ମନ୍ଦିରକୁ
  ଲକ୍ଷ୍ମୀକାନ୍ତ କଳାନିଧି
  ରସଗୋଲା ଭେଟି ଦେଇ
  ରତନ ବେଦୀକୁ ଫେରିବାର ବିଧି
  ପାରିବ କି ନାମ କହି।

  ଉତ୍ତର-ନୀଳାଦ୍ରି ବିଜେ

- ନୀଳାଦ୍ରି ବିଜୟ କରିଲେ ସାଆନ୍ତ
  ଖୋଲଇ ସେହି ବଜାର
  ଅତ୍ୟନ୍ତ ପବିତ୍ର ବ୍ୟଞ୍ଜନକୁ ଜନେ
  ଖାଆନ୍ତି ହୋଇ ଆତୁର
  ଅନ୍ନ, ଡାଲି ଓ ବେସର
  ଶହ ଶହ ଭକ୍ତ ଖାଆନ୍ତି ସେଠାରେ
  କୁହ'ତ ନାମ ତାହାର।

  ଉତ୍ତର-ଆନନ୍ଦ ବଜାର

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା,ଜଗତସିଂହପୁର

## ଫେରିଆରେ ଜଗା



ଦୀପକ କୁମାର ନାୟକ

ଭକତଟେ ତୋତେ ଡାକୁଥାଏ ବୋଲି
ଛାଡ଼ିଗଲୁ ଶ୍ରୀମନ୍ଦିର
ଅଚିନ୍ତାରେ ଭାଇ ଭଉଣୀଙ୍କୁ ନେଇ
ବୁଲୁଛୁ ମାଉସୀ ଘର ।।
ବଡ଼ଦାଣ୍ଡେ ଭକ୍ତ ଯେତେ ଡାକିଲେ ବି
ଡାକ ତୋତେ ଶୁଭେନାହିଁ
କେମିତି ଶୁଭିବ ମାଉସୀ ଘରେ ତୁ
ମଉଜ କରୁଛୁ ଯାଇ ।।
ଭାଇ ଭଉଣୀଙ୍କୁ ନେଇ ତୁ ମଉଜ
କରୁଅଛୁ ସିନା କେତେ
ତୋତେ ଡାକି ଡାକି ଭକତ ତୋହର
ଦୁଃଖ ପାଇଲେଣୀ ଯେତେ ।।
କେତେ ଦୁଃଖ ଆଉ ଦବୁରେ କାଳିଆ
ଭକତମାନଙ୍କୁ ତୁହି
ତୋତେ ଚାହିଁ ଚାହିଁ ବେଳ ସରେ ସିନା
ଦେଖା ତୋର ମିଳେନାହିଁ ।।
ଫେରିଆରେ ଜଗା ତୋ ବଡ଼ଦେଉଳ
ଫେରିଆ ତୋ ଶ୍ରୀମନ୍ଦିର
ଯେମିତି ଭକ୍ତର ଦୁଃଖ ବୁଝୁଥିଲୁ
ସେମିତି ପୁଣି ତୁ କର
ସେମିତି ପୁଣି ତୁ କର ।।■

ଗଣ୍ଡାନାଳୀ, ହିନ୍ଦୋଳ, ଢେଙ୍କାନାଳ

## କାଳିଆର ସୁନାବେଶ



ସୁହଂସ ଭୋଇ

ଜନମ ବେଦୀରୁ ରତନ ବେଦୀକୁ
ବାହୁଡ଼ିବେ ପରମେଶ
ଦେଖି ଯିବା ଆସ ନୀଳାଚଳେ ହେବ
କାଳିଆର ସୁନାବେଶ
ମାତା କମଳିନୀ ପାଟରାଣୀ ଯାର
କି ଅଛି ଅଭାବ ତା'ର
ମୋତି ମାଣିକରେ ଉଆସ ଭରିଛି
ସୁନା ରୂପା ଭାର ଭାର
ତିନି ଗୋଟି ରଥ ଗଡ଼ି ଗଡ଼ି ଆସି
ସିଂହଦ୍ୱାରେ ଅଟକିବ
ସୁନାବେଶ ରୂପ ଦେଖିବା ପାଇଁ କି
ଜଗତ ଅନେଇଁଥିବ
ପୂଜାରୀ ସେବକ ସଜେଇବେ ତା'ର
ଅଙ୍ଗେ ନାନା ଅଳଙ୍କାର
ଶିରେ ଖଞ୍ଜିଦେବେ ସୁନାର ମୁକୁଟ
ଗଳେ ମଣିମାଳ ହାର
ଶୋଭା ପାଉଥିବ କପାଳେ ଶ୍ରୀଚିତା
ସୁନାର ମୟୂର ଚୂଳ
ଝଲମଲ ହୋଇ ଝଲସି ଉଠିବ
କର୍ଣ୍ଣେ ସୁନା କାନଫୁଲ
କାଳିଆର ସୁନାବେଶକୁ ଦେଖିଲେ
ମିଳେ କୋଟି ପୁଣ୍ୟ ଫଳ
ହାତ ଯୋଡ଼ି ତାକୁ ଗୁହାରି କରିବା
ମନେ ଭରି ଦେବ ବଳ ।■

ପହଣ୍ଡି ବିଜେପୁର, ବରଗଡ଼

# ସୁମନ

## ଫୁଲ ଦିଦି ଓ କୁନି କଢ଼





ଡ. ରବିନାରାୟଣ ସାହୁ

ଶୀତ ଋତୁର କାକୁଆ ସକାଳଟିଏ। ପୂର୍ବ ଦିଗରେ ସୂର୍ଯ୍ୟ ଦେବତା ଉଇଁ ନ ଥାନ୍ତି। ଚାରିଆଡ଼େ ଢାଙ୍କି ହୋଇଥାଏ କୁହୁଡ଼ି। ନାନା ରକମର ଫୁଲ ଆଉ ଫଳ ଗଛରେ ହସୁଥାଏ ବଗିଚାଟିଏ। ଏତିକିବେଳେ ସେଇ ବଗିଚାରେ ଫୁଟିଥିବା ଗୋଟିଏ ଫୁଲ ଉପରେ ଟପ୍ କିନା କାକର ବିନ୍ଦୁଟିଏ ପଡ଼ିବାରୁ ଝଟ୍ କିନା ଉଠି ପଡ଼ିଲା ସେଇ ଫୁଲଟି। ଏଣେ ତେଣେ ଅନେଇ ଫୁଲଟି କହିଲା," କେତେବେଳୁ ସକାଳ ହେଲାଣି ଅଥଚ ମୁଁ ଆଜି ଏତେବେଳ ଯାଏଁ ଶୋଇ ପଡ଼ିଲି।" ପାଖରେ ଥିବା ଏକ କଢ଼କୁ ଚାହିଁ ସେ କହିଲା," ଆରେ ଏ କଢ଼ ଉଠୁନୁ। ଶୀଘ୍ର ପାଖୁଡ଼ା ସବୁ ଖୋଲି ଫୁଟିଯା। ଶୋଇଛୁ କ'ଣ?" କଢ଼ କହିଲା,"ନାଇଁମ ଦିଦି, ଏଇନେ ଜମା ଉଠିବାକୁ ମନ ହେଉନି। ଦେଖୁନା କେତେ ଥଣ୍ଡା ହେଉଛି। ମୋ' ପାଖରେ ଥିବା ପତ୍ରମାନେ ମତେ କେମିତି ଚାଦର ଭଳିଆ ଢାଙ୍କି ଦେଇଛନ୍ତି। ମୁଁ ଏ ଗରମର ମଜା ନ ନେଇ ଉଠିବି କାହିଁକି କହିଲ? ସୂର୍ଯ୍ୟ ତ ଏତେବେଳ ଯାଏଁ ଉଠି ନାହାନ୍ତି। ମୁଁ ଉଠି କ'ଣ କରିବି। ମୋର କୋଉ କାମଟା ଏମିତି ପଡ଼ିଛି ଯେ। ଫୁଲ ହେଇ ଫୁଟି ଖେଳିବାର ତ ଅଛି। ସୂର୍ଯ୍ୟ କିରଣ ପଡ଼ିଲା ପରେ କ'ଣ ଉଠିଲେ ହେବନି।" ତା' ଦେଖାଦେଖି ଆଉ କେତେଟା କଢ଼ ବି ସେଇଆ କଲେ। ଫୁଲ କହିଲା, "ଏତେ ଅଳସୁଆ ହୁଅନି କଢ଼। ତୁ କ'ଣ ଭାବିଛୁ ସୂର୍ଯ୍ୟ ଉଠି ନାହାନ୍ତି। ଘନ କୁହୁଡ଼ି ଯୋଗୁଁ ତାଙ୍କର କିରଣ ପଡୁନାହିଁ ସିନା, ସେ କିନ୍ତୁ କେତେବେଳେ ଉଠିବାରେ ଡେରି କରନ୍ତି ନାହିଁ। ଆମେ ସମସ୍ତେ ସୂର୍ଯ୍ୟଙ୍କ ଭଳି ସ୍ୱାଭାବିକ ଢଙ୍ଗରେ ନିଜେ ନିଜର କାମ କରିଯିବା ଉଚିତ। ଆମ ସମସ୍ତଙ୍କର ହିତ ପରସ୍ପର ସହିତ ଜଡ଼ିତ ହୋଇଥାଏ। ବେଳେବେଳେ ଆମର ଅଳସୁଆମୀ ଅନ୍ୟ କାହାର କ୍ଷତି ପହଞ୍ଚାଇଥାଏ। କାହା କାହା କାମ ବି ଅଟକି ଯାଇଥାଏ। ତେଣୁ ଅଳସୁଆ ହେବା ଆଦୌ ଠିକ୍ ନୁହେଁ।" ଠିକ୍ ଏଇ ସମୟରେ ମହୁମାଛିଟିଏ କାହୁଁ ଉଡ଼ିଆସି ଫୁଲ ଉପରେ ବସି ରସ ଶୋଷିବାକୁ ଲାଗିଲା। ବାସି ଫୁଲରେ ରସ କୋଉଠି ଅଛି ଯେ ସିଏ ଶୋଷିବ। ସବୁ ରସ ତ ଆଗରୁ ସରି ଯାଇଥାଏ। ଗୁଣୁଗୁଣୁ ହେଇ ଏଣେ ତେଣେ ଉଡ଼ି ଉଡ଼ି ଫୁଲଟିଏ ନ ପାଇ କଢ଼ ଉପରେ ଯାଇ ବସି ପଡ଼ିଲା। ସେଇଠୁ ପୁଣି ଆସି ଫୁଲ ଉପରେ ବସିଲା। ମହୁମାଛିର ଅବସ୍ଥା ଦେଖି ଫୁଲକୁ ଟିକେ ଦୟା ହେଲା। ତହୁଁ କଢ଼କୁ କହିଲା," ହଇଲୋ ଏ କଢ଼, ତୁ ଦେଖୁଚୁ କି ନାହିଁ। ବିଚରା ମହୁମାଛିଟି କେମିତି ରସ ପିଇବାକୁ ଗୋଟିଏରୁ ଆଉ ଗୋଟାଏ ଫୁଲକୁ ଉଡ଼ି ବୁଲୁଛି। ସିଏ ପରା ରସ ନେଲେ ତା' ମହୁ ଫେଣାରେ ଥିବା ଛୁଆମାନଙ୍କୁ ଟିକେ ଦେବ ଓ ମଣିଷମାନଙ୍କ ପାଇଁ ସେଇ ରସରୁ ମହୁ ବି ତିଆରି କରିବ । ତମେ ସବୁ କଢ଼ମାନେ ଯଦି ଏମିତି ଫୁଲ ହେଇ ନ ଫୁଟିବ ତାହେଲେ ମହୁମାଛି, ଭ୍ରମର ଓ ପ୍ରଜାପତିମାନଙ୍କର ଅବସ୍ଥା କ'ଣ ହେବ କହିଲ?"ଫୁଲର କଥା ଏଥର କଢ଼ର ହୃଦୟକୁ ଛୁଇଁଲା। ଆଉ ଡେରି ନ କରି ପତର ତଳୁ ମୁହଁ କାଢ଼ି ମହୁମାଛିର ହିନସ୍ତା ଦେଖି କହିଲା," ତମେ ଠିକ୍ କଥା କହୁଥିଲ ଫୁଲ ଦିଦି। ମତେ ଶୀଘ୍ର ଉଠିବାକୁ ପଡ଼ିବ, ଫୁଲ ହୋଇ ଫୁଟିବାକୁ ହେବ।" ଫୁଲ କହିଲା," ଏବେ ବୁଝିଲୁ ତ। କଢ଼ମାନେ ଫୁଲ ହୋଇ ନ ଫୁଟିଲେ ମହୁମାଛି ଓ ପ୍ରଜାପତିମାନଙ୍କୁ ରସ ମିଳିବ କେମିତି? ଫୁଲ ଫୁଟିଲେ ସିନା ତା' ଶୋଭାରେ ଏ ବଗିଚାଟି ସୁନ୍ଦର ଦେଖାଯାଇ ମହ ମହ ସୁଗନ୍ଧରେ ମହକି ଉଠିବ। ନଦୀକୁ ଦେଖ, ନଦୀ କ'ଣ କେବେ ରହି ଯାଇଛି କି, ପବନ ତା ବହିବାକୁ ବନ୍ଦ କରିଛି କି, ଚଢେଇମାନେ ସୂର୍ଯ୍ୟଙ୍କୁ ଅପେକ୍ଷା କରି ବସାରେ କ'ଣ ଶୋଇ ରହନ୍ତି କି ?"ଫୁଲ ଦିଦିର କଥା କୁନି କଢ଼ଟି ଠିକ୍ ଭାବେ ବୁଝି ପାରିଲା। ଆଉ କେବେ ବି ଅଳସୁଆ ନ ହେବାକୁ ଶପଥ କରି ପତର ସବୁ ଆଡ଼େଇ ଦେଇ ତା'ର ରଙ୍ଗୀନ ପାଖୁଡ଼ା ଖୋଲି ଫୁଟି ଗଲା। ମହୁମାଛି ଉଡ଼ି ଆସି ଆରାମରେ ବସି ରସ ପିଇବାକୁ ଲାଗିଲା। ସେତେବେଳକୁ ଘନ କୁହୁଡ଼ି ତଳୁ ମୁହଁ କାଢ଼ି ହସୁଥାଆନ୍ତି ସୂର୍ଯ୍ୟ ଦେବତା ଆଉ ତାଙ୍କର ମିଠା ମିଠା ସୁନେଲି କିରଣ ବଗିଚା ସାରା ବିଛେଇ ହୋଇ ପଡ଼ିଥାଏ।■

ସ୍ମୃତି ନଗର, ବରଗଡ଼

ବି:ଦ୍ର- 'ସକାଳ'ର ସୁମନ୍ ପୃଷ୍ଠାରେ ଗଳ୍ପ, କବିତା ପ୍ରକାଶ କରିବାକୁ ଇଚ୍ଛୁକ ପାଠକ ପାଠିକାମାନେ sakalasishu@gmail.comକୁ ପଠାଇ ପାରିବେ। ଛାତ୍ରଛାତ୍ରୀମାନେ (ପ୍ରଥମରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ) ଡ୍ରଇଂ ପଠାଇବାକୁ ଚାହୁଁଥିଲେ ସେମାନଙ୍କର ଏକ ପାସ୍‌ପୋର୍ଟ ସାଇଜ୍ ଫଟୋ ସହ ଶ୍ରେଣୀ, ବିଦ୍ୟାଳୟ ଓ ସହରର ନାମ ଲେଖି ଏହି ମେଲ୍‌ରେ ପଠାଇ ପାରିବେ।

## କୁନି ହାତର ତୁଳି





ଆରାଧ୍ୟା ସୁହାନି ସାମଲ
ଅଷ୍ଟମ ଶ୍ରେଣୀ
ସେଣ୍ଟ ଜାଭିୟର ହାଇସ୍କୁଲ
ଢେଙ୍କାନାଳ






ସାନ୍ଭି ଶନାୟା ସା
ପଞ୍ଚମ ଶ୍ରେଣୀ
ବିଜେଏମ୍-୧ ସ୍କୁଲ
ଭୁବନେଶ୍ୱର





ରୀୟାଂଶ ପଣ୍ଡା
ସପ୍ତମ ଶ୍ରେଣୀ
ନ୍ୟୁ ହରାଇଜନ୍ ଗୁରୁକୁଳ୍
ବେଙ୍ଗାଲୁରୁ






ଦମୟନ୍ତୀ ଟୁଡୁ
ପଞ୍ଚମ ଶ୍ରେଣୀ
ସରକାରୀ ଉଚ୍ଚ ବିଦ୍ୟାଳୟ
ଅଦାପାଳ, ମୟୂରଭଞ୍ଜ

## ବିଶ୍ୱନାଥନ ଆନନ୍ଦ ଫିଡେ ସଭାପତି



ଚେନ୍ନଇ,୨୪।୭ (ଏଜେନ୍ସି): ବିଶ୍ୱ ଚାମ୍ପିଅନ୍ ଭାରତର ବିଶ୍ୱନାଥନ ଆନନ୍ଦ ବିଶ୍ୱ ଚେସ୍‌ର ସର୍ବୋଚ୍ଚ ସଂସ୍ଥା ଫିଡେର କାମଚଳା ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆସନ୍ତା ସେପ୍ଟେମ୍ବର ମାସ ଯାଏ ସେ ଏହି ଦାୟିତ୍ୱରେ ରହିବେ। ସେପ୍ଟେମ୍ବରରେ ଫିଡେର ନିର୍ବାଚନ ହେବା ପର୍ଯ୍ୟନ୍ତ ଆନନ୍ଦ ଏହି ଦାୟିତ୍ୱରେ ରହିବେ ବୋଲି ସଂସ୍ଥା ପକ୍ଷରୁ ଘୋଷଣା କରାଯାଇଛି। ସୂଚନାଯୋଗ୍ୟ ବର୍ତ୍ତମାନ ଫିଡେର ସଭାପତି ଥିବା ଆର୍କାଡି ଡିଭୋର୍କଭିଚ୍‌ଙ୍କୁ ରୁଷିଆ ବିରୋଧରେ ବାସନ୍ଦ ବ୍ୟବସ୍ଥା ଲାଗୁ କରିବାକୁ ୟୁରୋପୀୟ ୟୁନିଅନ୍ ଦ୍ୱାରା ଗଠିତ କମିଟିରେ ସାମିଲ କରାଯିବା ପରେ ସେ ଫିଡେ ସଭାପତି ପଦରୁ ଓହରି ଯାଇଥିଲେ। ଫଳରେ ଫିଡେର ପରିଚାଳନା କରିବା ଲାଗି ଥିବା ଚାର୍ଟରର ଧାରା ୧୯.୨ ଅନୁଯାୟୀ ଡେପୁଟି ପ୍ରେସିଡେଣ୍ଟ ଥିବା ବିଶ୍ୱନାଥନ ଆନନ୍ଦଙ୍କୁ କାମଚଳା ସଭାପତି ଭାବେ ଦାୟିତ୍ୱ ଦିଆଯିବ। ଆର୍କାଡି ରୁଷିଆର ପୂର୍ବତନ ଉପପ୍ରଧାନମନ୍ତ୍ରୀ ଭାବେ ମଧ୍ୟ ରହିଥିଲେ।

## କ୍ଲୋପ୍ ଜର୍ମାନୀର ନୂଆ ମୁଖ୍ୟ କୋଚ୍



ବର୍ଲିନ୍,୨୪।୭ (ଏଜେନ୍ସି): ପୂର୍ବତନ ଅନ୍ତର୍ଜାତୀୟ ଖେଳାଳି ତଥା ଲିଭରପୁଲର ମ୍ୟାନେଜର ଜୁର୍ଗେନ କ୍ଲୋପ୍‌ଙ୍କୁ ଜର୍ମାନୀ ଫୁଟବଲ ଦଳର ମୁଖ୍ୟ କୋଚ୍ ଭାବେ ନିଯୁକ୍ତି ଦିଆଯାଇଛି। ସେ ଜୁଲିଆନ୍ ନେଗେଲସମ୍ୟାନ୍‌ଙ୍କ ସ୍ଥାନରେ ଦାୟିତ୍ୱ ଗ୍ରହଣ କରିବେ। ଜୁଲିଆନଙ୍କ ତତ୍ତ୍ୱାବଧାନରେ ବିଶ୍ୱକପ୍ ଖେଳିଥିବା ଜର୍ମାନୀ ରାଉଣ୍ଡ-୩୨ରେ ପାରାଗୁଏଠାରୁ ହାରି ବିଦାୟ ନେଇଥିଲା। ଏହାପରେ ତାଙ୍କୁ ହଟାଇବାକୁ ଦାବି ଜୋର ହୋଇଥିଲା। ଅନ୍ୟପକ୍ଷରେ କ୍ଲୋପ୍ ୨୦୩୦ ଯାଏ ଜର୍ମାନୀ ଫୁଟବଲ ଟିମ୍ ଦାୟିତ୍ୱରେ ରହିବେ।

## ଏସୀୟ କ୍ରୀଡ଼ା: କ୍ୱାର୍ଟରରୁ ଭାରତର ଅଭିଯାନ

ଦୁବାଇ,୨୪।୭ (ଏଜେନ୍ସି): ଜାପାନରେ ଚଳିତବର୍ଷ ଆୟୋଜିତ ହେବାକୁ ଯାଉଥିବା ଏସିଆନ୍ ଗେମ୍ସ କ୍ରିକେଟ ପ୍ରତିଯୋଗିତା ଲାଗି ଟିମ୍ ଫର୍ମାଟ ଚୂଡାନ୍ତ କରାଯାଇଛି। ଏଥିରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ଡିଫେଣ୍ଡିଂ ଚାମ୍ପିଅନ ଭାରତ କ୍ୱାର୍ଟର ଫାଇନାଲରୁ ଅଭିଯାନ ଆରମ୍ଭ କରିବ। ପୁରୁଷ ବିଭାର ଫର୍ମାଟ ଅନୁଯାୟୀ ଆଇସିସି ମାନ୍ୟତାରେ ଶ୍ରେଷ୍ଠ ସ୍ଥାନରେ ଥିବା ୪ଟି ଦଳ ଯଥା ଭାରତ, ପାକିସ୍ତାନ, ବାଂଲାଦେଶ ଓ ଶ୍ରୀଲଙ୍କାକୁ ସିଧାସଳଖ କ୍ୱାର୍ଟର ଫାଇନାଲରେ ଖେଳିବାକୁ ଚୂଡାନ୍ତ ହୋଇଛି। ଅନ୍ୟ ୪ଟି ଦଳ କ୍ୱାଲିଫାଇଂ ପ୍ରତିଯୋଗିତରୁ ଚୟନ କରାଯିବ। ଫଳରେ ସେମି କିମ୍ବା ଫାଇନାଲ୍‌ରେ ଭାରତ ଓ ପାକିସ୍ତାନ ସାମ୍ନାସାମ୍ନି ହେବାର ସମ୍ଭାବନା ରହିଛି। ସେହିପରି ମହିଳା ବିଭାଗରେ ୮ଟି ଦଳ ସିଧାସଳଖ କ୍ୱାର୍ଟରରୁ ଅଭିଯାନ ଆରମ୍ଭ କରିବେ। କ୍ୱାର୍ଟରରେ ପାକିସ୍ତାନ-ଥାଇଲାଣ୍ଡ, ଶ୍ରୀଲଙ୍କା-ମାଲେସିଆ, ବାଂଲାଦେଶ-ହଂକଂ ଏବଂ ଭାରତ-ଜାପାନ ମଧ୍ୟରେ ମୁକାବିଲା ହେବ। ଏସିଆନ ଗେମ୍ସର ମହିଳା କ୍ରିକେଟ ସେପ୍ଟେମ୍ବର ୧୭ରୁ ୨୨ ଏବଂ ପୁରୁଷ ବିଭାଗ ସେପ୍ଟେମ୍ବର ୨୪ରୁ ଅକ୍ଟୋବର ୧ ମଧ୍ୟରେ ଖେଳାଯିବ।

## ଆଜିଠାରୁ ସର୍ବଭାରତୀୟ ଜୁନିଅର ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର,୨୪।୭ (ସମିସ): ଓଡ଼ିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ (ଓସ୍‌ବା), ରାଜ୍ୟ ସରକାରଙ୍କ କ୍ରୀଡ଼ା ଓ ଯୁବସେବା ବିଭାଗ ଆନୁକୂଲ୍ୟରେ ସର୍ବଭାରତୀୟ ୧୯ ବର୍ଷରୁ କମ୍ ର୍ୟାଙ୍କିଂ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଶନିବାରଠାରୁ ଆୟୋଜିତ ହେବ। ଏଥିରେ ମୋଟ ୮ ଲକ୍ଷ ଟଙ୍କାର ପୁରସ୍କାର ରାଶି ରହିଥିଲାବେଳେ ୫ଟି ବିଭାଗରେ ୧୫୦୦ରୁ ଉର୍ଦ୍ଧ୍ୱ ଖେଳାଳି ଅଂଶଗ୍ରହଣ କରିବେ। ଓଡ଼ିଶାରୁ ବାଳକ ଏକକରେ ୨୭, ବାଳିକା ଏକକରେ ୧୩ଜଣ ପ୍ରତିଯୋଗୀ ଭାଗ ନେଉଛନ୍ତି। ବାଳକ ଯୁଗଳରେ ୧୨, ବାଳିକାରେ ୫ ଓ ମିଶ୍ରିତ ଯୁଗଳରେ ୧୧ ଯୋଡା ପ୍ରତିଯୋଗୀ ଭାଗନେବାର କାର୍ଯ୍ୟକ୍ରମ ରହିଛି।


FOR RENT
Warehouse/Shed Available for Rent. A **9,000 sq. ft.** shed built on a **20,000 sq.ft.** plot is available for rent on the **Panikoili National Highway.** Ideal for a Warehouse, Industrial Unit, Logistics Operations, Showroom or other Commercial purposes. Interested parties may contact:
**8249526803**


### ଗ୍ଲାସ୍‌ଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ା-୨୦୨୬

# ସେମିରେ ଶ୍ରୀହରି, ଲନ୍ ବଲ୍‌ରେ ଦ୍ୱିତୀୟ ବିଜୟ

ଗ୍ଲାସଗୋ, ୨୪।୭ (ଏଜେନ୍ସି)



ସ୍କଟଲାଣ୍ଡର ରାଜଧାନୀ ଗ୍ଲାସଗୋଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାର ୨୩ତମ ସଂସ୍କରଣର ଦ୍ୱିତୀୟ ଦିବସରେ ଶୁକ୍ରବାର ଭାରତୀୟ କ୍ରୀଡ଼ାବିତ୍‌ମାନେ ପ୍ରଭାବୀ ପ୍ରଦର୍ଶନ କରିଛନ୍ତି। ସନ୍ତରଣରେ ଦୁଇଥରର ଅଲିମ୍ପିଆନ ଶ୍ରୀହରି ନଟରାଜ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ପୁରୁଷ ୫୦ ମିଟର ବ୍ୟାକଷ୍ଟ୍ରୋରେ ଭାଗନେଇଥିବା ଶ୍ରୀହରି ହିଟ୍‌ରେ ୨୫.୫୨ ସେକେଣ୍ଡରେ ରେସ୍ ଫିନିଶ କରିଥିଲେ। ସେ ନିଜ ହିଟ୍‌ରେ ୫ମ ଓ ଓଭରଅଲ୍ ୧୪ତମ ସ୍ଥାନରେ ରହି ସେମିଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ସେମିଫାଇନାଲରେ ୧୬ଜଣ ସନ୍ତରଣ ସେମାନଙ୍କ ଭାଗ୍ୟ ପରୀକ୍ଷା କରିବେ।

ଅପରପକ୍ଷରେ ପାରା ସନ୍ତରଣରେ ଭାରତର ରବି ବୀର ବୁଦିଗିନା ଓ ଅଲି ଇମାମ ଫାଇନାଲରେ ସ୍ଥାନ ପକ୍କା କରିଛନ୍ତି। ଉଭୟ ରବି ବୀର ଓ ଅଲି ପୁରୁଷ ଏସ୍-୧୩ ୧୦୦ ମିଟର ଫ୍ରି-ଷ୍ଟାଇଲରେ ଭାଗନେଇଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ରବି ବୀର ୫୭.୧୦ ସେକେଣ୍ଡ ସମୟ ନେଇଥିଲେ। ସେହିଭଳି ଅଲି ଇମାମ ଏକ ମିନିଟ ୦୫.୩୨ ସେକେଣ୍ଡ ସମୟ ସହ ଫାଇନାଲରେ ପ୍ରବେଶ କରିଥିଲେ।

### ସ୍ୱାନ ଜିତିଲେ ପ୍ରଥମ ସ୍ୱର୍ଣ୍ଣ



ଚଳିତ ଗ୍ଲାସଗୋ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ପ୍ରଥମ ସ୍ୱର୍ଣ୍ଣ ପଦକ ଇଂଲଣ୍ଡର ପାରା ଶକ୍ତିଉତ୍ତୋଳକ ମାର୍କ ସ୍ୱାନଙ୍କ ନାମରେ ଲିପିବଦ୍ଧ ହୋଇଛି। ଶୁକ୍ରବାର ଅନୁଷ୍ଠିତ ପୁରୁଷ ୭୨ କିଗ୍ରା ଲାଇଟୱେଟ ବିଭାଗରେ ସ୍ୱାନ ୨୨୨ କେଜି ଭାର ଉଠାଇ ପୋଡିୟମର ପ୍ରଥମ ସ୍ଥାନରେ ରହିବା ସହ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ। ନାଇଜେରିଆର ରୋଲାଣ୍ଡ ଏଜୁରୁକି ୧୫୩.୯ କ୍ରିଗା ସହ ରୌପ୍ୟ ପଦକ ହାସଲ କରିଛନ୍ତି।

### ମହିଳା ଲନ୍ ବଲରେ ବିଜୟଧାରା ଜାରି




ଅପରପକ୍ଷରେ ମହିଳା ଲନ୍ ବଲରେ ଭାରତୀୟ ଦଳ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ଗ୍ରୁପ୍-ବି'ରେ ସ୍ଥାନ ପାଇଥିବା ଭାରତ ଶୁକ୍ରବାର ୨-୦ (୬-୪, ୭-୫)ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଥିଲା। ରୂପା ରାଣୀ ତିର୍କୀ ଓ ପିଙ୍କିଙ୍କୁ ନେଇ ଗଠିତ ଭାରତୀୟ ମହିଳା ଦଳ ଗତକାଲି ପ୍ରଥମ ମ୍ୟାଚରେ ଟାଇବ୍ରେକରରେ ୟୁରୋପୀୟ ରାଷ୍ଟ୍ର ମାଲଟାକୁ ହରାଇଥିଲା। ଡବଲ୍ ବିଜୟ ସହ ଭାରତ ୨୪ ପଏଣ୍ଟ ପାଇ ଗ୍ରୁପ୍ ଶୀର୍ଷକୁ ଉଠିଛି। ପ୍ରତି ଗ୍ରୁପର ଦୁଇ ଶୀର୍ଷ ଦଳ ସେମିଫାଇନାଲକୁ ଯୋଗ୍ୟତା ଅର୍ଜନ କରିବେ।

### ତୁଲିକା ମାନ୍ ବାସନ୍ଦ



ନୂଆଦିଲ୍ଲୀ, ୨୪।୭ (ଏଜେନ୍ସି): ଅଲିମ୍ପିଆନ ତୁଲିକା ମାନଙ୍କୁ ନାଡା (ନ୍ୟାସନାଲ ଆଣ୍ଟି ଡୋପିଙ୍ଗ ଏଜେନ୍ସି) ସସ୍‌ପେଣ୍ଡ କରିଛି। ଗତ ଏକବର୍ଷମଧ୍ୟରେସେକେଉଁଠି ଥିଲେ (ହ୍ୱେୟାର ଆବାଉଟ୍ କ୍ଲଜ୍) ସମ୍ପର୍କରେ ସୂଚନା ଦେଇ ନ ଥିବାରୁ ତାଙ୍କୁ ବାସନ୍ଦ କରାଗଲା ବୋଲି ନାଡା ପକ୍ଷରୁ କୁହାଯାଇଛି। ବାସନ୍ଦ ହେବା ଫଳରେ ତୁଲିକା ଗ୍ଲାସ୍‌ଗୋରେ ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଅଂଶଗ୍ରହଣ କରିବାର ଆଶା ଧୂଳିସାତ ହୋଇଯାଇଛି। ଏବେ ତୁଲିକା ଏହି ବାସନ୍ଦ ବ୍ୟବସ୍ଥା ବିରୋଧରେ ଆବେଦନ କରିପାରିବେ। ନ୍ୟାୟାଳୟର ହସ୍ତକ୍ଷେପ ବିନା ତାଙ୍କର ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାଗନେବାର ସମ୍ଭାବନ କମ୍।

## ଏସିଆନ୍ ବ୍ଲିଜ୍ ଚେସ୍‌ରେ ସାତ୍ତ୍ୱିକଙ୍କୁ କାଂସ୍ୟ

ଭୁବନେଶ୍ୱର,୨୪।୭ (ସମିସ): ଓଡ଼ିଶାର ବିସ୍ମୟ ଚେସ୍ ବାଳକ ସାତ୍ତ୍ୱିକ ସ୍ୱାଇଁ ୧୦ ବର୍ଷରୁ କମ୍ ଏସିଆନ୍ ବ୍ଲିଜ୍ ଚେସ୍‌ରେ କାଂସ୍ୟ ପଦକ ଜିତିଛନ୍ତି।




ଚୀନ୍‌ର ଶେନଝେନ୍‌ଠାରେ ଶେଷ ହୋଇଥିବା ୯ ରାଉଣ୍ଡ ବିଶିଷ୍ଟ ଏହି ଚାମ୍ପିଅନସିପ୍‌ରେ କାଜାଖସ୍ତାନର ନୁରାଲି ନୁର୍ସିନ ସର୍ବାଧିକ ୮ ପଏଣ୍ଟ ପାଇ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ତାଙ୍କ ପଛକୁ ୩ଜଣ ଖେଳାଳି ୭.୫ ପଏଣ୍ଟ ଲେଖାଏଁ ପାଇଥିଲେ। ବୁକୋଲଜ୍‌ରେ କାଜାଖସ୍ତାନର ଏଲେମେନ୍ସ ନୁର୍‌ମୁଖାମଦ୍ ରନର୍ସଅପ୍, ଭାରତର ସାତ୍ତ୍ୱିକ ତୃତୀୟ ଓ ଚୀନ୍‌ର ଜିମିଙ୍ଗ ଗୁଓ ଚତୁର୍ଥ ସ୍ଥାନ ଅଧିକାର କରିଛନ୍ତି। ସାତ୍ତ୍ୱିକ ୯ ରାଉଣ୍ଡ ଖେଳରେ ୭ ବିଜୟ, ୧ ଡ୍ର ସହ ୭.୫ ପଏଣ୍ଟ ସଂଗ୍ରହ କରିଥିଲେ। କେବଳ ଚତୁର୍ଥ ରାଉଣ୍ଡରେ ରୁଷର ଡାନିଲ ସେର୍ ବୁର୍ଯ୍ୟାଚୋକଙ୍କଠାରୁ ସେ ଏକମାତ୍ର ମ୍ୟାଚ୍‌ରେ ପରାଜିତ ହୋଇଥିଲେ।

ପୂର୍ବରୁ ୮ ବର୍ଷରୁ କମ୍ ବିଶ୍ୱ ଚେସ୍ ଚାମ୍ପିଅନସିପ୍‌ରେ ରୌପ୍ୟ ପଦକ ଜିତି ଅନ୍ତର୍ଜାତୀୟ ଅଭିଯାନ ଆରମ୍ଭ କରିଥିବା ସାତ୍ତ୍ୱିକ ବିଶ୍ୱ କ୍ୟାଡେଟ କପ୍‌ରେ କାଂସ୍ୟ, ଶ୍ରୀଲଙ୍କାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଚେସ୍‌ରେ ଗୋଟିଏ ରୌପ୍ୟ ଓ ୨ଟି କାଂସ୍ୟ ପଦକ ବିଜୟୀ ହୋଇଥିଲେ। ସାତ୍ତ୍ୱିକଙ୍କ ଏହି ସଫଳତା ଲାଗି ତାଙ୍କ ବ୍ୟକ୍ତିଗତ ତଥା କିଙ୍ଗ ଚେସ ୍ସେଣ୍ଟରର କୋଚ୍ ବିଶ୍ୱଜିତ ରାୟ, ଟ୍ରିପଲ-ସି' ଚେସ ସେଣ୍ଟର ସମ୍ପାଦକ ବିରଞ୍ଚି ନାରାୟଣ ସାହୁ ଏବଂ ଅଲଓଡ଼ିଶା ଚେସ ସଂଘ ସମ୍ପାଦକ ଦେବବ୍ରତ ଭଞ୍ଜ ଅଭିନନ୍ଦନ ଜଣାଇଛନ୍ତି। ଚନ୍ଦ୍ରଶେଖରପୁର ଡିଏଭିରେ ଅଧ୍ୟୟନରତ ସାତ୍ତ୍ୱିକ ହେଉଛନ୍ତି ସୋନମ ସରିତା ମହାନ୍ତି ଓ ସମ୍ବିତ ସ୍ୱାଇଁଙ୍କର ଜ୍ୟେଷ୍ଠ ପୁତ୍ର।

## ଆଜିଠାରୁ ରାଜ୍ୟ ସିନିଅର ଚେସ୍

ଭୁବନେଶ୍ୱର,୨୪।୭ (ସମିସ): ଅଲ୍ ଓଡ଼ିଶା ଚେସ ସଂଘ, ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ଏବଂ କିଟ୍ ଡିମ୍‌ଡ ବିଶ୍ୱବିଦ୍ୟାଳୟର ମିଳିତ ସହଯୋଗରେ ଶନିବାରଠାରୁ ୬୭ତମ ରାଜ୍ୟ ସିନିଅର ଫିଡେ ରେଟିଂ ଚେସ୍ ଚାମ୍ପିଅନସିପ୍ ଅନୁଷ୍ଠିତ ହେବ। ଜୁଲାଇ ୨୯ ଯାଏ ଖେଳାଯିବାକୁ ଥିବା ଏହି ପ୍ରତିଯୋଗିତାରେ ଭାଗନେବାକୁ ହେଲେ ଜଣେ ଖେଳାଳିଙ୍କୁ ୯୯୦ ଟଙ୍କାର ଏଣ୍ଟ୍ରି ଫି ଦେବାକୁ ବାଧ୍ୟତାମୂଳକ କରାଯାଇଛି। ଏଥିରେ କିଛି ମନୋନୀତ ଖେଳାଳିଙ୍କୁ ସଂଘ ପକ୍ଷରୁ ଜାତୀୟ ସିନିଅର ଚେସ୍‌ରେ ଅଂଶଗ୍ରହଣ କରିବାକୁ ଯୋଗ୍ୟତା ଅର୍ଜନ କରିବେ। ପ୍ରତିଯୋଗିତାରେ ୧ ଲକ୍ଷ ୨୦ ହଜାର ଟଙ୍କାର ପୁରସ୍କାର ଓ ୩୦ଟି ଟ୍ରଫି ପ୍ରଦାନ କରାଯିବେ ବୋଲି ଆୟୋଜକ ଅଲ୍ ଓଡ଼ିଶା ଚେସ ସଂଘ ସଭାପତି ସତ୍ୟରଞ୍ଜନ ପଟ୍ଟନାୟକ ଜଣାଇଛନ୍ତି।

### ● ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟି-୨୦ ଆଜି

## ସିରିଜ୍ କବ୍‌ଜା ଲକ୍ଷ୍ୟରେ ଭାରତ

ହରାରେ,୨୪।୭ (ଏଜେନ୍ସି): ଭ୍ରମଣକାରୀ ଭାରତ ଓ ଜିମ୍ବାୱେ ମଧ୍ୟରେ ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ଦ୍ୱିତୀୟ ମ୍ୟାଚ୍ ଶନିବାର ଏଠାରେ ଖେଳାଯିବ। ପୂର୍ବରୁ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଭାରତ ୭ ୱିକେଟରେ ବିଜୟୀ ହୋଇଥିଲା। ଏହାର ଅର୍ଥ ୟୁକେ ଗସ୍ତରେ ୭ଟି ମ୍ୟାଚ୍ ହାରିବା ପରେ ଶ୍ରେୟସ ଆୟରଙ୍କ ନେତୃତ୍ୱରେ ଗଠିତ ଭାରତୀୟ ଦଳ ପ୍ରଥମ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍ ଜିତିବା ପରେ ଭାରତୀୟ ଖେଳାଳି ଓ ଅଧିନାୟକ ଆତ୍ମବିଶ୍ୱାସ ଫେରିପାଇଛନ୍ତି। ନୂଆ ଖେଳାଳି ଓ ନୂଆ ଉତ୍ସାହରେ ଆୟରଙ୍କ ଦଳ ଏବେ ଆଉ ପଛକୁ ଫେରି ଚାହିଁବ ନାହିଁ। ଏଣୁ ଆସନ୍ତାକାଲି ଖେଳାଯିବାକୁ ଥିବା ଦ୍ୱିତୀୟ ଟି-୨୦ରେ ବିଜୟୀ ହୋଇ ଭାରତ ସିରିଜ୍ କବ୍‌ଜା ଲକ୍ଷ୍ୟରେ ରହିଛି। ଭାରତୀୟ ଦଳରେ ଥିବା ଯୁବ ଖେଳାଳି ପ୍ରଥମ ଟି-୨୦ରେ ଯେପରି ପ୍ରଦର୍ଶନ କରିଛନ୍ତି, ତାହା ଦ୍ୱିତୀୟ ମ୍ୟାଚ୍‌ରେ ଦୋହରାଇପାରିଲେ, ଦଳକୁ ସିରିଜ୍ ସଫଳତା ମିଳିବ। ପ୍ରଥମ ଟି-୨୦ରେ ଯୁବ ଫାଷ୍ଟ ବୋଲର ମୟଙ୍କ ଯାଦବ, ପ୍ରିନ୍ସ ଯାଦବ ଓ ଅଶୋକ ଶର୍ମାଙ୍କ ସ୍ପିଡ୍ ବୋଲିଂ ଖେଳିବା ଜିମ୍ବାୱେ ବ୍ୟାଟରଙ୍କ ଲାଗି କଷ୍ଟକର ହୋଇଥିଲା। ଏହି ବୋଲରଙ୍କ ସଫଳତା ଲାଭି ଭାରତକୁ ୧୨୬ ରନ୍‌ର ବିଜୟ ଲକ୍ଷ୍ୟ ମିଳିଥିଲା। ଯାହାକୁ ଭାରତ ୧୪ତମ ଓଭରରେ ମାତ୍ର ୩ ୱିକେଟ ହରାଇ ବିଜୟୀ ହୋଇଥିଲା। ଏଭଳି ସ୍ଥିତିରେ ଜିମ୍ବାୱେକୁ ସିରିଜ୍ ବଞ୍ଚାଇବାକୁ ହେଲେ ଦ୍ୱିତୀୟ ଟି-୨୦ରେ ଜିତିବାକୁ ହେବ। ତୃତୀୟ ତଥା ଶେଷ ଟି-୨୦ ସମାନ ଭେନ୍ୟୁରେ ରବିବାର ଖେଳାଯିବ।

ଖେଳ ଆରମ୍ଭ- ଅପରାହ୍ଣ ୪ଟା ୩୦
ପ୍ରସାରଣ- ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ

## ରାଜ୍ୟ ଜୁନିଅର ଭାରୋତ୍ତୋଳନ ଉଦ୍‌ଘାଟିତ

ଭୁବନେଶ୍ୱର, ୨୪।୭ (ସମିସ): କଳିଙ୍ଗ ଷ୍ଟାଡିୟମସ୍ଥିତ ବିଜୁ ପଟ୍ଟନାୟକ ଭାରୋତ୍ତୋଳନ କେନ୍ଦ୍ରରେ ଶୁକ୍ରବାର ଦ୍ୱିତୀୟ ରାଜ୍ୟ ୧୨ ଓ ୧୪ ବର୍ଷରୁ କମ୍ ଭାରୋତ୍ତୋଳନ ଚାମ୍ପିଅନସିପ୍ ଉଦଘାଟିତ ହୋଇଯାଇଛି। ଜୁଲାଇ ୨୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ଚାମ୍ପିଅନସିପ୍‌ରେ ରାଜ୍ୟର ସମସ୍ତ ଜିଲ୍ଲାର କ୍ଲବ, ଏଚପିସି ଓ ହଷ୍ଟେଲରୁ ମୋଟ୍ ୧୯୨ଜଣ ଭାରୋତ୍ତୋଳକ ଅଂଶଗ୍ରହଣ କରିଛନ୍ତି। ସେହିଭଳି ୭୦ଜଣ ପ୍ରଶିକ୍ଷକ ଓ ୪୦ଜଣ ବୈଷୟିକ ଅଧିକାରୀ ମଧ୍ୟ ଏଥିରେ ସାମିଲ ହୋଇଛନ୍ତି। ଓଡ଼ିଶା ଅଲିମ୍ପିକ ସଂଘର ସମ୍ପାଦକ ଅଭିଜିତ୍ ପାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କର୍ଣ୍ଣେଲ ସଞ୍ଜୟ ଲାକ୍ରା, ଅଲିମ୍ପିଆନ କେ. ରବିକୁମାର, ନାରାୟଣ ସାହୁ, ଗୋପାଳ କୃଷ୍ଣ ଦାସ ଓ ରାଜ୍ୟ ସଂଘ ସଭାପତି ଚିତ୍ତରଞ୍ଜନ ସ୍ୱାଇଁ ଉପସ୍ଥିତ ରହିଥିଲେ। ଏଥିରୁ ମନୋନୀତ ଖେଳାଳିଙ୍କୁ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗ ଦ୍ୱାରା ପରିଚାଳିତ ହେଉଥିବା ଭାରୋତ୍ତୋଳନ ଏଚପିସିରେ ପ୍ରଶିକ୍ଷଣ ଦିଆଯିବ।





NANDIGHOSHA TV
ନନ୍ଦିଘୋଷ
RECRUITMENT
Nandighosha TV, one of Odisha's leading media organizations, invites applications from qualified and experienced media professionals to join our Digital Team.
POSITION OPEN
1 COPY EDITOR
Educational Qualification: Master's Degree / P.G. Diploma in Journalism
Experience: Minimum 3 years of experience in Digital Media
Key Requirement: • Basic understanding of Digital platform.
2 MULTIMEDIA PRODUCER
Educational Qualification: Master's Degree / P.G. Diploma in Journalism
Experience: Minimum 5 years of experience in Digital Media
Key Requirements: • Experience in Video Production for social media platforms. • Basic understanding of Digital algorithm.
HOW TO APPLY
Interested candidates may send their updated resume to: hr@nandighoshatv.com by 31st July 2026
Note: Only shortlisted candidates will be contacted for the selection process.
Contact No. 9437016499 HR Dept.



ସକାଳ
THE SAKALA
www.thesakala.in
The Sakala require the following post for Head Office urgently.
ADVERTISEMENT EXECUTIVE
Qualification: MBA with 5 yrs. experience.
Send your CV by 31.07.2026 to
Asst. Manager HR
Email: hr@thesakala.com
Mob.: 8249526803
THE SAKALA
(A unit of Nandighosha Network Pvt. Ltd.)
Plot No.: 90 & 91, Bhagabanpur I/E, Bhubaneswar


## ରାଜଧାନୀରେ ଯୋଡ଼ି ହେଲା ପିଏମ୍ କ୍ରିକେଟ୍ କ୍ଲବ୍




ଭୁବନେଶ୍ୱର, ୨୪।୭ (ସମିସ): କ୍ରୀଡ଼ାର ରାଜଧାନୀ ଭୁବନେଶ୍ୱରରେ ଯୋଡ଼ି ହୋଇଛି ଆଉ ଏକ ନୂଆ କ୍ରିକେଟ୍ କ୍ଲବ। ନହରକଣ୍ଟା ଜୟଦେବ କଲେଜ ରାସ୍ତାରେ ଆରମ୍ଭ ହୋଇଛି ପିଏମ୍ କ୍ରିକେଟ୍ କ୍ଲବ। ୬ରୁ ୭ ଏକର ଜମିରେ ନିର୍ମାଣ ହୋଇଥିବା ଏହି କ୍ଲବରେ ୭୫ ୟାର୍ଡର ଏକ ଗ୍ରାଉଣ୍ଡ ରହିଛି। ଯେଉଁଥିରେ ୬ଟି ମୁଖ୍ୟ ଓ ଅଭ୍ୟାସ ଲାଗି ୭ଟି ଟର୍ଫ ୱିକେଟ୍ ପ୍ରସ୍ତୁତ କରାଯାଇଛି। ଯୁବ ଖେଳାଳିଙ୍କୁ ରହି ପ୍ରଶିକ୍ଷଣ ନେବା ଲାଗି ହଷ୍ଟେଲ ସୁବିଧା ରହିଛି। ଖୁବଶୀଘ୍ର ବିସିସିଆଇ ଲେଭଲ ପ୍ରଶିକ୍ଷକଙ୍କୁ କ୍ଲବରେ ନିଯୁକ୍ତ କରାଯିବ ବୋଲି ସଭାପତି କୃଷ୍ଣଚନ୍ଦ୍ର ପଟ୍ଟନାୟକ ଶୁକ୍ରବାର ଜର୍ସି ଉନ୍ମୋଚନ ଅବସରରେ ସୂଚନା ଦେଇଛନ୍ତି। ରାଜ୍ୟର ଯୁବ ପ୍ରତିଭାଙ୍କୁ ଶ୍ରେଷ୍ଠ ଭିତ୍ତିଭୂମି ଓ ପ୍ରଶିକ୍ଷଣ ଯୋଗାଇ ଦକ୍ଷ କ୍ରିକେଟର୍ ସୃଷ୍ଟି କରିବା ଆମର ମୁଖ୍ୟ ଲକ୍ଷ୍ୟ ରହିଛି ବୋଲି କ୍ଲବର ସମ୍ପାଦକ ଅଭିମନ୍ୟୁ ଜେନା କହିଛନ୍ତି। ୧୨ ବର୍ଷରୁ ଉର୍ଦ୍ଧ୍ୱ ବୟସର କ୍ରିକେଟର୍‌ଙ୍କୁ ଏଠାରେ ପ୍ରଶିକ୍ଷଣ ଦିଆଯିବ। ଖେଳାଳିଙ୍କ ପ୍ରଶିକ୍ଷଣ ଲାଗି ୩ ପ୍ରକାର (୨୫, ୧୫ ଓ ୧୦ ହଜାର ଟଙ୍କା) ମାସିକ ଫି ବ୍ୟବସ୍ଥା ରହିଛି। ସେହିଭଳି ୫ଜଣ ପ୍ରତିଭାବାନ ଖେଳାଳିଙ୍କୁ ସ୍କଲାରସିପ୍ ମାଧ୍ୟମରେ ନିଶୁଳ୍କ ପ୍ରଶିକ୍ଷଣ ଦିଆଯିବ ବୋଲି ଉପସଭାପତି ପଙ୍କଜ ମୋଟୱାନୀ ସୂଚନା ଦେଇଛନ୍ତି। ଜର୍ସି ଉନ୍ମୋଚନ ଅବସରରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ କ୍ରିକେଟର୍ ପ୍ରଭଞ୍ଜନ ମଲ୍ଲିକ ଓ କ୍ଲବର ଯୁଗ୍ମ ସମ୍ପାଦକ ଉପସ୍ଥିତ ରହିଥିଲେ।


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS